# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶନିବାର, ଅଗଷ୍ଟ ୨୮/୨୦୨୧ (୧୬ ପୃଷ୍ଠା) | Berhampur, Saturday, August 28/2021 | ★★★

୧୭ଶ ଭାଗ ୨୧୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




କଟକର ଯୋବ୍ରା ତାଳଦଣ୍ଡା କେନାଲ ନବୀକରଣ କାର୍ଯ୍ୟ ବୁଲି ଦେଖୁଥିବାବେଳେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ଉଠାଉଛନ୍ତି ଭି.କେ.ପାଣ୍ଡିଆନ୍।

# ଇ-ଯାନ ନୀତିକୁ ମୋହର

*ପେଟ୍ରୋଲ, ଡିଜେଲର ଦରବୃଦ୍ଧି ଏବଂ ବାୟୁ ପ୍ରଦୂଷଣ ଦେଶ ପାଇଁ ପ୍ରମୁଖ ଚିନ୍ତାର ବିଷୟ। ଗୋଟିଏ ପଟେ ଦରଦାମ ବୃଦ୍ଧି, ଅନ୍ୟପଟେ ପରିବେଶ ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜିଛି। ତେଣୁ ଇଲେକ୍ଟ୍ରିକ୍ ଭେହିକିଲ (ଇ-ଯାନ)ର ବ୍ୟବହାର ଜରୁରୀ ହୋଇପଡ଼ିଛି, ଯାହାକି ଆଜିକା ସମୟର ଏକ ବଡ଼ ଆହ୍ୱାନ। ଏହାକୁ ଗୁରୁତ୍ୱ ଦେଇ ଓଡ଼ିଶା ସରକାର ଇ-ଯାନ ନୀତି ଆପଣାଇଛନ୍ତି। ତାହାକୁ ରାଜ୍ୟ କ୍ୟାବିନେଟ୍ ଶୁକ୍ରବାର ମୋହର ମାରିଛି।*

ଭୁବନେଶ୍ୱର,୨୭।୮(ବ୍ୟୁରୋ)

ଓଡ଼ିଶା ଇଲେକ୍ଟ୍ରିକ୍ ଯାନ ନୀତି(ଇ-ଭେହିକିଲ ପଲିସି)-୨୦୨୧ କାର୍ଯ୍ୟକାରୀ ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଏହି ନୀତି ଅନୁଯାୟୀ ଇ-ଭେହିକିଲଗୁଡ଼ିକୁ ଲୋକେ କିଣିବା ପାଇଁ ରାଜ୍ୟ ସରକାର ଇନ୍‌ସେନ୍‌ଟିଭ ପ୍ରଦାନ କରିବେ। ଦୁଇଚକିଆ ଯାନ ପାଇଁ ୧୫ ହଜାର, ତିନିଚକିଆ ଲାଗି ୧୨ ହଜାର ଏବଂ ଚାରିଚକିଆ ଯାନ ନିମନ୍ତେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ମିଳିବ। ସରକାରୀ କର୍ମଚାରୀ ଇ-ଭେହିକିଲ କିଣିଲେ ରାଜ୍ୟ ସରକାର ସୁଧବିହୀନ ଋଣ ଯୋଗାଇ ଦେବେ। ବସ୍‌ଗୁଡ଼ିକୁ ୧୦ ପ୍ରତିଶତ ସବ୍‌ସିଡି ସହିତ ୪ ବର୍ଷ ପର୍ଯ୍ୟନ୍ତ ରୋଡ୍‌ଟ୍ୟାକ୍ସ ଓ ପଞ୍ଜୀକରଣ ଫି ଛାଡ଼ କରାଯିବ। ଇ-ଯାନ ନୀତି ସହିତ କ୍ୟାବିନେଟରେ ୧୪ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି।

ବିଶ୍ୱର ଅନେକ ଦେଶ ଇଲେକ୍ଟ୍ରିକ୍ ଯାନବାହନ ଚଳାଚଳକୁ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି। ଭାରତ ସରକାର ମଧ୍ୟ ଇଲେକ୍ଟ୍ରିକ୍ ଯାନବାହନ ଚଳାଚଳକୁ ପ୍ରୋତ୍ସାହନ ପାଇଁ ପଦକ୍ଷେପ ଆରମ୍ଭ କରିଛନ୍ତି। ଇତିମଧ୍ୟରେ କେନ୍ଦ୍ର ☞ପୃଷ୍ଠା-୪

**ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି**

- ଇ-ଭେହିକିଲ କିଣିଲେ ମିଳିବ ୧୫ ହଜାରରୁ ଲକ୍ଷେ ଯାଏ ସବ୍‌ସିଡି
- ସରକାରୀ କର୍ମଚାରୀଙ୍କୁ ବିନା ସୁଧରେ ଋଣ
- ତଦାରଖ ପାଇଁ ରାଜ୍ୟସ୍ତରୀୟ ଟାସ୍କଫୋର୍ସ ଗଠିତ
- କ୍ୟାବିନେଟରେ ୧୪ ପ୍ରସ୍ତାବକୁ ମଞ୍ଜୁରୀ

## ଆଜି ଲଘୁଚାପ ସମ୍ଭାବନା

**ଦୁଇଦିନ ବର୍ଷିବ**

ଭୁବନେଶ୍ୱର, ୨୭।୮(ବ୍ୟୁରୋ)

ଉତ୍ତର-ପଶ୍ଚିମ ତଥା ପଶ୍ଚିମବଙ୍ଗ ଉପକୂଳରେ ଏକ ଘୂର୍ଣ୍ଣବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଶନିବାର ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରେ ଏକ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବାନୁମାନ କରିଛି। ଦୁଇଦିନ ପୂର୍ବରୁ ପ୍ରଥମେ ଘରୋଇ ପାଣିପାଗ ସଂସ୍ଥା 'ସ୍କାଏମେଟ୍' ଏହି ଲଘୁଚାପ ସମ୍ପର୍କରେ ପୂର୍ବାନୁମାନ କରିଥିଲା। ଶୁକ୍ରବାର ପାଣିପାଗ ବିଭାଗ ଏ ସଂକ୍ରାନ୍ତରେ ସ୍ପଷ୍ଟ କରିଛି। ଆଇଏମ୍‌ଡି ପକ୍ଷରୁ କୁହାଯାଇଛି, ଲଘୁଚାପ ଯୋଗୁ ଦୁଇଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ। ଏନେଇ କିଛି ଜିଲାକୁ ୟେଲୋ ୱାର୍ନିଂ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପ୍ରଶିକ୍ଷଣରେ ପରିବର୍ତ୍ତନ**

# କରୋନାରେ ଆଉ ୨ ଶିଶୁ ମୃତ

ଭୁବନେଶ୍ୱର, ୨୭।୮(ବ୍ୟୁରୋ)

ତୃତୀୟ ଲହର ନ ଆସୁଣୁ ରାଜ୍ୟରେ ଶିଶୁଙ୍କ ପାଇଁ ଘାତକ ହେଉଛି କରୋନା। ଦୈନିକ ସଂକ୍ରମଣ ନିମ୍ନସ୍ତରରେ ଥିଲେ ମଧ୍ୟ ଆକ୍ରାନ୍ତ ପିଲାଙ୍କ ସଂଖ୍ୟା ଶହେ ଉପରେ ରହୁଛି। ଏପରିସ୍ଥଳେ ଜଣଙ୍କ ପରେ ଆଉଜଣେ ଶିଶୁ କରୋନାରେ ଆଖି ବୁଜୁଥିବାରୁ କଅଁଳ ଜୀବନ ପ୍ରତି ଆଗକୁ ବଡ଼ ବିପଦର ଆଶଙ୍କା ଦେଖାଦେଇଛି। ବଲାଙ୍ଗୀରର ଜଣେ ୩ ମାସର ଶିଶୁକନ୍ୟାଙ୍କ କରୋନାରେ ମୃତ୍ୟୁ ଘଟିଥିବା ନେଇ ଗୁରୁବାର ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଦେଇଥିଲା। ଶୁକ୍ରବାର ଆଉ ଦୁଇଜଣ ଶିଶୁଙ୍କ ଜୀବନ ନେଇଛି ଏହି ମହାମାରୀ। ରାଜ୍ୟରୁ ମୋଟ ୬୯ଜଣଙ୍କ କରୋନାରେ ମୃତ୍ୟୁ ଘଟିଥିବାବେଳେ ଏମାନଙ୍କ ମଧ୍ୟରେ ମୟୂରଭଞ୍ଜ ଜିଲାର ଜଣେ ୫ ମାସର ଶିଶୁକନ୍ୟା ଓ ଅନ୍ୟଜଣେ କଟକ ଜିଲାର ୧୨ଦିନର ଶିଶୁକନ୍ୟା ଅଛନ୍ତି। ମୃତ ୫ ମାସର ଶିଶୁକନ୍ୟା ହୃଦ୍‌ରୋଗରେ ଆକ୍ରାନ୍ତ ଥିଲେ। ସେହିପରି କଟକ ଜିଲାର ମୃତ ଶିଶୁକନ୍ୟା ହିମୋଗ୍ଲୋବିନୋପାଥିରେ ଆକ୍ରାନ୍ତ ଥିଲେ ବୋଲି ସ୍ୱାସ୍ଥ୍ୟ ବିଭାଗ ଟୁଇଟ୍ କରି ସୂଚନା ଦେଇଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ୭,୬୯୭କୁ ବୃଦ୍ଧି ପାଇଛି।

ସେପଟେ ରାଜ୍ୟରେ ଗତ ୨୪ଘଣ୍ଟାରେ ୬୯,୫୮୫ ନମୁନା ପରୀକ୍ଷା କରାଯାଇଥିଲା। ୨୬ ଜିଲାରୁ ମୋଟ ୮୧୬ଜଣ କରୋନା ପଜିଟିଭ୍ ବାହାରିଛନ୍ତି। ୧୮ ବର୍ଷ ବୟସରୁ ☞ପୃଷ୍ଠା-୪

**ସଂକ୍ରମଣ ପରେ ଏବେ ମୃତ୍ୟୁ ବଢ଼ିଲା**

- ଆଖି ବୁଜିଲେ ୧୨ଦିନ ଓ ୫ ମାସର ଶିଶୁ କନ୍ୟା
- ରାଜ୍ୟରେ କରୋନା ମୃତ୍ୟୁ ୭,୬୯୭କୁ ବୃଦ୍ଧି
- ୮୧୬ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୧୦୬ ପିଲା

# ଖୋଜିକରି ମାରିବୁ: ବାଇଡେନ୍

କାବୁଲ/ୱାଶିଂଟନ,୨୭।୮

କାବୁଲ ବିସ୍ଫୋରଣ ପଛରେ ଯିଏ ଥାଆନ୍ତୁ ନା କାହିଁକି ଆମେ ତାଙ୍କୁ ଖୋଜି ବାହାର କରିବୁ। ଆକ୍ରମଣକାରୀଙ୍କୁ ଏହାର ମୂଲ୍ୟ ଦେବାକୁ ପଡ଼ିବ। ତାଙ୍କୁ ଆମେ ଭୁଲିବୁ ନାହିଁ କି କ୍ଷମା କରିବୁ ନାହିଁ। ଆତଙ୍କବାଦୀ ଆମେରିକୀୟଙ୍କୁ ଆଫଗାନିସ୍ତାନରେ ନିଜ କାମ କରିବାରେ ରୋକିପାରିବେ ନାହିଁ। କାବୁଲରେ ଆମେ ନିଜ ମିଶନ ଅଟକାଇବୁ ନାହିଁ। ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର ଜାରି ରହିବ। ଆଫଗାନିସ୍ତାନ ରାଜଧାନୀ କାବୁଲ ସ୍ଥିତ ହମିଦ୍ କାର୍‌ଜାଇ ଅନ୍ତର୍ଜାତୀୟ ବିମାନବନ୍ଦରରେ ଗୁରୁବାର ହୋଇଥିବା ସିରିଜ୍ ବିସ୍ଫୋରଣ ପଛରେ ଥିବା ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)କୁ ଏଭଳି ଚେତାବନୀ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍। ଆଫଗାନିସ୍ତାନରୁ ଅଗଷ୍ଟ ୩୧ ସୁଦ୍ଧା ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରିବା ପ୍ରକ୍ରିୟା ଚାଲିଥିବାବେଳେ ଗୁରୁବାର ସନ୍ଧ୍ୟାରେ କାବୁଲ ଏୟାରପୋର୍ଟ ନିକଟରେ ଲଗାତର ଦୁଇଟି ବିସ୍ଫୋରଣ ହୋଇଥିଲା। ଏହା ପରେ ଅନେକ ସ୍ଥାନରେ ଗୁଳିଗୋଳା ଫୁଟିଥିଲା। ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିବା ଏହି ଆକ୍ରମଣରେ ଅଦ୍ୟାବଧି ୧୦୮ ଜଣ ନିହତ ହୋଇଛନ୍ତି। ହସ୍ପିଟାଲଗୁଡ଼ିକରେ ବହୁ ଲୋକ ଜୀବନ ସହ ସଂଘର୍ଷ କରୁଛନ୍ତି। ମୃତକଙ୍କ ମଧ୍ୟରେ ୧୩ ଆମେରିକୀୟ ସୈନ୍ୟ ଅଛନ୍ତି। ୨୦୧୧ ଅଗଷ୍ଟ ୬ ପରେ ଆଫଗାନିସ୍ତାନରେ ଆମେରିକୀୟଙ୍କ ଉପରେ ଏହା ହେଉଛି ସବୁଠୁ ଘାତକ ଆକ୍ରମଣ। ୨୦୨୦ ଫେବ୍ରୁଆରୀ ପରେ ସେଠାରେ କୌଣସି ସାମରିକ ଅଧିକାରୀଙ୍କ ଜୀବନ ଯିବାରେ ମଧ୍ୟ ଏହା ପ୍ରଥମ ଘଟଣା। ☞ପୃଷ୍ଠା-୪



ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍

**କାବୁଲ ବିସ୍ଫୋରଣ: ମୃତ୍ୟୁସଂଖ୍ୟା ୧୦୮**

- ନିଜକୁ ଦାୟୀ କଲା ଆଇଏସ୍
- ଆତ୍ମଘାତୀଙ୍କ ଫଟୋ ଜାରି କଲା
- ପ୍ରତିଶୋଧ ପାଇଁ ଶପଥ ନେଲେ ବାଇଡେନ୍






‘ଆମେରିକା କରାଇଛି କାବୁଲ ବିସ୍ଫୋରଣ’

କାବୁଲ ଏୟାରପୋର୍ଟ ବିସ୍ଫୋରଣ ପଛରେ ଆମେରିକାର ହାତ ରହିଛି। ଆମେରିକୀୟ ସୁରକ୍ଷା ବଳ ସେମାନେ ଛାଡ଼ିଯାଉଥିବା ଜିନିଷପତ୍ରକୁ ନଷ୍ଟ କରିବା ଲାଗି ଏପରି ବିସ୍ଫୋରଣ ଘଟାଇଛନ୍ତି। ଏଥିରେ କାବୁଲ ବାସିନ୍ଦା ଭୟଭୀତ ନୁହନ୍ତି ବୋଲି ତାଲିବାନ୍ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ ଟୁଇଟ୍ କରିଛନ୍ତି।

# ଆଇଏସ୍ ବିପଦ, ଆମେରିକା ସତର୍କ

## କାବୁଲ ଏୟାରପୋର୍ଟରେ ପୁଣି ହୋଇପାରେ ଆକ୍ରମଣ



ଆକ୍ରମଣ ପରେ କାବୁଲ ବିମାନବନ୍ଦର ରାସ୍ତାକୁ ତାଲିବାନ ଲଢୁଆ ବନ୍ଦ କରିଦେଇଛନ୍ତି।

କାବୁଲ/ୱାଶିଂଟନ,୨୭।୮

ଦୀର୍ଘ ୨୦ ବର୍ଷ ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ପକାଇ ଆଫଗାନିସ୍ତାନରୁ ଓହରିଯାଉଛି ଆମେରିକା। ଅଗଷ୍ଟ ୩୧ ସୁଦ୍ଧା ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରି ସ୍ୱଦେଶକୁ ଫେରିବା ପାଇଁ ଡେଡ୍‌ଲାଇନ୍ ଧାର୍ଯ୍ୟ ହୋଇଛି। ଅଗଷ୍ଟ ୧୫ରେ କାବୁଲ ଦଖଲ କରିଥିବା ତାଲିବାନ୍ ସରକାର ଗଠନ ପ୍ରକ୍ରିୟା ଆରମ୍ଭ କରିସାରିଛି। ତେଣୁ ଆମେରିକା ନେତୃତ୍ୱାଧୀନ ବିଦେଶୀ ସାମରିକ ବଳ ତୁରନ୍ତ କାବୁଲ ଏୟାରପୋର୍ଟକୁ ଖାଲି କରନ୍ତୁ ବୋଲି ତାଲିବାନ୍ ଚାହୁଁଛି। ଇତିମଧ୍ୟରେ ଆଫଗାନ୍ ଓ ଅନ୍ୟ ଦେଶର ନାଗରିକଙ୍କୁ ଏୟାରଲିଫ୍ଟିଂ ଚାଲିଥିବାବେଳେ ଗୁରୁବାର ଏଥିରେ ବାଧା ସୃଷ୍ଟି କରିଛି ତାଲିବାନ୍‌ର ଚିରଶତ୍ରୁ ଇସ୍‌ଲାମିକ୍ ଷ୍ଟେଟ୍ ଖୋରାସାନ୍ (ଆଇଏସ୍-କେ)। କାବୁଲ ଏୟାରପୋର୍ଟରେ ଗୁରୁବାର ଆଇଏସ୍ ଆତ୍ମଘାତୀ ବିସ୍ଫୋରଣ ଘଟାଇବା ପରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ପ୍ରତିଶୋଧ ପାଇଁ ଶପଥ ନେଇଛନ୍ତି। ଇତିମଧ୍ୟରେ ଆଫଗାନିସ୍ତାନରେ ଆମେରିକୀୟଙ୍କ ଉପରେ ଏଭଳି ଆହୁରି ଏକାଧିକ ଆକ୍ରମଣ ହୋଇପାରେ ବୋଲି ଗୋଇନ୍ଦା ସଂସ୍ଥାଗୁଡ଼ିକ ସତର୍କ କରାଇଛନ୍ତି।

କାବୁଲ ଏୟାରପୋର୍ଟରେ ୧୩ ଆମେରିକୀୟ ସୈନ୍ୟଙ୍କ ଜୀବନ ନେଇ ୧୮ ଜଣଙ୍କୁ ଲହୁଲୁହାଣ କରିଥିବା ଜଣେ ଆତ୍ମଘାତୀ ବିସ୍ଫୋରଣକାରୀ ଇସ୍‌ଲାମିକ୍ ଷ୍ଟେଟ୍‌କୁ ଉଭୟ ଇସ୍‌ଲାମିକ୍ ତାଲିବାନ୍ ଓ ପାଶ୍ଚାତ୍ୟର ଶତ୍ରୁ ଭାବେ ଅଭିହିତ କରିଛନ୍ତି। ସେହିପରି ଆମେରିକାକୁ ଆଗକୁ ମଧ୍ୟ ଏଭଳି ଟାର୍ଗେଟ କରାଯାଇପାରେ। ଏନେଇ ମିଳୁଥିବା ଗୋଇନ୍ଦା ସୂଚନା ତାଲିବାନ୍ ସହ ଶେୟାର କରାଯାଉଛି ବୋଲି ଫ୍ଲୋରିଡା ହେଡ୍‌କ୍ୱାର୍ଟର୍ସରୁ ସମଗ୍ର ସ୍ଥାନାନ୍ତର ପ୍ରକ୍ରିୟା ଉପରେ ନଜର ରଖିଥିବା ସେଣ୍ଟ୍ରାଲ କମାଣ୍ଡ୍ ଚିଫ୍ ଜେନେରାଲ ଫ୍ରାଙ୍କ ମେକ୍‌କେନ୍‌ଜିଏ ସତର୍କ କରାଇଛନ୍ତି। ବ୍ରିଟେନ ପ୍ରତିରକ୍ଷା ସଚିବ ବେନ୍ ୱାଲେସ୍ କହିଛନ୍ତି, ଏୟାରଲିଫ୍ଟ ଏବଂ ଅପସାରଣ ପ୍ରକ୍ରିୟା ଶେଷ ହୋଇଆସୁଥିବାରୁ ପାଶ୍ଚାତ୍ୟର ସୁରକ୍ଷା ବଳ ଉପରେ ଆତଙ୍କବାଦୀମାନେ ଆହୁରି ଆକ୍ରମଣ କରିପାରନ୍ତି। ଆଇଏସ୍ ଭଳି ଗୋଷ୍ଠୀମାନେ ଆଫଗାନିସ୍ତାନରୁ ଆମେରିକା ଓ ବ୍ରିଟେନକୁ ଘଉଡ଼ିଦେଇଛୁ ବୋଲି ବାହାଦୁରି ମାରିବା ପାଇଁ ଆକ୍ରମଣ ଲାଗି ନିଜକୁ ଦାୟୀ କରିପାରନ୍ତି। ତେବେ ଆଇଏସ୍‌କୁ ଦୃଢ଼ହସ୍ତରେ ଦମନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।ଅନ୍ୟପକ୍ଷେ ଜଣେ ତାଲିବାନ୍ ନେତା ନିଜ ସଦସ୍ୟଙ୍କ ମୃତ୍ୟୁକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ଏହି ବିସ୍ଫୋରଣରେ ମୃତାହତ ହୋଇଥିବା ଆମେରିକୀୟଙ୍କ ତୁଳନାରେ ଅଧିକ ତାଲିବାନ୍ ସଦସ୍ୟଙ୍କ ଜୀବନ ଯାଇଛି। ତେବେ ତାଲିବାନ୍ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ୍ ତାଙ୍କ ସଙ୍ଗଠନର କେହି ମରି ନ ଥିବା କହିଛନ୍ତି।

ପାଶ୍ଚାତ୍ୟ ଦେଶଗୁଡ଼ିକର ଭୟ ହେଉଛି ୨୦୦୧ରେ ଆମେରିକାର ଆଫଗାନିସ୍ତାନ ଦଖଲ ପୂର୍ବରୁ ଅଲ୍-କାଏଦାକୁ ଘଉଡ଼ିଦେଇଥିବା ତାଲିବାନ୍ ଯୁଦ୍ଧ ପ୍ରଭାବିତ ଦେଶକୁ ଆତଙ୍କବାଦୀ କାର୍ଯ୍ୟକଳାପ ଲାଗି ବ୍ୟବହାର ଲାଗି ଅନୁମତି ଦେଇପାରେ। କିନ୍ତୁ ତାଲିବାନ୍ ଏହି ଆଶଙ୍କାକୁ ଖଣ୍ଡନ କରୁଛି। ପ୍ରକାଶ ଯେ, ଆଇଏସ୍-କେ ପୂର୍ବରୁ କେବଳ ପାକିସ୍ତାନ ସୀମାରେ ସୀମିତ ଥିଲା। ପରେ ଏହା ଆଫଗାନିସ୍ତାନର ଉତ୍ତର ଭାଗରେ ଦ୍ୱିତୀୟ ସାମ୍ମୁଖ୍ୟ ପ୍ରତିଷ୍ଠା କରିଥିଲା। ଆଇଏସ୍-କେ’ରେ ପାକିସ୍ତାନ, ଉଜ୍‌ବେକିସ୍ତାନ ଓ ଆଫଗାନିସ୍ତାନର କଠୋରପନ୍ଥୀମାନେ ସାମିଲ ଥିବା ୱେଷ୍ଟ ପଏଣ୍ଟ କମ୍ବାଟିଂ ଟେରରିଜମ୍ ସେଣ୍ଟର ପକ୍ଷରୁ କୁହାଯାଇଛି।

### ଜଣେ ଆତଙ୍କବାଦୀଙ୍କ କାର୍ଯ୍ୟ

କାବୁଲ ବିସ୍ଫୋରଣରେ ଦୁଇଜଣ ନୁହେଁ, ଜଣେ ଆତଙ୍କବାଦୀ ଜଡ଼ିତ ବୋଲି ଆମେରିକାର ପ୍ରତିରକ୍ଷା ଅଧିକାରୀମାନେ କହିଛନ୍ତି। ବାରେରାନ୍ ହୋଟେଲ ନିକଟରେ ଦ୍ୱିତୀୟ ବିସ୍ଫୋରଣ ଘଟିଥିଲା ବୋଲି ଯାହା କୁହାଯାଉଛି ତାକୁ ଆମେ ବିଶ୍ୱାସ କରୁନାହୁଁ। ଏହା ଜଣେ ଆତ୍ମଘାତୀ ଆତଙ୍କବାଦୀଙ୍କ କାଣ୍ଡ ବୋଲି ପେଣ୍ଟାଗନ୍‌ରେ ଆର୍ମି ମେଜର ଜେନେରାଲ ୱିଲିୟମ୍ ଟେୟଲର ସୂଚନା ଦେଇଛନ୍ତି। ଇତିମଧ୍ୟରେ ଆଇଏସ୍-କେ ପକ୍ଷରୁ ଆତ୍ମଘାତୀ ଆକ୍ରମଣକାରୀ ଅବ୍‌ଦୁଲ ରହମାନ ଅଲ୍-ଲୋଗରିଙ୍କ ଫଟୋ ଜାରି କରାଯାଇଛି।



ଆତ୍ମଘାତୀ ଅବ୍‌ଦୁଲ ରହମାନ ଅଲ୍-ଲୋଗରି

### ମୁଁ ରାଷ୍ଟ୍ରପତି ଥିଲେ...



ଡୋନାଲ୍ଡ ଟ୍ରମ୍ପ

ବାଇଡେନ୍ ପ୍ରଶାସନର ଆଫଗାନିସ୍ତାନ ନୀତିର ବଡ଼ ସମାଲୋଚକ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ସେ କ୍ଷମତାରେ ଥିଲେ କାବୁଲ ବିସ୍ଫୋରଣ ଘଟି ନ ଥାନ୍ତା। ସୈନ୍ୟ ପ୍ରତ୍ୟାହାର ପୂର୍ବରୁ ଯୁଦ୍ଧ ପ୍ରଭାବିତ ଦେଶରୁ ଆମେରିକୀୟମାନଙ୍କୁ ସୁରକ୍ଷିତ ଭାବେ ସ୍ୱଦେଶକୁ ଫେରାଇ ଆଣିବା ଜରୁରୀ ଥିଲା। କିନ୍ତୁ ରାଷ୍ଟ୍ରପତି ଜୋ ବାଇଡେନ୍ ଆଫଗାନିସ୍ତାନରେ ସମସ୍ତ ଏୟାରବେସ୍‌କୁ ବନ୍ଦ କରିଦେଇ ସମ୍ପୂର୍ଣ୍ଣ ସୈନ୍ୟ ଅପସାରଣ ନିଷ୍ପତ୍ତି ନେଲେ। ଟ୍ରମ୍ପ ଆହୁରି କହିଛନ୍ତି, ସେ ଆଇଏସ୍‌କୁ ୧୦୦% ପରାସ୍ତ କରିଥିଲେ। କିନ୍ତୁ ଏବେ ଏକ ଆଇଏସ୍-କେ ଉଭା ହୋଇଛି। ଆଇଏସ୍‌ରୁ ଅଲଗା ହୋଇ ଏପରି ଗୋଷ୍ଠୀ ଜନ୍ମ ନେଉଥିବା ସେ କହିଛନ୍ତି।

### ‘ଚାଇନା ଚକିତ’

କାବୁଲ ବିସ୍ଫୋରଣକୁ ନେଇ ଚାଇନା ଚକିତ ହୋଇଯାଇଛି। ଆଫଗାନିସ୍ତାନରେ ସୁରକ୍ଷା ସ୍ଥିତି ଜଟିଳ ରହିଛି। ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନରେ ଆତଙ୍କବାଦୀ ଆକ୍ରମଣ ଏଡ଼ାଇବା ପାଇଁ ଅନ୍ତର୍ଜାତୀୟ ସମୁଦାୟ ସହ ବେଜିଂ କାମ କରିବ ବୋଲି ଚାଇନା ବହିର୍ବ୍ୟାପାର ମୁଖପାତ୍ର ଝାଓ ଲିଜିଆନ୍ ସ୍ପଷ୍ଟ କରିଛନ୍ତି। ଏୟାରପୋର୍ଟ ଆକ୍ରମଣକୁ ନେଇ ସେ କହିଛନ୍ତି, କାବୁଲସ୍ଥିତ ଚାଇନା ଦୂତାବାସ ଏବେ ବି ଖୋଲା ଅଛି। ଆକ୍ରମଣରେ ଚାଇନାର କେହି ମୃତାହତ ହୋଇନାହାନ୍ତି। ଆମେ ଏହି ଆକ୍ରମଣକୁ ନିନ୍ଦା କରୁଛୁ।

### ତାଲିବାନ୍‌କୁ ଆମେରିକା ଦେଇଛି ‘ହତ୍ୟା ତାଲିକା’

ତାଲିବାନ୍‌ର କାବୁଲ ଦଖଲ ପରେ ଆଫଗାନିସ୍ତାନରେ ଥିବା ଆମେରିକୀୟ ଅଧିକାରୀମାନେ ଏହାକୁ ନିଷ୍କପଟ ଭାବେ ଏକ ତାଲିକା ଦେଇଛନ୍ତି। ଏଥିରେ କେତେଜଣ ଆମେରିକା ନାଗରିକ, ଗ୍ରୀନ୍‌କାର୍ଡ ଧାରୀ ଓ ଆଫଗାନ୍ ସହଯୋଗୀଙ୍କ ନାମ ରହିଥିବା ଆମେରିକାର ଜଣେ ପ୍ରତିରକ୍ଷା ଅଧିକାରୀ କହିଛନ୍ତି। ତେବେ ରାଷ୍ଟ୍ରପତି ଜୋ ବାଇଡେନ୍ ଏପରି ତାଲିକା ସମ୍ପର୍କରେ ଜାଣି ନ ଥିବା କହିଛନ୍ତି। ପ୍ରକାଶ ଯେ, ୨୦୦୧ ସେପ୍ଟେମ୍ବର ୧୧ ଆକ୍ରମଣ ପରେ ଆମେରିକା ନେତୃତ୍ୱାଧୀନ ସୈନ୍ୟ ଆଫଗାନିସ୍ତାନ ଯାଇଥିଲେ। ସେତେବେଳେ ଆମେରିକୀୟ ଅଧିକାରୀଙ୍କୁ ସହଯୋଗ କରିଥିବା ଆଫଗାନ୍‌ମାନଙ୍କୁ ତାଲିବାନ୍ ହତ୍ୟା କରିଥିଲା।

### ଏୟାରପୋର୍ଟ ଚଳାଇବାକୁ ତୁର୍କୀକୁ ଅନୁରୋଧ କଲା ତାଲିବାନ୍



ରେସେପ୍ ତୟିପ୍ ଏର୍ଡୋଗାନ୍

କାବୁଲସ୍ଥିତ ହମିଦ୍ କାରଜାଇ ବିମାନବନ୍ଦରକୁ ତୁର୍କୀ ପରିଚାଳନା କରୁ ବୋଲି ତାଲିବାନ୍ ଅନୁରୋଧ କରିଛି। ଏନେଇ ତୁର୍କୀ ରାଷ୍ଟ୍ରପତି ରେସେପ୍ ତୟିପ୍ ଏର୍ଡୋଗାନ୍ ଶୁକ୍ରବାର ସୂଚନା ଦେଇଛନ୍ତି। ଏର୍ଡୋଗାନ୍ କହିଛନ୍ତି, କାବୁଲସ୍ଥିତ ତୁର୍କୀ ଦୂତାବାସରେ ତାଲିବାନ୍ ସହ ୩ ଘଣ୍ଟା ଧରି ଆଲୋଚନା ହୋଇଥିଲା। କାବୁଲ ବିମାନବନ୍ଦର ଚଳାଇବା ପାଇଁ ତାଲିବାନ୍‌ର ଅନୁରୋଧ ସମ୍ପର୍କରେ କିଛି ନିଷ୍ପତ୍ତି ହୋଇନାହିଁ। ଏହା ଉପରେ ଆମେ ବିଚାର କରିବୁ।

## ସଂକ୍ଷେପରେ

### ଫ୍ୟାକ୍ଟ୍ରିରେ ନିଆଁ: ୧୫ ଶ୍ରମିକ ମୃତ

କରାଚୀ, ୨୭।୮(ପି.ଟି.): ପାକିସ୍ତାନର ବାଣିଜ୍ୟିକ ରାଜଧାନୀ କରାଚୀସ୍ଥିତ ଏକ ରାସାୟନିକ କାରଖାନାରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ୧୫ ଶ୍ରମିକ ପ୍ରାଣ ହରାଇଛନ୍ତି। ଅନ୍ୟ ୨୦ ଜଣ କାରଖାନା ଭିତରେ ରହିଯାଇଥିବା ଆଶଙ୍କା କରାଯାଉଛି। ନିଆଁ ଲିଭାଇବା ବେଳେ ଦୁଇଜଣ ଅଗ୍ନିଶମ କର୍ମଚାରୀ ଆହତ ହୋଇଛନ୍ତି। ମୋହରାନ ସହରରେ ଥିବା ଉକ୍ତ ଫ୍ୟାକ୍ଟ୍ରିର ଗୋଟିଏ ମାତ୍ର ପ୍ରବେଶ ଦ୍ୱାର ଖୋଲାଥିବାରୁ ଶ୍ରମିକମାନେ ବାହାରିବାରେ ସମସ୍ୟା ହୋଇଥିଲା ବୋଲି ମୁଖ୍ୟ ଅଗ୍ନିଶମ ଅଧିକାରୀ କହିଛନ୍ତି।

### ଦିନକରେ ୯୬ ଲକ୍ଷଙ୍କୁ କୋଭିଡ୍ ଟିକା

ନୂଆଦିଲ୍ଲୀ, ୨୭।୮: ଭାରତରେ ଶୁକ୍ରବାର ୯୬ ଲକ୍ଷ ଲୋକଙ୍କୁ କୋଭିଡ୍ ଟିକା ଦିଆଯାଇଛି। ଗୋଟିଏ ଦିନରେ ଏହା ସର୍ବାଧିକ ଟିକାଦାନ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖଲାଲ୍ ମାଣ୍ଡବ୍ୟ କହିଛନ୍ତି। ଦେଶରେ ବର୍ତ୍ତମାନ ସୁଦ୍ଧା ୬୨ କୋଟିରୁ ଊର୍ଦ୍ଧ୍ୱ ଡୋଜ୍ ଟିକା ଦିଆଗଲାଣି। ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରୁ ୫୦ ପ୍ରତିଶତରୁ ଅଧିକ ପ୍ରଥମ ଡୋଜ୍ ଟିକା ନେଇସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ୧୮ରୁ ୪୪ ବର୍ଷ ବୟସ ବର୍ଗରେ ୨୩,୭୨,୧୫,୩୫୩ ଜଣ ପ୍ରଥମ ଡୋଜ୍ ଏବଂ ମୋଟ ୨,୪୫,୬୦,୮୦୭ ଜଣ ଦ୍ୱିତୀୟ ଡୋଜ୍ ଟିକା ନେଇଛନ୍ତି। ଶୁକ୍ରବାର ରାତି ୭ଟା ସୁଦ୍ଧା ୪୬,୮୮,୧୧୪ ଜଣ ପ୍ରଥମ ଡୋଜ୍ ଏବଂ ୨୩,୩୬,୧୫୯ ଜଣ ଦ୍ୱିତୀୟ ଡୋଜ୍ ନେଇଛନ୍ତି।

### ରିଲାଏନ୍ସ ଟିକାର କ୍ଲିନିକାଲ ପରୀକ୍ଷା ଲାଗି ସୁପାରିସ

ନୂଆଦିଲ୍ଲୀ, ୨୭।୮: ରିଲାଏନ୍ସ କମ୍ପାନୀ ପ୍ରସ୍ତୁତ କୋଭିଡ୍ ଟିକାର ପ୍ରଥମ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ପାଇଁ ସବ୍‌ଜେକ୍ଟ ଏକ୍ସପର୍ଟ କମିଟି (ଏସ୍‌ଇସି) ସୁପାରିସ କରିଛି। ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଲାଇଫ୍ ସାଇନ୍ସ ପକ୍ଷରୁ ପ୍ରସ୍ତାବିତ ଦୁଇ ଡୋଜ୍ ବିଶିଷ୍ଟ କୋଭିଡ୍ ଟିକାର କ୍ଲିନିକାଲ ପରୀକ୍ଷାକୁ ମଞ୍ଜୁରୀ ଦେବା ଲାଗି ଆବେଦନ କରାଯାଇଥିଲା। ଏସ୍‌ଇସି ସୁପାରିସ କରିସାରିଥିବାରୁ ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ)ର ଅନୁମୋଦନ ପରେ ରିଲାଏନ୍ସ ଲାଇଫ୍ ସାଇନ୍ସ ଟିକାର ପ୍ରଥମ ପର୍ଯ୍ୟାୟ ପରୀକ୍ଷା କରିବ। ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ଏବଂ ଦିଲ୍ଲୀର ୧୦ଟି ସ୍ଥାନରେ ଟିକାର ପରୀକ୍ଷା କରାଯିବ।

### କାଜାକସ୍ତାନରେ ବିସ୍ଫୋରଣ: ୯ ମୃତ

ନୁର୍ ସୁଲ୍‌ତାନ, ୨୭।୮: କାଜାକସ୍ତାନର ଏକ ଗୋଳାବାରୁଦ ଡିପୋରେ ଏକାଧିକ ବିସ୍ଫୋରଣ ଘଟି ୯ ଜଣଙ୍କ ମୃତ୍ୟୁ ହୋଇଛି। ଜାମ୍ବିଲ୍‌ସ୍ଥିତ ଉକ୍ତ ଡିପୋ ପରିସରରେ ଗୁରୁବାର ସନ୍ଧ୍ୟାରେ ନିଆଁ ଲାଗିଯିବାରୁ ବିସ୍ଫୋରଣ ହୋଇଥିଲା ବୋଲି କାଜାକ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବିସ୍ଫୋରଣରେ ୮୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିବାବେଳେ ୪ ଜଣ ନିଖୋଜ ଅଛନ୍ତି। ନିକଟବର୍ତ୍ତୀ ଗ୍ରାମରୁ ଲୋକମାନଙ୍କୁ ସ୍ଥାନାନ୍ତର କରାଯାଇଛି। ମୃତକଙ୍କ ମଧ୍ୟରେ ସୈନ୍ୟ ଓ ଉଦ୍ଧାରକାରୀ କର୍ମଚାରୀ ଅଛନ୍ତି। ପ୍ରାଥମିକ ତଦନ୍ତ ଅନୁଯାୟୀ ଡିପୋରେ ୫୦୦ ଟନ୍‌ରୁ ଊର୍ଦ୍ଧ୍ୱ ବିସ୍ଫୋରକ ସାମଗ୍ରୀ (ଟିଏନ୍‌ଟି) ଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଭଗ୍ନାବଶେଷଗୁଡ଼ିକ ୨ କିଲୋମିଟର ପର୍ଯ୍ୟନ୍ତ ଛିଟିକି ପଡ଼ିଥିବା ଦେଖାଯାଇଛି।

## ବର୍ଷାରେ ଭୁଶୁଡ଼ିଲା ବ୍ରିଜ୍

ନୂଆଦିଲ୍ଲୀ, ୨୭।୮

ଉତ୍ତରାଖଣ୍ଡରେ ପ୍ରବଳ ବର୍ଷା ଯୋଗୁ ରାଣୀ ପୋଖରୀ ଗ୍ରାମ ନିକଟରେ ଡେରାଡୁନ୍-ଋଷିକେଶ ବ୍ରିଜ୍ ଭୁଶୁଡ଼ି ପଡ଼ିଛି। ବ୍ରିଜ୍ ଉପରେ ଥିବା ଏକ ଟ୍ରକ୍ ଓଲଟି ପଡ଼ିଥିବାବେଳେ ଉଭୟ ପାର୍ଶ୍ୱରେ ଅନେକ ଗାଡ଼ି ଅଟକି ରହିଛି। ବେଆଇନ ବାଲି ଉତ୍ତୋଳନ ଯୋଗୁ ବ୍ରିଜ୍ ଭୁଶୁଡ଼ିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହା ବ୍ୟତୀତ ମାଲଦେବତା-ସହସ୍ରଧାରା ଲିଙ୍କ୍ ରୋଡ୍ ଭୁଶୁଡ଼ି ପଡ଼ିବା ସହ ଅଧିକାଂଶ ରାସ୍ତା ପାଣିରେ ବୁଡ଼ି ରହିଛି। ଉତ୍ତରାଖଣ୍ଡରେ ୩/୪ ଦିନ ହେଲା ପ୍ରବଳ ବର୍ଷା ଲାଗି ରହିଛି। ଭୂସ୍ଖଳନ ଯୋଗୁ ଋଷିକେଶ-ଦେବପ୍ରୟାଗ, ଋଷିକେଶ-ତେହରି ଏବଂ ଡେରାଡୁନ୍-ମସୌରି ରୋଡ୍‌କୁ ବନ୍ଦ କରିଦିଆଯାଇଛି।



## ପାଇଲଟ୍‌ଙ୍କୁ ହୃଦ୍‌ଘାତ: ବିମାନର ଜରୁରୀ ଅବତରଣ

ନୂଆଦିଲ୍ଲୀ, ୨୭।୮

ଓମାନର ବନ୍ଦର ରାଜଧାନୀ ମସ୍କାଟରୁ ଶୁକ୍ରବାର ୧୨୬ ଯାତ୍ରୀଙ୍କୁ ଧରି ବାଂଲାଦେଶ ରାଜଧାନୀ ଢାକା ଆସୁଥିବା ବିଜି-୨୨ ବିମାନର ପାଇଲଟ୍‌ଙ୍କୁ ହୃଦ୍‌ଘାତ ହେବାରୁ ଏହାକୁ ନାଗପୁରରେ ଜରୁରୀ ଅବତରଣ କରିବାକୁ ପଡ଼ିଛି। ପାଇଲଟ କ୍ୟାପ୍‌ଟେନ୍ ନୌଶାଦ ଅସୁସ୍ଥ ହୋଇପଡ଼ିବାରୁ କୋଲକାତା ଏଟିସି ସହ ଯୋଗାଯୋଗ କରାଯାଇଥିଲା। ବିମାନକୁ ନାଗପୁର ବିମାନବନ୍ଦରରେ ମେଡିକାଲ ଏମର୍ଜେନ୍ସିରେ ଅବତରଣ କରାଇବା ପାଇଁ କୋଲକାତା ଏଟିସି ପରାମର୍ଶ ଦେଇଥିଲା। ପୂର୍ବାହ୍ନ ୧୧ଟା ୩୭ରେ ବିମାନଟି ଜରୁରୀ ଅବତରଣ କରିବା ପରେ ପାଇଲଟ୍‌ଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିବା ସହ ସେ ବିପଦମୁକ୍ତ ଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ବିମାନର ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି।




କାବୁଲ ଏୟାରପୋର୍ଟ ବିସ୍ଫୋରଣର ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ମୁମ୍ବାଇସ୍ଥିତ ଗୁରୁକୁଳ ଆର୍ଟ ସ୍କୁଲର ଜଣେ ଆର୍ଟିଷ୍ଟ ଚିତ୍ର ଆଙ୍କୁଛନ୍ତି।

## ୩ ଦିନ ପରେ ବି ପୋଲିସ ହାତ ଖାଲି

ବେଙ୍ଗାଲୁରୁ, ୨୭।୮

**ମହୀଶୂର ଗଣବଳାତ୍କାର**

**ଡିଜିପିଙ୍କ ତତ୍ତ୍ୱାବଧାନରେ ହେବ ତଦନ୍ତ**

ମହୀଶୂରରେ ୨୩ ବର୍ଷୀୟା ଏମ୍‌ବିଏ ଛାତ୍ରୀଙ୍କୁ ଗଣବଳାତ୍କାର ଓ ତାଙ୍କ ପୁରୁଷ ବନ୍ଧୁଙ୍କ ଉପରେ ଆକ୍ରମଣ ଘଟଣାର ତଦନ୍ତ ପୋଲିସ ଡିଜି ପ୍ରବୀଣ ସୁଦ୍‌ଙ୍କ ତତ୍ତ୍ୱାବଧାନରେ ହେବ। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବାସବରାଜ ଏସ୍. ବୋମାଇ ଶୁକ୍ରବାର ଏହା କହିଛନ୍ତି। ଡିଜିପି ମହୀଶୂର ଯାଇଛନ୍ତି। ତଦନ୍ତର ଅନୁଧ୍ୟାନ କରିବା ସହ ଅପରାଧୀମାନଙ୍କୁ ତୁରନ୍ତ ଖୋଜି ବାହାର କରିବା ଲାଗି ମୁଖ୍ୟମନ୍ତ୍ରୀ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ପାଇଁ ରାଜ୍ୟ ସରକାର ଏସ୍‌ଆଇଟି ଗଠନ କରିଛନ୍ତି। ଅପରାଧ ସ୍ଥଳରେ ଆକ୍ଟିଭ୍ ଥିବା ମୋବାଇଲ ଫୋନ୍ ଖୋଜି ବାହାର କରିବା ଲାଗି ପୋଲିସ ଟେକ୍‌ନିକାଲ ତଥ୍ୟ ସଂଗ୍ରହ କରୁଛି। ଅନ୍ୟପକ୍ଷରେ ରାଜ୍ୟ ଗୃହମନ୍ତ୍ରୀ ଅରାଗ ଜ୍ଞାନେନ୍ଦ୍ର ବଳାତ୍କାରକୁ ନେଇ ଦେଇଥିବା ବିବାଦୀୟ ମନ୍ତବ୍ୟକୁ ମୁଖ୍ୟମନ୍ତ୍ରୀ ନାପସନ୍ଦ କରିଛନ୍ତି। ଛାତ୍ରୀ ଓ ତାଙ୍କ ପୁରୁଷ ବନ୍ଧୁ ନିଛାଟିଆ ସ୍ଥାନକୁ ଯିବା ଉଚିତ ନ ଥିଲା ବୋଲି ଗୃହମନ୍ତ୍ରୀ କହିଥିଲେ।

ସୂଚନାଯୋଗ୍ୟ, ଏକ ଘରୋଇ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରୀ ଜଣକ ମଙ୍ଗଳବାର ରାତି ପ୍ରାୟ ୮ଟା ବେଳେ ଚାମୁଣ୍ଡି ହିଲ୍ସରୁ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଫେରୁଥିବାବେଳେ କେତେଜଣ ଯୁବକ ସେମାନଙ୍କୁ ଘେରିଯାଇ ଟଙ୍କା ମାଗିଥିଲେ। ସେମାନେ ଟଙ୍କା ଦେବାକୁ ମନା କରିବାରୁ ଛାତ୍ରୀଙ୍କୁ ୪/୫ ଜଣ ବଳାତ୍କାର କରିବା ସହ ତାଙ୍କ ପୁରୁଷ ବନ୍ଧୁଙ୍କୁ ମାଡ଼ ମାରିଥିଲେ। ପୀଡ଼ିତାଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଅଭିଯୁକ୍ତମାନେ ଫେରାର ଅଛନ୍ତି। ଘଟଣା ୩ ଦିନ ବିତିଥିଲେ ମଧ୍ୟ ପୋଲିସ ଏପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କୁ ଧରିପାରି ନାହିଁ। ୩ ଜଣ ନିର୍ମାଣ ଶ୍ରମିକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଅଭିଯୁକ୍ତମାନେ ନିଶାଗ୍ରସ୍ତ ଥିଲେ ଏବଂ ବଳାତ୍କାର ସମୟର ଭିଡିଓ ପ୍ରସ୍ତୁତ କରି, ସୋସିଆଲ ମିଡିଆରେ ନ ଛାଡ଼ିବା ପାଇଁ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ୫ ଲକ୍ଷ ଟଙ୍କା ମାଗିଥିଲେ। ତେଣୁ ଅପରାଧୀ ଗ୍ୟାଙ୍ଗ ବଟି ଆଦାୟ ଓ ବ୍ଲାକ୍‌ମେଲିଂରେ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରୁଛି। ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁ ଶାରୀରିକ ଏବଂ ମାନସିକ ଚାପରେ ଥିବାରୁ ସେମାନଙ୍କଠାରୁ ସବିଶେଷ ବିବରଣୀ ସଂଗ୍ରହ କରାଯାଇ ନ ଥିବା ପୋଲିସ କହିଛି।

## ୫ ଡ୍ରାଇଭରଙ୍କୁ ହତ୍ୟାକଲେ ଉଗ୍ରପନ୍ଥୀ

ଗୁଆହାଟୀ, ୨୭।୮

**୭ ଟ୍ରକ୍ ଜାଳିଦେଲେ**



ଆସାମର ଦିମା ହସାଓ ଜିଲାର ଦିୟୁଙ୍ଗବ୍ରା ନିକଟରେ ଗୁରୁବାର ରାତିରେ ଉଗ୍ରପନ୍ଥୀମାନେ ୭ଟି ଟ୍ରକ୍ ଜାଳିଦେବା ସହ ୫ ଜଣ ଡ୍ରାଇଭରଙ୍କୁ ହତ୍ୟା କରିଛନ୍ତି। ଏହି ଆକ୍ରମଣରେ ଦିମାସା ନ୍ୟାଶନାଲ ଲିବରେଶନ ଆର୍ମି (ଡିଏନ୍‌ଏଲ୍‌ଏ) ସଦସ୍ୟ ସମ୍ପୃକ୍ତ ଥିବା କୁହାଯାଉଛି। ଟ୍ରକ୍‌ରେ ନିଆଁ ଲଗାଇବା ପୂର୍ବରୁ ସେମାନେ ଡ୍ରାଇଭର ଓ ଅନ୍ୟମାନଙ୍କ ଉପରକୁ ଗୁଳି ଚଳାଇଥିଲେ ବୋଲି ଆସାମ ପୋଲିସ କହିଛି। ଆକ୍ରମଣରେ ଅନ୍ୟ ୩ ଜଣ ଆହତ ହୋଇଥିବାବେଳେ ଅନ୍ୟ ଟ୍ରକ୍‌ର ଡ୍ରାଇଭର ଓ ହେଲ୍ପରମାନେ ନିକଟସ୍ଥ ଜଙ୍ଗଲକୁ ଖସି ପଳାଇଥିଲେ। ଘଟଣାସ୍ଥଳକୁ ଅଧିକ ସୁରକ୍ଷା ବଳ ପଠାଯାଇଛି। ପୋଲିସ ଏବଂ ସୈନ୍ୟବାହିନୀର ଆସାମ ରାଇଫଲ୍ସ ୟୁନିଟ ପକ୍ଷରୁ ଉକ୍ତ ଅଞ୍ଚଳରେ ବ୍ୟାପକ କୋମ୍ବିଂ ଅପରେଶନ କରାଯିବା ସହ ତଦନ୍ତ ଜାରି ରହିଥିବା ଏସ୍‌ପି ଜୟନ୍ତ ସିଂ କହିଛନ୍ତି। ଘଟଣାସ୍ଥଳରୁ ୫ ମୃତଦେହ ଏବଂ ଜଳନ୍ତା ଟ୍ରକ୍ ମିଳିଛି।

ଗୁଆହାଟୀଠାରୁ ୨୦୦ କିଲୋମିଟର ଦୂର ଉମ୍ରାଙ୍ଗସୁ ଲାଙ୍କା ରୋଡ୍‌ର ରାଙ୍ଗେରବିଲ୍ ନିକଟରେ ଏହି ଆକ୍ରମଣ ହୋଇଛି। ଟ୍ରକ୍‌ଗୁଡ଼ିକ ନିକଟସ୍ଥ ଏକ ସିମେଣ୍ଟ କାରଖାନାକୁ କୋଇଲା ଓ ଅନ୍ୟାନ୍ୟ ସାମଗ୍ରୀ ନେଇ ଯାଉଥିଲେ। ଉତ୍ତରପୂର୍ବ ଫ୍ରଣ୍ଟିୟର ରେଳପଥ (ଏନ୍‌ଏଫ୍‌ଆର୍) ଭିଷ୍ଟାଡୋମ୍ କୋଚ୍ ସହ ସ୍ୱତନ୍ତ୍ର ପର୍ଯ୍ୟଟନ ଟ୍ରେନ୍ ଚଳାଇବାର ୨ ଦିନ ପୂର୍ବରୁ ଏଭଳି ଆକ୍ରମଣ କରାଯାଇଛି। ଶନିବାର ଗୁଆହାଟୀରୁ ଏହି ଟ୍ରେନ ଦିମା ହସାଓ ଜିଲା ଦେଇ ନ୍ୟୁ ହାଫ୍‌ଲଙ୍ଗ ଯିବାର ଥିଲା। ଡିଏନ୍‌ଏଲ୍‌ଏର ଆକ୍ରମଣ ପରେ ଟ୍ରେନ୍ ଚଳାଚଳରେ ନିରାପତ୍ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆସାମର ୩ ପାର୍ବତ୍ୟାଞ୍ଚଳ ଜିଲା ମଧ୍ୟରୁ ଦିମା ହସାଓ ଅନ୍ୟତମ। ପୂର୍ବରୁ ଏହା ଉଗ୍ରପନ୍ଥୀମାନଙ୍କ ହଟ୍‌ବେଡ୍ ଭାବେ ପରିଚିତ ଥିଲା। ଗତ ୫ ବର୍ଷ ହେଲା ସେଠାରେ ଶାନ୍ତି ଫେରିଥିବାବେଳେ ପୁଣିଥରେ ଉତ୍ତେଜନା ସୃଷ୍ଟି ହୋଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୧,୫୮,୪୬,୩୨୬ | ୪୪,୯୩,୮୯୯ | ୧୯,୨୯,୮୨,୨୦୩ |
| ଭାରତ | ୩,୨୬,୪୮,୨୨୪ | ୪,୩୭,୩୮୩ | ୩,୧୮,୪୪,୦୧୨ |
| ଓଡ଼ିଶା | ୧୦,୦୪,୮୭୫ | ୭୬୯୭(+୫୩) | ୯,୮୯,୮୪୦ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ମାନବବାଦ ସଦସ୍ୟ ଭୁଲିଗଲେ ମାନବିକତା

## ବନ୍ଦ କୋଠରୀରେ ବାପପୁଅଙ୍କୁ ନିସ୍ତୁକ ମାଡ଼

- ସାମାଜିକ ଗଣମାଧମରେ ଭିଡିଓ ଭାଇରାଲ
- ତଦନ୍ତ ନିର୍ଦ୍ଦେଶ ଦେଲେ ଏସ୍‌ପି
- ପୂର୍ବରୁ ସଙ୍ଗଠନ ନାଁରେ ହୋଇଥିଲା ଅଭିଯୋଗ

**ଖୋର୍ଦ୍ଧା ଅଫିସ,୨୭।୮**

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଞ୍ଚଳରେ ଚାଲିଛି ତାଲିବାନୀ ଶାସନ। ମାନବବାଦ ସଙ୍ଗଠନ ନାଁରେ ନିରୀହ ଆଦିବାସୀଙ୍କୁ ଦିଆଯାଉଛି ଅକଥନୀୟ ଅତ୍ୟାଚାର। ସଙ୍ଗଠନରେ ସାମିଲ ନ ହେଲେ କିମ୍ବା ବିରୋଧ କଲେ ହାତଗୋଡ଼ ବାନ୍ଧି ମାଡ଼ ମରାଯାଉଛି। ପୋଲିସ ନିକଟରେ ଅଭିଯୋଗ କଲେ ମିଳୁଛି ହତ୍ୟା ଧମକ। ଏମାନଙ୍କ ଅତ୍ୟାଚାର ଆଗରେ ଆଦିବାସୀମାନେ ଭୟଭୀତ ହୋଇ ରହୁଛନ୍ତି। ସଙ୍ଗଠନରେ ସାମିଲ ନ ହେବାରୁ ବାପପୁଅଙ୍କୁ ସଙ୍ଗଠନର କେତେଜଣ ସଦସ୍ୟ ଏକ ବନ୍ଦ କୋଠରିରେ ରଖି ଠେଙ୍ଗାରେ ନିସ୍ତୁକ ମାଡ଼ ମାରୁଥିବାର ଏକ ଭିଡିଓ ଏବେ ସାମାଜିକ ଗଣମାଧମରେ ଭାଇରାଲ ହେଉଛି। ଦୁଇ ମାସ ପୂର୍ବେ ଏହି ଘଟଣା ଘଟିଥିବା ବେଳେ ଏବେ ସାମ୍ନାକୁ ଆସିଛି। ନିର୍ଯାତନାର ଶିକାର ହୋଇଥିବା ଦୁଇ ଜଣ ହେଲେ ଏହି ଥାନା ଅଧୀନ କଡ଼ବ ଗ୍ରାମର ମାଗୁଣି ନାୟକ ଓ ତାଙ୍କ ପୁଅ ଆନନ୍ଦ। ବାପପୁଅଙ୍କୁ ନିର୍ଯାତନାର ଏହି ଭିଡିଓ ଭାଇରାଲ ପରେ ଘଟଣାର ତଦନ୍ତ ପାଇଁ ଜିଲା ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ରାଜକିଶୋର ଦୋରା ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସଙ୍ଗଠନ ସମ୍ପର୍କରେ ମଧ ତଦନ୍ତ ଆରମ୍ଭ ହୋଇଛି ବୋଲି ଏସ୍‌ପି କହିଛନ୍ତି।

ମାଗୁଣିଙ୍କ କହିବାନୁଯାୟୀ, କିଛିଦିନ ପୂର୍ବେ ଗ୍ରାମର ଜଣେ ଯୁବକ ସେମାନଙ୍କୁ ଘରୁ ଡାକି ନେଇଥିଲେ। ପୂର୍ବରୁ ଏକ ବନ୍ଦ କୋଠରୀରେ ୧୦ରୁ ୧୫ଜଣ ଯୁବକ ଥିଲେ। ଆଗରୁ ସଙ୍ଗଠନ ପାଇଁ କାମ କରୁଥିଲ, ଏବେ କାହିଁକି କରିବନି ବୋଲି ପଚାରିଥିଲେ। କିଛି କହିବା ପୂର୍ବରୁ ଯୁବକମାନେ ସେମାନଙ୍କୁ ତଳେ ପକାଇ ମିଳିମିଶି ଲାଠିରେ ମାଡ଼ ମାରିଥିଲେ। ସେତେବେଳେ ସେମାନଙ୍କ ଭୟରେ ଥାନାରେ ଅଭିଯୋଗ କରି ନ ଥିଲୁ। ତେବେ ଶୁକ୍ରବାର ଏନେଇ ମାଗୁଣି ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ.୧୬୬/୨୧) ରୁଜୁ କରିଛି। ଥାନାଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ କହିଛନ୍ତି, ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତ ଆରମ୍ଭ ହୋଇଛି। ମାଗୁଣିଙ୍କ ବୟାନ ରେକର୍ଡ କରାଯାଇଛି। ରାଷ୍ଟ୍ରୀୟ ସାମାଜିକ ସୁରକ୍ଷା ମଞ୍ଚ ସ୍ଥାନୀୟ ସ୍ତରରେ ମାନବବାଦ ସଙ୍ଗଠନ ଭାବେ ପରିଚିତ। ଏହି ସଙ୍ଗଠନର କେତେଜଣ ସଦସ୍ୟ ବାପପୁଅଙ୍କୁ ଘରୁ ଡାକି ନେଇ ମାଡ଼ ମାରିଥିବା ମାଗୁଣି ବୟାନ ଦେଇଛନ୍ତି। ଘଟଣାର ତଦନ୍ତ ଜାରି ରହିଛି।

ସୂଚନାଯୋଗ୍ୟ, ଅଗଷ୍ଟ ୨ରେ ମାନପୁରର ସତ୍ୟବ୍ରତ ନାୟକଙ୍କୁ ଏହି ସଙ୍ଗଠନର କେତେଜଣ ସଦସ୍ୟ କରଡ଼ଗାଡ଼ିଆରେ ପିଟିପିଟି ହତ୍ୟା କରିବା ପରେ ପୋଡ଼ି ଦେଇଥିଲେ। ଏହି ଘଟଣାରେ ପୋଲିସ ୬ଜଣଙ୍କୁ ଗିରଫ କରିଥିଲା। ଅଗଷ୍ଟ ୧୦ରେ ବେଗୁନିଆ ଅଞ୍ଚଳର ଭୂମିପୁତ୍ର ସ୍ୱାଭିମାନ ମଞ୍ଚ ଏହି ସଙ୍ଗଠନର ସତ୍ୟତା ସମ୍ପର୍କରେ ଅନୁଧ୍ୟାନ ପାଇଁ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲା। ଏହି ହତ୍ୟାକାଣ୍ଡ ପଛରେ ଜଣେ ଆଇନଜୀବୀଙ୍କ ହାତ ରହିଛି ବୋଲି ମଞ୍ଚ ଦର୍ଶାଇଥିଲା। ଏବେ ମାଗୁଣି ଓ ତାଙ୍କ ପୁଅଙ୍କୁ ମାଡ଼ର ଭିଡିଓ ଭାଇରାଲ ପରେ ଏହି ସଙ୍ଗଠନ ପଛରେ ଜଣେ ଆଇନଜୀବୀ ମାଷ୍ଟରମାଇଣ୍ଡ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ମୃତ ସତ୍ୟବ୍ରତଙ୍କ ଶାଳକ ବେଲେଶ୍ୱର ପରିଡା କହିଛନ୍ତି। ଅନେକ ସମୟରେ କଡ଼ବ, ମାନପୁର ଓ କରଡଗାଡିଆରେ ଏହି ସଙ୍ଗଠନର ବୈଠକ ହୋଇଥାଏ। ନିଜର ଆଧିପତ୍ୟ ବିସ୍ତାର ଏବଂ ଆଦିବାସୀଙ୍କୁ ମେଳି କରି ରାଜନୀତି ଲକ୍ଷ୍ୟ ରଖିଥିବା ସଙ୍ଗଠନ ମୂଳ ଉଦ୍ଦେଶ୍ୟ ବୋଲି ଜଣାପଡ଼ିଛି। ଯେଉଁମାନେ ସେମାନଙ୍କ ବଶତା ସ୍ୱୀକାର ନ କରନ୍ତି ସେମାନଙ୍କୁ ଏଭଳି ଅମାନୁଷିକ ଭାବେ ଆକ୍ରମଣ କରି ଭୟଭୀତ କରିଥାନ୍ତି। ସତ୍ୟବ୍ରତ ହତ୍ୟାକାଣ୍ଡ ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସପ୍ନେଶ୍ୱର ଏବଂ ସହଯୋଗୀମାନଙ୍କୁ ଏକାଠି କରି ସଙ୍ଗଠନ ଚଳାଇଥିଲେ। ଏପରିକି ସପ୍ନେଶ୍ୱର ପିପିଲି ଉପନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରାର୍ଥୀପତ୍ର ମଧ ଦାଖଲ କରିଥିଲେ। ଏହି ସଙ୍ଗଠନରେ ଅନ୍ୟ କେଉଁମାନେ ରହିଛନ୍ତି, ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଗଲେ ପ୍ରକୃତ ତଥ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଦାବି ହୋଇଛି।


ମାନବବାଦର କେତେଜଣ ସଦସ୍ୟ ବୃଦ୍ଧ ଓ ତାଙ୍କ ପୁଅଙ୍କୁ ପିଟୁଥିବାର ଦୃଶ୍ୟ।




# ପାର୍ବଣ ଲାଗି ଆସିବ ନୂଆ ଗାଇଡ୍‌ଲାଇନ୍

**ଭୁବନେଶ୍ୱର, ୨୭।୮ (ବ୍ୟୁରୋ)**

ସମ୍ଭାବ୍ୟ ତୃତୀୟ ଲହରକୁ ନେଇ ଭୟ ଓ ଆଶଙ୍କା ଲାଗି ରହିଥିବାବେଳେ ଆଗକୁ ଆସୁଛି ପାର୍ବଣ। ରାଜ୍ୟରେ ପାର୍ବଣ ଭିଡ଼ ଅଧିକ ରହୁଥିବାରୁ ସଂକ୍ରମଣ ବୃଦ୍ଧିର ସମ୍ଭାବନା ରହିଛି। ଇତିମଧ୍ୟରେ ଦେଶର କେତେକ ରାଜ୍ୟରେ ସଂକ୍ରମଣ ହଠାତ୍ ବଢ଼ିଯାଇଥିବାରୁ ତାହା ତୃତୀୟ ଲହର ବୋଲି କୁହାଯାଉଛି। ତେବେ ଓଡ଼ିଶାରେ ସେ ପରିସ୍ଥିତି ସୃଷ୍ଟି ହୋଇ ନ ଥିବାବେଳେ ଶିଶୁ ଓ କିଶୋର ଆକ୍ରାନ୍ତ ହେବା ଏବଂ ଦୁଇଦିନରେ ୩ ଆକ୍ରାନ୍ତ ଶିଶୁଙ୍କ ମୃତ୍ୟୁ ଘଟିବା ଚିନ୍ତା ବଢ଼ାଇ ଦେଇଛି। ଏପରିସ୍ଥିତିରେ ତୃତୀୟ ଲହରରେ ସଂକ୍ରମଣ ପିକ୍ ବଢ଼ିପାରେ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର ସୂଚନା ଦେଇଛନ୍ତି। ତେବେ ପାର୍ବଣରେ ସଂକ୍ରମଣ ବୃଦ୍ଧି ଆଶଙ୍କା ରହିଥିବାରୁ ଏ ସମ୍ପର୍କରେ ସେ କହିଛନ୍ତି, ଭାରତ ସରକାରଙ୍କ ପକ୍ଷରୁ ପାର୍ବଣରେ କଟକଣା ଜାରି ରଖିବା ପାଇଁ କୁହାଯାଇଛି। ରାଜ୍ୟ ସରକାର ଏହା ଉପରେ ନଜର ରଖିଛନ୍ତି। ଠିକ୍ ସମୟରେ ପାର୍ବଣ ପାଇଁ ନୂଆ ଗାଇଡ୍‌ଲାଇନ ଆସିବ। ଏହାଛଡ଼ା ଆମେ ସର୍ଭିଲାନ୍ସ ଓ କଣ୍ଟାକ୍ଟ ଟ୍ରେସିଂ ଜାରି ରଖିଛୁ। ଦ୍ୱିତୀୟ ଲହରରେ ପିକ୍‌ରେ ଆନୁମାନିକ ୧୦ ହଜାର ପର୍ଯ୍ୟନ୍ତ ଯାଇଥିଲୁ। ଏବେ ସ୍ଥିତି ଭଲ ଅଛି। ଆକଳନ ଅନୁସାରେ ତୃତୀୟ ଲହର ଲାଗି ଆମେ ପ୍ରସ୍ତୁତ ରହିଛୁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତ।

# ଓଡିଶା ନଦୀବାଲି ନୀତିକୁ କ୍ୟାବିନେଟ ମଞ୍ଜୁରୀ

**ଭୁବନେଶ୍ୱର, ୨୭।୮ (ବ୍ୟୁରୋ)**

ରାଜ୍ୟରେ ନଦୀବାଲିର ସୁବିନିଯୋଗ ଓ ସୁପରିଚାଳନା ପାଇଁ ଓଡିଶା ନଦୀବାଲି ନୀତି–୨୦୨୧ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ବାଲି ଚାହିଦା ଯୋଗାଣ, ଅଟକଳ, ବାଲି ଉତ୍ସ ଚିହ୍ନଟ, ବାଲି ଉତ୍ସର ଡିଜିପିଏସ ସର୍ଭେ,ନିଲାମ ଅଧିକାରୀ, ମାଇନିଂ ପ୍ଲାନ ଅନୁମୋଦନ, ପରିବେଶ ମଞ୍ଜୁରୀ ଓ ଅନ୍ୟାନ୍ୟ ବୈଧାନିକ ମଞ୍ଜୁରୀ, ବାଲିଖାଦାନ ପରିଚାଳନା, ଆନ୍ତଃ ରାଜ୍ୟ ପରିବହନ ଏବଂ ତଦାରଖ ଓ ପ୍ରବର୍ତ୍ତନ ଇତ୍ୟାଦି ଏହି ବାଲି ନୀତିର ପ୍ରମୁଖ ବୈଶିଷ୍ଟ ରହିଛି । ରାଜସ୍ୱ ବିଭାଗ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଓଡିଶା ବାଲି ଚିଠା ନୀତିକୁ ରାଜ୍ୟ କ୍ୟାବସିନେଟ ଅନୁମୋଦନ କରିଛି।

### ଓଡିଶା ଖଣିଜ ପ୍ରଶାସନ ସେବା କ୍ୟାଡର-୨୦୨୧

ଓଡିଶା ଖଣି ଓ ଭୁତତ୍ତ୍ୱ ସେବାର ଖଣିଜ ପ୍ରଶାସନ ୱିଙ୍ଗ ପାଇଁ କ୍ୟାଡର ନିୟମାବଳୀ ପରିବର୍ତ୍ତନ କରାଯାଇ ଓଡିଶା ଖଣିଜ ପ୍ରଶାସନ ସେବା କ୍ୟାଡର(ନିଯୁକ୍ତି ନିୟମ ଏବଂ ସେବା ସର୍ତ୍ତାବଳୀ) ୨୦୨୧ ପ୍ରକାଶ କରାଯାଇଛି। ଏହାଦ୍ୱାରା ଉନ୍ନତ ଖଣିଜ ପ୍ରଶାସନ ମାଧ୍ୟମରେ ଖଣିଜ ବିକାଶକୁ ସୁନିଶ୍ଚିତ କରିବା ସହିତ ରାଜ୍ୟରେ ଖଣିଜ ରାଜସ୍ୱ ଆୟ ବୃଦ୍ଧିରେ ସହାୟକ ହୋଇ ପାରିବ। ଖଣି ଓ ଇସ୍ପାତ ବିଭାଗ ଦ୍ୱାରା ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି।

# ଓଡିଶା ସାମାଜିକ ସୁରକ୍ଷା ସେବା ସଂଶୋଧନ ନିୟମାବଳୀକୁ କ୍ୟାବିନେଟ ମୋହର

**ଭୁବନେଶ୍ୱର, ୨୭।୮ (ବ୍ୟୁରୋ)**

ଏଣିକି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ (ବିଏସଏସଓ), ସବଡଭିଭିଜନାଲ ସାମାଜିକ ସୁରକ୍ଷା ଅଧିକାରୀ (ଏସଏସଏସଓ), ଜିଲା ସାମାଜିକ ସୁରକ୍ଷା ଅଧିକାରୀ (ଡିଏସଏସଓ) ନିଯୁକ୍ତି ବର୍ଷକୁ ଥରେ ପରିବର୍ତ୍ତେ ଆବଶ୍ୟକତା ଅନୁଯାୟୀ ହେବ। ଏଥିପାଇଁ ପୂର୍ବରୁ ପ୍ରଚଳିତ ଓଡିଶା ସାମାଜିକ ସୁରକ୍ଷା ସେବା (ନିଯୁକ୍ତ ପ୍ରଣାଳୀ ଏବଂ ସେବାର ସର୍ତ୍ତ) ନିୟମାବଳୀ–୨୦୧୬କୁ ସଂଶୋଧନ କରାଯାଇ ଓଡିଶା ସାମାଜିକ ସୁରକ୍ଷା ସେବା (ନିଯୁକ୍ତ ପ୍ରଣାଳୀ ଏବଂ ସେବାର ସର୍ତ୍ତ) ସଂଶୋଧନ ନିୟମାବଳୀ–୨୦୨୧ କାର୍ଯ୍ୟକାରୀ ହେବ। ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଏହି ସଂଶୋଧନ ପରେ ଉକ୍ତ ନିୟମାବଳୀର ରୁଲ ୧୦(୧) ଅନୁଯାୟୀ ପଦୋନ୍ନତୀ ନିମନ୍ତେ ହେବାକୁ ଥିବା ଚୟନ କମିଟିର ସଦସ୍ୟ ଭାବେ ଅର୍ଥ ବିଭାଗ ପରିବର୍ତ୍ତେ ସାଧାରଣ ପ୍ରଶାସନ ଓ ସାଧାରରଣ ଅଭିଯୋଗ ବିଭାଗର ଅନୁ ଶାସନ ସଚିବସ୍ତରୀୟ ଜଣେ ସଦସ୍ୟ ରହିବେ। ସେହିପରି ଜିଲାପାଳମାନେ ବିଏସଏସଓମାନଙ୍କର ଆନ୍ତଜିଲା ବଦଳିକୁ ପ୍ରଶାସନିକ ଆବଶ୍ୟକତା ଭିତ୍ତିରେ କାର୍ଯ୍ୟକାରୀ କରିବେ। ବିଏସଏସଓ ମାନଙ୍କର ଆନ୍ତଃଜିଲା ସ୍ଥାନାନ୍ତରଣ ଆଦେଶରେ ଆବଶ୍ୟକ ସ୍ଥଳେ ବିଭାଗୀୟ ନିର୍ଦ୍ଦେଶକ ହସ୍ତକ୍ଷେପ କରି ପାରିବେ। କିନ୍ତୁ ବିଏସଏସଓମାନଙ୍କର ଆନ୍ତି ଜିଲା ବଦଳି କେବଳ ବିଭାଗୀୟ ନିର୍ଦ୍ଦେଶକ ଦ୍ୱାରା କାର୍ଯ୍ୟକାରୀ କରାଯିବ। ଡିଏସଏସଓ ପଦବୀକୁ ପଦୋନ୍ନତୀ ନିମନ୍ତେ ଏସଏସଏସଓମାନଙ୍କର କେବଳ ଯୋଗ୍ୟତାକୁ ବିଚାରକୁ ନିଆଯିବ।

### ବିଏସଏସଓ, ଏସଏସଏସଓ, ଡିଏସଏସଓ ନିଯୁକ୍ତି ଆବଶ୍ୟକତା ଅନୁଯାୟୀ ହେବ



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଆନିକ୍
ପରିବାରବର୍ଗ


ଆଲିସା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଏନ୍‌ଇପି ଲାଗୁ କରିବାରେ ମଧ୍ୟପ୍ରଦେଶ ଦ୍ୱିତୀୟ

ନୂଆଦିଲ୍ଲୀ, ୨୭।୮

ମଧ୍ୟପ୍ରଦେଶ ସରକାର ଭୋପାଳରେ ନୂତନ ଜାତୀୟ ଶିକ୍ଷାନୀତି (ଏନ୍‌ଇପି ୨୦୨୦) ଲାଗୁ କରିଛନ୍ତି। ଏନ୍‌ଇପି ଲାଗୁ କରିବାରେ କର୍ଣାଟକ ପରେ ମଧ୍ୟପ୍ରଦେଶ ଦ୍ୱିତୀୟ ରାଜ୍ୟ। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଆନୁଷ୍ଠାନିକ ଭାବେ ଶିକ୍ଷାନୀତି ଶୁଭାରମ୍ଭ କରିବା ସହ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କୁ କେବଳ ୟୁନିଭର୍ସିଟି ମଧ୍ୟରେ ସୀମିତ ନ ରହି ବିଭିନ୍ନ କଲେଜ ପରିଦର୍ଶନ କରି ଶିକ୍ଷା ବ୍ୟବସ୍ଥାକୁ ନୂଆ ଦିଶା ଦେବା ଲାଗି ପରାମର୍ଶ ଦେଇଛନ୍ତି। ଶିବରାଜ ନୂଆ ଶିକ୍ଷାନୀତିକୁ ପ୍ରଶଂସା କରିବା ସହ ନାଗରିକମାନଙ୍କୁ ଜ୍ଞାନ, ଦକ୍ଷତା ଓ ମୂଲ୍ୟବୋଧ ପ୍ରଦାନ କରିବା ଏହାର ଲକ୍ଷ୍ୟ ବୋଲି କହିଥିଲେ। ନୂଆ ନୀତିରେ ଜଣେ ଫିଜିକ୍ସ, କେମେଷ୍ଟ୍ରି ପଢ଼ିବା ସହିତ ହିନ୍ଦୀ ଓ ସଂସ୍କୃତରେ ପାଣ୍ଡିତ୍ୟ ହାସଲ କରିପାରିବ। ନିଯୁକ୍ତି ପଛରେ ନ ଗୋଡ଼ାଇ, ନିଜେ ନିଯୁକ୍ତି ସୃଷ୍ଟି କରିବା ଲାଗି ପିଲାମାନଙ୍କୁ ପ୍ରସ୍ତୁତ କରାଯିବ ବୋଲି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କହିଥିଲେ।

## ଆଜିର ମନ୍ତବ୍ୟ

ହିନ୍ଦୁତ୍ୱକୁ ନେଇ ଭାଜପା ସହ ଶିବସେନାର ସମ୍ପର୍କ ଥିଲା। ହେଲେ ନାରାୟଣ ରାଣେଙ୍କ ଭଳି ନବାଗତମାନେ ଦୁଇ ଦଳ ମଧ୍ୟରେ ଏହି ସମ୍ପର୍କକୁ ନଷ୍ଟ କରିଦେଇଛନ୍ତି। **-ସଞ୍ଜୟ ରାଉତ୍, ଶିବସେନା ନେତା**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କେଉଁ ବାହାଘରକୁ**
**ଦୁଇ ଗୋଡ଼ରେ ଅଳତା !**

ଯେଉଁ କାର୍ଯ୍ୟରେ ଗୁରୁତ୍ୱ ନ ଥାଏ, ସେଭଳି କାର୍ଯ୍ୟରେ ଅଧିକ ସମୟ ଉପଯୋଗ ନ କରିବା ଉଚିତ ହୋଇଥାଏ। ନିହାତି ଛୋଟ ବା ମାମୁଲି କାର୍ଯ୍ୟ ପାଇଁ ବିରାଟ ଆୟୋଜନ କରିବା ମୂଲ୍ୟହୀନ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କେତେବେଳେ ଯୋଡ଼ା ମାଇପରେ ଘର**
**କେତେବେଳେ ଚୁଲି ଫୁଙ୍କି ଫୁଙ୍କି ମର ।**

ମଣିଷ କେତେବେଳେ ଅୟସରେ ଦିନ ବିତାଉଥାଏ ତ କେତେବେଳେ ସମୟ ବଦଳିଗଲେ ଦୁଃଖ ଦୁର୍ଦ୍ଦଶାରେ ପଡ଼ି ଘାଣ୍ଟି ଚକଟି ହେଉଥାଏ। କେତେବେଳେ ବୋଲହାକ, ଦେଖାଶୁଣା କରିବାକୁ ଘରେ ଦି' ଦି'ଟା ସ୍ତ୍ରୀ ତ କେତେବେଳେ କେହି ନ ଥିବାରୁ ହାତରେ ରନ୍ଧାବଢ଼ା, ଚୁଲି ଫୁଙ୍କା ଭଳି ଦୟନୀୟ ଅବସ୍ଥା। ମଣିଷ ଅବସ୍ଥା ଚିର ପରିବର୍ତ୍ତନଶୀଳ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଉଦ୍ଧବଙ୍କୁ ପୁଣି ସମାଲୋଚନା କଲେ ରାଣେ


ନାରାୟଣ ରାଣେ

ମୁମ୍ବାଇ, ୨୭।୮

ଗିରଫ ହେବାର ୩ ଦିନ ପରେ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ନାରାୟଣ ରାଣେ ପୁଣିଥରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ସମାଲୋଚନା କରିଛନ୍ତି। ଶୁକ୍ରବାର ରତ୍ନଗିରିଠାରେ ଭାଜପାର 'ଜନ ଆଶୀର୍ବାଦ ଯାତ୍ରା'ରେ ଉଦ୍‌ବୋଧନ ଦେଇ ରାଣେ କହିଥିଲେ, ଠାକ୍‌ରେ ଓ ତାଙ୍କ ପରିବାର ମୋତେ ଧମକ ଦେଇଛନ୍ତି। ୩୯ ବର୍ଷ ସେମାନଙ୍କ ସହ କାର୍ଯ୍ୟ କରିଛି। ହୃଦୟରେ ଚାପି ରଖିଥିବା ସବୁ ଗୋପନ କଥାକୁ ଗୋଟିଏ ପରେ ଗୋଟିଏ ସାମ୍ନାକୁ ଆଣିବି। ଭାଇବୋହୂ ଉପରେ ଏସିଡ୍ ପକାଇବାକୁ କିଏ କାହାକୁ କହିଥିଲା, ସେ ଜାଣନ୍ତି। ସେ ଗିରଫକୁ ଭୟ କରୁନାହାନ୍ତି। ଆଇନ ସମସ୍ତଙ୍କ ପାଇଁ ସମାନ ବୋଲି ରାଣେ କହିଛନ୍ତି। ସୂଚନାଯୋଗ୍ୟ, ଭାରତର ସ୍ୱାଧୀନତା ବର୍ଷ ସମ୍ପର୍କରେ ଜାଣି ନ ଥିବା ମୁଖ୍ୟମନ୍ତ୍ରୀ ଠାକ୍‌ରେଙ୍କୁ ଚାପୁଡ଼ା ମାରିଥାନ୍ତେ ବୋଲି କହି ରାଣେ ମଙ୍ଗଳବାର ଗିରଫ ହୋଇଥିଲେ।

# ସେପ୍ଟେମ୍ବର ୨୫ରେ ଏସ୍‌କେଏମ୍‌ର ଭାରତ ବନ୍ଦ ଡାକରା

ନୂଆଦିଲ୍ଲୀ, ୨୭।୮(ପି.ଟି.)

ସେପ୍ଟେମ୍ବର ୨୫ରେ ଭାରତ ବନ୍ଦ କରିବା ଲାଗି ଶୁକ୍ରବାର ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ଆହ୍ୱାନ ଦେଇଛି। ଗତବର୍ଷ ନଭେମ୍ବରରୁ କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନ ବିରୋଧରେ ଚାଲିଥିବା ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରିବା ଲାଗି ବନ୍ଦ ଡାକରା ଦିଆଯାଇଛି। ଦିଲ୍ଲୀର ସିଙ୍ଘୁ ସୀମାରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ସମ୍ବୋଧନ କରି ଏସ୍‌କେଏମ୍ ନେତା ଆଶିଷ ମିତ୍ତଲ କହିଛନ୍ତି, ସେପ୍ଟେମ୍ବର ୨୫ରେ ଭାରତ ବନ୍ଦ ଲାଗି ଆହ୍ୱାନ ଦିଆଯାଇଛି। ଗତବର୍ଷ କରୋନା ମହାମାରୀ ମଧ୍ୟରେ ଏହି ଦିନ ଅନୁରୂପ ବନ୍ଦ ପାଳନ କରାଯାଇଥିଲା। ଏବର୍ଷ ବନ୍ଦ ଅଧିକ ସଫଳ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଗୁରୁବାରଠାରୁ ଆରମ୍ଭ ହୋଇଥିବା ଚାଷୀ ସମ୍ମିଳନୀ ଶୁକ୍ରବାର ଶେଷ ହୋଇଛି। ଏଥିରେ ୨୨ଟି ରାଜ୍ୟରୁ ଚାଷୀ ପ୍ରତିନିଧିମାନେ ସାମିଲ ହୋଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ଇ-ଯାନ ନୀତିକୁ ...

ସରକାର ନ୍ୟାଶନାଲ ଇଲେକ୍ଟ୍ରିକ୍ ମୋବିଲିଟି ପ୍ଲାନ୍ କାର୍ଯ୍ୟକାରୀ କରିଛନ୍ତି। ଏଥିରେ ୨୦୩୦ ସୁଦ୍ଧା ବାୟୁ ପ୍ରଦୂଷଣ ହାର ୩୫% ତଳକୁ ଖସାଇବାକୁ ଯୋଜନା ରଖାଯାଇଛି। ସହରାଞ୍ଚଳ ପ୍ରଦୂଷଣ ରୋକିବାକୁ ଇଲେକ୍ଟ୍ରିକ୍ ପଲିସି କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଅନୁରୋଧ କରିଛନ୍ତି। କର୍ନାଟକ, ଦିଲ୍ଲୀ, ତାମିଲନାଡୁ, ମହାରାଷ୍ଟ୍ର ସରକାର ଇଲେକ୍ଟ୍ରିକ୍ ଯାନ ନୀତି କାର୍ଯ୍ୟକାରୀ କରିସାରିଲେଣି। ଏହି ତାଲିକାରେ ଯୋଡ଼ି ହୋଇଯାଇଛି ଓଡ଼ିଶା।

ବ୍ୟାଟେରି ଚାଳିତ ଇଲେକ୍ଟ୍ରିକ୍ ଯାନକୁ ପ୍ରୋତ୍ସାହନ ଦେବା ସକାଶେ ରାଜ୍ୟ ସରକାର ଇ-ଭେହିକିଲ ନୀତି କାର୍ଯ୍ୟକାରୀ କରିଛନ୍ତି। ଏଥିରେ ୨୦୨୫ ସୁଦ୍ଧା ରାଜ୍ୟରେ ସମୁଦାୟ ଯାନବାହନ ମଧ୍ୟରୁ ୨୦% ଇଲେକ୍ଟ୍ରିକ୍ ଯାନବାହନ ପଞ୍ଜୀକୃତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ନୂତନ ନୀତିରେ ଇଲେକ୍ଟ୍ରିକ ଯାନ ନିର୍ମାତା ଏବଂ ବ୍ୟାଟେରି ପ୍ରସ୍ତୁତକର୍ତ୍ତା କମ୍ପାନୀକୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ଏ କ୍ଷେତ୍ରରେ ଗବେଷଣା, ଡ୍ରାଇଭିଂ, ବିକ୍ରି, ଆର୍ଥିକ ସହାୟତା, ସର୍ଭିସିଂ, ମାନୁଫାକ୍ଚରିଂ ଏବଂ ଚାର୍ଜିଂ ଇତ୍ୟାଦିକୁ ମଧ୍ୟ ପ୍ରୋତ୍ସାହନ ଦିଆଯିବ। ଚୂଡ଼ାନ୍ତ ପଲିସି ପ୍ରକାଶ ପାଇବାଠାରୁ ୪ ବର୍ଷ ଯାଏ ଏହା କାର୍ଯ୍ୟକାରୀ ହେବ। କେନ୍ଦ୍ର ସରକାରଙ୍କ ଫେମ୍ ଇଣ୍ଡିଆ ଫେଜ୍-୨ ଯୋଜନା ଅନୁଯାୟୀ ଆର୍ଥିକ ରିହାତି ପ୍ରଦାନ କରାଯିବ। ଏଥିରେ ରୋଡ୍ ଟ୍ୟାକ୍ସ ଏବଂ ପଞ୍ଜୀକରଣ ଟିକସ ଛାଡ଼ କରିବା ବ୍ୟବସ୍ଥା ରହିବ। ଇ-ଭେହିକିଲ ନୀତି-୨୦୨୦ କାର୍ଯ୍ୟକାରୀ କରିବାକୁ ରାଜ୍ୟସ୍ତରରେ ଏକ ଟାସ୍କଫୋର୍ସ ଗଠନ କରାଯିବ। ଏହି ଟାସ୍କଫୋର୍ସରେ ମୁଖ୍ୟ ଶାସନ ସଚିବ ଅଧ୍ୟକ୍ଷ ରହିଥିବା ବେଳେ ଯୋଜନା ଓ ସଂଯୋଜନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଦସ୍ୟ, ବାଣିଜ୍ୟ ଓ ପରିବହନ ବିଭାଗ ସଚିବ ମେମ୍ବର କନ୍‌ଭେନର, ଶିଳ୍ପ, ଅର୍ଥ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଦକ୍ଷତା ବିକାଶ, ଶକ୍ତି ବିଭାଗ ସଚିବ ସଦସ୍ୟ ରହିଛନ୍ତି। ଏହି ଟାସ୍କଫୋର୍ସ ପଲିସକୁ ତଦାରଖ କରିବା ସହିତ ନିର୍ଦ୍ଧାରିତ ସମୟ ବ୍ୟବଧାନରେ ସମୀକ୍ଷା କରିବ। ଟାସ୍କଫୋର୍ସ ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ ବାଣିଜ୍ୟ ଓ ପରିବହନ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ୧୧ ଜଣ ସଦସ୍ୟଙ୍କୁ ନେଇ ଏକ ଷ୍ଟିୟରିଂ କମିଟି ଗଠନ କରାଯାଇଛି।

ରାଜ୍ୟରେ ଚଳାଚଳ କରୁଥିବା ଯାନବାହନ ମଧ୍ୟରୁ ୮୨% ଦୁଇଚକିଆ ଯାନ ଥିବା ବେଳେ ହାଲୁକା ଯାନ ୭%, ୩ ଚକିଆ ୩.୦୬%, ମାଲ ପରିବହନ ଯାନ ୨.୮୫%, ଟ୍ରାକ୍ଟର ୨.୨୮%, ଟ୍ରେଲର ୧.୭୮%, ବସ୍ ୦.୧୯% ଏବଂ ଅନ୍ୟାନ୍ୟ ଯାନ ୦.୯୪ ପ୍ରତିଶତ ଚଳାଚଳ କରୁଛି।

### କରୋନାରେ ...

କମ୍‌ବର୍ଗରେ ୧୦୬ ଜଣ ଆକ୍ରାନ୍ତ ଅଛନ୍ତି, ଯାହା ମୋଟ ସଂକ୍ରମିତ ସଂଖ୍ୟାର ପ୍ରାୟ ୧୩%। ତେବେ ସବୁ ଜିଲାରେ ସଂକ୍ରମଣ କମୁଥିବାବେଳେ ଖୋର୍ଦ୍ଧାରେ ଏବେ ବି ଅଧିକ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଏହି ଜିଲାରୁ ସର୍ବାଧିକ ୨୯୧ଜଣ ଚିହ୍ନଟ ହୋଇଛନ୍ତି। ସେହିପରି କଟକରୁ ୧୧୬ଜଣ ଥିବାବେଳେ ବାକି ସବୁ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୫୦ତଳକୁ ରହିଛି। ଫଳରେ ରାଜ୍ୟରେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୧୦,୦୪,୮୭୫ରେ ପହଞ୍ଚିଛି।

### ଆଜି ଲଘୁଚାପ ...

ମଧ୍ୟ ଜାରି କରାଯାଇଛି। ଏପଟେ ସ୍କାଏମେଟ୍‌ର ରିପୋର୍ଟ ଅନୁସାରେ, ଶୁକ୍ରବାର ବଙ୍ଗୋପସାଗରରେ ଏକ ସାଇକ୍ଲୋନିକ ସର୍କୁଲେଶନ ସୃଷ୍ଟି ହୋଇଛି। ଶନିବାର ସୁଦ୍ଧା ଆହୁରି ଘନୀଭୂତ ହୋଇ ଲଘୁଚାପରେ ପରିଣତ ହେବ। ୨୮ ଓ ୨୯ ତାରିଖରେ ଓଡ଼ିଶାରେ ମଧ୍ୟମରୁ ପ୍ରବଳ ବର୍ଷା ହେବ। ଏଥିସହ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ତେଲଙ୍ଗାନାରେ ମଧ୍ୟ ବର୍ଷାର ସମ୍ଭାବନା ରହିଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଶନିବାର କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଜପତି ଓ ଗଞ୍ଜାମରେ ପ୍ରବଳ ବର୍ଷା ହେବ। ଏସବୁ ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧରେ ଝଡ଼ବର୍ଷା ସହିତ ବଜ୍ରପାତ ହେବା ଆଶଙ୍କା ରହିଛି। ଏ ସମୟରେ ବାହାରକୁ ନ ବାହରିବା ପାଇଁ ପରାମର୍ଶ ଦିଆଯାଇଛି। ସେହିଭଳି ରବିବାର କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ହେବାକୁ ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର। ଅନ୍ୟପକ୍ଷରେ ଶୁକ୍ରବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ପାରଳାଖେମୁଣ୍ଡିରେ ସର୍ବାଧିକ ୭୦ ମି.ମି. ବର୍ଷା ହୋଇଥିବାବେଳେ ନୟାଗଡ଼ରେ ୨୬, ଫୁଲବାଣୀ ୨୪, ଭବାନୀପାଟଣା ୨୨, ରାୟଗଡ଼ା ୨୦.୬, ବଲାଙ୍ଗୀର ୧୬.୫, ସୋନପୁର ୧୫ ଓ ଝାରସୁଗୁଡ଼ାରେ ୧୧ମିମି ବର୍ଷା ରେକର୍ଡ କରାଯାଇଛି। ସେହିଭଳି କଟକ, ଭୁବନେଶ୍ୱର, ଗୋପାଳପୁର, ଅନୁଗୋଳ, ସୁନ୍ଦରଗଡ଼, ଟିଟିଲାଗଡ଼, ଦାରିଙ୍ଗବାଡ଼ି, ଛତ୍ରପୁରରେ ମଧ୍ୟ ବର୍ଷା ହୋଇଥିବା ପାରିପାଗ କେନ୍ଦ୍ର ସୂଚନା ଦେଇଛି।

### ଖୋଜିକରି ମାରିବୁ...

ଇତିମଧ୍ୟରେ ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ଆଇଏସ୍ ସହ ଅନୁବନ୍ଧିତ ଆଫଗାନିସ୍ତାନ ଶାଖା ଇସ୍‌ଲାମିକ୍ ଷ୍ଟେଟ୍-ଖୋରାସାନ ପ୍ରୋଭିନ୍ସ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। କାବୁଲ ଏୟାରପୋର୍ଟରେ ଆମେରିକୀୟ ସୈନ୍ୟ ଓ ସେମାନଙ୍କ ଆଫଗାନ୍ ସହଯୋଗୀଙ୍କୁ ଆତ୍ମଘାତୀ ବିସ୍ଫୋରଣରେ ଉଡ଼ାଇଦେଇଥିବା ଆଇଏସ୍-କେ ଏକ ବିବୃତିରେ ସ୍ୱୀକାର କରିଛି। ବିସ୍ଫୋରଣକାରୀଙ୍କ ଫଟୋ ମଧ୍ୟ ଏଥିରେ ଜାରି କରାଯାଇଛି। ଆକ୍ରମଣକାରୀ ଜଣକ ଏକ ବିସ୍ଫୋରକ ବେଲ୍ଟ ପିନ୍ଧି ଛିଡ଼ା ହୋଇଛନ୍ତି। ତାଙ୍କ ପଛରେ ଆଇଏସ୍‌ର କଳା ପତାକା ଉଡୁଛି। ସେ ନିଜ ମୁହଁକୁ ଏକ କଳାକନାରେ ଘୋଡ଼ାଇ ରଖିଛନ୍ତି। ବାହାରକୁ କେବଳ ତାଙ୍କର ଦୁଇଆଖି ଦିଶୁଛି। ଆଇଏସ୍‌ର ଅଫିସିଆଲ ଅମାକ୍ ନ୍ୟୁଜ୍ ଏଜେନ୍ସି ଏହାର ଟେଲିଗ୍ରାମ ଚ୍ୟାନେଲରେ ତାଙ୍କ ନାମ ଅବ୍‌ଦୁଲ ରହମାନ ଅଲ୍-ଲୋଗରି ବୋଲି ସ୍ପଷ୍ଟ କରିଛି। ଏହି ନାମରୁ ଜଣାପଡୁଛି ଯେ ଆତ୍ମଘାତୀ ବିସ୍ଫୋରଣକାରୀ ଜଣକ ଥିଲେ ଆଫଗାନିସ୍ତାନ ନାଗରିକ। ତାଲିବାନ୍‌ର ସୁରକ୍ଷା ତନଖିଫାଟକଗୁଡ଼ିକୁ ସେ କିପରି ଅତିକ୍ରମ କରି ଆମେରିକୀୟ ସୈନ୍ୟ, ଅନୁବାଦକ ଓ ଅନ୍ୟ ସହଯୋଗୀମାନେ ଥିବା ସ୍ଥାନରୁ ମାତ୍ର ୫ ମିଟର ଦୂରରେ ପହଞ୍ଚିପାରିଥିଲେ ତାହା ମଧ୍ୟ ଆଇଏସ୍ ଏଥିରେ ଦର୍ଶାଇଛି। ବିସ୍ଫୋରଣରେ ମୃତାହତ ହୋଇଥିବା ଲୋକଙ୍କ ମଧ୍ୟରେ ତାଲିବାନୀ ମଧ୍ୟ ଥିଲେ ବୋଲି ଆଇଏସ୍ କହିଛି।

ଏହି ବିସ୍ଫୋରଣକୁ ଆମେରିକା ପାଇଁ ଆଇଏସ୍ ପକ୍ଷରୁ ଖୋଲା ଚ୍ୟାଲେଞ୍ଜ ବୋଲି ବିବେଚନା କରାଯାଉଛି। ଆକ୍ରମଣର ପ୍ରତିଶୋଧ ପାଇଁ ରାଷ୍ଟ୍ରପତି ଜୋ ବାଇଡେନ୍ ଶପଥ ନେଇଛନ୍ତି। ହ୍ୱାଇଟ୍ ହାଉସ୍‌ରେ ଆବେଗପୂର୍ଣ୍ଣ ଅଭିଭାଷଣରେ ବାଇଡେନ୍ କହିଛନ୍ତି, କାବୁଲ ଏୟାରପୋର୍ଟ ଆକ୍ରମଣ ଆଇଏସ୍‌ର ଆଫଗାନିସ୍ତାନ ଶାଖା ପକ୍ଷରୁ କରାଯାଇଛି। ବର୍ତ୍ତମାନ ଆଫଗାନିସ୍ତାନକୁ ଦଖଲରେ ରଖିଥିବା ତାଲିବାନ୍ ସହ ସେମାନଙ୍କ ସମ୍ପର୍କ ନେଇ କୌଣସି ପ୍ରମାଣ ନାହିଁ। ୧୩ ଆମେରିକୀୟ ସର୍ଭିସ୍ ମେମ୍ବରଙ୍କ ମୃତ୍ୟୁର ପ୍ରତିଶୋଧ ନିଆଯିବ। କଠୋରପନ୍ଥୀମାନଙ୍କୁ ଆମେ ଖୋଜି ବାହାର କରିବୁ ଏବଂ ସେମାନଙ୍କୁ ଏହାର ମୂଲ୍ୟ ଦେବାକୁ ବାଧ କରିବୁ। ଏହି ଅବସରରେ ବାଇଡେନ୍ ମୃତକଙ୍କ ସମ୍ମାନରେ କିଛି କ୍ଷଣ ପାଇଁ ମୁଣ୍ଡ ତଳକୁ କରି ନୀରବ ପ୍ରାର୍ଥନା କରିଥିଲେ। ଏହାସହ ଆମେରିକାର ଜାତୀୟ ପତାକାକୁ ଅର୍ଦ୍ଧନମିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆଇଏସ୍ ଉପରେ ଆକ୍ରମଣ ପାଇଁ ଯୋଜନା ପ୍ରସ୍ତୁତ କରିବା ସକାଶେ ସେ ମିଲିଟାରି କମାଣ୍ଡରମାନଙ୍କୁ ନିର୍ଦ୍ଦେଶ ଦେଇଥିବା କହିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଜନ୍ମ ଚନ୍ଦ୍ର ସଙ୍ଗକୁ ସ୍ୱଗୃହୀ ଶନି ହେତୁ କର୍ମକ୍ଷେତ୍ର ଓ ପାରିବାରିକ ଜୀବନ ସରଳୀକୃତ ରହିବ। ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବା ପାଇଁ ଚେଷ୍ଟା କରିପାରନ୍ତି। ଇଚ୍ଛା ନ ଥିଲେ ମଧ୍ୟ ବାଧ ବାଧକତାରେ ପରିସ୍ଥିତିରେ ପଡି ଖର୍ଚ୍ଚାନ୍ତ ହେବେ। ଆଶା ପୂରଣ ହେବାରେ ଜଣେ ପଡ଼ୋଶୀ ସାହାଯ୍ୟ କରିବେ।

**ବୃଷ** ସ୍ୱଗୃହୀ ରବି ଯୋଗୁ କୌଣସି ସ୍ୱାସ୍ଥ୍ୟ ଭଲ ରହିବା ସଙ୍ଗକୁ ଘରୋଇ ସମସ୍ୟାର ସମାଧାନ ହୋଇଯିବ। ପ୍ରଶାସନିକ ସ୍ତରରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡିବ। ସଭାସମିତିରେ ଯୋଗ ଦେଲେ ଲାଭବାନ ହେବେ। ପରିବାରରେ କିନ୍ତୁ ସନ୍ତାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିବେ।

**ମିଥୁନ** ସ୍ୱଗୃହୀ ବୁଧ ପ୍ରଭାବରେ ଆଜି ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ବୁଦ୍ଧିଜୀବୀଙ୍କ ମେଳରେ ରହି ସାମାଜିକ ସ୍ତରରେ କୌଣସି କାମ ସ୍ଥିରୀକୃତ କରିବେ। ଘରଭଡାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ବିଶ୍ୱାସ ହେଲା ଭଳି କାମ କରି ଶତ୍ରୁଠାରୁ ମଧ୍ୟ କାମ ହାସଲ କରିନେବେ।

**କର୍କଟ** କର୍ମଭାବସ୍ଥ ଚନ୍ଦ୍ର ଦ୍ୱିଜା ନକ୍ଷତ୍ରସ୍ଥ ଯୋଗୁ ଯେଉଁ କାମରେ ହାତ ଦେବାକୁ ଯାଉଛନ୍ତି ତାହା ସହଜରେ ସମ୍ପନ୍ନ ହେବ। କର୍ମକ୍ଷେତ୍ରର ପରିସ୍ଥିତିକୁ ସହକର୍ମୀଙ୍କ ସହ ଆଲୋଚନା କ୍ରମେ ସଜାଡି ନେବେ। ଏକ ମାମୁଲି ଘଟଣାରେ ଜଣେ ଅଜଣା ବ୍ୟକ୍ତିଙ୍କ ସହ ଉଚ୍ଚବାଚ ଘଟିପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ସଙ୍ଗକୁ ଶ୍ରମଜନିତ କ୍ଳାନ୍ତିବୋଧ କରିବେ।

**ସିଂହ** ଶନି ଓ ରବିଙ୍କ ଷଡାଷ୍ଟକ ସ୍ଥିତି ଜନିତ ସୁବିଧା ସୁଯୋଗ ପାଇଲେ ମଧ୍ୟ କାମ ହାସଲ କରି ପାରିବେ ନାହିଁ। କୌଣସି କଥାରେ ପାରିବାରିକ କ୍ଷେତ୍ରରେ ତର୍କ ବିତର୍କ କାରଣରୁ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଘଟିପାରେ। କ୍ରୀଡା, ଚଳଚ୍ଚିତ୍ର, ସଙ୍ଗୀତ, ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ରହିବ।

**କନ୍ୟା** ରାଶ୍ୟାଧିପତିଙ୍କ ସବଳତା ଶାରୀରିକ ସୁସ୍ଥତାକୁ ବଢାଇଦେବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ଅଂଶୀଦାରଙ୍କ ଅଯଥା ଯୁକ୍ତି କାରଣରୁ ବ୍ୟବସାୟରେ ମନାନ୍ତର ଦେଖା ଦେଇପାରେ। ମାଲିମକଦ୍ଦମାରେ ସ୍ୱପକ୍ଷ ସବଳ ରହିବା ହେତୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ।

**ତୁଳା** ବକ୍ରୀ ବୃହସ୍ପତି ହେତୁ ନିଜ ଲୋକମାନଙ୍କ ବିରୁଦ୍ଧରେ ପରକଥାକୁ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ବନ୍ଧୁମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ନୂଆ ଯୋଜନା ଉପରେ ଗୁରୁତ୍ୱ ଦେବେ। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କରିପାରେ। ପାଖ,ପଡୋଶୀଙ୍କ ସହାୟତାରେ ପାରିବାରିକ ସମସ୍ୟାର ସମାଧାନ କରିବେ।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ କଳହର ଆଶଙ୍କା କରି ମନର ଭାବ ପ୍ରକାଶ କରିପାରିବେ ନାହିଁ। ଏକ ସାମୂହିକ କାର୍ଯ୍ୟକ୍ରମ ମଧ୍ୟରେ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। କର୍ମସ୍ଥ ଶୁକ୍ର ହେତୁ ସାଂସ୍କୃତିକ ଉତ୍ସବ ନିମନ୍ତେ ପ୍ରସ୍ତୁତ ହେବେ। ଅଧସ୍ତନ କର୍ମଚାରୀଙ୍କ ସହ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**ଧନୁ** ଷଷ୍ଠାଧିପ କର୍ମାଧିପ ସହ ଯୁକ୍ତ ହେତୁ ଅଟକି ରହିଥିବା କାମ ଯୋଗୁ ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ କାମ ନିମନ୍ତେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ବନ୍ଧୁଙ୍କ ଅନାଦର ଯୋଗୁ ମନ ଦୁଃଖ ହୋଇପାରେ। ଅବଶ୍ୟ ପୁରାଣ ପଠନ, ଶାସ୍ତ୍ରାଧ୍ୟୟନ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିୟୋଜିତ ହେବେ।

**ମକର** ଶନିଙ୍କ ପ୍ରଭାବରେ କର୍ମକ୍ଷେତ୍ରରେ ଅବହେଳାବଶତଃ ସ୍ଥଗିତ କାମକୁ ପୂରାଦମରେ କରିଚାଲିବେ। ସାମାଜିକ ସ୍ତରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇ ପାରନ୍ତି। ଈର୍ଷାପରାୟଣ ନିଜ ଲୋକମାନେ ଶତ୍ରୁତା ଆଚରଣ କରିବେ। ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଦୀର୍ଘଦିନରୁ ଅଟକି ରହିଥିବା କାମ ଆରମ୍ଭ କରିବାକୁ ମନ ବଳାଇବେ।

**କୁମ୍ଭ** ବାଣୀକାର ଅଷ୍ଟମସ୍ଥ ହେତୁ ଆତ୍ମୀୟଙ୍କ ପରୋକ୍ଷ ଶତ୍ରୁତାଜନିତ କଟୁକ୍ତିକୁ ସହିପାରିବେ ନାହିଁ। କଳା, ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ବ୍ୟସ୍ତ ହୋଇପାରନ୍ତି। ଶତଭିଷା ନକ୍ଷତ୍ର ବନ୍ଧୁଙ୍କ କଥାରେ ହଁ ଭରି କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ।

**ମୀନ** ଦ୍ୱାଦଶସ୍ଥ ଗୁରୁ ହେତୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ପ୍ରତି ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ପାରିବାରିକ କ୍ଷେତ୍ରର ସମୟ ସୁବିଧା ନେଇ ବନ୍ଧୁଙ୍କୁ ଜଣାଇଲେ ଉପକୃତ ହେବେ। ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। ତଥାପି ସ୍ଥଗିତ କାମକୁ ପୂରା କରିବାକୁ ମନସ୍ଥ କରିବେ।


# classifieds Everyday
0674-2580101, 2549302

real estate

**SALE**

**2BHK Simplex Santola near Trinath Bazar (Nakhara) rate-28,50,000/- Bank Loan available. 7978230118, 8249477254.** D-70886

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (Outright). 9348232008. D-21430

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-21279

ପାହାଳ, ନଖରା, ତମାଣ୍ଡୋରେ electri ଥାଇ ସ୍ଥିତିବାନ୍ ପ୍ଲଟ୍ କିଣି ଘର କରନ୍ତୁ। 9776866520. D-70896

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-21472

Bhubaneswar plot/ land available near AIIMS Hospital sqft.- 550/-, 900/-, 2200/- & at Janla-1000/-, Contact: 9583174462. D-70885

**30' road gharabari plot at Ghangapatna 4kms from Sum Hospital and commercial/ residential plot Pitapalli NH side. 7978601422.** D-70879

6BHK duplex 52,00,000/- finishing Hanspal, lowcost plot Atala- 8093465134, 9668194157. D-70949

**କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ଓଡ଼ିଶାର ବୃହତ୍ତମ Commercial Hub Grand Bazar ସମ୍ମୁଖରୁ 1 K.M. ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। 8249310759.** D-70893

**2/3 BHK flats sale at Mancheswar Railway Station, Bhubaneswar discount upto- 5,00,000/-. 8114982646, 9040744989.** D-70890

17000sqft. Area for sale at Sakhigopal in Sriram Chandrapur Mouza sqft. @130/- Contact: 9090367570. D-70895

construction

**Construct your home with branded material. We provide plan approval, boring, vastu. 7789824989, 9040744989.** D-70891

Want a dream home on your own plot assistance for construction, design and development. Contact: K.K. Construction 7008268129, 9439143273. D-71313

healthcare

Newly open full body massage Ladies and Gents. 8658471570, 8658994614. D-70473

Lotus SPA newly open positively health benefits/ expert therapist. 8455987557. D-71403

Monalisa massage Club: All types Body massage with hiprofile smart lady rooms service available. 9708545108. D-21447

Newly open SPA Offer@ 799/-, positively health benefits. Jaydevbihar. 7846814019. D-71408

Take wellness relax massage trained ladies / jents therapist 800/-. 7008773793. D-71409

Swarna SPA newly open positively health benefits with expert therapist. 9556978408. D-71139

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

# ଏସ୍‌ସିବିରେ ୯ ଏକ୍‌ମୋ ମେଶିନ ଲୋକାର୍ପିତ



କାର୍ଯ୍ୟକ୍ଷମ ହୋଇଥିବା ଏକ୍‌ମୋ ମେଶିନ୍‌କୁ ଟେକ୍ନିସିଆନ୍‌ମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଖାଉଛନ୍ତି।

- ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କଲେ ମୁଖ୍ୟମନ୍ତ୍ରୀ
- ପୂର୍ବ ଭାରତର ସବୁଠାରୁ ବଡ଼ ଏକ୍‌ମୋ ୟୁନିଟ୍
- ରୋଗୀଙ୍କୁ ଟଙ୍କାଟିଏ ବି ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ

ଭୁବନେଶ୍ୱର,(ବ୍ୟୁରୋ)/ କଟକ ଅଫିସ, ୨୭।୮

କଟକ ଏସ୍‌ସିବି ମେଡିକାଲରେ ସ୍ଥାପିତ ହୋଇଥିବା ୯ଟି ଏକ୍‌ମୋ ମେଶିନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଜନସାଧାରଣଙ୍କ ପାଇଁ ଲୋକାର୍ପିତ କରିଛନ୍ତି। ଏହା ହେଉଛି ସମଗ୍ର ପୂର୍ବଭାରତରେ ସବୁଠାରୁ ବଡ଼ ଏକ୍‌ମୋ ୟୁନିଟ୍। ଏହି ବ୍ୟୟବହୁଳ ଚିକିତ୍ସା ବିନା ଖର୍ଚ୍ଚରେ ଯୋଗାଇବାରେ ସମଗ୍ର ଦେଶରେ ସରକାରୀ ସ୍ତରରେ ପ୍ରଥମ ଓ ସର୍ବବୃହତ୍। ଏଥିପାଇଁ ଅଭିଜ୍ଞ ବିଶେଷଜ୍ଞମାନଙ୍କୁ ନିୟୋଜିତ କରାଯାଇଛି। ଚିକିତ୍ସାର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଏହାଦ୍ୱାରା ରୋଗୀ ଓ ସେମାନଙ୍କ ପରିବାର ଉନ୍ନତ ଚିକିତ୍ସା ଏବଂ ଆର୍ଥିକ ଦୃଷ୍ଟିକୋଣରୁ ଆଶ୍ୱସ୍ତ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ଜୀବନ ରକ୍ଷାରେ ଏହି ସେବା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କରୋନାର ଦ୍ୱିତୀୟ ଲହରରେ ଫୁସ୍‌ଫୁସ ରୋଗରେ ଗୁରୁତର ଆକ୍ରାନ୍ତ ହୋଇଥିବା ରୋଗୀମାନଙ୍କ ପାଇଁ ଏକ୍‌ମୋ ଚିକିତ୍ସା ଏକ ଜୀବନ ରକ୍ଷାକାରୀ ବ୍ୟବସ୍ଥା। ଓଡ଼ିଶାରେ ଏହି ସୁବିଧା ବିଶେଷ ନ ଥିବାରୁ ଗୁରୁତର ରୋଗୀମାନଙ୍କୁ ଏୟାରଲିଫ୍ଟ ହୋଇ ଅନ୍ୟ ରାଜ୍ୟକୁ ଯିବାକୁ ପଡୁଥିଲା। ବର୍ତ୍ତମାନ ଏହି ସୁବିଧା କଟକରେ ସରକାରୀ ଭାବରେ ଉପଲବ୍ଧ ହେବାରୁ ଅନେକ ରୋଗୀ ଉପକୃତ ହୋଇପାରିବେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କରୋନାର ଦ୍ୱିତୀୟ ଲହର ସାରା ଦେଶରେ ସାଂଘାତିକ ପରିସ୍ଥିତି ସୃଷ୍ଟି କରିଥିବା ବେଳେ ଆଗୁଆ ଯୋଜନା ଓ ଉପଯୁକ୍ତ ପରିଚାଳନା ଯୋଗୁ ଓଡ଼ିଶାରେ ଆମେ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିପାରିଛୁ। ବିଶେଷଜ୍ଞମାନେ ତୃତୀୟ ଲହର ଏବଂ ଏଥିରେ ପିଲାମାନେ ଅଧିକ ସଂକ୍ରମିତ ହେବାର ଆଶଙ୍କା ପ୍ରକାଶ କରୁଥିବାରୁ ରାଜ୍ୟ ସରକାର ଜିଲାସ୍ତରରେ କୋଭିଡ୍ ହସ୍ପିଟାଲଗୁଡ଼ିକରେ ଶିଶୁ ଚିକିତ୍ସା ଉପରେ ଗୁରୁତ୍ୱ ଦେଇ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରୁଛନ୍ତି। ଆମ ପିଲାମାନେ ଯେପରି କରୋନା ସଂକ୍ରମଣରୁ ସୁରକ୍ଷିତ ରହିବେ, ସେଥିପାଇଁ ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଲକ୍‌ଡାଉନର ନିୟମଗୁଡ଼ିକୁ କୋହଳ କରାଯାଇଥିଲେ ମଧ୍ୟ ସଂକ୍ରମଣର ଆଶଙ୍କା ରହିଛି। ତେଣୁ ଜନସାଧାରଣ ମାସ୍କ ପିନ୍ଧିବା ସହିତ, ହାତ ଧୋଇବା, ଭିଡ଼ରୁ ଦୂରରେ ରହିବା ଆଦି ସମସ୍ତ କୋଭିଡ୍ ନିୟମାବଳୀକୁ ପାଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ ଯେ ଘରୋଇ ଡାକ୍ତରଖାନାରେ ଏକ୍‌ମୋ ଚିକିତ୍ସା ପାଇଁ ସର୍ବନିମ୍ନ ଦଶ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ସ୍ଥଳ ବିଶେଷରେ ଏହା ଆହୁରି ବୃଦ୍ଧି ପାଇଥାଏ। ତେଣୁ ସରକାରୀ ସ୍ତରରେ ଏହି ଉନ୍ନତ ଚିକିତ୍ସା ସୁବିଧା ଗରିବ ତଥା ମଧ୍ୟବିତ୍ତ ଲୋକଙ୍କ ପାଇଁ ବିଶେଷ ଉପଯୋଗୀ ହେବ ବୋଲି ଆଶା କରିଛନ୍ତି।

କଟକରୁ ଫେରିବା ବାଟରେ ମୁଖ୍ୟମନ୍ତ୍ରୀ ତାଳଦଣ୍ଡା କେନାଲ ଓ ଏହାର ଦୁଇପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ବ୍ୟବସ୍ଥା ବୁଲି ଦେଖି ସନ୍ତୋଷ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ତାଳଦଣ୍ଡା କେନାଲର ସୌନ୍ଦର୍ଯ୍ୟକରଣ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଯୋବ୍ରା ବ୍ୟାରେଜ ଛକ ନିକଟ ଆଇ ଲଭ୍ କଟକ ସେଲ୍‌ଫି ପଏଣ୍ଟରେ ମୁଖ୍ୟମନ୍ତ୍ରୀ ଫଟୋ ଉଠାଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମନ୍ତ୍ରୀ ନବକିଶୋର ଦାସ, ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ ପ୍ରଶାନ୍ତ ବେହେରା, ସୌଭିକ୍ ବିଶ୍ୱାଳ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ, ଜିଲାପାଳ ଭବାନୀ ଶଙ୍କର ଚୟନୀ, କଟକ ମହାନଗର ନିଗମ କମିଶନର ଅନନ୍ୟା ଦାସ, ଡିଏମ୍‌ଇଟି ଡା. ସିବିକେ ମହାନ୍ତି, ଡିନ୍ ଡା. ଦଣ୍ଡେଶ୍ୱର ହୋତା, ଏସ୍‌ସିବି ମେଡିକାଲ ଅଧିକ୍ଷା ଲୁସି ଦାସ, ହୃଦ୍‌ବକ୍ଷ ବିଭାଗ ମୁଖ୍ୟ ଡା. ମନୋଜ ପଟ୍ଟନାୟକ, ମନୋରଞ୍ଜନ ପଟ୍ଟନାୟକ, ଡା. ଜୟନ୍ତ ପଣ୍ଡା, ଡିସିପି ପ୍ରତୀକ୍ ସିଂ, ଜିଲାପରିଷଦ ସଭାପତି ଜ୍ୟୋତିରେଖା ନାୟକଙ୍କ ସମେତ ଜିଲା ପ୍ରଶାସନର ଅଧିକାରୀ ଉପସ୍ଥିତ ଥିଲେ। ଏସ୍‌ସିବି ମେଡିକାଲର କାର୍ଡିଓଥୋରାସିସ୍ ଆଣ୍ଡ ଭାସ୍କୁଲାର ସର୍ଜରୀ ବିଭାଗରେ ମୋଟ୍ ୯ଟି ଏକ୍‌ମୋ ମେଶିନ ପର୍ଯ୍ୟାୟକ୍ରମେ ବିଦେଶରୁ ଅଣାଯାଇ ଲଗାଯାଇଛି। ସେଥିମଧ୍ୟରୁ ୬ଟି ଏକ୍‌ମୋ ମେଶିନ ୱାର୍ଡରେ ସ୍ଥାପନ କରାଯାଇଛି। କୋଭିଡ୍ ପରବର୍ତ୍ତୀ ଫୁସ୍‌ଫୁସ୍ ଓ ହୃତ୍‌ପିଣ୍ଡର ଜଟିଳତା ପାଇଁ ଏହା ବ୍ୟବହାର କରାଯିବ। ସେହିପରି ଆଇସୋଲେଶନ ସେଣ୍ଟରରେ ରଖାଯାଇଥିବା ୩ଟି ମେଶିନ କୋଭିଡ୍ ରୋଗୀଙ୍କ କ୍ଷେତ୍ରରେ ବ୍ୟବହାର କରାଯିବ। ଏହି ୟୁନିଟ ପରିଚାଳନା ନିମନ୍ତେ ୨ଟି ଟିମ୍ ପ୍ରଶିକ୍ଷଣ ପାଇଁ କୋଲକାତା ଯାତ୍ରା କରିଥିଲେ।

ଏସ୍‌ସିବିମେଡିକାଲର କାର୍ଡିଓଥୋରାସିସ୍ ଆଣ୍ଡ ଭାସ୍କୁଲାର ସର୍ଜରୀ ବିଭାଗ ମୁଖ୍ୟ ଡା. ମନୋଜ ପଟ୍ଟନାୟକ କହିଛନ୍ତି, ଏସ୍‌ସିବିରେ ଯେଉଁ ୯ଟି ଏକ୍‌ମୋ ମେଶିନ ଲଗାଯାଇଛି ତାହା ବିଶ୍ୱରେ ସର୍ବୋତ୍କୃଷ୍ଟ। ଏକ୍‌ମୋ ଏକ ଜୀବନ ରକ୍ଷାକାରୀ ମେଶିନ। କରୋନାରେ ସାଧାରଣତଃ ଫୁସ୍‌ଫୁସ ଓ ହୃତ୍‌ପିଣ୍ଡ ସଂକ୍ରମିତ ହେଉଛି। ଏହି ମେଶିନ ଉଭୟ ଫୁସ୍‌ଫୁସ ଓ ହୃତ୍‌ପିଣ୍ଡ ସଂକ୍ରମଣ କାରଣରୁ ଅକାମୀ ହେଲେ କାର୍ଯ୍ୟ କରିଥାଏ। ଏହି ମେଶିନ ଦ୍ୱାରା ଫୁସ୍‌ଫୁସ ଓ ହୃତ୍‌ପିଣ୍ଡର କାର୍ଯ୍ୟକୁ ୧୪ରୁ ୨୧ ଦିନ ପର୍ଯ୍ୟନ୍ତ କରାଯାଇପାରିବ। ସେହିପରି ହୃତ୍‌ପିଣ୍ଡ ଅକାମୀ ହେଲେ ୩୦ରୁ ୩୫ ଦିନ ପର୍ଯ୍ୟନ୍ତ ଏହି ମେଶିନ ସାହାଯ୍ୟରେ କାର୍ଯ୍ୟ ସମ୍ପାଦନ କରାଯାଇ ପାରିବ। ଏହି ୩୦ରୁ ୩୫ ଦିନ ମଧ୍ୟରେ ହୃତ୍‌ପିଣ୍ଡ କାର୍ଯ୍ୟକ୍ଷମ କିମ୍ବା ନୂତନ ହୃତ୍‌ପିଣ୍ଡ ପ୍ରତିରୋପଣ ହେବା ଆବଶ୍ୟକ ବୋଲି ସେ କହିଛନ୍ତି।

# ଭିଜିଲାନ୍ସ ଜାଲରେ କିରାଣି

ସମ୍ବଲପୁର,୨୭।୮(ବ୍ୟୁରୋ)



ନରସିଂହ ଗଡତିଆ

ସମ୍ବଲପୁର ଭିଜିଲାନ୍ସ ଟିମ୍ ହାତରେ ଶୁକ୍ରବାର ଧରାପଡିଛନ୍ତି ଚିପିଲିମା ମେଷ ପ୍ରଜନନ କେନ୍ଦ୍ରର କନିଷ୍ଠ କିରାଣି ନରସିଂହ ଗଡତିଆ। ତାଙ୍କଠାରୁ ୫ ହଜାର ଟଙ୍କା ଜବତ ହୋଇଛି। ଏ ନେଇ ଏକ ମାମଲା ରୁଜୁ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା କ୍ରମେ ଏକ ଫାଇଲରେ ଦସ୍ତଖତ କରିବାକୁ କିରାଣି ଗଡତିଆ ଅଶୋକ କୁମ୍ଭାରଙ୍କଠାରୁ ୫ ହଜାର ଟଙ୍କା ଦାବି କରିଥିଲେ। ଏ ନେଇ ଅଶୋକ ଭିଜିଲାନ୍ସ ଅଫିସରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା କ୍ରମେ ଶୁକ୍ରବାର ଭିଜିଲାନ୍ସ ଟିମ୍ ସଦସ୍ୟ ଚିପିଲିମା ତାଲିମ କେନ୍ଦ୍ରରେ ଲୁଚିରହିଥିଲେ। ଗଡତିଆ ରାସାୟନିକ ପ୍ରଲେପଦିଆ ଟଙ୍କା ଅଶୋକଙ୍କଠାରୁ ଟଙ୍କା ନେବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

RMC PVT. LTD.
A well established construction company in Bhubaneswar urgently requires.
1. ACCOUNTS MANAGER (B.Com.): 3-5 years experience.
2. ACCOUNTANT (B.Com.): 2-5 years experience.
3. DEGREE ENGINEER (Civil): 12 years experience.
4. DEGREE ENGINEER (Electrical): 5-10 years experience.
5. DIPLOMA ENGINEER: 5-10 years experience.
6. MARKETING MANAGER (MBA): 5-10 years experience.
7. SUPERVISOR:5-10 years exp.
Contact: 9337469627 6371761144
E-mail: rmcpl.hr@gmail.com

WANTED
ସିଙ୍ଗାପୁର (SINGAPORE)
ରକ୍ଷଣା ବେକ୍ଷଣ କମ୍ପାନୀ ସମସ୍ତ ପ୍ରକାରର ନିର୍ମାଣ କାମ ଯେପରିକି ଶ୍ରମିକ, ରୋଷେଇ, ସିକ୍ୟୁରିଟି ଗାର୍ଡ, ଅଫିସ୍ ଆସିଷ୍ଟାଣ୍ଟ, ପିଅନ, ଡ୍ରାଇଭର, ହେଲପର ଇତ୍ୟାଦି (ଭଲ ବେତନ, ଭଲ ସୁବିଧା। ଭାରତୀୟ ପରିଚାଳନା କମ୍ପାନୀ, ଗ୍ୟାରେଣ୍ଟି ସହିତ ପଠେଇବା)
କମଲ ପ୍ଲେସ୍‌ମେଣ୍ଟ ସୁରଟ, ଗୁଜୁରାଟ
9157312448, 9104103242, 9157012447

WANTED
Need ACCOUNTANT and result oriented MARKETING EXECUTIVE for medical equipments sector.
Vaishnodevi Healthcare Pvt.Ltd.
Contact : 8917526665
Email : infovaishnodhpl@gmail.com

ADMIN HEAD, PROJECT HEAD, SR. ACCOUNTANT, MARKETING, EXCEL EXPERT, LABOUR CONTRACTOR, RECOVERY AGENT, SUPERVISOR, TELE-CALLER, DRIVER
FOR PRE-CAST MANUFACTURING UNIT
TWO-WHEELER MUST; ALL ODISHA
CONTACT: 8328824805/7008189146

# ମାର୍ବଲ ତଳେ ଚାପି ହୋଇ ୨ଶ୍ରମିକ ମୃତ



ଟ୍ରକ୍ ମଧ୍ୟରେ ଚାପି ହୋଇଥିବା ଶ୍ରମିକଙ୍କୁ ଉଦ୍ଧାର କରାଯାଉଛି।

### କ୍ଷତିପୂରଣ ଦାବିରେ ମୃତଦେହ ରଖି ଜାତୀୟ ରାଜପଥ ଅବରୋଧ

ବୌଦ୍ଧ,୨୭।୮(ସ୍ୱ.ପ୍ର.)

ବୌଦ୍ଧ ସହରରେ ଟ୍ରକ୍‌ରୁ ମାର୍ବଲ ଓହ୍ଲାଇବାବେଳେ ଚାପି ହୋଇ ଶୁକ୍ରବାର ଦୁଇ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ କ୍ଷତିପୂରଣ ଦାବିରେ ଲୋକେ ମୃତଦେହ ରଖି ୫୭ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ସକାଳ ପ୍ରାୟ ୯ଟାରେ ବ୍ୟବସାୟୀ ଶମ୍ଭୁପ୍ରସାଦ ଅଗ୍ରୱାଲାଙ୍କ ଘର ନିର୍ମାଣ ପାଇଁ ଏକ ଟ୍ରକରେ ମାର୍ବଲ ଆସିଥିଲା। ଏହାକୁ ଓହ୍ଲାଉଥିବାବେଳେ ଦୁଇ ଶ୍ରମିକ ବୌଦ୍ଧ ବାପୁଜୀନଗରର ପଞ୍ଚାନନ ନାଏକ ଓ ଅନୁଗୋଳ ଜିଲା ଆଠମଲ୍ଲିକ ମହେନ୍ଦ୍ରପୁର ଗ୍ରାମର ବିଶ୍ୱାମିତ୍ର ଦେହୁରୀ ମାର୍ବଲରେ ଚାପି ହୋଇଯାଇଥିଲେ। ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ଘଟିଥିଲା। ବୌଦ୍ଧ ପୋଲିସ, ଅଗ୍ନିଶମ କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ଦୀର୍ଘ ୩ଘଣ୍ଟା ଉଦ୍ୟମ କରିଥିଲେ। ଟ୍ରକ୍ ଭିତରେ ମାର୍ବଲ ମଝିରେ ଚାପି ହୋଇଥିବା ଦୁଇ ଶ୍ରମିକଙ୍କ ମୃତଦେହକୁ ଉଦ୍ଧାର କରିପାରି ନ ଥିଲେ। ଶେଷରେ ଜେସିବି ସାହାଯ୍ୟରେ ଟ୍ରକ୍‌ର ଡାଲା ଭାଙ୍ଗି ମାର୍ବଲ କଢାଯିବା ପରେ ମୃତଦେହ ଉଦ୍ଧାର କରାଯାଇଥିଲା। ଉଭୟ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୋଲିସ ସ୍ଥାନାନ୍ତର କରୁଥିବା ସମୟରେ ବାପୁଜୀନଗରର ବାସିନ୍ଦା ଉତ୍ତ୍ୟକ୍ତ ହୋଇଥିଲେ। ଶ୍ରମିକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦାବିରେ ମୃତଦେହ ରଖି ୫୭ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ପୋଲିସ ପକ୍ଷରୁ ଗାଡ଼ିମାଲିକ ଓ ଘର ମାଲିକଙ୍କୁ ଡାକି ଥାନାରେ ଆଲୋଚନା ହୋଇଥିଲା। ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯିବାକୁ ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତା ଅବରୋଧ ହଟିଥିଲା।

# ଜୁଡ଼ିଆ ଘାଟିରୁ ଖସୁଛି ଅତଡ଼ା

କେନ୍ଦୁଝର,୨୭।୮(ଡି.ଏନ.ଏ.)

କେନ୍ଦୁଝର ସହର ନିକଟସ୍ଥ ଜୁଡ଼ିଆ ଘାଟି ରାସ୍ତା ପାର୍ଶ୍ୱ ପାହାଡ଼ରୁ ପଥର ଓ ମାଟି ଅତଡ଼ା ଖସୁଥିବାରୁ ପଥଚାରୀ ଏବଂ ଗାଡ଼ିମଟର ପାଇଁ ବିପଦ ସୃଷ୍ଟି କରିଛି। ଗତ ଜୁଲାଇ ୩୦ ତାରିଖ ଅପରାହ୍ଣରେ ଏକ ବଡ଼ ପଥର ଖସିବାରୁ ଗୋଟିଏ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗାଡ଼ିରେ ଥିବା ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଥିବାବେଳେ ହେଲପର ସାମାନ୍ୟ ଆହତ ହୋଇଥିଲେ। ମଝି ରାସ୍ତାରେ ପଥରଟି ପଡ଼ି ରହିବାରୁ ଗୋଟିଏ ଲେନରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ପାହାଡ଼ ଧସିବା ଫଳରେ ଲୋକେ ଭୟଭୀତ ହୋଇ ପଡ଼ିଥିଲେ। ପାହାଡ଼ରେ ବାଲିଆ ମାଟି ରହିଥିବାରୁ ବର୍ଷା ହେଲେ ଅତଡ଼ା ଓ ବଡ଼ ବଡ଼ ପଥର ଖସି ପଡୁଛି। ବର୍ଷା ସମୟରେ ଉକ୍ତ ରାସ୍ତା ଦେଇ ଯାତାୟାତ କରିବାକୁ ଲୋକେ ଭୟ କରୁଛନ୍ତି। ୪୯ନଂ. ଜାତୀୟ ରାଜପଥରେ ଥିବା ଜୁଡିଆ ଘାଟି କଟା ଏବଂ ରାସ୍ତା ନିର୍ମାଣ କାମ ସରିଗଲାଣି। ରାସ୍ତା ସମ୍ପ୍ରସାରଣ କାମ ଠିକା ନେଇଥିବା କମ୍ପାନୀ ଘାଟି କାମ ଶେଷ କରିଲେଣି। ଗାର୍ଡୱାଲ ନିର୍ମାଣ ଏବଂ ପଥର ଜାଲି ଦିଆଯିବା ସତ୍ତ୍ୱେ ଅନେକ ସ୍ଥାନରେ ମାଟି ଅତଡ଼ା ଏବଂ ପଥର ଖସୁଛି। ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ହେବ ଲଗାଣ ବର୍ଷା ସମୟରେ ଭୁସ୍ଖଳନ ହେଉଛି। ଜୁଡ଼ିଆ ପାହାଡ଼ ଟୀଖ ଥିବାରୁ ରାସ୍ତା ସମ୍ପ୍ରସାରଣ ପରେ ବାରମ୍ବାର ଏପରି ଘଟୁଥିବା ଜଣାପଡ଼ିଛି। ଏହାର ସ୍ଥାୟୀ ପ୍ରତିକାର ପାଇଁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଦାବି ହେଉଛି।



ପାହାଡ଼ରୁ ଖସି ପଡ଼ିଥିବା ମାଟି ଅତଡ଼ା ଓ ପଥର।

APPOINTMENT
We are a leading Organization in the field of Import Export Business requires the below professionals urgently.
1. Sales Executive. (Male)
Qualification – Graduate in any discipline.
Experience – 02 years experience in retail sales with computer knowledge. Candidate having knowledge in four wheeler driving will be preferred.
2. Office boy-cum-Driver. (Male)
Qualification - +2 in any discipline & above.
Experience – 02 year experience in similar field.
3. Care taker. (Female) (In MD's Residence)
Qualification - +2 in any discipline or Diploma in Hotel Management (Housekeeping).
Experience/ Training in similar field will be preferred.
*Accommodation will provide for Post No.1 & 2.*
Contact us before dt.01/09/2021 :
E-mail: paradipexports2020@gmail.com
Mobile 7608869899

P. G. CENTRAL OFFICE
UTKAL UNIVERSITY
VANI VIHAR, BHUBANESWAR-751004
NOTIFICATION

With reference to the advertisement dated 13.08.2021 in **The Samaj**, **The Dharitri**, **The Sambad** and **The Times of India**, the last date of submission of online application form for admission into Sponsored Courses for the session 2021-22 is extended up to **03.09.2021**. For Entrance Date please visit our website **www.utkaluniversity.nic.in**

Sd/- Chairman, P.G. Council

# ପଞ୍ଜୀକରଣ କଲେ ୫ ପ୍ରତିଶତ ଅଧିକ ଚାଷୀ

ଭୁବନେଶ୍ୱର, ୨୭।୮(ବ୍ୟୁରୋ): ୨୦୨୧ ଖରିଫ ଧାନ ସଂଗ୍ରହ ନିମନ୍ତେ ରାଜ୍ୟ ସରକାର ରଖିଥିବା ଚାଷୀଙ୍କ ପଞ୍ଜୀକରଣ ସମୟସୀମା ଅଗଷ୍ଟ ୨୩ରୁ ଶେଷ ହୋଇଛି। ଏଥର ରାଜ୍ୟରେ ମୋଟ ୧୫ ଲକ୍ଷ ୭୪ ହଜାର ୩୦୮ ଜଣ ଚାଷୀ ଧାନ ବିକ୍ରି ପାଇଁ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ଗତ ଖରିଫରେ ୧୪ ଲକ୍ଷ ୯୯ ହଜାର ୬୬୧ ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ତେଣୁ ଚଳିତ ବର୍ଷ ପୂର୍ବାପେକ୍ଷା ପ୍ରାୟ ୫ ପ୍ରତିଶତ ଅଧିକ ଅର୍ଥାତ୍ ୭୫ ହଜାରରୁ ଊର୍ଦ୍ଧ୍ୱ ଚାଷୀ ସେମାନଙ୍କ ଖରିଫ ଧାନ ବିକ୍ରି ନିମନ୍ତେ ସୋସାଇଟିରେ ନାମ ପଞ୍ଜୀକରଣ କରିଛନ୍ତି। ଚଳିତବର୍ଷ ଏହି ପ୍ରକ୍ରିୟା ଯେପରି ନିର୍ଭୁଲ ହେବ ତାହା ଉପରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗୁରୁତ୍ୱାରୋପ କରିଥିବା ବେଳେ ଚାଷୀମାନଙ୍କ ସୁବିଧା ନିମନ୍ତେ ପ୍ରତ୍ୟେକ ସୋସାଇଟିରେ ହେଲ୍ପଡେସ୍କ ବ୍ୟବସ୍ଥା କରାଯାଇଥିଲା। ନାମ ପଞ୍ଜୀକରଣ ଶେଷ ହୋଇଥିବାରୁ ଏ ସମ୍ପର୍କିତ ଆପତ୍ତି ଅଭିଯୋଗର ତୁରନ୍ତ ଶୁଣାଣି ଓ ସମାଧାନ ନିମନ୍ତେ ମନ୍ତ୍ରୀ ସ୍ୱାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଚାଷୀମାନେ ଧାନଚାଷ ସମ୍ପର୍କରେ ଦେଇଥିବା ତଥ୍ୟକୁ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ସହିତ ୭ଟି ଜିଲାରେ ସାଟେଲାଇଟ୍ ଇମେଜ୍ ମାଧ୍ୟମରେ ଯାଞ୍ଚ କରାଯାଉଛି।

# କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ଘୋଷଣା

### ୨୦୧୯ ପାଇଁ ଅନନ୍ତ ମହାପାତ୍ର, ୨୦୨୦ରେ କୁମ୍‌କୁମ୍ ମହାନ୍ତି

- ଅନ୍ୟ ୧୫ ବର୍ଗରେ ମିଳିବ ଏକାଡେମୀ ସମ୍ମାନ
- ୩୦ ତାରିଖ ସ୍ୱତନ୍ତ୍ର ଉତ୍ସବରେ ପ୍ରଦାନ କରାଯିବ



ଅନନ୍ତ ମହାପାତ୍ର



କୁମ୍‌କୁମ୍ ମହାନ୍ତି

ଭୁବନେଶ୍ୱର, ୨୭।୮(ବ୍ୟୁରୋ)

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ତରଫରୁ ଦୁଇବର୍ଷ ପାଇଁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ଘୋଷଣା କରାଯାଇଛି। ଅଭିନୟ ଓ ନିର୍ଦ୍ଦେଶନା କ୍ଷେତ୍ରରେ ଜୀବନବ୍ୟାପୀ ଅବଦାନ ଲାଗି ୨୦୧୯ ମସିହା ପାଇଁ ଅନନ୍ତ ମହାପାତ୍ରଙ୍କୁ ଓ ୨୦୨୦ ପାଇଁ ଓଡ଼ିଶୀନୃତ୍ୟ ବିଶାରଦ ତଥା ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କ ନାମ ମନୋନୀତ କରାଯାଇଛି। ଏ ନେଇ ଶୁକ୍ରବାର ସଂସ୍କୃତି ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏକାଡେମୀ ସଭାପତି ପଦ୍ମଶ୍ରୀ ଅରୁଣା ମହାନ୍ତି ଘୋଷଣା କରିଛନ୍ତି।

ଏଥିସହିତ ଅନ୍ୟ ୧୫ଟି ବର୍ଗରେ ଏକାଡେମୀ ସମ୍ମାନ ଘୋଷଣା କରାଯାଇଛି। ହିନ୍ଦୁସ୍ଥାନୀ କଣ୍ଠସଙ୍ଗୀତ ବର୍ଗରେ ୨୦୧୯ ପାଇଁ ଡ. ରଘୁନାଥ ସାହୁ ଓ ୨୦୨୦ ପାଇଁ ବନ୍ଦିତା ରାୟଙ୍କୁ 'ସୁନନ୍ଦା ସମ୍ମାନ' ଏବଂ ଗୀତିକବିତା ବର୍ଗରେ ୨୦୧୯ ପାଇଁ ବିନୋଦ କୁମାର ପଶାୟତ ଓ ୨୦୨୦ ପାଇଁ ଅଲେଖ ଚନ୍ଦ୍ର ପଢ଼ିହାରୀଙ୍କୁ 'ସାରଦା ପ୍ରସନ୍ନ ସମ୍ମାନ' ଦିଆଯିବ। ସେହିପରି ୨୦୧୯ ବର୍ଷ ନିମନ୍ତେ ଅଭିନୟ ପାଇଁ ନବକିଶୋର ଆଚାର୍ଯ୍ୟ ଓ ମମତା ମହାନ୍ତି, ନାଟ୍ୟ ରଚନା ପାଇଁ ସୁଧାକର ନନ୍ଦ, ନିର୍ଦ୍ଦେଶନା ପାଇଁ ହରିହର ମିଶ୍ର, ମଞ୍ଚକଳା ପାଇଁ ପ୍ରଭାସ ଚନ୍ଦ୍ର ମିଶ୍ର, ଲୋକସଙ୍ଗୀତ ପାଇଁ ରାଧାଶ୍ୟାମ ସାହୁଶର୍ମା, ଲୋକବାଦ୍ୟ ପାଇଁ ଶଙ୍କର ପ୍ରଧାନ, ଲୋକନୃତ୍ୟ ପାଇଁ କାଳୁଚରଣ ସାହୁ, ଲୋକନାଟ୍ୟ ପାଇଁ କଣ୍ଠ ଗୌଡ଼, ଯନ୍ତ୍ର ସଙ୍ଗୀତ (ଆନନ୍ଦ ତାଳ) ପାଇଁ ଡ. ଜଗନ୍ନାଥ କୁଅଁର, ଯନ୍ତ୍ର ସଙ୍ଗୀତ (ତାରବାଦ୍ୟ) ପାଇଁ କୈଳାସ ଚନ୍ଦ୍ର ପାତ୍ର, ଓଡ଼ିଶୀନୃତ୍ୟ ପାଇଁ ରତିକାନ୍ତ ମହାପାତ୍ର, ଓଡ଼ିଶୀ କଣ୍ଠ ସଙ୍ଗୀତ ପାଇଁ ଚନ୍ଦ୍ରମଣି ଲେଙ୍କା, ସୁଗମ ସଙ୍ଗୀତ ପାଇଁ ତାନ୍‌ସେନ୍ ସିଂଙ୍କୁ ସମ୍ମାନିତ କରାଯିବାକୁ ମନୋନୀତ କରାଯାଇଛି।

୨୦୨୦ ନିମନ୍ତେ ଅଭିନୟ ପାଇଁ ସୁଶୀଳା ନାୟାର ଏବଂ ବିଜୟ କୁମାର ପଟ୍ଟନାୟକ, ନାଟ୍ୟ ରଚନା ପାଇଁ ଭାସ୍କର ଚନ୍ଦ୍ର ମହାପାତ୍ର, ନିର୍ଦ୍ଦେଶନା ପାଇଁ ସୁବୋଧ ପଟ୍ଟନାୟକ, ମଞ୍ଚକଳା ପାଇଁ ପ୍ରଭାତ ମହାରଣା, ଲୋକସଙ୍ଗୀତ ପାଇଁ ନବୀନ କିଶୋର କୁଅଁର, ଲୋକବାଦ୍ୟ ପାଇଁ କିଶୋର ଚନ୍ଦ୍ର ପ୍ରଧାନ, ଲୋକନୃତ୍ୟ ପାଇଁ ନାରାୟଣ ମହାରଣା, ଲୋକନାଟ୍ୟ ପାଇଁ ନିର୍ମଳ ଚନ୍ଦ୍ର ରାଉତ, ଯନ୍ତ୍ର ସଙ୍ଗୀତ(ଆନନ୍ଦ ବାଦ୍ୟ) ପାଇଁ ଶରତ କୁମାର ପାଣି, ଯନ୍ତ୍ର ସଙ୍ଗୀତ(ସୁଶୀର ବାଦ୍ୟ) ପାଇଁ ନିତ୍ୟାନନ୍ଦ ମହାପାତ୍ର, ଓଡ଼ିଶୀ ନୃତ୍ୟ ପାଇଁ ଗଜେନ୍ଦ୍ର ପଣ୍ଡା, ଓଡ଼ିଶୀ କଣ୍ଠ ସଙ୍ଗୀତ ପାଇଁ ରଘୁନାଥ ପାତ୍ର, ସୁଗମ ସଙ୍ଗୀତ ପାଇଁ ବିଭୁଧେନ୍ଦ୍ର ଦାସଙ୍କୁ ଏକାଡେମୀ ପକ୍ଷରୁ ସମ୍ମାନିତ କରାଯିବ।

ଆସନ୍ତା ୩୦ ତାରିଖରେ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ପାଇଁ ମାନପତ୍ର, ଉପଢୌକନ, କୃତିଫଳକ ଓ ୫ ଲକ୍ଷ ଟଙ୍କାର ଅର୍ଥ ପୁରସ୍କାର ମିଳିବ। 'ସୁନନ୍ଦା ସମ୍ମାନ' ଓ 'ସାରଦା ପ୍ରସନ୍ନ ସମ୍ମାନ' ପାଇଁ ଅଢ଼େଇ ଲକ୍ଷ ଟଙ୍କା ଏବଂ ଅନ୍ୟାନ୍ୟ ପୁରସ୍କାର ବାବଦକୁ ୨ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ ବୋଲି ଏକାଡେମୀ ସଚିବ ପ୍ରବୋଧ ରଥ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଏକାଡେମୀ ଉପସଭାପତି ମନ୍ମଥ ଶତପଥୀ ଉପସ୍ଥିତ ଥିଲେ।

ଓଡ଼ିଶା ସରକାର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ବିଜ୍ଞାପନ

## ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା-୨୦୧୮ ଅନୁଯାୟୀ ଆର୍ଥିକ ସହାୟତା ନିମନ୍ତେ ଆବେଦନ

**No. RR-10:-** ରାଜ୍ୟ ସରକାର କଳାର ସମୃଦ୍ଧି ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ମାନ୍ୟତାପ୍ରାପ୍ତ ଅଭିଜ୍ଞ ତଥା ପ୍ରତିଷ୍ଠିତ ଏବଂ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ଥିବା କଳାକାରମାନଙ୍କୁ ବରିଷ୍ଠତା ଭିତ୍ତିରେ ମାସିକ ୧୨୦୦ (ବାରଶତ) ଟଙ୍କା ହାରରେ ଆର୍ଥିକ ସହାୟତା ପ୍ରଦାନ କରିବା ନିମନ୍ତେ 'ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା – ୨୦୧୮' ପ୍ରଚଳନ କରିଛନ୍ତି । ଉକ୍ତ ଯୋଜନାରେ ରାଜ୍ୟର ଅନ୍ୟୁନ ୫୦,୦୦୦ (ପଚାଶ ହଜାର) କଳାକାରଙ୍କୁ ସାମିଲ କରିବା ନିମନ୍ତେ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିଲେ । ତେଣୁ ବିଭିନ୍ନ ଜିଲ୍ଲାରେ ସମ୍ପୃକ୍ତ ଯୋଜନାରେ ଅଦ୍ୟାବଧି ଖାଲି ପଡ଼ିଥିବା ସ୍ଥାନଗୁଡ଼ିକରେ ହିତାଧିକାରୀ ଚୟନ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିବା ନିମନ୍ତେ ସ୍ଥିର କରିଛନ୍ତି । ଏହି ଯୋଜନାରେ ଆର୍ଥିକ ସହାୟତା ପାଇବା ପାଇଁ ସମ୍ପୃକ୍ତ କଳାକାରଙ୍କ ବୟସ ପୁରୁଷମାନଙ୍କ କ୍ଷେତ୍ରରେ ସର୍ବନିମ୍ନ ୫୦ (ପଚାଶ) ବର୍ଷ ଏବଂ ମହିଳାମାନଙ୍କ କ୍ଷେତ୍ରରେ ସର୍ବନିମ୍ନ ୪୦ (ଚାଳିଶ) ବର୍ଷ ହୋଇଥିବା ଆବଶ୍ୟକ । ଗ୍ରାମାଞ୍ଚଳରେ ବସବାସ କରୁଥିବା କଳାକାରମାନଙ୍କ କ୍ଷେତ୍ରରେ ବାର୍ଷିକ ଆୟ ଟ.୫୦,୦୦୦/– (ପଚାଶ ହଜାର ଟଙ୍କା) ଏବଂ ସହରାଞ୍ଚଳରେ ବାସ କରୁଥିବା କଳାକାରମାନଙ୍କ କ୍ଷେତ୍ରରେ ବାର୍ଷିକ ଆୟ ଟ.୬୦,୦୦୦/– (ଷାଠିଏ ହଜାର ଟଙ୍କା)ରୁ ଅଧିକ ହୋଇ ନ ଥିବା ବିଧେୟ । ଏହି ଯୋଜନାରେ ଆର୍ଥିକ ସହାୟତା ପାଇବା ନିମନ୍ତେ ଇଚ୍ଛୁକ କଳାକାର ନିର୍ଦ୍ଧାରିତ ଫର୍ମ (ସାରଣୀ)ରେ ନିଜ ବିଷୟରେ ଆବଶ୍ୟକୀୟ ତଥ୍ୟ ପୂରଣ କରି ପୂର୍ଣ୍ଣାଙ୍ଗ ଦରଖାସ୍ତ ନିଜ ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠିକଣାରେ ବ୍ୟକ୍ତିଗତ ଭାବେ / ଡାକ ଦ୍ୱାରା / ଜିଲ୍ଲାପାଳଙ୍କ ଇ–ମେଲ୍ ମାଧ୍ୟମରେ ଅକ୍ଟୋବର ୩୦ (୩୦.୧୦.୨୦୨୧) ତାରିଖ ସୁଦ୍ଧା ପଠାଇବା ଆବଶ୍ୟକ । ଦରଖାସ୍ତ ସହିତ ଆବଶ୍ୟକ ସମସ୍ତ ପ୍ରମାଣପତ୍ରର ସ୍ୱପ୍ରମାଣିକୃତ ନକଲ ସଂଲଗ୍ନ କରିବା ବିଧେୟ ।

ସଠିକ୍ ଫର୍ମ (ସାରଣୀ)ରେ ପୂରଣ ହୋଇ ନ ଥିବା/ ନିର୍ଦ୍ଧାରିତ ସମୟସୀମା ପରେ ମିଳିଥିବା ଦରଖାସ୍ତଗୁଡ଼ିକ ବିଚାରକୁ ନିଆଯିବ ନାହିଁ । ଯେଉଁ କଳାକାରମାନେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବା ପୂର୍ବରୁ ଆର୍ଥିକ ସହାୟତା ନିମନ୍ତେ ଆବେଦନ କରିଥିବେ, ସେମାନେ ବିଜ୍ଞାପନରେ ଉଲ୍ଲେଖଥିବା ଅବଧି ମଧ୍ୟରେ ନିର୍ଦ୍ଧାରିତ ଫର୍ମ (ସାରଣୀ)ରେ ନିଜ କଳାକାର ସମ୍ପର୍କିତ ସମସ୍ତ ତଥ୍ୟ ସହ ପୁନଃ ଆବେଦନ କରିପାରିବେ । 'ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା'ର ବିବରଣୀ/ନିୟମ/ଆବେଦନ ଫର୍ମ (ସାରଣୀ) ସହିତ ସମସ୍ତ ତଥ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ୱେବ୍‌ସାଇଟ: (**www.odishaculture.gov.in**)ରେ ଏବଂ ଜିଲ୍ଲାପାଳ ଓ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ।

**ସ୍ୱା./- ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ**
OIPR-03001/11/0006/2122 **ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**

"ମନୁଷ୍ୟକୁ ଚେତନାର ଏକ ଉଚ୍ଚତର ସ୍ତରକୁ ଉଠିଯିବାକୁ ହେବ। ତା'ହେଲେ ଯାଇ ସେ ତା'ର ଅଜ୍ଞାନ ଭିତରୁ – ସଂକୀର୍ଣ୍ଣ ସୀମାର ଘେର ଭିତରୁ –ସ୍ୱାର୍ଥପରତା ଭିତରୁ ଏବଂ ଏପରି କି ତା'ର ଦୁଃଖ ଯନ୍ତ୍ରଣା ଭିତରୁ ମୁକ୍ତି ପାଇ ପାରିବ। –ଶ୍ରୀମା



# ପ୍ରଶିକ୍ଷଣରେ ପରିବର୍ତ୍ତନ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମଶୌରିସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ନ୍ୟାଶ୍‌ନାଲ ଏକାଡେମୀ ଅଫ୍ ଆଡ୍‌ମିନିଷ୍ଟ୍ରେଶନ୍‌ର ନୂଆ ନିର୍ଦ୍ଦେଶକ କଟିକିଥାଲା ଶ୍ରୀନିବାସ ଏବେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବେ। ଏହି ଦାୟିତ୍ୱ ତାଙ୍କ ପାଇଁ ସମ୍ପୂର୍ଣ୍ଣ ନୂଆ। ଚଳିତ ବର୍ଷ ଅକ୍ଟୋବରରେ ମଶୌରି କେନ୍ଦ୍ରରେ ପ୍ରଥମେ ଆଇଏଏସ୍ ଅଧିକାରୀମାନଙ୍କ ସହ ଅଣ ଆଇଏଏସ୍ ଅଧିକାରୀମାନେ ଏକ ବନ୍ଧୁତ୍ୱପୂର୍ଣ୍ଣ ପରିବେଶରେ ମିଡ୍ କ୍ୟାରିୟର ଟ୍ରେନିଂ ବା ପ୍ରଶିକ୍ଷଣ ନେବା ଦେଖିବାକୁ ମିଳିବ। 'ମିଶନ୍ କର୍ମଯୋଗୀ' ଯୋଜନାରେ ସେମାନେ ଏହି ପ୍ରଶିକ୍ଷଣ ନେବେ। ନିକଟରେ ଆଇଆର୍‌ଏସ୍, ଆଇଆର୍‌ଟିଏସ୍ ଏବଂ ଆଇଆର୍‌ପିଏସ୍ କ୍ୟାଡରର ୨୬ ଜଣ ଅଧିକାରୀଙ୍କୁ ଯୁଗ୍ମ ସଚିବ କିମ୍ବା ତତ୍ତୁଲ୍ୟ ପଦବୀରେ ନିଯୁକ୍ତି ଦେବା ଲାଗି ଏକ ତାଲିକା ପ୍ରସ୍ତୁତ କରାଯାଇଛି। ଏହା ଆଇଏଏସ୍‌ଙ୍କ ସହ ଅନ୍ୟ ସର୍ବ ଭାରତୀୟ କ୍ୟାଡରଗୁଡ଼ିକର ଏକ କ୍ରମିକ ସମୀକରଣକୁ ସୂଚିତ କରୁଛି। ଆଉ କେତେକେ ଏମିତି ହେବ ନାହିଁ ବୋଲି ଭାବୁଛନ୍ତି। ବାବୁମାନଙ୍କର ବିଶେଷତାର ଶେଷ ସମୟ ପାଖେଇ ଆସୁଛି ବୋଲି ଏମାନେ ମନେକରୁଛନ୍ତି। ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ସିଭିଲ୍ ସର୍ଭିସ୍‌ର ଦୁଇଟି ବ୍ୟାଚ୍‌ର ଆଇଏଏସ୍ ଓ ଅଣ ଆଇଏଏସ୍ ଅଧିକାରୀମାନେ ଏକାଠି ହେବେ। ଏ ପର୍ଯ୍ୟନ୍ତ କେବଳ ଆଇଏଏସ୍ ଅଧିକାରୀମାନେ ମିଡ୍ କ୍ୟାରିୟର ଟ୍ରେନିଂ ପାଇଁ ଯାଉଥିଲେ। ସେହିପରି ଆଇପିଏସ୍ ଅଧିକାରୀମାନେ ମିଡ୍ କ୍ୟାରିୟର ଟ୍ରେନିଂ ଲାଗି ହାଇଦ୍ରାବାଦସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନ୍ୟାଶ୍‌ନାଲ ପୋଲିସ ଏକାଡେମୀକୁ ଯାଉଥିଲେ। ହେଲେ ଏବେ କିଛି ସମୟ ପାଇଁ ଏହିସବୁ ପ୍ରକ୍ରିୟାରେ ପରିବର୍ତ୍ତନ କରାଯାଇଛି। ଦୁଇବର୍ଷ ପୂର୍ବେ ମଶୌରି ଏକାଡେମୀରେ କେବଳ ଆଇଏଏସ୍‌ଙ୍କ ପାଇଁ ଉଦ୍ଦିଷ୍ଟ ଫାଉଣ୍ଡେଶନ କୋର୍ସରେ ଅନ୍ୟ ସେଣ୍ଟ୍ରାଲ ଗ୍ରୁପ ଏ' ସର୍ଭିସଗୁଡ଼ିକୁ ସାମିଲ କରାଯାଇଥିଲା। ଏଣୁ ଏବକାର ନିଷ୍ପତ୍ତି ଆଇଏଏସ୍ ଓ ଅଣ ଆଇଏଏସ୍ ବାବୁମାନଙ୍କ ମଧ୍ୟରେ ରହିଥିବା ଦୂରତା କମାଇବ ଓ ଗୋଟିଏ ଜାଗାରେ ପ୍ରଶିକ୍ଷଣ ଦେଇ ପ୍ରଶାସନିକ କ୍ଷେତ୍ରରେ ସଂସ୍କାର ଆଣିବାରେ ସରକାରଙ୍କ ଉଦ୍ୟମକୁ ଆହୁରି ମଜଭୁତ କରିବ।

### ସ୍ମାର୍ଟଫୋନ୍‌କୁ ନେଇ ଆନ୍ଦୋଳନ

ସରକାର ଦେଇଥିବା ନିମ୍ନମାନ ତଥା ତ୍ରୁଟିଯୁକ୍ତ ସ୍ମାର୍ଟଫୋନ୍ ଫେରାଇବାକୁ ନେଇ ମହାରାଷ୍ଟ୍ରରେ ଅଙ୍ଗନୱାଡ଼ି କର୍ମୀମାନେ ଆନ୍ଦୋଳନ ଚଳାଇଛନ୍ତି। ଅନେକେ ସେମାନଙ୍କ ପଞ୍ଚାୟତ ସମିତି ଅଧିକାରୀଙ୍କୁ ଫୋନ୍ ଫେରାଇ ଦେଇ ନୂଆ ଓ ଉନ୍ନତ ମାନର ସ୍ମାର୍ଟଫୋନ୍ ଯୋଗାଇଦେବାକୁ ଦାବି କରିଛନ୍ତି। ଶୁଣିବାକୁ ମିଳୁଛି, ମହାରାଷ୍ଟ୍ରର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଯଶୋମତୀ ଚନ୍ଦ୍ରକାନ୍ତ ଠାକୁର ଏବଂ ବିଭାଗୀୟ ସଚିବ ଆଇ.ଏ. କୁନ୍ଦନ ଏ ବାବଦରେ କେନ୍ଦ୍ର ସହ ଯୋଗାଯୋଗ କରି ପରବର୍ତ୍ତୀ ନିର୍ଦ୍ଦେଶ ଅପେକ୍ଷାରେ ରହିଛନ୍ତି। ବହୁ ରାଜ୍ୟର ବାବୁମାନେ ମଧ୍ୟ କେନ୍ଦ୍ରକୁ ଏଭଳି ସମାନ ଅଭିଯୋଗ ସମ୍ପର୍କରେ ସୂଚିତ କରିଛନ୍ତି। ଆନ୍ଦୋଳନ ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ଥିଲେ ମଧ୍ୟ ଏହା କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ(ଡବ୍ଲ୍ୟୁସିଡି)ର ବାବୁମାନଙ୍କୁ ଅଡୁଆରେ ପକାଇଦେଇଛି। କିଏ ଏହି ଫୋନ୍‌ଗୁଡ଼ିକ ପାଇଁ ଅର୍ଡର କରିଥିଲେ ଏବଂ ଗୁରୁତ୍ୱପୂର୍ଣ୍ଣ ନ୍ୟୁଟ୍ରିଶନ ଡାଟା ଜାଣିବା ଲାଗି ଅଙ୍ଗନୱାଡ଼ି କର୍ମୀମାନେ କାହିଁକି କଷ୍ଟକର 'ପୋଷଣ ଟ୍ରାକର ଆପ୍'ଉପଯୋଗ କରୁଛନ୍ତି, ତା'ଉପର ତଦନ୍ତ କରିବା ପାଇଁ ଡବ୍ଲ୍ୟୁସିଡି ସଚିବ ଇଣ୍ଡେଭର ପାଣ୍ଡେ ତାଙ୍କ ବାବୁମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆନ୍ଦୋଳନରତ ଅଙ୍ଗନୱାଡ଼ି କର୍ମୀମାନେ ଏ ସମସ୍ୟା ସମ୍ପର୍କରେ ସିଧାସଳଖ ଡବ୍ଲ୍ୟୁସିଡି ମନ୍ତ୍ରୀ ସ୍ମୃତି ଇରାନୀଙ୍କୁ ଜଣାଇଛନ୍ତି ; ଯଦିଓ ଏହି ସମସ୍ୟା ତାଙ୍କ ନଜରକୁ ଆସିଛି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ତେବେ ଏହି ଆନ୍ଦୋଳନ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହେବାର ଆଶଙ୍କା ଥିବାରୁ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ(ପିଏମ୍‌ଓ) ଏହାକୁ ନିୟନ୍ତ୍ରଣ କରିବାର ସମ୍ଭାବନା ରହିଛି। ଦେଶରେ ପାଖାପାଖି ୧.୪ ମିଲିୟନ ଅଙ୍ଗନୱାଡ଼ି କର୍ମୀ ରହିଛନ୍ତି ଓ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁଯାୟୀ ସମସ୍ତଙ୍କ ଲାଗି ଆପ୍ ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି।

### ଆଶା ଚୂର୍‌ମାର

ଚଳିତ ମାସ ଶେଷ ସୁଦ୍ଧା ଅବସର ନେବାକୁ ଥିବା କ୍ୟାବିନେଟ ସଚିବ ରାଜୀବ ଗୌବାଙ୍କ ଚାକିରି କାଳ ଏକ ବର୍ଷ ବଢ଼ାଇବା ଲାଗି ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି। କ୍ୟାବିନେଟ ସଚିବମାନଙ୍କ କାର୍ଯ୍ୟକାଳ ସମ୍ପ୍ରସାରିତ କରିବାର ପୂର୍ବବର୍ତ୍ତୀ ଘଟଣାକୁ ଲକ୍ଷ୍ୟ କଲେ ଏବକାର ଘଟଣା ସହ ସାମଞ୍ଜସ୍ୟ ଥିବା ଭଳି ମନେହେଉଛି। ଗୌବାଙ୍କ ପୂର୍ବରୁ ପି.କେ. ସିହ୍ନା ମଧ୍ୟ ତାଙ୍କ ଦୁଇ ବର୍ଷର କାର୍ଯ୍ୟକାଳ ପରେ ପଦରେ ରହି ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କ କାର୍ଯ୍ୟକାଳ ବହୁଥର ସମ୍ପ୍ରସାରିତ କରାଯାଇଥିଲା। ସରକାର ଗୌବାଙ୍କ କାର୍ଯ୍ୟକାଳ ବୃଦ୍ଧି ସମ୍ପର୍କରେ ଘୋଷଣା କରିବାର ଠିକ୍ ପରେ ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲାଙ୍କ କାର୍ଯ୍ୟକାଳ ବର୍ଷେ ବଢ଼ାଇଛନ୍ତି। ଏହି ଘଟଣାରେ କେତେ ଜଣ ବରିଷ୍ଠ ଅମଲାତନ୍ତ୍ରୀ ଦୁଃଖିତ ହେଲେ ମଧ୍ୟ ନୀରବ ରହିଛନ୍ତି। କ୍ୟାରିୟରକୁ ନେଇ ସେମାନଙ୍କ ଆଶା ଶୀର୍ଷରେ ଥିବାବେଳେ ସରକାରଙ୍କ ଏଭଳି ଘୋଷଣା ତାହାକୁ ଚୂରମାର କରିଦେଇଛି। ବହୁ ସମୟରେ ଅମଲାତନ୍ତ୍ରୀମାନେ ସବୁଠୁ କ୍ଷମତାଶାଳୀ କ୍ୟାବିନେଟ ସଚିବ ଓ ସ୍ୱରାଷ୍ଟ୍ର ସଚିବ ପଦବୀରେ ଆସୀନ ହେବା ଲାଗି ଅପେକ୍ଷାରେ ଥାଆନ୍ତି। ତେବେ ସାମ୍ପ୍ରତିକ ପରିସ୍ଥିତିରେ ଏହା ଆଶା କରାଯାଇପାରେନା। କାରଣ ଜଣେ ଗୋଟିଏ ପଦବୀରେ ଔପଚାରିକ ଭାବେ ନିଯୁକ୍ତି ପାଇବା ପୂର୍ବରୁ ଅନ୍ୟ ଜଣେ ସେହି କାର୍ଯ୍ୟ ତୁଲାଇବା ଧାରା ଏବେ ଚାଲୁଛି। ହେଲେ ଏଥର ଏହି ଧାରାରେ ସେଭଳି ବାବୁଙ୍କ ଅଭାବ ପରିଲକ୍ଷିତ ହୋଇଛି, ଯେଉଁଥିପାଇଁ ସରକାର ସମ୍ଭବତଃ ଏଭଳି ନିଷ୍ପତ୍ତି ନେଇଛନ୍ତି।

Email: dilipcherian@gmail.com

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | 1 | 2 | 4 | | |
| 8 | | | | 3 | | 6 | 2 | |
| | | | | 8 | | | | |
| | | 2 | 1 | | | | | |
| | | | | 4 | | 8 | | |
| | 6 | | | | 7 | | 4 | |
| | 9 | | | | 6 | | 5 | 1 |
| | | | | 2 | | 7 | | |
| 5 | | 4 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 7 | 4 | 3 | 2 | 5 | 1 | 6 |
| 6 | 2 | 1 | 7 | 5 | 8 | 4 | 3 | 9 |
| 3 | 4 | 5 | 6 | 9 | 1 | 2 | 7 | 8 |
| 5 | 6 | 2 | 8 | 1 | 4 | 7 | 9 | 3 |
| 1 | 8 | 3 | 9 | 7 | 5 | 6 | 2 | 4 |
| 4 | 7 | 9 | 2 | 6 | 3 | 8 | 5 | 1 |
| 7 | 3 | 8 | 1 | 2 | 6 | 9 | 4 | 5 |
| 2 | 5 | 6 | 3 | 4 | 9 | 1 | 8 | 7 |
| 9 | 1 | 4 | 5 | 8 | 7 | 3 | 6 | 2 |

ଗତକାଲିର ଉତ୍ତର

# ଛୋଟ ମୋର ଗାଁଟି



ଡ. ପ୍ରଫୁଲ୍ଲ କୁମାର ସାହୁ

ଗାଁ କହିଲେ, ସାଧାରଣତଃ ଆମ ଆଖି ସାମ୍ନାକୁ ଆସିଯାଏ ଧୂଳି ମାଟିର ରାସ୍ତା ଓ ଅସଂଖ୍ୟ ଗଛଲତାଙ୍କ ଗହଳି ଭିତରେ ଆଶ୍ରମ ପରି ଦିଶୁଥିବା ଧାଡ଼ି ଧାଡ଼ି ନୁଆଁଣିଆ ନଡ଼ା ଛପର ଘର, ଯା'ର ଗୋବର ଲିପା ଝଟି ମାଟି କାନ୍ଥରେ ଥାଏ ଝୋଟି ଚିତାର ହସ୍ତାକ୍ଷର ଏବଂ ଚାଳ ଉପରେ ଛନ୍ଦାଛନ୍ଦି ଲାଉ କଖାରୁ ଲତାର ଡଙ୍କ। କବି ବିନୋଦ ନାୟକଙ୍କ ଭାଷାରେ 'ପୋଇ ଶାଗ ଆଉ ପାଣି କଖାରୁର ଲତା, ମାଡ଼ି ମାଡ଼ି ଆସି ଟପିଲାଣି ଘର ମଥା'। ସିନ୍ଦୁରା ଫାଟିଲେ ଉଜ୍ଜ୍ୱଳ ଦିଶେ ଗାଁର ମୁହଁ। ହସିଉଠେ ତୋଟା, ବିଲବଣ, ପୋଖରୀ ତୁଠ ଓ ତା' ଚାରିପଟେ ବିସ୍ତୃତ ଧାନ କ୍ଷେତର ସବୁଜିମା। ଗାଁର ନିର୍ମଳ ଆକାଶ ଓ ଅବିଚଳିତ ପ୍ରକୃତିର ଅକୃତ୍ରିମ ଅଭିସାର ଯେତିକି ମନୋରମ, ଗାଁ ଦାଣ୍ଡରେ ଅବୋଧ ପିଲାଙ୍କ ଧୂଳିଖେଳ ଓ ବର୍ଷାବେଳେ କାଗଜ ଡଙ୍ଗା ଭସେଇବାର ଦୃଶ୍ୟ ସେତିକି ସ୍ମରଣୀୟ। ଯୋଗୀ କେନ୍ଦରା ବଜାଇ ଗୀତ ଗାଏ–'ଭଜୁକିନା ରାମ ନାମରେ ରାଜନ...'। ଝିଅ ବିଦା ହେଲାବେଳେ ସବାରିବାଲାର 'ହୁକୁମ ଭାଇରେ ହୁଁ କୁ' ସାଙ୍ଗକୁ ଶୁଭେ କନିଆର ବାହୁନା...' ମୋତେ ପଠାଉଛ ଯମ ପୁରକୁ ଲୋ ବୋଉ...'। ବର୍ଷା ଦିନେ ପିଲାମାନେ ଗାଆନ୍ତି ଜହ୍ନିଫୁଲ ଠୋ ଠା, କାକୁଡ଼ି ଫୁଲ ଠୋ ଠା...। ରଜ ଦୋଳିରୁ ଭାସି ଆସେ – ଦୋଳିପଟା କଟ କଟ, ମୋ ଭାଇ ମୁଣ୍ଡରେ ସୁନା ମୁକୁଟ...। ଗାଁ ମାଟିର ବାସ୍ନାରେ ଝରି ପଡ଼େ ଏମିତି କେତେ କେତେ ଆତ୍ମାର ସଂଗୀତ। ଏ ଲେଖକ ଭଳି ଯେଉଁମାନଙ୍କର ବାଲ୍ୟ କୈଶୋର ଗାଁରେ କଟିଛି, ସେମାନେ କେବେ ଭୁଲି ନ ଥିବେ ଖରାଦିନେ ପୋଖରୀରେ ପହଁରିବା, ମୁଣ୍ଡିଆରୁ କଣ୍ଟେଇ କୋଳି ତୋଳିବା, ବିଲରୁ ମୁଗୁରାରେ ମାଛ ଧରିବା, ମେଘ ପବନ ଥମିଗଲେ ତୋଟାରୁ ଆମ୍ବ ଗୋଟାଇବା ଓ ଖରାବେଳେ ପଡ଼ିଶା ବାଡ଼ିରୁ କାକୁଡ଼ି ଓ ପିଜୁଳି ଚୋରିକରି ଖାଇବାର ରୋମାଞ୍ଚକର ଅନୁଭୂତି। ମାତ୍ର ବିଡ଼ମ୍ବନାର ବିଷୟ ଆମ ଗଭୀର ଚେତନାରେ ଅକ୍ଷତ ଅବସ୍ଥାରେ ଦାନା ବାନ୍ଧିଥିବା ସେ ଗାଁ ଆଉ ନାହିଁ। ବଦଳି ଯାଇଛି ତା'ର ଆଙ୍ଗିକ ରୂପ ଓ ଆତ୍ମିକ ବିଭବ।

ଯୌଥ ପରିବାର ଥିଲା ଗ୍ରାମ୍ୟ ଜୀବନଧାରାର ଏକ ଦୁର୍ଲଭ ଐଶ୍ୱର୍ଯ୍ୟ। ଗୋଟିଏ ଛାତ ତଳେ ବାପା, ମାଆ, କକା ଖୁଡ଼ୀ, ବଡ଼ବାପା ବଡ଼ମା' ଜେଜେ ଜେଜେମା' ଓ ସାନବଡ଼ ଗୁଡ଼ାଏ ଭାଇ ଭଉଣୀଙ୍କୁ ନେଇ ଫାଟି ପଡୁଥିଲା ହସ ଖୁସିର ଜୁଆର। ହଜାର ଅଭାବ ଅସୁବିଧା ଭିତରେ ବି ପରସ୍ପର ଭିତରେ ଥିବା ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଆନ୍ତରିକତା ଯୋଗୁ ବୈକୁଣ୍ଠ ପରି ଲାଗୁଥିଲା ଘର। ଜେଜେ ଥିଲେ ଘରର ମୁରବି। ନୈତିକତାର ପ୍ରହରୀ। କେବେ କାହା ପାଦ ଟିକେ ଖସିଗଲେ 'ଗଲା ଗଲା ସବୁ ଗଲା' କହି ଛାଡୁଥିଲେ ରଡ଼ି। ଭୟ ଓ ଭକ୍ତି ନେଇ ସମସ୍ତେ ତାଙ୍କୁ ମାନୁଥିଲେ ଏବଂ ସବୁ କଥାରେ ପଚାରୁଥିଲେ ବୃଦ୍ଧସ୍ୟ ବଚନମ ଗ୍ରାହ୍ୟ ନୀତିରେ। ଗଲା ଆଇଲା ଓ କିଏ ଖାଇଲା ନ ଖାଇଲା ଆଦି ସବୁକଥାକୁ ନିଘା ରଖୁଥିଲା ଜେଜେମା'। ପିଲାଙ୍କର ତ ଜେଜେମା' ପାଖରେ ବେଶି ରଗଡ଼। ସଞ୍ଜ ହେଲେ ପିଲାମାନେ କେତେବେଳେ ଜେଜେମା' ପାଖରେ ବସି ବୁଢ଼ୀ ଅସୁରୁଣୀ ଗପ ଶୁଣୁଥିଲେ ତ କେତେବେଳେ ହେସଁ ମସିଣାରେ ଗଡ଼ୁ ଗଡ଼ୁ ସଞ୍ଜୁଆ ତାରାକୁ ଦେଖି ଗାଉଥିଲେ 'ଏକ ତାରା ମଣିଷ ମରା...'। ଏବେ ବି ଆମ ସ୍ମୃତି ପଟରେ ସାଇତା ହୋଇ ରହିଛି ଭାଇ ଭଉଣୀ ଓ ଅନ୍ୟମାନଙ୍କ ସହ ଗୋଟିଏ କଂସାରେ ପଖାଳ ଖାଇବାର ଆନନ୍ଦ। ଖାଇ ବସିବା ବେଳେ ମନେ ପଡ଼ିଯାଉଛି ବୋଉ ହାତରନ୍ଧା ତିଅଣର ସୁଆଦ। ବୋଉର ତରକାରି ରାନ୍ଧିବା କୌଶଳ ଥିଲା ସ୍ୱତନ୍ତ୍ର। ବୋଉ ଚିଙ୍ଗୁଡ଼ି ମାଛ ରାନ୍ଧିବା ବେଳେ ବୋତଲ ମୁହଁରେ ଆଙ୍ଗୁଠି ଦେଇ ସୋରିଷ ତେଲ ପକାଉ ଥିଲା ଏତେ ଟିକେ। ମସଲା କହିଲେ ଅଳ୍ପ ଟିକେ ସୋରିଷ, ବାଡ଼ି ପିଆଜ ଓ ରସୁଣରୁ ଦି' ପାଖୁଡ଼ା, ଆଉ ତା' ସାଙ୍ଗକୁ ଗୋଟେ ଦି'ଟା କଞ୍ଚା ଲଙ୍କା। ଆଃ କି ମାଛ ତରକାରି ସିଏ! ଏବେ ତ ହଜାର ପ୍ରକାର ମସଲା ପଡୁଛି, ହେଲେ ସେ ବୋଉ ହାତରନ୍ଧା ସୁଆଦ କାହିଁ?

ଆଗେ ଗାଁକୁ ସବୁଦିନିଆ ରାସ୍ତା ନ ଥିଲା। ବର୍ଷା ଦିନେ ପାଣି କାଦୁଅରେ ପଚର ପଚର ହୋଇ ବସ୍‌ଷ୍ଟାଣ୍ଡରୁ ଚାଲି ଚାଲି ଯିବାକୁ ପଡୁଥିଲା ଚପଲକୁ ହାତରେ ଧରି। ବିଜୁଳି ଆଲୁଅ ନ ଥିବାରୁ ଦିନ ଥାଉ ଥାଉ ସଜଡ଼ା ଯାଉଥିଲା ଲଣ୍ଠନ ଓ ଡିବିରି ବତି। କିଆ ଗୋହିରି, ମଶାଣି ଦଣ୍ଡା ଓ ବାଉଁଶ ବୁଦା ପରିବେଷ୍ଟିତ ଗାଁର କୋଣେ କୋଣେ ଭରି ରହିଥିଲା ଦାରିଦ୍ର୍ୟ, ଅଶିକ୍ଷା ଓ ଅନ୍ଧ ବିଶ୍ୱାସ। ହେଲେ ତା'ରି ଭିତରେ ଝଲସି ଉଠୁଥିଲା ପ୍ରାଚୁର୍ଯ୍ୟମୟ ଜୀବନବୋଧର ବାର୍ତ୍ତା। ଗାଁରେ ବାଦ ବିବାଦ ଯେ ନ ଥିଲା ତା' ନୁହେଁ, ମାତ୍ର ଥାନା ବା କୋର୍ଟ କଚେରି ନୁହେଁ, ସକାଳ କଳି ସଞ୍ଜକୁ ତୁଟି ଯାଉଥିଲା ଗାଁ ପଞ୍ଚାୟତ ବା ଭାଗବତ ଟୁଙ୍ଗିରେ। ଭାଗବତ ଟୁଙ୍ଗି ଥିଲା ଆମ ଆଧ୍ୟାତ୍ମିକ ସଂହତିର ପ୍ରାଣକେନ୍ଦ୍ର। ସଞ୍ଜ ନଇଁଲେ ଏଠି ଗୋସେଇଁଙ୍କ କଣ୍ଠରୁ ଭାସି ଆସୁଥିଲା 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ....' ଆଦି ପଦ ପଙ୍କ୍ତିର ସୁଲଳିତ ଲହରି। ତେଲ ଲୁଣ ସଂସାର ଜଞ୍ଜାଳ ଭିତରୁ ବାହାରି ସେଠାକୁ ଧାଇଁ ଯାଉଥିଲା କର୍ମକ୍ଳାନ୍ତ ମଣିଷ। ଭାଗବତର ପଦ ପଙ୍କ୍ତିର ଅମୃତ ପ୍ରଭାବରେ ସେବା ତ୍ୟାଗ ଆଦି ମାନବୀୟ ଜୀବନବୋଧରେ ମହକି ଉଠୁଥିଲା ଗ୍ରାମ୍ୟ ଜୀବନ। ରାତି ଅଧରେ ବିପଦ ପଡ଼ିଲେ ବି ପହଞ୍ଚି ଯାଉଥିଲେ ଗାଁଟା ସାରା ଲୋକ। ପରସ୍ପର ସ୍ନେହ, ଶ୍ରଦ୍ଧା, ଆନ୍ତରିକତା ଓ ଆତିଥେୟତା ଯୋଗୁ ଭାରି ପୂରିଲା ପୂରିଲା ଲାଗୁଥିଲା ଗ୍ରାମ୍ୟ ଜୀବନ। ଗାଁରେ କାହା ପୁଅ ବଡ଼ ଚାକିରି ପାଇଲେ ଗାଁ ସାରା ଲୋକଙ୍କ ମନରେ ଖେଳି ଯାଉଥିଲା ଖୁସିର ଲହରି। ଘଡ଼ିକ ଭିତରେ ଆଖପାଖ ପାଞ୍ଚ ଖଣ୍ଡ ଗାଁରେ ସଞ୍ଚରି ଯାଉଥିଲା ଖବର। ଗ୍ରାମ ଦେବତୀଙ୍କ ପାଖରେ ଜନ୍ତାଳ ଭୋଜି, ବାହାଘର, ବ୍ରତଘର ଓ ପୁନେଇଁ ପରବରେ ପଙ୍କ୍ତି ଭୋଜନ ତଥା ଯାନି ଯାତ୍ରାରେ ମିଳିମିଶି ଛାମୁଣ୍ଡିଆ ବାନ୍ଧିବାରେ ଥିଲା ଏକ ନିଆରା ଆନନ୍ଦ।

ଗ୍ରାମ୍ୟ ଅର୍ଥନୀତିର ଆଧାର ଥିଲା କୃଷି ଓ କୁଟୀର ଶିଳ୍ପ। ପଲ୍ଲୀ ମଣିଷ ମୁଣ୍ଡ ଝାଳ ତୁଣ୍ଡରେ ମାରି କ୍ଷେତରେ ଫଳାଉଥିଲା ସୁନା। ବର୍ଷ ତମାମ ବାଡ଼ି ବଗିଚାରେ ଫଳୁଥିଲା ଜହ୍ନି, ଭେଣ୍ଡି, କାକୁଡ଼ି, ବାଇଗଣ ଆଦି ଟୋକେଇ ଟୋକେଇ ପରିବା। କମାରଶାଳ, କୁମ୍ଭାରଶାଳ ଓ ବଢ଼େଇଶାଳରେ କାରିଗର ପାଇଁ ବୟସ ଥିଲା ଦକ୍ଷତାର ପରିଚୟ। ହାତଗୋଡ଼ ଚଳୁଥିବା ପର୍ଯ୍ୟନ୍ତ ଉପାର୍ଜନ କରି ପାରୁଥିଲେ ଅଭିଜ୍ଞ ବୟସ୍କମାନେ। ଗାଁ ଲୋକଙ୍କ ଭିତରେ ଆଉ ସେ କର୍ମପ୍ରବଣତା ନାହିଁ। କାରଣ ଏବେ କାର୍ଯ୍ୟକାରୀ ହେଉଥିବା ଭଳି ମାଗଣାଖିଆ ଓ ରିହାତି ଯୋଜନାରେ ପେଷି ହୋଇ ଗାଁ ଲୋକେ ହରେଇ ବସିଲେଣି ପୂର୍ବ କର୍ମ କୁଶଳତା। କେହି କେହି ଭୁଲି ଗଲେଣି ତାଙ୍କ କୌଳିକ ବୃତ୍ତି। ଗାଁରେ ଲୋକଙ୍କୁ ଏବେ ବିବେକହୀନ ଓ ପରାଶ୍ରୟୀ କରି ଦେଲାଣି ବିନା ପରିଶ୍ରମରେ ଅନେକ କିଛି ଭୋଗ କରିବାର ନିଶା। ଭୌତିକ ବିକାଶ ଦୃଷ୍ଟିରୁ ଗାଁ ତ ବହୁତ ଆଗକୁ ଯାଇଛି, ହେଲେ ଆତ୍ମସ୍ୱାର୍ଥ ପାଖରେ ବନ୍ଧା ପଡ଼ିଯାଇଛି ସହଯୋଗ ମନୋବୃତ୍ତି। ଭୋଟ ରାଜନୀତିକୁ କେନ୍ଦ୍ରକରି ଗାଁରୁ ହଜିଗଲାଣି ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ। ବୃକ୍ଷ ଶୂନ୍ୟ ଗାଁ ଏବେ ଫୁଙ୍ଗୁଳା ଦିଶୁଛି ଠିକ୍ ଓଢ଼ଣି ନ ଥିବା ମା'ର ମଥା ପରି। ଗାଁରେ ଆଉ ଅନୁଭବ କରି ହେଉନି ନୁଆଁଣିଆ ଚାଳଘରର ଶୀତଳତା। ଦେଖିବାକୁ ମିଳୁନି ବୁନିଆଦିର ସଂକେତ ନେଇ ଠିଆ ହୋଇଥିବା ପାଞ୍ଚ ସେଣିଆ ଓ ସାତ ସେଣିଆ ଆଟୁଘର, ଯେଉଁ ଘରର ଦାଣ୍ଡପାଖ ଯାଉଁଳି କବାଟରେ ଖୋଦେଇ ହୋଇଥିବା ଆଳଙ୍କାରିକ ଚିତ୍ର ଦେଖି ଦଣ୍ଡେ ଅଟକି ଯାଉଥିଲେ ବାଟଗଲା ଲୋକେ। ଚାଳଘର ସବୁ ଉଚ୍ଚ ଅଟ୍ଟାଳିକାରେ ପରିଣତ ହୋଇଛି ସତ, ହେଲେ ସେ ଘରେ ଆଉ ଆଗପରି ନା ଅଛି ପରସ୍ପର ମଧ୍ୟରେ ସ୍ନେହ ମମତାର ବନ୍ଧନ ନା ପର୍ବପର୍ବାଣି ଅବସରରେ ସାରା ପରିବାର ଏକାଠି ହେବାର ଉତ୍ସୁକତା।

ଦିନେ ଯେଉଁ ଘରେ ମା'ର କାମ ସରୁ ନ ଥିଲା, ଜେଜେଙ୍କ ମୁରବିପଣିଆ ସରୁ ନ ଥିଲା, ବଡବାପାଙ୍କ ବ୍ରହ୍ମଜ୍ଞାନ ସରୁ ନ ଥିଲା, ପିଲାଙ୍କ କୋଳାହଳ ସରୁ ନ ଥିଲା, ସେ ଘରେ ଏବେ ଉତ୍ପୀଡ଼କ ନିଃସଙ୍ଗତା। ପର ଲାଗିବା ମାତ୍ରେ ପିଲାମାନେ ଉଡ଼ିଯାଉଛନ୍ତି ନିଜେ ନିଜ ବାଟରେ। ପରିବର୍ତ୍ତିତ ଗ୍ରାମ୍ୟ ଜୀବନଧାରାରେ ପୁଅ ଉପରେ ଆଉ ରହୁନି ବାପର କର୍ତ୍ତୃତ୍ୱ। ମା'ହାତରୁ ଖସି ଗଲାଣି ଝିଅକୁ ଶୃଙ୍ଖଳା ଓ ସଞ୍ଚଣା ଶିଖାଇବାର ଦାୟିତ୍ୱ। ବଦଳି ଯାଇଛି ଗାଁର ମରହଟ୍ଟୀ ଚେହେରା। ଟୁଳିକି ଗଲାଣି ସଂସ୍କାର ସଂସ୍କୃତି। ଆଗରୁ ଗାଁରେ କିଏ ମଦ ପିଉଛି ବୋଲି ଜଣାପଡ଼ିଲେ ତାକୁ ମଦୁଆ କହି ନିଆଁ ପାଣି ଅଟକ କରୁଥିଲେ ଲୋକେ। ଏପରି କି ମଦ ଖାଉଥିବା ଯୁବକକୁ କେହି ରାଜି ହେଉ ନ ଥିଲେ ଝିଅ ଦେବାପାଇଁ। ଏବେ ମଦ ନ ପିଇଲେ ବରଯାତ୍ରୀ ଯିବାକୁ ରାଜି ହେଉ ନାହାନ୍ତି ଲୋକେ। ଏକା ସାଙ୍ଗରେ ବସି ମଦ ପିଇଲେଣି ବାପ ପୁଅ ଓ ଭାଇ ଭାଇ। ଶବ ଉଠିଲା ବେଳେ ବି ଖୋଜା ଯାଉଛି ମଦ।

ଶାନ୍ତି ଓ ସୌହାର୍ଦ୍ଦ୍ୟର ମୂଳପିଣ୍ଡ ଗାଁ ମାଟିକୁ ବେଶି କଳୁଷିତ ଓ କାଳିମାମୟ କରି ଦେଇଛି ରାଜନୀତିର ପଶା ପାଲିରେ ହାରଜିତ୍। ଗାଁରେ ଆଉ ପଢ଼ା ଯାଉନି ଭାଗବତ। ପର୍ବପର୍ବାଣିରେ ଦିଆ ନିଆ ହେଉନି ପିଠାପଣା। ଭୌତିକ ବିକାଶ ଦୃଷ୍ଟିରୁ ଗାଁ ଆଗକୁ ଯାଇଛି ସତ, ହେଲେ ଗାଁରୁ ହଜିଯାଇଛି ଉତ୍ସର୍ଗୀକୃତ ଭାବନା। ସହାବସ୍ଥାନ କୌଶଳ। ସତରେ କୁଆଡ଼େ ଗଲା ସଚ୍ଚି ରାଉତରାୟଙ୍କର ସେ ଛୋଟ ମୋର ଗାଁଟି; ଯାହାକୁ ମାଟିର ସ୍ୱର୍ଗ ବୋଲି କହିଥିଲେ କବି।

ଅଧ୍ୟକ୍ଷ, ଫୁଲମତୀ ହେମ୍ବ୍ରମ ମହାବିଦ୍ୟାଳୟ,
ପଡ଼ିଆବେଡ଼ା, ମୟୂରଭଞ୍ଜ
ମୋ: ୯୪୩୮୮୫୫୦୮୮

# ପରିବେଶ ଓ ଅକ୍ଷୟ ଉର୍ଜା



ନଗେନ୍ଦ୍ର ନାଥ ପଟ୍ଟନାୟକ

କେବଳ ଭାରତ ନୁହେଁ, ସାରା ବିଶ୍ୱରେ ପାରମ୍ପରିକ ଉର୍ଜା ତୁଳନାରେ ଅଣ–ପାରମ୍ପରିକ ତଥା ଅକ୍ଷୟ ଉର୍ଜାର ଚାହିଦା ଲଗାତର ଭାବେ ବୃଦ୍ଧି ପାଇବାରେ ଲାଗିଛି। ଅସଲରେ ଦେଖିଲେ, ବିଶ୍ୱ ସମୁଦାୟକୁ ପର୍ଯ୍ୟାବରଣଜନିତ ଗୁରୁତର ଆହ୍ୱାନଗୁଡ଼ିକ ସହିତ ଯୁଝିବାକୁ ପଡୁଛି। ପାରମ୍ପରିକ ଶକ୍ତିଉତ୍ସ ଏହି ସମସ୍ୟାକୁ ଆହୁରି ଉତ୍କଟ କରିବାରେ ଏକ ପ୍ରକାର ସହଭାଗୀ କହିଲେ ଅତ୍ୟୁକ୍ତି ହେବନାହିଁ। ପକ୍ଷାନ୍ତରରେ ଅଣ–ପାରମ୍ପରିକ ତଥା ଅକ୍ଷୟ ଉର୍ଜା ଏହି ଆହ୍ୱାନଗୁଡ଼ିକୁ ମୁକାବିଲା କରିବା ଦିଗରେ ସଫଳ ହୋଇପାରିଛି। ଖାସ ଏଇଥିପାଇଁ ଭାରତରେ ଅକ୍ଷୟ ଉର୍ଜା ଉତ୍ପାଦନ କ୍ଷମତାକୁ ବୃଦ୍ଧି କରିବାଲାଗି ନିଷ୍ଠାର ସହିତ ନିରବଚ୍ଛିନ୍ନ ପ୍ରୟାସ କରାଯାଉଛି। ସୌର ଉର୍ଜା, ବାୟୁ ଉର୍ଜା ହେରିକାର ଉତ୍ପାଦନ ବଢ଼ାଇବା ପାଇଁ ବୃହତ୍ ପରିଯୋଜନା ତଥା ପ୍ରକଳ୍ପ ଫଳପ୍ରଦ ଭାବେ କାର୍ଯ୍ୟକାରୀ ହେଉଛି। ଆମ ଦେଶ ଭାରତବର୍ଷରେ ୨୦୨୨ ବର୍ଷ ସୁଦ୍ଧା ୧୭୫ ମେଗାୱାଟ ଅକ୍ଷୟ ଉର୍ଜା କ୍ଷମତା ହାସଲ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଅକ୍ଷୟ ଉର୍ଜା କ୍ଷେତ୍ରରେ ଏହା ଏକ ବଡ଼ ଉପଲବ୍ଧି କହିଲେ ଅତିଶୟୋକ୍ତି ହେବନାହିଁ। ଅକ୍ଷୟ ଉର୍ଜା ଉତ୍ପାଦନ କ୍ଷେତ୍ରରେ ସମଗ୍ର ବିଶ୍ୱରେ ଭାରତର ସ୍ଥାନ ଚତୁର୍ଥ। ଅକ୍ଷୟ ଉର୍ଜା ମନ୍ତ୍ରଣାଳୟ ପକ୍ଷରୁ ସଦ୍ୟ ପ୍ରକାଶିତ ପରିସଂଖ୍ୟାନ ଅନୁସାରେ ଦେଶ ଏବେ ସୁଦ୍ଧା ୧୦୦ ମେଗାଓାଟ ଉର୍ଜା କ୍ଷମତା ହାସଲ କରିସାରିଲାଣି। ଏତଦ୍‌ବ୍ୟତୀତ, ୫୦ ମେଗାୱାଟ ଅକ୍ଷୟ ଉର୍ଜା କ୍ଷମତା ହାସଲ କରାଯିବାର ପ୍ରକ୍ରିୟା ଜାରି ରହିଥିବାବେଳେ ୨୭ ମେଗାଓାଟ ଅକ୍ଷୟ ଉର୍ଜା ସକାଶେ ଟେଣ୍ଡର ପ୍ରକ୍ରିୟା ଚାଲୁରହିଛି। ଅତଏବ ଭାରତ ଖୁବ୍‌ଶୀଘ୍ର ୧୭୭ ମେଗାୱାଟ ଶକ୍ତିବିଶିଷ୍ଟ କ୍ଷମତା ହାସଲ କରିବାରେ ସକ୍ଷମ ହୋଇପାରିବ। ସେହିଭଳି ରାଷ୍ଟ୍ରୀୟ ବାୟୁ ତଥା ସ୍ୱଚ୍ଛତା ନୀତି ୨୦୧୮ ଅନୁଯାୟୀ ଆଗାମୀ ବର୍ଷ ପର୍ଯ୍ୟନ୍ତ ଅର୍ଥାତ୍ ୨୦୨୨ ବର୍ଷ ସୁଦ୍ଧା ବାୟୁ ତଥା ସୌରଉର୍ଜାର ଏବେକା ଧାର୍ଯ୍ୟଲକ୍ଷ୍ୟକୁ ୨୨୫ ମେଗାୱାଟ ପର୍ଯ୍ୟନ୍ତ ପହଞ୍ଚାଇବା ଲାଗି ପୁନଃନିର୍ଦ୍ଧାରଣ କରାଯାଇଛି। ଏତଦ୍‌ଭିନ୍ନ, ୨୦୩୦ ସୁଦ୍ଧା ୪୫୦ ମେଗାୱାଟ କ୍ଷମତା ହାସଲ କରିବାର ଲକ୍ଷ୍ୟ ସ୍ଥିର କରାଯାଇଛି।

ସମଗ୍ର ଭାରତବର୍ଷରେ ଅକ୍ଷୟ ଉର୍ଜା ସଂକ୍ରାନ୍ତ ସଚେତନତା ବ୍ୟାପକ କରାଯାଉଛି। ସୌରଉର୍ଜାକୁ ସୁନିଶ୍ଚିତ, ସ୍ୱଚ୍ଛ ତଥା ନିରାପଦ ଶକ୍ତି ରୂପେ ଅଭିହିତ କରି ଏହାର ମହତ୍ତ୍ୱ ଉପରେ ଗଭୀର ଆଲୋକପାତ କରାଯାଉଛି। ମାତ୍ର ଏ ପ୍ରସଙ୍ଗରେ ଯାର ଉତ୍ସ କ'ଣ ଆଉ କୋଉଠି ବୋଲି ପ୍ରଶ୍ନ ଉଙ୍କିମାରେ। ଏହି ପରିପ୍ରେକ୍ଷୀରେ ପ୍ରଦୂଷଣମୁକ୍ତ ପ୍ରଶ୍ୱାସ ପୁସ୍ତକରେ ପରିଷ୍କାର ଭାବେ ଉଲ୍ଲେଖ କରାଯାଇଛି, ଅକ୍ଷୟ ଉର୍ଜା ସେଇ ଉର୍ଜା ; ଯାହା ଅସରନ୍ତି, ଅସୀମିତ ଓ ପ୍ରଦୂଷଣରହିତ। ଅର୍ଥାତ୍ ନବୀକରଣ ଯୋଗ୍ୟ। ଉର୍ଜା ଏଭଳି ଏକ ପ୍ରାକୃତିକ ଉତ୍ସ, ଯାହା କ୍ଷୟିଷ୍ଣୁ ନୁହେଁ। ସୁତରାଂ ଏହା ଅକ୍ଷୟ ଉର୍ଜାଉତ୍ସ ରୂପେ ପରିଭାଷିତ। ଅକ୍ଷୟ ଉର୍ଜାର ମହତ୍ତ୍ୱପୂର୍ଣ୍ଣ ଉତ୍ସମାନଙ୍କ ମଧ୍ୟରେ ସୂର୍ଯ୍ୟ, ଜଳ, ବାୟୁ, ଜୁଆର–ଭଟ୍ଟା, ଭୂତାପ ଇତ୍ୟାଦି ପ୍ରଧାନ। ନଜିର ରୂପେ ଆମେ ସୌରଉର୍ଜାକୁ ବିଚାରକୁ ନେଇପାରିବା। ସୂର୍ଯ୍ୟ ସକଳ ଶକ୍ତିର ଆଧାର, ସୌରଉର୍ଜାର ପ୍ରମୁଖ ଉତ୍ସ, ଯାହାର କିରଣ ସ୍ୱତଃପ୍ରବୃତ୍ତ ଭାବେ ପୃଥିବୀ ଉପରେ ବୁଣି ହୋଇଯାଏ। ଯଦି ଆମେ ସୂର୍ଯ୍ୟାଲୋକକୁ ସୌରଉର୍ଜାରେ ପରିଣତ କରିପାରିବା ନାହିଁ ତେବେ ପୃଥିବୀରେ ବୁଣି ହୋଇଯାଇ ରହିଯିବ। ଯେହେତୁ ଆମେ ସୂର୍ଯ୍ୟାଲୋକରୁ ଉପଲବ୍ଧ ହେବାକୁ ଥିବା ଅସରନ୍ତି ଉର୍ଜାକୁ ଫଳପ୍ରସୂ ଭାବେ ଉପଯୋଗ କରିପାରୁ ନାହିଁ ତେଣୁ ସେଇ ଶକ୍ତି କ୍ଷୟିଷ୍ଣୁ ହୋଇଯାଏ। ଖାଲି ସେତିକି ନୁହେଁ, ପରବେଶ ପ୍ରତି ଏକପ୍ରକାର ଅପୂରଣୀୟ କ୍ଷତି ପହଞ୍ଚାଏ। ସେଥିପାଇଁ ସୂର୍ଯ୍ୟାଲୋକରୁ ପ୍ରାପ୍ତ ହେବାକୁ ଥିବା ଉର୍ଜାକୁ ଆମେ ଅକ୍ଷୟ ଶକ୍ତି ରୂପେ ବିବେଚନା କରିଥାଉ।

କହିବାବାହୁଲ୍ୟ, ୨୦୧୯ରେ ମଧ୍ୟପ୍ରଦେଶର ରିୱାଠାରେ ଚାରି ହଜାର କୋଟି ଅର୍ଥରାଶି ବିନିଯୋଗରେ ଅତ୍ୟାଧୁନିକ ମେଗା ସୌର ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିଲା ; ଯାହାର ସର୍ବମୋଟ କ୍ଷମତା ୭୫୦ ମେଗାୱାଟ। ରିୱା ସୌରଶକ୍ତି ପ୍ରକଳ୍ପ ବାବଦରେ କୁହାଯାଇଛି, ଏହାଦ୍ୱାରା ଉତ୍ପାଦିତ ହେବାକୁ ଥିବା ବିଦ୍ୟୁତ ଯୋଗୁ ବାୟୁମଣ୍ଡଳରେ ପ୍ରତିବର୍ଷ ୧୫.୭ ଲକ୍ଷ ଟନ ଅଙ୍ଗାରକାମ୍ଳ ଗ୍ୟାସର ଉତ୍ସର୍ଜନ ବା ନିର୍ଗମନ ହ୍ରାସ ପାଇବ। ଏହି ବିରାଟ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ହେବା ଫଳରେ ଭାରତ ସମଗ୍ର ବିଶ୍ୱରେ ଶୀର୍ଷ ପାଞ୍ଚଟି ସୌର ଶକ୍ତି ଉତ୍ପାଦକଙ୍କ ମଧ୍ୟରେ ସାମିଲ ହୋଇପାରିଥିଲା। ଉର୍ଜା ଉତ୍ପାଦନ କ୍ଷେତ୍ରରେ ଭାରତର ସ୍ଥିତି ବେଶ୍ ସନ୍ତୋଷଜନକ। ବର୍ତ୍ତମାନ ଅକ୍ଷୟ ଉର୍ଜା କ୍ଷେତ୍ରରେ ଭାରତ ବିଶ୍ୱର ଚତୁର୍ଥ ଦେଶ ରୂପେ ବିବେଚିତ। ସେହିପରି କର୍ନାଟକ ରାଜ୍ୟର ପାୱାଗାର୍ଡଠାରେ ଦୁଇ ହଜାର ମେଗାଓାଟରୁ ଉର୍ଦ୍ଧ୍ୱ କ୍ଷମତା ବିଶିଷ୍ଟ ସୋଲାର ପାର୍କର ମଧ୍ୟ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷେତ୍ରରେ ପ୍ରମୁଖ ଯୋଗଦାନ ରହିଛି। ପ୍ରଦୂଷଣକାରୀ ତଥା ସୀମିତ ମାତ୍ରାରେ ଉପଲବ୍ଧ ପାରମ୍ପରିକ ଉର୍ଜାଉତ୍ସ ପରିବର୍ତ୍ତେ ଅକ୍ଷୟ ଉର୍ଜାରୁ ଉର୍ଜା ଆବଶ୍ୟକତାକୁ ପୂରଣ କରିବା ଲକ୍ଷ୍ୟରେ ଏବେ ଦେଶର ବିଭିନ୍ନ ଭାଗରେ ବିବିଧ ଅକ୍ଷୟ ଉର୍ଜା ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି।

ବାସ୍ତବରେ ବିଶ୍ୱତାପାୟନ ତଥା ଜଳବାୟୁ ପରିବର୍ତ୍ତନରୁ ରକ୍ଷା ପାଇବାକୁ ହେଲେ ବର୍ତ୍ତମାନ ଆମକୁ ଅକ୍ଷୟ ଉର୍ଜା ଉତ୍ସକୁ ଆପଣାଇବା ଏକାନ୍ତ ଜରୁରୀ ମନେହୁଏ। ଦୃଷ୍ଟାନ୍ତ ସ୍ୱରୂପ, ପୃଥିବୀର ବର୍ଦ୍ଧିଷ୍ଣୁ ତାପମାତ୍ରା ତଥା ବିଶ୍ୱତାପାୟନ ଯୋଗୁ ଲଗାତର ଭାବେ ବୃଦ୍ଧିପାଉଥିବା ପ୍ରାକୃତିକ ବିପର୍ଯ୍ୟୟ, ବିପ୍ୱାତ ସାରା ବିଶ୍ୱ ସମୁଦାୟ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି। ସେଥିପାଇଁ କୋଇଲା, ଗ୍ୟାସ, ପେଟ୍ରୋଲିୟମ ସାମଗ୍ରୀ ଭଳି ଶକ୍ତିର ପରମ୍ପରା ଉତ୍ସ ପରିବର୍ତ୍ତେ ଅକ୍ଷୟ ଉର୍ଜା ମାତ୍ରା ବଢ଼ାଇବା ଏକାନ୍ତ ଅପରିହାର୍ଯ୍ୟ। ପ୍ରକୃତରେ ବର୍ତ୍ତମାନ କେବଳ ଭାରତ ନୁହେଁ, ବିଶ୍ୱସମୂହ ସମ୍ମୁଖରେ ବିଦ୍ୟୁତ୍ ଶକ୍ତି ଭଳି ଉର୍ଜାର ମହତ୍ତ୍ୱପୂର୍ଣ୍ଣ ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ସୀମିତ ପ୍ରାକୃତିକ ସାଧନ ରହିଛି। ଅଧିକନ୍ତୁ ପରିବେଶ ଅସନ୍ତୁଳନ ତଥା ବିସ୍ଥାପନ ସମସ୍ୟା ଭଳି ଗୁରୁତର ଆହ୍ୱାନ ମଧ୍ୟ ମୁଣ୍ଡ ଟେକିବାରେ ଲାଗିଛି। ଏସବୁ ପ୍ରତିକୂଳ, ବିଷମ ସମସ୍ୟାକୁ ଦୂରକରିବା ଓ ଗୁରୁତର ଆହ୍ୱାନଗୁଡ଼ିକର ମୁକାବିଲା ନିମନ୍ତେ କେବଳ ଅକ୍ଷୟ ଉର୍ଜା ହିଁ ଏକମାତ୍ର ଉତ୍ତମ ବିକଳ୍ପ, ଯାହା କି ପରିବେଶଜନିତ ସମସ୍ୟାକୁ ଏଡ଼ାଇ ଦେଇପାରିବ। ଏହାବାଦ୍, ଉର୍ଜା ଆବଶ୍ୟକତା ପୂରଣ କରିବାରେ ମଧ୍ୟ ଫଳପ୍ରଦ ସାବ୍ୟସ୍ତ ହୋଇପାରିବ।

ଜଗମୋହନ ନଗର, ଜାଗମରା,
ଖଣ୍ଡଗିରି, ଭୁବନେଶ୍ୱର
ମୋ:୯୪୩୮୩୩୨୧୩୮

## ଏଇ ଭାରତରେ

'ଯଦି ମୁଁ ବଞ୍ଚିବି, ଗରିବ ଅସହାୟଙ୍କ ପାଇଁ ବଞ୍ଚିବି'–ଏଭଳି ମନୋଭାବ ନେଇ ଯଶ୍‌ପର ପାଓଲ ଯେଉଁ ସେବା କରୁଛନ୍ତି ତାହା ଯୁବପିଢ଼ିଙ୍କ ପାଇଁ ପ୍ରେରଣା ପାଲଟିଛି। ଯଶ୍‌ପର ରହନ୍ତି ହାଇଦ୍ରାବାଦରେ। ତାଙ୍କ ବୟସ ୨୪। ସେ ୭ ବର୍ଷ ମଧ୍ୟରେ ରାସ୍ତାକଡରୁ ୧,୫୦୦ ଅସହାୟ ତଥା ଗୃହହୀନଙ୍କୁ ଉଦ୍ଧାର କରି ଥଇଥାନ କରିପାରିଛନ୍ତି। ଏମାନଙ୍କ ଖାଇବା,ଚିକିତ୍ସା ଖର୍ଚ୍ଚ ମଧ୍ୟ ବହନ କରୁଛନ୍ତି। ୧୯ ବର୍ଷ ବୟସରେ ଯଶ୍‌ପର ପ୍ରଥମେ ଜଣେ ଗୃହହୀନଙ୍କୁ ଉଦ୍ଧାର କରିଥିଲେ। ପରେ 'ସକେଣ୍ଡ ଚାନ୍ସ ଫାଉଣ୍ଡେଶନ'ଗଠନ କରି ତା'ମାଧ୍ୟମରେ ଗୃହହୀନଙ୍କ ପାଇଁ କାର୍ଯ୍ୟ କରୁଛନ୍ତି। ତାଙ୍କ ସହ ୨୦ ଜଣ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟରେ ସାମିଲ ହୋଇଛନ୍ତି। ପ୍ରାରମ୍ଭରେ ଏଥିପାଇଁ ତାଙ୍କ ପାଖରେ ପାଣ୍ଠିର ଅଭାବ ଥିଲା। କିନ୍ତୁ ସେ ତାଙ୍କ କାର୍ଯ୍ୟ ଆଗେଇ ନେବା ପରେ ଲୋକେ ଆର୍ଥିକ ସାହାଯ୍ୟ କରିଥିଲେ। ଏବେ ମଧ୍ୟ ଲୋକଙ୍କ ଅନୁଦାନରେ ଏହି ସଂସ୍ଥା ଚାଲିଛି ଓ ତାଙ୍କ ଉଦ୍ଧାର କାର୍ଯ୍ୟକୁ ଯଶ୍‌ପର ବିଶାଖାପାଟଣା ଏବଂ ଆଦିଲାବାଦକୁ ସମ୍ପ୍ରସାରିତ କରିଛନ୍ତି। ବର୍ତ୍ତମାନ ସେ ଦିନକୁ ୩ରୁ ୪ ଜଣ ଗୃହହୀନଙ୍କ ସମ୍ପର୍କରେ ସ୍ଥାନୀୟ ଲୋକ,ପୋଲିସ ଓ ସାମାଜିକ କଲ୍ୟାଣ ବିଭାଗରୁ କଲ୍ ପାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଅଗଷ୍ଟ ୧୯୯୬

- ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିଥା ତାଙ୍କର ଘନିଷ୍ଠ ବାନ୍ଧବୀ ଶଶିକଳାଙ୍କ ସହ ଥିବା ସମସ୍ତ ସମ୍ପର୍କ ଛିନ୍ନ କରିଛନ୍ତି।
- ୧୯୮୪ ମସିହାର ଦିଲ୍ଲୀ ମାମଲାର ରାୟ ପ୍ରକାଶ କରି ଦିଲ୍ଲୀ ହାଇକୋର୍ଟ ଏହି ହିଂସାକାଣ୍ଡ ସହ ଜଡ଼ିତ ୯୩ ଜଣ ବ୍ୟକ୍ତିଙ୍କୁ ୫ ହଜାର ଟଙ୍କା କରି ଜରିମାନା ସହ ସାଢ଼େ ୭ ବର୍ଷ ପାଇଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।
- ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲା ଦାବିରେ ସଚିବାଳୟ ସମ୍ମୁଖକୁ ବିକ୍ଷୋଭ ଶୋଭାଯାତ୍ରାରେ ଆସିଥିବା ଆଇନଜୀବୀଙ୍କ ସହ ପୋଲିସର ଖଣ୍ଡଯୁଦ୍ଧ।

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରାକୃତିକ କୃଷି ହିଁ ଶ୍ରେଷ୍ଠ

ମହାଶୟ,

ସଂପ୍ରତି ସମଗ୍ର ବିଶ୍ୱ ଅର୍ଥାତ୍ ସମଗ୍ର ଜୀବଜଗତ ଏକ ଘଡ଼ିସନ୍ଧି ସମୟ ଦେଇ ଗତି କରୁଛି। ସୃଷ୍ଟିର ଶ୍ରେଷ୍ଠ ଜୀବ ମନୁଷ୍ୟ ତା'ର ଅଦୂରଦର୍ଶୀ, ଅପରିଣାମଦର୍ଶୀ ତଥା ପ୍ରକୃତିର ପ୍ରତିକୂଳ କାର୍ଯ୍ୟ ପାଇଁ ସମଗ୍ର ଜୀବଜଗତର ବିନାଶକୁ ଦ୍ରୁତ ଆମନ୍ତ୍ରଣ କରିଛି। ଜୀବ ସୃଷ୍ଟିର ପଞ୍ଚତତ୍ତ୍ୱ ଯଥା– ମାଟି, ପାଣି, ପବନ, ଆକାଶ ଓ ଅଗ୍ନି ଆଦି ବିଭିନ୍ନ କାରଣ ବା ମନୁଷ୍ୟକୃତ କାର୍ଯ୍ୟ ପାଇଁ ବିଷାକ୍ତ ଓ ପ୍ରଦୂଷିତ। ମଣିଷ ନିଜର ଖାଦ୍ୟାଭାବ ଦୂର ପାଇଁ ହେଉ କିମ୍ବା ବିଳାସପୂର୍ଣ୍ଣ ଜୀବନଯାପନ ପାଇଁ ହେଉ ପ୍ରକୃତିର ଦୋହନ ଅତିମାତ୍ରା କରିଆସୁଛି। ଜୀବଜଗତର ବଞ୍ଚିରହିବା ପାଇଁ ଅତ୍ୟାବଶ୍ୟକୀୟ ଉପାଦାନଗୁଡ଼ିକୁ ଯଥା– ମାଟି, ପାଣି ଇତ୍ୟାଦି ପ୍ରଚୁର ପରିମାଣରେ ସହଜ ଲବ୍ଧ କରିଛି। କିନ୍ତୁ ଆମର ଅଜ୍ଞାନତା ଯୋଗୁ ଏବଂ ଲାଳସା ପାଇଁ ଏଗୁଡ଼ିକର ଅପବ୍ୟବହାର କରି ଚାଲିଛୁ। କୃଷି ଉନ୍ନତ ରାଜ୍ୟ ପଞ୍ଜାବ, ହରିୟାଣା, ମହାରାଷ୍ଟ୍ର, କର୍ନାଟକ ଆଦି ରାଜ୍ୟରେ ଭୂତଳ ଜଳର ଅତ୍ୟଧିକ ଦହନ କାରଣରୁ ଜଳସ୍ତର ପ୍ରାୟ ଏକ ହଜାର ଫୁଟ ନିମ୍ନରେ। ଅତ୍ୟଧିକ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ଫଳ ସ୍ୱରୂପ ପଞ୍ଜାବ ଆଜି କର୍କଟ ରୋଗର ରାଜଧାନୀ। ଅତ୍ୟଧିକ କୃଷି ଖର୍ଚ୍ଚ ଏବଂ ଅଭାବୀ ବିକ୍ରି ପାଇଁ କୃଷକ ଆତ୍ମହତ୍ୟା କରୁଛି। ତେଣୁ ପ୍ରାକୃତିକ କୃଷି ଏକମାତ୍ର ବିକଳ୍ପ।

–ଶଶିକାନ୍ତ ନାୟକ, ରାଜକନିକା

## ଚିରନ୍ତନୀ

''ଆସ ବୀର ! ଧର ତୋଳି
ଆଶାର ଉଜ୍ଜ୍ୱଳ ମହାଦୀପ
''ଜୀବନ ପାବଚ୍ଛେ ତବ
ସାଜି ଦିଅ ସ୍ୱପନ–ସ୍ଫଟିକ।
–(ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ପୂର୍ବତନ ଉପବାଚସ୍ପତି ପ୍ରହଲ୍ଲାଦ ଦୋରା ଗୁରୁତର

**ମାଲକାନଗିରି, ୨୭।୮(ଡି.ଏନ୍.ଏ.):** ଓଡ଼ିଶାର ପୂର୍ବତନ ଉପବାଚସ୍ପତି ପ୍ରହଲ୍ଲାଦ ଦୋରା ପେଟ ଯନ୍ତ୍ରଣାରେ ଗୁରୁତର ହୋଇଛନ୍ତି। ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ପରିବାର ଲୋକେ କହିଛନ୍ତି। ଖବର ପାଇ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ଭାଜପା ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, ବିରଞ୍ଚି ତ୍ରିପାଠୀ, ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ପ୍ରବୀର ମହାନ୍ତି ପ୍ରମୁଖ ଏମ୍ସ ଯାଇ ଦୋରାଙ୍କୁ ସାକ୍ଷାତକରି ତାଙ୍କ ଆରୋଗ୍ୟ କାମନା କରିଛନ୍ତି। ଏହି ଖବର ଜାଣିବା ପରେ ପୂର୍ବତନ ବିଧାୟକ ମାନସ ମାଡକାମି, କଂଗ୍ରେସ ଜିଲା ସଭାପତି ଗୋବିନ୍ଦ ପାତ୍ର, କାର୍ଯ୍ୟକାରୀ ସଭାପତି ରାମ ପଟ୍ଟନାୟକ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ବୁରୁଦା, ବାର୍ ଆସୋସିଏଶନ ସଭାପତି ପ୍ରଭାକର ପ୍ରଧାନ ଦୋରାଙ୍କ ଆରୋଗ୍ୟ କାମନା କରି ଏ ଦିଗରେ ରାଜ୍ୟ ସରକାର ଉପବାଚସ୍ପତି ଦୋରାଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବା ପାଇଁ ଅନୁରୋଧ କରିଛନ୍ତି।

### ବ୍ୟବସାୟୀ ମନୋବୃତ୍ତି ଛାଡୁ ଟାଟା: ନୃସିଂହ

**ଭୁବନେଶ୍ୱର, ୨୭।୮(ବ୍ୟୁରୋ):** ଶକ୍ତି ଉତ୍ପାଦନ, ବିତରଣ ଏବଂ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାର ଉନ୍ନତି ପାଇଁ ଗଠିତ ଗୃହ ସବ୍-କମିଟି ବୈଠକ ଉପବାଚସ୍ପତି ରଜନୀକାନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବିଧାନସଭା ପ୍ରକୋଷ୍ଠ ନମ୍ବର ୫୪ରେ ଅନୁଷ୍ଠିତ ବୈଠକରେ ଉପବାଚସ୍ପତି ବିଦ୍ୟୁତ୍ ଯୋଗାଣରେ ବ୍ୟବସ୍ଥାଗତ ଉନ୍ନତି ସହ ଖାଉଟିଙ୍କ କଲ୍ୟାଣ ଉପରେ ଅଗ୍ରାଧିକାର ଦେବା ପାଇଁ ମତ ଦେଇଛନ୍ତି। ଟାଟା ପାୱାର କମ୍ପାନୀ ବ୍ୟାବସାୟିକ ମନୋବୃତ୍ତିକୁ କେବଳ ଅଗ୍ରାଧିକାର ନ ଦେଇ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାର ସାମଗ୍ରିକ ଉନ୍ନତି ଉପରେ ପଦକ୍ଷେପ ନେବାକୁ ପରଜଙ୍ଗ ବିଧାୟକ ନୃସିଂହ ଚରଣ ସାହୁ ପରାମର୍ଶ ଦେଇଛନ୍ତି। ପରଜଙ୍ଗ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟ ହେଉଥିବାରୁ ଏଠାରେ ଓପିଟିସିଏଲ୍‌ର ଏକ ଗ୍ରୀଡ୍ ସ୍ଥାପନ ପାଇଁ ସେ ଦାବି ରଖିଛନ୍ତି। ବିଦ୍ୟୁତ୍ ଯୋଗାଣରେ ଉନ୍ନତି, ନିରାପତ୍ତା ବ୍ୟବସ୍ଥାର ସୁଦୃଢ଼ୀକରଣ, ଗ୍ରାହକ ସେବା ଏବଂ ସଚେତନତା ଉପରେ ଟାଟା ପାୱାର ତରଫରୁ ଗୃହ କମିଟି ସଭ୍ୟମାନଙ୍କ ଅବଗତି ପାଇଁ ସ୍ଲାଇଡ୍-ଶୋ ପ୍ରଦର୍ଶନ କରାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିଦ୍ୟୁତ୍ ସରବରାହ ଦୀର୍ଘଦିନ ଧରି ବାଧାପ୍ରାପ୍ତ ହେଉଥିଲା। ଆଗାମୀ ଦିନରେ ଏଭଳି ସଙ୍କଟ ସମୟରେ ବିଜୁଳି ସରବରାହ ୨୪ ଘଣ୍ଟା ମଧ୍ୟରେ ସ୍ୱାଭାବିକ କରାଯିବ। ଏହାକୁ ନଜରରେ ରଖି ଭିତ୍ତିଭୂମି ନିର୍ମାଣ କରାଯାଉଥିବା ବୈଠକରେ ସୂଚନା ଦିଆଯାଇଛି। ସତର୍କତାମୂଳକ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବା ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଗୃହକୁ ଅବଗତ କରାଇଛନ୍ତି।

### ଚାଷୀଙ୍କୁ ଭଣ୍ଡାଉଛି ବିଜେଡି: ଭାଜପା

**ଭୁବନେଶ୍ୱର, ୨୭।୮(ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଯୋଜନା ନେଇ ବିଜେଡି ମିଛ ଅଭିଯୋଗ ଆଣିବା ସହ ରାଜନୀତି କାର୍ଡ ଖେଳୁଛି। ଚାଷୀଙ୍କୁ ଭଣ୍ଡାଇବା କାର୍ଯ୍ୟ କରୁଛି। ରାଜ୍ୟ ସରକାର ପ୍ରଥମେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରୁ ଓଡ଼ିଶାର ଚାଷୀଙ୍କୁ ବଞ୍ଚିତ କରିଥିଲେ। ଏବେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ମିଥ୍ୟା ପ୍ରଚାର କରୁଛନ୍ତି ବୋଲି ଭାଜପା ବିଧାୟକ ମୁକେଶ ମହାଲିଙ୍ଗ ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଖବରଦାତା ସମ୍ମିଳନୀରେ ମୁକେଶ କହିଛନ୍ତି, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଆରମ୍ଭ ହେବା ଦିନରୁ ଓଡ଼ିଶାର ପାଖାପାଖି ୧.୭ କୋଟି ଚାଷୀ ୬୦ ଲକ୍ଷ ହେକ୍ଟର ଜମି ପାଇଁ ମୋଟ ୩୫ ହଜାର ୫୨୬.୬୦ କୋଟି ଟଙ୍କାର ବୀମା କରିଛନ୍ତି। ଓଡ଼ିଶାରେ ଚାଷୀଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ୬୦୨.୪୩ କୋଟି ଟଙ୍କା ପ୍ରିମିୟମ ପୈଠ କରାଯାଇଛି। ପରବର୍ତ୍ତୀ ସମୟରେ ୨୭.୮୮ ଲକ୍ଷ ଚାଷୀଙ୍କ ପକ୍ଷରୁ ୪୬୦୦.୭୫ କୋଟି ଟଙ୍କା ଦେବା ପାଇଁ ଆବେଦନ କରାଯାଇଛି। ଯାହା ପ୍ରିମିୟମ ଠାରୁ ୬ ଗୁଣା ଅଧିକ। ଏହି ଯୋଜନା ଅଧୀନରେ ବୀମା ପାଇଁ ଆବେଦନ କରିଥିବା ଏକ ଚତୁର୍ଥାଂଶ ଚାଷୀଙ୍କ ବୀମା ଅର୍ଥ ପୈଠ କରାଯାଇଛି। ଏଥିରୁ ସ୍ପଷ୍ଟ ଯେ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବିଜେଡି ମୁଖପାତ୍ର ସସ୍ମିତ ପାତ୍ର ଯେଉଁ ଆରୋପ ଲଗାଇଛନ୍ତି, ସେଥିରେ କିଛି ସତ୍ୟତା ନାହିଁ। ସସ୍ମିତ କିଛି ତଥ୍ୟ ନ ଜାଣି ନିଜ ଦଳ ଓ ସରକାରଙ୍କ ଅସ୍ତିତ୍ୱକୁ ବଞ୍ଚାଇ ରଖିବା ପାଇଁ ଚେଷ୍ଟା କରୁଥିବା ବିଧାୟକ ମୁକେଶ ପ୍ରକାଶ କରିଛନ୍ତି।

# ୧୫୦ କୋଟିର ବ୍ୟବସାୟ ପ୍ରଭାବିତ

**ଆଫଗାନିସ୍ତାନରେ ଆତଙ୍କବାଦୀ ଶାସନ ଦେଶର ଅର୍ଥନୀତିକୁ ଦୋହଲାଇ ଦେଇଛି। ପୁଞ୍ଜିପ୍ରବାହର ମୁଖ୍ୟସ୍ରୋତ ପାଲଟିଥିବା ଉଦ୍ୟୋଗରେ ତାଲା ଝୁଲିବା ପରେ ଏହାର ପ୍ରଭାବ କେବଳ ଦେଶୀୟ ବଜାର ନୁହେଁ, ପଡ଼ୋଶୀ ଦେଶର ବାଣିଜ୍ୟିକ ସମ୍ପର୍କ ଉପରେ ଅନୁଭୂତ ହେଲାଣି। ଅତ୍ୟାଧୁନିକ ମେଡିକାଲ ସାମଗ୍ରୀ ପାଇଁ ଭାରତ ଉପରେ ନିର୍ଭରଶୀଳ ଆଫଗାନିସ୍ତାନ। ଏଭଳି ଉପକରଣ ରପ୍ତାନିରୁ ବାର୍ଷିକ ୧୫୦ କୋଟି ଟଙ୍କାର କାରବାର କରିଥାଏ ଭାରତ। ତେବେ ତାଲିବାନ୍‌ର କାବୁଲ ଦଖଲ ପରେ ଏହି ବ୍ୟବସାୟକୁ ବଡ଼ ଝଟ୍‌କା ଲାଗିଛି।**

### ଭାରତୀୟ ମେଡିକାଲ ଉଦ୍ୟୋଗକୁ ତାଲିବାନୀ ଝଟକା




**ନୂଆଦିଲ୍ଲୀ ୨୭।୮**

ଆଫଗାନିସ୍ତାନ ଉପରେ ତାଲିବାନ୍ ସଙ୍ଗଠନର କବ୍‌ଜା ପରେ ଏହାର ପ୍ରଭାବ ବିଶ୍ୱବ୍ୟାପୀ ଅନୁଭବ ହେଲାଣି। ପଡ଼ୋଶୀ ଦେଶ ସହ ବାଣିଜ୍ୟିକ କାରବାର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବା ବେଳେ ସାମଗ୍ରୀ ଆମଦାନୀ-ରପ୍ତାନି ଉପରେ ଆତଙ୍କବାଦୀ ସଙ୍ଗଠନ ଲଗାଇଛି ଅଙ୍କୁଶ। ଏହାକୁ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି ଭାରତୀୟ ବ୍ୟବସାୟୀ। କାରଣ ଭାରତରୁ ଆଫଗାନିସ୍ତାନକୁ ପ୍ରତିବର୍ଷ ୧୫୦ କୋଟି ଟଙ୍କାର ଚିକିତ୍ସା ଉପକରଣ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ରପ୍ତାନି ହେଉଥିଲା। ଏହା ଏବେ ବନ୍ଦ ହୋଇଯାଇଛି। ସ୍ଥିତି ସ୍ୱାଭାବିକ ନ ହେବା ଯାଏ ଆଫଗାନିସ୍ତାନ ବଜାରରେ ଭାରତୀୟ ମେଡିକାଲ ସାମଗ୍ରୀର ଅଭାବ ଅନୁଭୂତ ହେବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

ଆଫଗାନିସ୍ତାନକୁ ଭାରତ ୧୫୧ ପ୍ରକାର ମେଡିକାଲ ଡିଭାଇସ୍ ରପ୍ତାନି କରିଥାଏ। କରୋନା ମହାମାରୀ ସମୟରେ ଆଫଗାନ ବଜାରକୁ ବିପୁଳ ପରିମାଣର ମେଡିକାଲ ଯନ୍ତ୍ରାଂଶ ଯୋଗାଣ ଜାରି ରହିଥିଲା। ଚାହିଦା ପୂରଣ ଲାଗି ଦେଶୀୟ ଉତ୍ପାଦନ ମଧ୍ୟ ବଢ଼ାଇ ଦିଆଯାଇଥିଲା। ହେଲେ ଆତଙ୍କବାଦୀ ଗୋଷ୍ଠୀ ଅଶ୍ରଫ୍ ଗନି ସରକାରଙ୍କୁ କ୍ଷମତାଚ୍ୟୁତ କରିବା ପରେ ଏଭଳି ସ୍ୱାସ୍ଥ୍ୟଭିତ୍ତିକ ଉପକରଣ, ଯନ୍ତ୍ରାଂଶ ରପ୍ତାନି ଉଦ୍ୟୋଗକୁ ବଡ଼ ଝଟ୍‌କା ଲାଗିଛି।

ଆସୋସିଏଶନ ଅଫ୍ ଇଣ୍ଡିଆନ୍ ମାନୁଫାକଚର ଅଫ୍ ମେଡିକାଲ ଡିଭାଇସେସ୍ (ଏଆଇଏମ୍ଇଡି) ଫୋରମ୍‌ର କୋ-ଅର୍ଡିନେଟର ରାଜୀବ ନାଥ କୁହନ୍ତି, ବିଶ୍ୱରେ ନିର୍ମାଣ ହେଉଥିବା ଡାକ୍ତରୀ ଉପକରଣର ବଡ଼ ବଜାର ହେଉଛି ଭାରତ। ଦେଶରୁ ୧୫୦ରୁ ଊର୍ଦ୍ଧ୍ୱ ମେଡିକାଲ ସମ୍ପର୍କିତ ଉପକରଣ ବାହାରକୁ ରପ୍ତାନି ହୋଇଥାଏ। ସେଥିରୁ ୭୪ ପ୍ରକାର ଉପକରଣ ଇଲେକ୍ଟ୍ରୋନିକ୍ସ ଡିଭାଇସ୍। ୨୦୧୮-୧୯ ଆର୍ଥିକ ବର୍ଷରେ ଅନ୍ୟ ରାଷ୍ଟ୍ରଗୁଡ଼ିକୁ ମୋଟ ୧୭ ହଜାର ୩୬ କୋଟି ଟଙ୍କାର ଏଭଳି ଉପକରଣ ରପ୍ତାନି ହୋଇଥିଲା। ୨୦୧୯-୨୦ରେ ଏହା ୧୮ ହଜାର ୪୧୮ କୋଟି ଟପିଥିଲା। କରୋନା ଦ୍ୱିତୀୟ ଲହର ସମୟରେ ୨୦୨୦-୨୧ରେ ଇଲେକ୍ଟ୍ରୋନିକ୍ ମେଡିକାଲ ଉପକରଣ ରପ୍ତାନି ଆହୁରି ବୃଦ୍ଧି ପାଇ ୧୯ ହଜାର ୭୩୬ କୋଟି ଛୁଇଁଛି। ଭାରତୀୟ ବଜାରରେ ପ୍ରସ୍ତୁତ ଡିସ୍ପୋଜେବଲ ସାମଗ୍ରୀ ସିରିଞ୍ଜ୍, ଛୁଞ୍ଚି, ଗ୍ଲୋଭ୍‌ସର ଚାହିଦା ବଢ଼ିଛି। ମହାମାରୀ ସମୟରେ ୪୭ ପ୍ରକାର କଞ୍ଜ୍ୟୁମେବଲ ସାମଗ୍ରୀ, ୧୦ ପ୍ରକାର ଡିସ୍ପୋଜେବଲ, ୭୪ ପ୍ରକାର ଇଲେକ୍ଟ୍ରୋନିକ ଉପକରଣ, ୮ ପ୍ରକାର ଇମ୍ପ୍ଲାଣ୍ଟ, ୭ ପ୍ରକାର ସର୍ଜିକାଲ ସାମଗ୍ରୀ ରପ୍ତାନି ବୃଦ୍ଧି ପାଇଛି।

ସେହିପରି ଆଫଗାନିସ୍ତାନକୁ ୨୦୧୮-୧୯ରେ ୧୪୯.୭୩ କୋଟି, ୨୦୧୯-୨୦ରେ ୧୪୯.୩୦ କୋଟି ଏବଂ ୨୦୨୦-୨୧ରେ ୧୪୧.୭୮ କୋଟି ଟଙ୍କାର ମେଡିକାଲ ଉପକରଣ ରପ୍ତାନି ହୋଇଛି। ବିଶ୍ୱ ବଜାରକୁ ଭାରତୀୟ ମେଡିକାଲ ଉପକରଣ ଯୋଗାଣ ପାଖାପାଖି ୧୦୦୦ କୋଟି ଟଙ୍କା ଯାଏ ବୃଦ୍ଧି ଘଟିଛି। ହେଲେ ଯୁଦ୍ଧଗ୍ରସ୍ତ ଆଫଗାନିସ୍ତାନକୁ ସାମଗ୍ରୀ ଯୋଗାଣରେ ଓଲଟା ଚିତ୍ର ଦେଖିବାକୁ ମିଳିଛି। ଗତ ୩ ବର୍ଷ ହେଲା ମେଡିକାଲ ସାମଗ୍ରୀ ଯୋଗାଣ କ୍ରମାଗତ ଭାବେ ହ୍ରାସ ପାଉଛି। ତାଲିବାନ ସକ୍ରିୟ ହେବା ପୂର୍ବରୁ ଏହି ଧାରା ଜାରି ରହିଥିଲା। ଏବେ ଏହା ଆହୁରି ଖସିଆସିବା ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ସାମଗ୍ରୀ ଯୋଗାଣ ପରେ ବ୍ୟବସାୟୀମାନେ କାଳେ ନିଜର ଟଙ୍କା ବୁଡ଼ିଯିବ ବୋଲି ଆଶଙ୍କାରେ ରହୁଛନ୍ତି। ତେଣୁ ଶାସନରେ ସ୍ଥିରତା ନ ଆସିବା ଯାଏ ଅନେକ ଭାରତୀୟ ବ୍ୟବସାୟୀ ଆଫଗାନିସ୍ତାନକୁ ସାମଗ୍ରୀ ଯୋଗାଣ କରିବାକୁ କୁଣ୍ଠା ପ୍ରକାଶ କରୁଛନ୍ତି। ଅନୁରୂପ ଭାବେ ଏବେ ଆଫଗାନିସ୍ତାନରେ ଭୟ ଆତଙ୍କର ବାତାବରଣ ଲାଗି ରହିଛି। ବିମାନ ଚଳାଚଳ ବାଧାପ୍ରାପ୍ତ ହେବାପରେ ଅଧିକାଂଶ ଦେଶ ବାଣିଜ୍ୟିକ ପରିବହନ କ୍ଷେତ୍ରରେ ଏଭଳି ସମସ୍ୟା ଭୋଗୁଛନ୍ତି। କେବଳ ଦୁବାଇ ଦେଇ ସାମଗ୍ରୀ ଯୋଗାଣ ସମ୍ଭବ ହେଉଛି। ସ୍ଥିତି ସ୍ୱାଭାବିକ ହେଲେ ଦୁବାଇ ମାର୍ଗ ଦେଇ ମେଡିକାଲ ଉପକରଣ ଯୋଗାଣ କରିବାକୁ ଭାରତୀୟ ବ୍ୟବସାୟୀ ଯୋଜନା କରୁଥିବା ରାଜୀବ କହିଛନ୍ତି।

### ମୁହଁରେ ସବୁ ରାଜ୍ୟର ରାଜଧାନୀ ନାଁ




**ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ଶୁଭଶ୍ରୀ**

**ପାରଳାଖେମୁଣ୍ଡି, ୨୭।୮(ଡି.ଏନ୍.ଏ.):** ଗଜପତି ଜିଲା ପାରଳାଖେମୁଣ୍ଡିଠାରେ ଥିବା ଶିଶୁ ବିଦ୍ୟାମନ୍ଦିରର ୨ୟ ଶ୍ରେଣୀ ଛାତ୍ରୀ ଶୁଭଶ୍ରୀ ଶତପଥୀ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ-୨୦୨୧ରେ ସ୍ଥାନ ପାଇଛନ୍ତି। ଏହି ଛାତ୍ରୀ ଦେଶର ସମସ୍ତ ରାଜ୍ୟର ରାଜଧାନୀ ନାଁ କହିବା ସହ ପଜଲ ସମାଧାନ କରିବାରେ ଦ୍ରୁତତମ ଶିଶୁ ଭାବେ ସ୍ଥାନ ପାଇଛନ୍ତି। ତାଙ୍କର ଏହି କୃତିତ୍ୱକୁ ନେଇ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ-୨୦୨୧ ତରଫରୁ ପ୍ରମାଣପତ୍ର ସହ ଏକ ପଦକ ପ୍ରଦାନ କରାଯାଇଛି। ଏହି କୃତିତ୍ୱ ପାଇଁ ତାଙ୍କ ବାପା ସଂସ୍କୃତ ଶିକ୍ଷକ ସନ୍ତୋଷ କୁମାର ଶତପଥୀ ଓ ମା’ ଅମିତା ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମଧ୍ୟ ପ୍ରଶଂସା କରାଯାଉଛି। ସୂଚନାଯୋଗ୍ୟ, ଇଣ୍ଡିଆ ବୁକ୍‌ଅଫ୍‌ରେକର୍ଡ-୨୦୨୧ରେ ସ୍ଥାନ ପାଇବାରେ ଶୁଭଶ୍ରୀ ଜିଲାରେ ପ୍ରଥମ ବୋଲି ଜଣାପଡ଼ିଛି।



ମାହାଙ୍ଗା ଡବଲ ମର୍ଡର ଘଟଣାରେ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଗିରଫ ଦାବିକରି ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସୁରୁଖୁରୁରେ ଅଧିବେଶନ ଲାଗି ସର୍ବଦଳୀୟ ବୈଠକ

**ଭୁବନେଶ୍ୱର, ୨୭।୮(ବ୍ୟୁରୋ)**

- ୨ ପର୍ଯ୍ୟାୟରେ ଦୈନିକ ଚାଲିବ ବିଧାନସଭା
- ମୁଲତବୀ ପ୍ରସ୍ତାବ ଲାଗି ଭାଜପାକୁ ୪, କଂଗ୍ରେସ ୨ ଦିନ ସମୟ
- ଆର୍‌ଟି-ପିସିଆର୍ ବାଧ୍ୟତାମୂଳକ

ବିଧାନସଭା ମୌସୁମୀ ଅଧିବେଶନ ଆସନ୍ତା ୧ରୁ ଆରମ୍ଭ ହୋଇ ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥର ଅଧିବେଶନକୁ ସୁରୁଖୁରୁରେ ଚଳାଇବା ଲାଗି ଶୁକ୍ରବାର ବିଧାନସଭା ସମ୍ମିଳନୀ କକ୍ଷରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଧାନସଭା ଅଧିବେଶନ ସଂକ୍ରାନ୍ତୀୟ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରି ବାଚସ୍ପତି ଅଧିବେଶନକୁ ସୁରୁଖୁରୁରେ ଚଳାଇବା ଲାଗି ସହଯୋଗ କାମନା କରିଥିଲେ। ଉକ୍ତ ସ୍ୱଳ୍ପକାଳୀନ ଅଧିବେଶନ ପ୍ରତ୍ୟେକ ଦିନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ଅଧିବେଶନ ପୂର୍ବାହ୍ନ ୧୦.୩୦ ଠାରୁ ଅପରାହ୍ନ ୧.୩୦ ମିନିଟ୍ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଅପରାହ୍ନ ୪ଟାରୁ ୬ଟା ପର୍ଯ୍ୟନ୍ତ ଚାଲିବ। ତେବେ ପ୍ରଥମ ଦିନ ପ୍ରଥମ ପର୍ଯ୍ୟାୟ ଅଧିବେଶନ ପୂର୍ବାହ୍ନ ୧୧ଟାରୁ ହେବ। ମୁଲତବୀ ପ୍ରସ୍ତାବ ଉପରେ ଗୃହରେ ଆଲୋଚନା ପାଇଁ ୯୦ ମିନିଟ୍ ସମୟସୀମା ନିର୍ଦ୍ଧାରିତ କରାଯାଇଛି। ଭାଜପା ବିଧାୟକମାନେ ସପ୍ତାହର ୪ ଦିନ ଏବଂ କଂଗ୍ରେସ ବିଧାୟକମାନେ ମଙ୍ଗଳବାର ଓ ଶନିବାର ମୁଲତବୀ ପ୍ରସ୍ତାବ ଆଗତ କରିପାରିବେ। ଯଦି ନିର୍ଦ୍ଧାରିତ ଦିବସରେ କୌଣସି କାରଣ ଯୋଗୁ ବିରୋଧୀ ତାହା ଆଗତ କରି ନ ପାରିଲେ, ତେବେ ସମ୍ପୃକ୍ତ ଦଳ ଉକ୍ତ ସୁଯୋଗ ହରାଇବେ ବୋଲି ବାଚସ୍ପତି କହିଛନ୍ତି।

କରୋନାର ୩ୟ ଲହରକୁ ଦୃଷ୍ଟିରେ ରଖି ବିଧାୟକଙ୍କ ସୁରକ୍ଷା ପାଇଁ ସେମାନଙ୍କ ଆସନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ନିରାପଦ ଦୂରତ୍ୱ ରକ୍ଷା କରି ବିଧାନସଭା ଭବନ, ଗ୍ୟାଲେରି, ବାଚସ୍ପତିଙ୍କ ଗ୍ୟାଲେରିରେ ସ୍ୱତନ୍ତ୍ର ଆସନ ବ୍ୟବସ୍ଥା ଗ୍ରହଣ କରାଯିବ। ବିଧାୟକ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା ଚାହିଁଲେ ଭିଡିଓ କନଫରେନ୍ସିଂ(ଭିସି) ଜରିଆରେ ଆଲୋଚନାରେ ଅଂଶଗ୍ରହଣ କରିପାରିବେ। ନିହାତି ଆବଶ୍ୟକ ବ୍ୟତୀତ ଅନ୍ୟ ବିଧାୟକଙ୍କୁ ଗୃହରେ ରିପୋର୍ଟ, ବିବରଣୀ ପ୍ରଦାନ କରାଯିବ ନାହିଁ। ବିଧେୟକ ସଂଶୋଧନ ବିଲ୍ ମନ୍ତ୍ରୀମାନଙ୍କ ଉତ୍ତର ବିଧାୟକଙ୍କ ଅବଗତି ପାଇଁ ସେମାନଙ୍କ ବାସଭବନରେ ଯୋଗାଇ ଦିଆଯିବ। ବିଧାନସଭା ଅଧିବେଶନର ଠିକ ରିପୋର୍ଟିଂ ପାଇଁ ଖବରଦାତାଙ୍କୁ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଛି। ପ୍ରତ୍ୟେକ ଦିନ ଭୁବନେଶ୍ୱର ମହାନଗର ନିଗମ ତରଫରୁ ବିଧାନସଭାକୁ ସାନିଟାଇଜ୍ କରାଯିବ ଏବଂ ସମସ୍ତ ବିଧାନସଭା ସଭ୍ୟ, ଅଧିକାରୀ, ବିଧାନସଭା ସଚିବାଳୟ କର୍ମଚାରୀ ଓ ଆଗନ୍ତୁକଙ୍କ ଆର୍.ଟି.ପି.ସି.ଆର୍. ପରୀକ୍ଷା କରାଯିବ। ବୈଠକରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଭାଜପା ବିଧାୟକ ଦଳ ଉପନେତା ବିଷ୍ଣୁଚରଣ ସେଠୀ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ବିଧାୟକ ଦେବୀ ପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଖୋଜାଯିବ ସୀମାନ୍ତ ସଂଖ୍ୟାଲଘୁ ଓଡ଼ିଆଙ୍କ ସମସ୍ୟା

**ଭୁବନେଶ୍ୱର, ୨୭।୮(ବ୍ୟୁରୋ)**

**ସ୍ଥିତି ପରଖିବାକୁ ୭ ସବ୍-କମିଟି**

ଓଡ଼ିଶାର ଉପାନ୍ତ ତଥା ପଡ଼ୋଶୀ ରାଜ୍ୟରେ ବସବାସ କରୁଥିବା ସଂଖ୍ୟାଲଘୁ ଓଡ଼ିଆ ଭାଷାଭାଷୀ ଲୋକଙ୍କ ସମସ୍ୟା ଅନୁଧ୍ୟାନ କରିବ ଗୃହ କମିଟି। ଏଥିଲାଗି ୭ ସବ୍ କମିଟି ଗଠିତ ହୋଇଛି। କମିଟି ସଦସ୍ୟ ପଡ଼ୋଶୀ ରାଜ୍ୟ ଗସ୍ତ କରି ସଂଖ୍ୟାଲଘୁ ଓଡ଼ିଆଙ୍କ ସମସ୍ୟା ବୁଝିବେ ଏବଂ ଏହାର ପ୍ରତିକାର କରିବାକୁ ସୁପାରିସ କରିବେ। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଂଖ୍ୟାଲଘୁ ଭାଷାଭାଷୀ ଗୃହ କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି।

ବିଧାନସଭାର ପ୍ରକୋଷ୍ଠ ନମ୍ବର ୫୯ରେ ଭିଡିଓ କନ୍‌ଫରେନ୍ସରେ ଆୟୋଜିତ ଉକ୍ତ ବୈଠକରେ ସୀମାନ୍ତରେ ବସବାସ କରୁଥିବା ସଂଖ୍ୟାଲଘୁ ଓଡ଼ିଆଙ୍କ ଭାଷା, ସାହିତ୍ୟ, ସଂସ୍କୃତିର ସୁରକ୍ଷା ଉପରେ ବ୍ୟାପକ ଆଲୋଚନା ହୋଇଛି। ବିଧାନସଭା ଅଧିବେଶନ ପରେ କୋଭିଡ୍ ସ୍ଥିତି ସ୍ୱାଭାବିକ ହେଲେ ଏଥିଲାଗି ଗଠିତ ୭ ସବ୍-କମିଟି ସଦସ୍ୟ ବିଭିନ୍ନ ରାଜ୍ୟ ଗସ୍ତ କରି ବାସ୍ତବ ସ୍ଥିତି ଅନୁଧ୍ୟାନ କରିବେ। ଓଡ଼ିଆଙ୍କ ସ୍ୱାର୍ଥରକ୍ଷା ପାଇଁ ସମ୍ପୃକ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ବାଚସ୍ପତିଙ୍କ ସହ ଆଲୋଚନା କରାଯିବ। ସୀମାନ୍ତ ଆନ୍ଧ୍ର ପାଇଁ ସରକାରୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ତେଲଙ୍ଗାନା ପାଇଁ ବିଧାୟକ ଦେବୀ ପ୍ରସାଦ ମିଶ୍ର, ଛତିଶଗଡ଼ ପାଇଁ ବିଧାୟକ ଅମର ପ୍ରସାଦ ଶତପଥୀ, ଝାଡ଼ଖଣ୍ଡ ପାଇଁ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ପଶ୍ଚିମବଙ୍ଗ ପାଇଁ ବିଧାୟକ ଅନନ୍ତ ଦାସ, ଗୁଜରାଟ ଓ ମହାରାଷ୍ଟ୍ର ପାଇଁ ଉପବାଚସ୍ପତି ରଜନୀକାନ୍ତ ସିଂ, କର୍ଣ୍ଣାଟକ ପାଇଁ କୃଷିମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଗଠିତ ସବ୍-କମିଟି ସମ୍ପୃକ୍ତ ରାଜ୍ୟ ଗସ୍ତରେ ଯିବେ। ରାଜ୍ୟର ସୀମାନ୍ତ ଜିଲାରୁ ନିର୍ବାଚିତ ବିଧାୟକଙ୍କୁ ସବ୍‌କମିଟିରେ ସଭ୍ୟ ଭାବେ ସାମିଲ କରିବାକୁ ନିଷ୍ପତ୍ତି ହୋଇଛି। ପୂର୍ବରୁ ରାଜ୍ୟର ଉପାନ୍ତ ଜିଲାର ପିଲାଙ୍କୁ ପଡ଼ୋଶୀ ରାଜ୍ୟରେ ସିଟି, ବି.ଏଡ୍ ଏବଂ ପଡ଼ୋଶୀ ରାଜ୍ୟର ପିଲାଙ୍କୁ ଓଡ଼ିଶାରେ ସମାନ ତାଲିମ ଦେବାକୁ ଅନୁମତି ପ୍ରଦାନ କରାଯାଉଥିଲା। ଭାଷା ସୁରକ୍ଷା ଲାଗି ଏହି ବ୍ୟବସ୍ଥା ପୁନଃ ପ୍ରଚଳନ କରାଯିବ। ଏ ନେଇ ସରକାରଙ୍କୁ କମିଟି ସୁପାରିସ କରିବ ବୋଲି ଆଲୋଚନା ହୋଇଛି।

ପଡ଼ୋଶୀ ରାଜ୍ୟର ସୀମାକୁ ଲାଗି ରହିଥିବା ଜିଲାର ଜିଲାପାଳଙ୍କ ସହ ଆଗାମୀ ବୈଠକରେ ଆଲୋଚନା କରାଯିବ। ରାଜ୍ୟ ସରକାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ ପଦକ୍ଷେପ ନେଉଛନ୍ତି। ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଛନ୍ତି। ବୈଠକରେ ଅଂଶଗ୍ରହଣ କରିଥିବା ବିଧାୟକ ଅନନ୍ତ ଦାସ ବାଲେଶ୍ୱର ଜିଲା ସୀମାନ୍ତ ୨ କି.ମି. ପରିଧି ମଧ୍ୟରେ ଥିବା କେତେକ ଓଡ଼ିଆ ବିଦ୍ୟାଳୟକୁ ଉଠାଇ ଦିଆଯାଇଥିବାରୁ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେଗୁଡ଼ିକୁ ପୁନଶ୍ଚ ଖୋଲିବାକୁ ସେ ଦୃଢ଼ ଦାବି କରିଥିଲେ। ବିଧାୟକ ଅଶ୍ୱିନୀ ପାତ୍ର ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ରାଜ୍ୟ ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି।

## ଚିଟ୍‌ଫଣ୍ଡ ମାମଲା: ସଂସ୍ଥା ଏମ୍‌ଡି, ମ୍ୟାନେଜରଙ୍କୁ ଜେଲ ଦଣ୍ଡାଦେଶ

**ବ୍ରହ୍ମପୁର ଅଫିସ,୨୭।୮**

ଓପିଆଇଡି କୋର୍ଟ ଜଜ୍ ଦେବାଶିଷ ପଣ୍ଡା ଏକ ଚିଟଫଣ୍ଡ ମାମଲାର ଶୁଣାଣି କରି ୨ ଅଭିଯୁକ୍ତଙ୍କୁ ୭ବର୍ଷ ୬ମାସ ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ ରାମକ୍ରିଷ୍ଣା ଇଲେକ୍ଟ୍ରୋ କଣ୍ଟ୍ରୋଲ୍ ପ୍ରାଇଭେଟ୍ ଲିମିଟେଡର ଏମ୍‌ଡି ଚନ୍ଦ୍ରକାନ୍ତ ଭାର୍ଗବ ଗୋଲେ ଏବଂ ବ୍ରହ୍ମପୁର ଶାଖା ମ୍ୟାନେଜର ସୁରେଶ ଚନ୍ଦ୍ର ପାଢ଼ୀ। ଆବଶ୍ୟକ ସାକ୍ଷ୍ୟ ପ୍ରମାଣ ଥିବାରୁ ଉଭୟଙ୍କୁ ୭ବର୍ଷ ୬ମାସ ଜେଲ୍‌ଦଣ୍ଡ ଓ ୭୦ହଜାର ଟଙ୍କା ଜରିମାନା ଦେବାକୁ ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି।

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଜନାନା ହସ୍ପିଟାଲ୍ ରୋଡ଼ରେ ରାମକ୍ରିଷ୍ଣା ଇଲେକ୍ଟ୍ରୋ କଣ୍ଟ୍ରୋଲ୍ ଲିମିଟେଡ୍ ନାମକ ଏକ ଅର୍ଥଲଗାଣକାରୀ ସଂସ୍ଥା ଖୋଲିଥିଲା। ଅଧିକ ସୁଧ ଦେବାକୁ ପ୍ରତିଶ୍ରୁତି ଦେଇ ଏହି ସଂସ୍ଥା ଲୋକଙ୍କଠାରୁ ଟଙ୍କା ଆଦାୟ କରିଥିଲା। ପରେ ଜମାକାରୀ ତାଙ୍କ ଟଙ୍କା ପାଇନଥିଲେ। ଗୁଡ୍ସସେଡ୍ ରୋଡ଼ର ଯୋଗେନ୍ଦ୍ର ସିଂ ମଧ୍ୟ ୨୦୦୮ରେ ଏହି ସଂସ୍ଥାରେ ୫୦ହଜାର ଟଙ୍କା ଜମା କରିଥିଲେ। ଟଙ୍କା ନ ମିଳିବାରୁ ସେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ପୋଲିସ ସଂସ୍ଥାର ଏମଡି ଚନ୍ଦ୍ରକାନ୍ତ ଓ ମ୍ୟାନେଜର ସୁରେଶଙ୍କ ନାମରେ ମାମଲା ରୁଜୁ କରିଥିଲା। ମାମଲାର ବିଚାର ବେଳେ ଆବଶ୍ୟକ ସାକ୍ଷ୍ୟ ପ୍ରମାଣ ଥିବା ଯୋଗୁ କୋର୍ଟ ଉଭୟଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ବିଜୟ ପ୍ରଧାନ ମାମଲା ପରିଚାଳନା କରିଥିଲେ।

## ଭାଜପା ଛାଡ଼ିଲେ ୧୫ ଜିଲା ପରିଷଦ ସଦସ୍ୟ

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦଳକୁ ଝଟ୍‌କା**

**ବାରିପଦା ଅଫିସ,୨୭।୮**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ମୟୂରଭଞ୍ଜ ଜିଲା ଭାଜପାକୁ ବଡ଼ ଝଟ୍‌କା ଲାଗିଛି। ନିର୍ବାଚିତ ୧୫ ଜିଲାପରିଷଦ ସଦସ୍ୟ ଭାଜପାର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଥିବା ନେଇ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ସେମାନେ ଦଳର ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିକଟକୁ ଇସ୍ତଫା ପତ୍ର ପଠାଇଥିବା ନେଇ ସୂଚନା ଦେଇଛନ୍ତି। ନିର୍ବାଚନ ପ୍ରତିଶ୍ରୁତି ଦେଇ ଅଞ୍ଚଳର ବିକାଶ କାର୍ଯ୍ୟ ନ ହେବା, ଜିଲା ପରିଷଦ ଅଧ୍ୟକ୍ଷାଙ୍କ ମନମୁଖି କାର୍ଯ୍ୟକଳାପ, ଉନ୍ନୟନ କାର୍ଯ୍ୟ ବାବଦକୁ ଆସିଥିବା ଅର୍ଥ ବଣ୍ଟନରେ ପାତରଅନ୍ତର ଓ ଦଳୀୟ ନେତାଙ୍କ ମାତ୍ରାଧିକ ହସ୍ତକ୍ଷେପ ଯୋଗୁ ସେମାନେ ଏଭଳି ନିଷ୍ପତ୍ତି ଗ୍ରହଣ କରିଥିବା କହିଛନ୍ତି। ଇସ୍ତଫା ଦେଇଥିବା ସଦସ୍ୟମାନେ ହେଲେ ୭ନଂ. ଜୋନର ସାମାୟ ଚରଣ ପୂର୍ତ୍ତି,୧୦ନଂ.ର ସାରିନା ହେମ୍ବ୍ରମ, ୧୮ନଂ.ର ଅଜିତ କଣ୍ଡେଇ, ୩୩ନଂ.ର ନମିତା ନାୟକ, ୪୨ନଂ.ର ଗାନ୍ଧାରୀ ନାୟକ, ୨୪ନଂ.ର ମଧୁସ୍ମିତା ପରିଡ଼ା, ୩୫ନଂର ସସ୍ମିତା ଓଝା, ୧୪ନଂ.ର ଜୟନ୍ତୀଲତା ସିଂ, ୫୫ନଂ.ର ରବିନାରାୟଣ ନାୟକ, ୨୨ନଂ.ର ଅସିନ୍ତାମଣି ସିଂ, ୧୭ନଂ.ର ଦୀପାଞ୍ଜଳି ନାୟକ, ୪୪ନଂ.ର ପି.ନାୟକ,୪୦ନଂ.ର ମଞ୍ଜୁଲତା ମହାନ୍ତ, ୨୩ନଂ.ର କୁମେନ୍ଦ୍ର କୁମାର ସେଠୀ ଏବଂ ରାଇମଣି ହାଁସଦା।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଜିଲା ପରିଷଦ ସଦସ୍ୟ।

ଏ ସଂକ୍ରାନ୍ତରେ ଭାଜପା ଜିଲା(ପୂର୍ବ) ସଭାପତି କାନ୍ଦରା ସୋରେନ କୁହନ୍ତି, ଅନ୍ୟ ଦଳର ହାତବାରିଶି ସାଜି ଅର୍ଥ ଲୋଭରେ ସେମାନେ ଦଳ ଛାଡୁଛନ୍ତି। ଦଳ ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ। ସେହିପରି ଜିଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁଙ୍କୁ ପଚାରିବାରୁ ଦଳରେ ରହି ଠିକ୍ ଭାବେ ସେମାନେ କାର୍ଯ୍ୟ ତୁଲାଉ ନ ଥିବା ବେଳେ ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ଦୁଇଜଣ ପୂର୍ବରୁ ଇସ୍ତଫା ଦେଇସାରିଥିବା ବେଳେ ଏବେ ପୁଣି ଇସ୍ତଫା ଦେବାରେ କୌଣସି ଯଥାର୍ଥତା ନାହିଁ ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ,୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମୟୂରଭଞ୍ଜ ଜିଲାର ୫୬ ଜିଲାପରିଷଦ ଆସନ ମଧ୍ୟରୁ ୪୯ଆସନ ଅକ୍ତିଆର କରି ବିଜେଡି ଗଡ଼କୁ ଧୂଳିସାତ୍ କରିଥିଲା ଭାଜପା। ଏହାର ପ୍ରଭାବରେ ୨୦୧୯ ସାଧାରଣ ନିର୍ବାଚନରେ ଜିଲାର ୯ଟି ବିଧାନସଭା ଆସନରୁ ୬ଟି ଓ ଗୋଟିଏ ଲୋକସଭା ଆସନ ଭାଜପା ହାତକୁ ଯାଇଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ଭାଜପା ଓ ସ୍ୱାଧୀନ ଜିଲାପରିଷଦ ସଦସ୍ୟଙ୍କ ଅକାଳ ବିୟୋଗ ହେବା ପରେ ଉପନିର୍ବାଚନରେ ବିଜେଡି ଏହି ଆସନକୁ ହାତେଇ ଥିଲା।

ଧରିତ୍ରୀ
DHARITRI
ବ୍ରହ୍ମପୁର, ଶନିବାର, ୨୮ ଅଗଷ୍ଟ, ୨୦୨୧

## ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

ବେଗୁନିଆପଡ଼ା,(ଡି.ଏନ୍.ଏ.): ବେଗୁନିଆପଡା ବ୍ଲକ କୁମ୍ଭାରଗାଁ ପଞ୍ଚାୟତର ବେଗୁନିଆଡିହ ଗ୍ରାମରେ ଶୁକ୍ରବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମୁନା ନାୟକ(୨୫) । ମୁନାଙ୍କ ଘର ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କଦଳୀ ବସନ୍ତଗ୍ରାମରେ ଥିବା ବେଳେ ସେ ବେଗୁନିଆପଡା ବ୍ଲକ ବୁରୁଝରି ଗ୍ରାମରେ ରହୁଥିଲେ। ସକାଳେ କୁମ୍ଭାରଗାଁ ପଞ୍ଚାୟତର ବେଗୁନିଆଡିହ ଗ୍ରାମକୁ ଘର କାମ କରିବାକୁ ଯାଇଥିଲେ। କାମ କରୁଥିବା ସମୟରେ ଏକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସୁମଣ୍ଡଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବେଗୁନିଆପଡା ଫାଣ୍ଡି ଅଧିକାରୀ ଦେବଦତ୍ତ ପ୍ରିୟଦର୍ଶୀ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି।

## ସଂକ୍ଷେପରେ

### ସାପ କାମୁଡ଼ାରେ ଚାଷୀ ମୃତ

ଗଞ୍ଜାମ,୨୭।୮(ଡି.ଏନ.ଏ.): ରମ୍ଭା ଥାନା, ହୁମ୍ମା ଫାଣ୍ଡି ଅଧୀନ ଗଞ୍ଜାମ ବ୍ଲକ ବେଲପଡା ଗ୍ରାମର ଜଣେ ଚାଷୀଙ୍କ ଶୁକ୍ରବାର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ହେଲେ ଡି.କୃଷ୍ଣ ଚନ୍ଦ୍ର ପ୍ରଧାନ (୫୪)। କୃଷ୍ଣ ସକାଳେ ନିଜ ଚାଷଜମିକୁ କାମ କରିବାକୁ ଯାଇଥିଲେ। ସେଠାରେ କୌଣସି ବିଷଧର ସାପ କାମୁଡି ଦେଇଥିଲା। ଅନ୍ୟ ଚାଷୀମାନେ କୃଷ୍ଣଙ୍କୁ ଉଦ୍ଧାର କରି ଛତ୍ରପୁର ମେଡିକାଲ ନେଇଥିଲେ ମଧ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଜଣେ ଗରିବ ଶ୍ରେଣୀର ଚାଷୀ ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ପଞ୍ଚାୟତ ସମିତି ବୈଠକ

ଗୁମ୍ମା,୨୭।୮:ଗୁମ୍ମା ବ୍ଲକର ଏକାଦଶ ପଞ୍ଚାୟତ ସମିତି ବୈଠକ ଅଧକ୍ଷା ଗୀତାଞ୍ଜଳି ଭୂୟାଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ନଟବର ଗରଡ଼ା, ସିଡିପିଓ ଅନିତା ରାଣୀ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ତ୍ରିପାଠୀ, ଜିଲା ପରିଷଦ ସଭ୍ୟ ହିମାଂଶୁ କୁମାର ଲିମ୍ମା, ପ୍ରେମିକ ମଣ୍ଡଳ, ଏମ୍‌ପି ପ୍ରତିନିଧି ବିମଳ କୁମାର ଦଳାଇ, ଏମ୍‌ଏଲ୍‌ଏ ପ୍ରତିନିଧି କୃଷ୍ଣଚନ୍ଦ୍ର ବିଶୋଇ ପ୍ରମୁଖ କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ। ପୂର୍ବତନ ଅଧକ୍ଷ ସ୍ୱର୍ଗତ ଗଜେନ୍ଦ୍ର ଗମାଙ୍ଗ ଓ ଅଜୟଗ ସମିତିସଭ୍ୟଙ୍କ ବିୟୋଗରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ନୂତନ ଭାବେ ଗୁମ୍ମା ସରପଞ୍ଚଙ୍କୁ ସ୍ୱାଗତ ଜଣାଇଥିଲେ। ପଞ୍ଚଦଶ ଅର୍ଥ କମିଶନ ଓ ପଞ୍ଚମ ଅର୍ଥ କମିଶନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପାନୀୟ ଜଳ ବିଭାଗର ଆଲୋଚନା ବେଳେ ସମିତି ନିହାର ରଞ୍ଜନ ଷଡ଼ଙ୍ଗୀ, ବିଭାଗୀୟ ଯନ୍ତ୍ରୀ ନାରାୟଣ ସେଠୀ ଓ ସୁଶାନ୍ତ କୁମାର ସାହୁଙ୍କୁ ପାନୀୟ ଜଳ ବିଭାଗ ଟଙ୍କା ଖର୍ଚ୍ଚ ହୋଇପାରୁ ନଥିବାରୁ ସମ୍ପୃକ୍ତ ଯନ୍ତ୍ରୀଙ୍କ ବଦଳି ଦାବି ସ୍ଥାନୀୟ ନେତା ବିଡିଓ ଗରଡ଼ା ଏମାନଙ୍କ କାର୍ଯ୍ୟ ତଦାରଖ କରିବା ସହ କୌଣସି କାର୍ଯ୍ୟରେ ବିଳମ୍ବ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିବା ସହ ସ୍ୱାସ୍ଥ୍ୟ, ଶିକ୍ଷା ବିଭାଗ, କୃଷି ବିଭାଗର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଗୁମ୍ମା ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟା ସଭ୍ୟ, ସରକାରୀ ଅଧିକାରୀ, ବେସରକାରୀ ଅଧିକାରୀ, ବ୍ଲକ ଅଧିକାରୀ ଉପସ୍ଥିତ ଥିଲେ।

### ତାରାତାରିଣୀଙ୍କ ମୁଖ୍ୟ କୁଳ ପୁରୋହିତଙ୍କ ପରଲୋକ

ପୁରୁଷୋତ୍ତମପୁର,୨୭।୮(ଡି.ଏନ.ଏ.): ମା' ତାରାତାରିଣୀଙ୍କ ମୁଖ୍ୟ କୁଳ ପୁରୋହିତ ପଣ୍ଡିତ ମୃତ୍ୟୁଞ୍ଜୟ ଦାଶଶର୍ମା (୮୫)ଙ୍କ ଶୁକ୍ରବାର ଗୋବିନ୍ଦପୁର ନିଜ ବାସଭବନରେ ପରଲୋକ ଘଟିଛି। ଗତ କିଛିବର୍ଷ ହେଲା ସେ ଅସୁସ୍ଥ ଥିଲେ। ମୃତ୍ୟୁ ଖବର ପାଇ ଅଞ୍ଚଳର ବହୁ ମାଣ୍ୟଗଣ୍ୟ ବ୍ୟକ୍ତିମାନେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁଅ ଖବରଦାତା ପ୍ରସନ୍ନ କୁମାର ଦାଶ, ଗୋପାଳ କୃଷ୍ଣ ଦାଶ, ବୋହୂ ଓ ଝିଅମାନେ ଉପସ୍ଥିତ ଥିଲେ।

### ବଜ୍ରପାତରେ ମହିଳା ମୃତ

ହିଞ୍ଜିଳିକାଟୁ,୨୭।୮(ଡି.ଏନ୍.ଏ): ହିଞ୍ଜିଳି ଥାନା ଦୟାପଲୀ ଗ୍ରାମରେ ଶୁକ୍ରବାର ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର କେ. ଜୟନ୍ତୀ (୩୩)। ଜୟନ୍ତୀ ତାଙ୍କ ଶାଶୁ ଶ୍ୱଶୁରଙ୍କ ସହ ବିଲରୁ କାମ କରି ଘରକୁ ଫେରିବା ବାଟରେ ବଜ୍ରପାତ ହେବାରୁ ଚେତାଶୂନ୍ୟ ହୋଇପଡ଼ିଥିଲେ। ପରିବାର ଓ ଗ୍ରାମବାସୀ ଜୟନ୍ତୀଙ୍କୁ ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହିଞ୍ଜିଳି ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ନଂ. ୮/୨୧ରେ ମାମଲା ରୁଜୁ କରିଛି।

# ଲକ୍ଷାଧିକ ଟଙ୍କାର ବିଲ୍‌କୁ ନେଇ ଚିନ୍ତାରେ ଉପଭୋକ୍ତା

## ବିଦ୍ୟୁତ୍ ବିଲ୍‌ରେ ତ୍ରୁଟି

ଛତ୍ରପୁର,୨୭।୮(ଡି.ଏନ୍.ଏ.)



ତ୍ରୁଟିପୂର୍ଣ୍ଣ ବିଲ୍।

ଟାଟା କମ୍ପାନୀ ହାତରେ ଏବେ ବିଦ୍ୟୁତ ବିଭାଗ । ଗଞ୍ଜାମ ଜିଲାରେ ପୂର୍ବରୁ ଯେଉଁମାନେ ମିଟର ରିଡର ଭାବେ କାମ କରୁଥିଲେ ସେମାନଙ୍କୁ ବାହାର କରି ଦିଆଯିବା ପରେ ବିଲ୍‌ରେ ଗୁରୁତର ତ୍ରୁଟି ଦେଖାଯାଉଛି । ଛତ୍ରପୁର ଡିଭିଜନ ଅଧୀନ ରମ୍ଭା,ଗଞ୍ଜାମ ଓ ଛତ୍ରପୁରରେ ବିଦ୍ୟୁତ ଉପଭୋକ୍ତାମାନେ ଏହି ତ୍ରୁଟିପୂର୍ଣ୍ଣ ବିଲ ପାଇଁ ଚିନ୍ତାରେ ପଡିଛନ୍ତି। କାହାର ମାସକର ଘରୋଇ ବିଲ୍ ୫ ଲକ୍ଷ ତ ଆଉ କାହାର ୪ ଲକ୍ଷ ଟଙ୍କା ଆସୁଛି । ରମ୍ଭା ବିଦ୍ୟୁତ ବିଭାଗ ଅଧୀନରେ ଥିବା ଡିଆଁଡେଇଁ ଗ୍ରାମର ବହୁ ଲୋକଙ୍କ ମାସିକ ବିଲ୍ ଲକ୍ଷ ଲକ୍ଷ ଟଙ୍କା ଆସିଛି । ଗ୍ରାମର ଲକ୍ଷବଚ୍ଛ ନାହାକଙ୍କ ଜୁଲାଇ ମାସରେ ୧୧୮୪ ଟଙ୍କା ୧୮ ପଇସା ବିଦ୍ୟୁତ୍ ବିଲ୍ ଆସିଥିବା ବେଳେ ଏବେ ୪ ଲକ୍ଷ ୯୦ ହଜାର ୬୧୧ ଟଙ୍କା ୭୦ ପଇସା ଆସିଛି। ମାତ୍ର ୩ ବଖରା ଘରେ କିପରି ଏତେ ବିଲ୍ ଆସିଲା ସେ ନେଇ ସେ ଚିନ୍ତାରେ ପଡ଼ିଛନ୍ତି। ସେହପରି ଗ୍ରାମର ସୁମିତ୍ରା ନାହାକଙ୍କ ଘରଚାଳ ଘର। ଘରେ କେବଳ ଝିଅ ରୁହେ। ପୂର୍ବରୁ ପ୍ରତ୍ୟେକ ମାସରେ ତାଙ୍କର ୨ଶହ ଟଙ୍କା ବିଦ୍ୟୁତ୍ ବିଲ୍ ଆସେ। ହେଲେ ଚଳିତମାସରେ ୫୧ ହଜାର ୬୭୩ ଟଙ୍କା ପୈଠ କରିବାକୁ ଥିବାରୁ ସେ ତାଜୁବ ହୋଇଛନ୍ତି। ସେହିପରି ଭଗବାନ ଦାଶଙ୍କ ଥିବା ଏଲଆଇ ପଏଣ୍ଟରେ ମଧ ଭୁଲ ବିଲ୍ ଆସିଥିବା ଅଭିଯୋଗ କରିଛନ୍ତି। ପ୍ରତ୍ୟେକ ମାସରେ ୭ ଶହ ଟଙ୍କା ବିଲ୍ ଆସୁଥିବା ବେଳେ ଏବେ ୨୧ ହଜାର ଟଙ୍କା ଆସିଛି। ମନୋଜ ନାହାକଙ୍କ ସମେତ ବହୁ ଲୋକ ସାମାନ ଅଭିଯୋଗ ଆଣିଛନ୍ତି। ସେହିପରି ଛତ୍ରପୁରରେ ମଧ ଅନୁରୂପ ଘଟଣା ଦେଖିବାକୁ ମିଳିଛି । କାଳିମନ୍ଦୀର ନିକଟରେ ଜଣେ ବ୍ୟକ୍ତିଙ୍କ ୫ ଲକ୍ଷ ୬୦ ହଜାର ୫୩୮ ଟଙ୍କା, ଷ୍ଟେଶନ ରୋଡର ରଘୁନାଥ ରାଓଙ୍କ ୨ଲକ୍ଷ ୨ ହଜାର ୬୫୦ ଟଙ୍କା, ବ୍ୟାଙ୍କ କଲୋନୀର ରାଧାକାନ୍ତ ସାହୁଙ୍କୁ ୬୩ ହଜାର ଟଙ୍କାର ମାସିକ ବିଲ୍ ଆସିଛି। ମିଟର ରିଡର୍ ବିଲ୍ ଦେବାବେଳେ ଗ୍ରାମବାସୀ ତାଙ୍କୁ ଏ ନେଇ ପଚାରିବାରେ ବିଲ୍ ଠିକ ଥିବା କହିବା ସହ ସେ କିଛି ଲୋକଙ୍କ ବିଲ୍ ନେଇଯାଇଥିଲେ । ଏ ନେଇ ରମ୍ଭା ଅଧୀନ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ଏ.ଅଜୟ କୁମାରଙ୍କୁ ପଚାରିବାରେ ଜଣେ ଗ୍ରାହକଙ୍କ ବିଦ୍ୟୁତ ବିଲ୍ ଭୁଲ ଥିବା ସ୍ମାରକପତ୍ର ଦେଇଥିବା ବେଳେ ଅନ୍ୟ କିଛି ଲୋକ ମଧ ସମସ୍ୟା ଜଣାଇଥିବା କହିଛନ୍ତି। ଏବେ ଜଣେ ନୂଆ ମିଟର ରିଡର ବିଲ ଦେଇଥିବାରୁ ଭୁଲ ହୋଇଛି। ତାହାର ସାମାଧନ କରାଯିବ ବୋଲି କହିଥିଲେ। ସେହିଭଳି ଛତ୍ରପୁର ଅଧିନ ବିଦ୍ୟୁତ ବିଭାଗର ସହାକରୀ ନିର୍ବାହୀ ଅଧିକାରୀ ଇ.ରାଜକିଶୋର ବଲ୍ଲଭଙ୍କୁ ପଚାରିବାରେ ଏ ଯାବତ ତାଙ୍କ ପାଖକୁ ଲିଖିତ ଅଭିଯୋଗ ଆସି ନ ଥିବା କହିଛନ୍ତି । ଏବେ ଏକ ନୂଆ ସଂସ୍ଥା ବିଲ୍ ପ୍ରଦାନ କରୁଥିବାରୁ ଯାହାକିଛି ଭୁଲ ରହିଯାଇଛି । ଅଭିଯୋଗ ଆସିଲେ ସମାଧାନ କରାଯିବ ବୋଲି କହିଛନ୍ତି। ସହରରେ ମଧ ବହୁ ଲୋକଙ୍କୁ ବିଲ ଦିଆଯାଇନାହିଁ। ତେଣୁ ଉପଭୋକ୍ତାମାନେ ସେମାନଙ୍କ ଜୁଲାଇ ମାସରେ ଯାହା ବିଲ ଆସିଥିଲା ସେହି ଅନୁସାରେ ଦେବାକୁ ସେ ନିବେଦନ କରିଥିଲେ । ଜିଲାରେ ଏହି ତ୍ରୁଟିର ତୁରନ୍ତ ସାମାଧନ କରାଯାଉ ନଚେତ ଆଗାମୀ ଦିନରେ ଜନଆନ୍ଦୋଳନ କରାଯିବ ବୋଲି ସିପିଆଇ ନେତା ନୀଳକଣ୍ଠ ଦାଶ ଚେତାବନୀ ଦେଇଛନ୍ତି।

# ଦୁର୍ଘଟଣାରେ ପ୍ରାଣ ହରାଇଲେ ଓଡ଼ିଆ ଶ୍ରମିକ

## ରାସ୍ତାରେ ପରିସ୍ରା ଯିବା କାଳ ହେଲା

ଗଞ୍ଜାମ,୨୭।୮(ଡି.ଏନ.ଏ.)

ଆନ୍ଧ୍ରପ୍ରଦେଶ ବିଜୟୱାଡାର ଏକ ମେଗା ପ୍ରୋଜେକ୍ଟରେ କାର୍ଯ୍ୟ କରୁଥିବା ଜଣେ ଓଡ଼ିଆ ଶ୍ରମିକଙ୍କ ଗୁରୁବାର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ପାଳିବନ୍ଧ ଗ୍ରାମର ଏସ.ରବୀନ୍ଦ୍ର ରେଡ୍ଡୀ (୪୬)। ଖବର ପାଇ ଉକ୍ତ ଗ୍ରାମର ପ୍ରାୟ ୧୫ ଜଣ ବ୍ୟକ୍ତି ଶୁକ୍ରବାର ବିଜୟୱାଡା ଯାଇଛନ୍ତି। ସେଠାରେ ମୃତଦେହ ବ୍ୟବଚ୍ଛେଦ କରାଯିବା ସହ କ୍ଷତିପୂରଣ ରାଶି ନିମନ୍ତେ କମ୍ପାନୀ ସହ ଆଲୋଚନା ହୋଇଥିବା ଜଣାପଡିଛି। ମୃତକଙ୍କ ସମ୍ପର୍କୀୟ ସେହି ଗ୍ରାମର ବଳରାମ ରେଡ୍ଡୀଙ୍କ ସୂଚନାନୁଯାୟୀ, ରବୀନ୍ଦ୍ର ବିଜୟୱାଡା ମେଗା ପ୍ରୋଜେକ୍ଟ କମ୍ପାନୀର ଏକ ଟ୍ରକରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ଗୁରୁବାର ସେ କମ୍ପାନୀକୁ ଗାଡି ନେଇ ଯାଉଥିବା ବେଳେ ରାସ୍ତାରେ ପରିସ୍ରା କରିବାକୁ ଗାଡି ରଖିଥିଲେ। ପରିସ୍ରା କରିବାକୁ ଯିବାବେଳେ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିବା ରବୀନ୍ଦ୍ରଙ୍କ ପୁଅଙ୍କୁ ମେଶେଜ ଆସିଥିଲା। ଶରୀରର ଅଧାଭାଗରେ ଗାଡି ମାଡି ଯାଇଥିବା ସେ କହିଛନ୍ତି। ଖବର ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ରବୀନ୍ଦ୍ର ଗରିବ ଶ୍ରେଣୀର ଏବଂ ଏକମାତ୍ର ରୋଜଗାରକ୍ଷମ ହୋଇଥିବାରୁ ତାଙ୍କ ପରିବାରକୁ ପ୍ରଶାସନ ଓ ସରକାର ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଭୁଲ୍ ଚିକିତ୍ସାରୁ ଗର୍ଭବତୀଙ୍କ ମୃତ୍ୟୁ ଅଭିଯୋଗ

ଭଞ୍ଜନଗର,୨୭।୮(ଡି.ଏନ.ଏ)

ଭଞ୍ଜନଗର ଉପଖଣ୍ଡ ହସ୍ପିଟାଲରେ ଶୁକ୍ରବାର ସିକଲସେଲ୍ ରୋଗରେ ଆକ୍ରାନ୍ତ ଜଣେ ଗର୍ଭବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହରିଗଡ଼ ଗ୍ରାମର ଜସୁମତି ନାୟକ । ଭୁଲ୍ ଇଞ୍ଜେକ୍ସନ ଦିଆଯିବାରୁ ଜସୁମତିଙ୍କ ମୃତ୍ୟୁ ଘଟିଥିବା ତାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ହସ୍ପିଟାଲରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ପରିବାର ଲୋକଙ୍କୁ ବୁଝାଶୁଝା କରିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ଅପରାହ୍ନରେ ମୃତଦେହକୁ ପରିବାର ଲୋକେ ଗାଁକୁ ନେଇଥିଲେ।

ଦଶପଲ୍ଲା ନିକଟ ଗୋବର୍ଦ୍ଧନପୁର ଗ୍ରାମର ବସନ୍ତ ନାୟକଙ୍କ ଜସୁମତି ଗର୍ଭବତୀ ଥିବା ଯୋଗୁ ବାପଘରକୁ ଆସିଥିଲେ। ତାଙ୍କର ସିକଲସେଲ୍ ରୋଗ ଥିବାରୁ ରକ୍ତ କମି ଯାଇଥିଲା। ପରିବାର ଲୋକେ ତାଙ୍କୁ ୨୨ ତାରିଖରେ ଗାଳେରି ମେଡ଼ିକାଲକୁ ଆଣିଥିଲେ। ସେଠାରୁ ଅଧିକ ଚିକିତ୍ସା ପାଇଁ ଭଞ୍ଜନଗର ଆଣିଥିଲେ। ଭଞ୍ଜନଗର ମେଡ଼ିକାଲରେ ରହି ଜସୁମତି ୬ଦିନ ହେବ ଚିକିତ୍ସିତ ହେଉଥିବା ବେଳେ ଶୁକ୍ରବାର କର୍ମଚାରୀମାନେ କୈଣସି ଏକ ଇଞ୍ଜେକ୍ସନ ଦେଇଥିଲେ। ଏହାପରେ ତାଙ୍କର ହଠାତ୍ ମୃତ୍ୟୁ ଘଟିଥିଲା। ଭୁଲ ଇଞ୍ଜେକ୍ସନ ଦେବାରୁ ଜସୁମତି ମୃତ୍ୟୁ ଘଟିଲା ବୋଲି ଅଭିଯୋଗ ହୋଇଥିଲା । ଅପରପକ୍ଷେ ଜସୁମତିଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ନେଇ ଚିକିତ୍ସା କରିବା ପାଇଁ ଡ଼ାକ୍ତର ଗତ ୨୫ ତାରିଖରେ ପରାମର୍ଶ ଦେଇଥିଲେ ମଧ ପରିବାରର ଆର୍ଥିକ ସ୍ଥିତି ଭଲ ନଥିବା ଯୋଗୁ ନିଆଯାଇ ପାରିନଥିଲା । ଏନେଇ ମେଡ଼ିକାଲ ଅଧିକ୍ଷକ ଡ଼.ସିତାଂଶୁ ଶେଖର ଶତପଥୀ କହିଛନ୍ତ, ସିକଲସେଲ୍ ରୋଗ ଯୋଗୁ ଜସୁମତିଙ୍କର ମୃତ୍ୟୁ ଘଟିଛି । ତ୍ରୁଟିପୂର୍ଣ୍ଣ ଚିକିତ୍ସା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି।

# ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ

ଆସିକା,୨୭।୮(ଡି.ଏନ.ଏ.)



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଆସିକା ବ୍ଲକର ଜୟପୁର ପଞ୍ଚାୟତ ଓ ଆସିକା ବିଜ୍ଞାନ କଲେଜରେ ଶୁକ୍ରବାର ବିଧାୟିକା ମଞ୍ଜୁଳା ସ୍ୱାଇଁ ଏକାଧିକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କଲେଜରେ ଅଧକ୍ଷ ଡ. ଜୀବାନନ୍ଦ ତ୍ରିପାଠୀ ଓ ଜୟପୁର ପଞ୍ଚାୟତରେ ସରପଞ୍ଚ ସଞ୍ଜୟ ଜେନା କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ବିଧାୟିକା ସ୍ୱାଇଁ ମୁଖ୍ୟଅତିଥି, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ କହିଥିଲେ। କଲେଜ ପରିସରରେ ବିଧାୟିକା ଦୁଇଟି ଶ୍ରେଣୀଗୃହ, ପରିସ୍ରାଗାର ଓ ସାଇକେଲ ଷ୍ଟାଣ୍ଡ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ସେଠାରେ ଏନସିସି, ଯୁବ ରେଡକ୍ରସ, ସ୍କାଉଟ ଗାଇଡ ଓ ଜାତୀୟ ସେବା ସଂସ୍ଥାର ସାଙ୍କେତିକ ପ୍ରତୀକ ସ୍ଥାପନ କରାଯାଇଥିବା ଆମ ପରିଚିତି ମଣ୍ଡପ ଉଦଘାଟିତ ହୋଇ ଥିଲା । ସେହିପରି ବିଧାୟିକା ଜୟପୁର ପଞ୍ଚାୟତରେ ପଞ୍ଚାୟତ ଗୃହ ଓ ଚିତ୍ତ ବିନୋଦନ କେନ୍ଦ୍ରର ଉଦଘାଟନ ସହ ପଞ୍ଚାୟତର ବଜାର ଗୃହ, ଆଳୀୟ ଖଣ୍ଡାୟତ କୋଠଗୃହ ଓ ଧୋବା ତୋଠ କଂକ୍ରିଟ ରାସ୍ତା ଲାଗି ମଧ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଯୁବ ବିଜେଡି ବ୍ଲକ ସଭାପତି ଶିବ ନାହାକ, ଜୟପୁର ସମିତି ସଭ୍ୟା ମିନତି ସାମଲ, ଦିଲୀପ ପାଣିଗ୍ରାହୀ, କଳ୍ପନା ଭୋଳ, ରାଜେଶ ପଟ୍ଟନାୟକ, ମନୋଜ ଦୋରା, ରଶ୍ମିତା ସେନାପତି, ଶିବ ଶଙ୍କର ମହାନ୍ତି, ଅଭିମନ୍ୟୁ ନାହାକ ଓ ଭଗବାନ ପ୍ରଧାନଙ୍କ ସମେତ ବହୁ ସରପଞ୍ଚ ଓ ସମିତିସଭ୍ୟ ସାମିଲ ଥିଲେ ।

## କେନାଲ ସମ୍ପ୍ରସାରଣ ପାଇଁ ଚାଷୀଙ୍କ ବିକ୍ଷୋଭ

ଦିଗପହଣ୍ଡି,୨୭।୮(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବଡ଼ଗୁମୁଳା ଓ ବି.ତୁରୁବୁଡି ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ଚାଷଜମିକୁ ଘୋଡ଼ାହଡ଼ ଜଳସେଚନ ପ୍ରକଳ୍ପରୁ କେନାଲ ଯୋଗେ ପାଣି ଯୋଗାଇ ଦେବାକୁ ଦାବିହୋଇଛି। ଏ ନେଇ ଚାଷୀମାନେ ଶୁକ୍ରବାର ଦିଗପହଣ୍ଡି ସ୍ଥିତ ଛେଳିଗଡ ଜଳସେଚନ ପ୍ରକଳ୍ପ କେନାଲ ଡିଭିଜନ କାର୍ଯ୍ୟାଳୟରେ ପହଞ୍ଚି ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ପରେ ସ୍ଥାନୀୟ ବିଧାୟକ ତଥା ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଉଦ୍ଦେଶ୍ୟରେ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ନୂତନ ଭାବେ କେନାଲ ସମ୍ପ୍ରସାରଣ କରି ସମ୍ପୃକ୍ତ ଅଞ୍ଚଳର ଅଣ ଜଳସେଚିତ ଚାଷଜମିକୁ ପାଣି ଯୋଗାଇ ଦିଆଗଲେ ପ୍ରାୟ ୧୫ ଶହ ହେକ୍ଟର ଚାଷଜମି ଜଳସେଚିତ ହୋଇପାରିବ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ପ୍ରକାଶ ଯେ, ଦିଗପହଣ୍ଡି ବ୍ଲକ ବଡଗୁମୁଳା ଏବଂ ବି.ତୁରୁବୁଡି ପଞ୍ଚାୟତ ସାନଗୁମୁଳା, ବଡଗୁମୁଳା, ଦଶୀପୁର, କାଣ୍ଡସର, ବୀର ପଦ୍ମନାଭପୁର ଓ ସୁମନ୍ତପୁର ଗ୍ରାମର ବହୁ ଲୋକ ଚାଷ ଉପରେ ନିର୍ଭର କରି ଜୀବନ ଜୀବିକା ନିର୍ବାହ କରିଥାନ୍ତି। ତେବେ ଉକ୍ତ ଗ୍ରାମର ଚାଷଜମି ଗୁଡ଼ିକ ଅଣ ଜଳସେଚିତ ଅଟେ। ଏହି ଅଣ ଜଳସେଚିତ ଚାଷଜମିକୁ କେନାଲ ସମ୍ପ୍ରସାରଣ ଦ୍ୱାରା ଜଳସେଚିତ କରିବା ପାଇଁ ଚାଷୀଙ୍କ ପକ୍ଷରୁ ଦାବି କରାଯାଇଛି। ଶୁକ୍ରବାର ସାମାଜିକ କର୍ମୀ ଡ଼ଃ .ପ୍ରଫୁଲ୍ଲ ପ୍ରଧାନଙ୍କ ନେତୃତ୍ୱରେ ଉକ୍ତ ଗ୍ରାମର ବହୁ ଚାଷୀ ଦିଗପହଣ୍ଡି ସ୍ଥିତ ଛେଳିଗଡ଼ କେନାଲ ଡିଭିଜନ କାର୍ଯ୍ୟାଳୟ ପରିସରରେ ପହଞ୍ଚି ଉପସ୍ଥିତ ଥିବା ସହକାରୀ ଯନ୍ତ୍ରୀ ଏବଂ ଅନୁଜ ଯନ୍ତ୍ରୀମାନଙ୍କ ସହ ସବିଶେଷ ଆଲୋଚନା କରିବା ସହ ଦାବି ପତ୍ର ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ନିର୍ମାଣାଧୀନ ଛେଳିଗଡ଼ ଜଳସେଚନ ପ୍ରକଳ୍ପକୁ ଘୋଡ଼ାହଡ଼ ଜଳସେଚନ ପ୍ରକଳ୍ପ ସହ ସଂଯୋଗ କରି ଉକ୍ତ ୨ ପଞ୍ଚାୟତ ଅଧୀନ ଗ୍ରାମଗୁଡ଼ିକୁ କେନାଲ ସମ୍ପ୍ରସାରଣ ପାଇଁ ତ୍ୱରିତ ପଦକ୍ଷେପ ନେବା ପାଇଁ ଦାବି କରିଥିଲେ। ଏହା ନ ହେଲେ ଚାଷୀମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିବା ଜଣାପଡିଛି। ସ୍ମାରକପତ୍ର ପ୍ରଦାନ ସମୟରେ ଚାଷୀ ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ଗୌରୀ ଶଙ୍କର ପ୍ରଧାନ, ଅଗାଧୁ ଦାସ, ବିଶ୍ୱନାଥ ପ୍ରଧାନ, ଗୋବିନ୍ଦ ସେଠୀ, ବଳରାମ ପାତ୍ର, କୁଡୁଲୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଆଉ ୧୦ ସ୍ମାର୍ଟ ସ୍କୁଲ ରୂପାନ୍ତରୀକରଣ ଆଜି

## ଚତୁର୍ଥ ପର୍ଯ୍ୟାୟ ଉଦ୍‌ଘାଟନ

ହିଞ୍ଜିଳିକାଟୁ/ଶେରଗଡ଼, ୨୭।୮(ଡି.ଏନ.ଏ.)

ହିଞ୍ଜିଳିକାଟୁ ଓ ଶେରଗଡ଼ ବ୍ଲକରେ ରୂପାନ୍ତରୀକରଣ ହୋଇଥିବା ହାଇସ୍କୁଲ ମଧ୍ୟରୁ ପୂର୍ବରୁ ମୁଖ୍ୟମନ୍ତ୍ରୀ ୩୦ ସ୍ମାର୍ଟ ସ୍କୁଲ ଭିଡିଓ କନ୍‌ଫରେନ୍ସରେ ଉଦ୍‌ଘାଟନ କରିଥିବା ବେଳେ ଶନିବାର ଆଉ ୧୦ ସ୍ମାର୍ଟ ସ୍କୁଲ ଉଦ୍‌ଘାଟନ କରିବେ। ଉଦ୍‌ଘାଟନ ହେବାକୁ ଥିବା ଉଚ୍ଚ ବିଦ୍ୟାଳୟ ମଧ୍ୟରେ ହିଞ୍ଜିଳିକାଟୁ ବ୍ଲକର ପଞ୍ଚାୟତ ହାଇସ୍କୁଲ ଦୁର୍ବନ୍ଧ, ବୃନ୍ଦାବନ ବିଦ୍ୟାପୀଠ ହିଞ୍ଜିଳିକାଟୁ, ଉଦୟନାଥ ହାଇସ୍କୁଲ ଶିକିରି, ସରକାରୀ ଯୁଜି ହାଇସ୍କୁଲ ପୁଟିଆପଦର, ସରକାରୀ ଯୁଜି ହାଇସ୍କୁଲ ନନ୍ଦିକ, ଶେରଗଡ଼ ବ୍ଲକର ବାଳିକା ଉଚ୍ଚ ବିଦ୍ୟାଳୟ, ନରେନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟ, ବି.ବ୍ରହ୍ମପୁର ଉଚ୍ଚ ବିଦ୍ୟାଳୟ, ପିତଳ ବାଳକ ଉଚ୍ଚ ବିଦ୍ୟାଳୟ, ଜଗନ୍ନାଥ ବିଦ୍ୟାପୀଠ କାନସା ବିଦ୍ୟାଳୟର ରହିଛି। ଦକ୍ଷତା ବିକାଶ , ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକଙ୍କ ସମେତ ରାଜ୍ୟ ବିଧାନସଭାର ୨୦ଜଣ ବିଧାୟିକା ଓ ବିଧାୟକ ସ୍କୁଲ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଶେରଗଡ଼ର ଉକ୍ତ ୫ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ, ଶିକ୍ଷା କମିଟି ରାଜ ନେତାମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଛି। ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ସଂଯୋଜନାରେ ସେରଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟ ଓ ପିତଳ ବାଳକ ଉଚ୍ଚ ବିଦ୍ୟାଳୟରେ ବୈଠକ କରି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଛି। ପିତଳରେ ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର, ପ୍ରମୋଦ କୁମାର ପାତ୍ର, ହିନ ବେହେରା, କୃଷ୍ଣଚନ୍ଦ୍ର ମଲିକ, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ହୃଷୀକେଶ ପାଢ଼ୀ, ବ୍ଲକ ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଅନ୍ୟ ପକ୍ଷରେ ବ୍ରହ୍ମପୁରରେ ଭାଜପା କର୍ମୀ ଓ ନେତାଙ୍କ ଗୁରୁବାର ରାମଲିଙ୍ଗେଶ୍ୱର ପୋଖରୀଠାରେ ମନ୍ତ୍ରୀ ଓ ବିଧାୟକଙ୍କୁ ବିରୋଧ ପ୍ରଦର୍ଶନ ହେତୁ ହିଞ୍ଜିଳିରେ ପ୍ରଶାସନ ଓ ପୋଲିସ ପକ୍ଷରୁ ଭାଜପା ନେତା ଓ କର୍ମୀଙ୍କ ଉପରେ ସତର୍କ ଦୃଷ୍ଟି ରଖାଯାଇଛି।

# ଆବର୍ଜନାରେ ଭର୍ତ୍ତି କେ.ଝାଲରସିଂ ଗ୍ରାମ


ରାସ୍ତା ପାର୍ଶ୍ୱରେ କୁଢ଼ କୁଢ଼ ଅଳିଆ ଆବର୍ଜନା।

ନୂଆଗଡ଼,୨୭।୮

ନୂଆଗଡ ଅନ୍ତର୍ଗତ କେ.ଝାଲରସିଂ ଗ୍ରାମର ଚତୁଃପାର୍ଶ୍ୱରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଦେଖିବାକୁ ମିଳୁଛି। ଅନେକ ଥର ପଞ୍ଚାୟତ ଅଧିକାରୀଙ୍କୁ ଗୁହାରି କଲା ପରେ ମଧ କେହି କର୍ଣ୍ଣପାତ କରୁନାହାନ୍ତି । ଏପଟେ ସରକାର ସ୍ୱଚ୍ଛ ଭାରତ କହୁଥିବା ବେଳେ ଗ୍ରାମର ଅବସ୍ଥା କହିଲେ ନ ସରେ। ଗ୍ରାମବାସୀ ଅନେକ ଥର ନିଜ ଗ୍ରାମକୁ ସଫା କରିଛନ୍ତି। କିନ୍ତୁ ପ୍ରଶାସନର ଦେଖା ନାହିଁ। ଏ ନେଇ ଅନେକ ଥର ଖବର ପ୍ରସାରଣ ହୋଇଥିଲେ ମଧ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ସରକାରଙ୍କ ସ୍ୱଚ୍ଛ ଭାରତ ଦୂରର କଥା ସ୍ୱଚ୍ଛ ପଞ୍ଚାୟତ ହେବା କଷ୍ଟକର ହୋଇପଡିଛି। ଗ୍ରାମବାସୀଙ୍କ ସୂଚନାନୁସାରେ, ଗ୍ରାମ ଚତୁଃପାର୍ଶରେ ଅଳିଆ ଭର୍ତ୍ତି ହୋଇରହିଥିବାରୁ ବହୁ ଲୋକ ମ୍ୟାଲେରିଆରେ ପୀଡିତ ହୋଇସାରିଲେଣି। କେତେବେଳେ ସଂକ୍ରମଣରେ କାହାର ଜୀବନ ଯିବ କହି ହେଉନାହିଁ। ତେଣୁ ଶୀଘ୍ର ଗ୍ରାମର ନର୍ଦ୍ଦମା ଏବଂ ଅଳିଆଗୁଡିକ ସଫା କରାଗଲେ ସଂକ୍ରମଣରୁ ରକ୍ଷା ପାଇପାରିବେ ବୋଲି ଗ୍ରାମବାସୀ କହିଛନ୍ତି।

# ଦେଢ଼ ବର୍ଷ ପରେ ଖୋଲିଲା ସାଇନ୍ସ ପାର୍କ


ସାଇନ୍ସ ପାର୍କ ପୁନଃ ଉଦ୍‌ଘାଟନୀରେ ଉପସ୍ଥିତ ଅତିଥି।

ଫୁଲବାଣୀ ଅଫିସ, ୨୭।୮

କୋଭିଡ୍ ଯୋଗୁ ଦୀର୍ଘ ଦେଢ ବର୍ଷ ଧରି ବନ୍ଦ ରହିଥିବା ଫୁଲବାଣୀ ସାଇନ୍ସପାର୍କ ଖୋଲିଛି । ଶନିବାରରୁ ପୂର୍ବଭଳି ଏହି ପାର୍କକୁ ସମସ୍ତେ ଆସି ପାରିବେ ବୋଲି ଶୁକ୍ରବାର ପୁନଃ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଫୁଲବାଣୀ ପୌରପରିଷଦ ନିର୍ବାହୀ ଅଧିକାରୀ ବଳଦେବ ବେହେରା କହିଛନ୍ତି। ସାଇନ୍ସ ପାର୍କ ପୁଣି ଖୋଲିବା ତଥା ଛାତ୍ରୀଛାତ୍ରମାନଙ୍କୁ ଆକର୍ଷିତ କରିବା ପାଇଁ ଆସନ୍ତା ୩୦ ତାରିଖରେ ପୌରପରିଷଦ ଓ ସ୍ୱାତୀର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଏଜେଓ ଉଚ୍ଚ ବିଦ୍ୟାଳୟରେ ଏକ ବିଜ୍ଞାନ ଭିତ୍ତିକ ସାଧାରଣଜ୍ଞାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। କୃତୀ ପ୍ରତିଯୋଗୀଙ୍କୁ ୩୧ରେ ସ୍ୱାୟତ ଶାସନ ଦିବସ ଅବସରରେ ପୁରସ୍କୃତ କରାଯିବ । ସ୍ଥାନୀୟ ଏଜେଓ ଉଚ୍ଚ ବିଦ୍ୟାଳୟ ନିକଟରେ ପୌରପରିଷଦ ପକ୍ଷରୁ ସ୍ଥାପିତ ଏହି ସାଇନ୍ସ ପାର୍କ ୨୦୧୯ ଡିସେମ୍ବରରେ ଉଦ୍‌ଘାଟିତ ହୋଇଥିଲା। ଏହି ପାର୍କ ବିଶେଷ କରି ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ଅନୁଷ୍ଠିତ ପୁନଃ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ବିଜୟକୃଷ୍ଣ ପଟ୍ଟନାୟକ, ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ, ଜିଲା ସାଇନ୍ସ ସୁପରଭାଇଜର ଅଶୋକ କୁମାର ପାତ୍ର, ବିଜ୍ଞାନ ଶିକ୍ଷକ କୈଳାଶ ଚନ୍ଦ୍ର ସ୍ୱାଇଁ, ସନ୍ତୋଷ କୁମାର ରଥ, ସରୋଜ କୁମାର ପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସ୍ୱାତୀ କର୍ମଚାରୀ ପ୍ରଦୀପ କୁମାର ସ୍ୱାଇଁ, ବୈଦ୍ୟନାଥ ଖଡୁଆ, ଶଙ୍କର ନାରାୟଣ ମହାନ୍ତି, ସୁନୀତା କିନ୍ନର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନୌପଡ଼ା-ପାରଳା-ଗୁଣପୁର ରେଳପଥର ହେବ ଉନ୍ନତି

## ପ୍ରତିଶ୍ରୁତି ଦେଲେ ରେଳମନ୍ତ୍ରୀ

ପାରଳାଖେମୁଣ୍ଡି, ୨୭।୮(ଡି.ଏନ୍.ଏ.)

୨ଶହ ବର୍ଷରୁ ଉର୍ଦ୍ଧ୍ୱ ପୁରାତନ ପାରଳା ରାଜ ପରିବାର ଦ୍ୱାରା ନିର୍ମିତ ନୌପଡ଼ା–ପାରଳାଖେମୁଣ୍ଡି–ଗୁଣପୁର ରେଳପଥର ଉନ୍ନତି ହେବାକୁ ଯାଉଛି। ନିକଟରେ ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବ କୋରାପୁଟ ଜିଲା ଗସ୍ତ କରିଥିଲେ। ସେତେବେଳେ କୋରାପୁଟ ଜିଲାର ପ୍ରଶାସକ, ବିଭିନ୍ନ ରାଜନେତା, ବିଭିନ୍ନ ସଂଗଠକ ପ୍ରମୁଖ ବ୍ୟକ୍ତିବିଶେଷ ରେଳମନ୍ତ୍ରୀଙ୍କୁ ଶତାୟୁ ରେଳପଥର ଇତିହାସ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ଗୁଣୁପୁର–ଥେରୁବାଲି ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ଦାବି କରିଥିଲେ। ମନ୍ତ୍ରୀ ଏହା ଶୁଣି ରେଳପଥର ନିଶ୍ଚିତ ଉନ୍ନତି ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ।

ପାରଳାଖେମୁଣ୍ଡି ରାଜ ପରିବାର ଶାସନ ଅମଳରେ ଅଞ୍ଚଳର ଉନ୍ନତି ପାଇଁ ବହୁ ଉନ୍ନୟନ କାର୍ଯ୍ୟ କରିଥିବାର ନଜିର ରହିଛି। ୧୯୦୦ ମସିହାରେ ପାରଳା ଅଞ୍ଚଳରେ ରେଳଗାଡ଼ି ଚଳାଇବା ଏକ ଅସମ୍ଭବ କାର୍ଯ୍ୟକୁ ତତ୍କାଳୀନ ରାଜା ଗୌରଚନ୍ଦ୍ର ଗଜପତି ସାକାର କରି ଦେଖାଇଥିଲେ। ବ୍ରିଟିଶ ଶାସନ କାଳରେ ଏମାନେ ନିଜ ଅଞ୍ଚଳର ପ୍ରଜାମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେବଳ ଗମନାଗମନରେ ହିଁ ଅଞ୍ଚଳର ବିକାଶ ଘଟିବ ବୋଲି ଉପଲବ୍ଧ କରି ରାଜକୋଷରୁ ଅର୍ଥ ଖର୍ଚ୍ଚ କରିବା ସହ ଭୂଦାନ କରି ରେଳ ଚଳାଇଥିଲେ। ସେ ସମୟରେ ପାରଳାଖେମୁଣ୍ଡି–ଗୁଣପୁର ଅତି ଦୁର୍ଗମ ଇଲାକା ଭାବେ ପରିଚିତ ଥିବା ବେଳେ ଗମନାଗମନ ପାଇଁ ରେଳପଥ ନିର୍ମାଣ କରିବା କାଠିକର ପାଠ ହୋଇଥିଲେ ହେଁ ଗୌରଚନ୍ଦ୍ର ଗଜପତି ୧୯୦୦ରେ ବର୍ତ୍ତମାନ ଆନ୍ଧ୍ରପ୍ରଦେଶରେ ଥିବା ନୌପଡାଠାରେ ଥିବା ମୁଖ୍ୟ ରେଳପଥକୁ ସଂଯୋଗୀକରଣ କରିବା ପାଇଁ ନ୍ୟାରୋଗେଜ ରେଳ ଲାଇନ ପ୍ରତିଷ୍ଠା କରିଥିଲେ। ଏହାପରେ ତାଙ୍କ ପୁଅ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ରାୟଗଡ଼ା ଜିଲାର ଗୁଣପୁରକୁ ପାରଳାଖେମୁଣ୍ଡିଠାରୁ ରେଳପଥ ସଂପ୍ରସାରଣ କରି ଗୁଣପୁର ଅଞ୍ଚଳବାସୀଙ୍କୁ ରେଳସେବା ଯୋଗାଇଥିଲେ। ଏହି ଐତିହାସିକ ନ୍ୟାରୋଗେଜ ରେଳପଥକୁ ୨୦୦୨ରେ ଉଠାଇ ଦିଆଯାଇଥିଲା। ୨୦୧୧ରେ ପୁଣି ବ୍ରଡଗେଜ ରେଳସେବା ଆରମ୍ଭ ହୋଇଥିଲା। ହେଲେ ରାୟଗଡ଼ା ଜିଲାର ଥେରୁବାଲି ପର୍ଯ୍ୟନ୍ତ ସମ୍ପ୍ରସାରଣ ହୋଇ ନ ଥିଲା। ସେଇ ଦିନଠାରୁ ଏଥିପାଇଁ ଅନବରତ ଭାବେ ଦାବି ହୋଇ ଆସୁଥିବା ବେଳେ ଏବେ ଏହି ପ୍ରକଳ୍ପର ଭାଗ୍ୟ ବଦଳିବ ବୋଲି ଆଶା ସଞ୍ଚାର ହୋଇଛି। କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ପାଇ ସାରିଥିବା ଗୁଣୁପୁର–ଥେରୁବାଲି ସଂପ୍ରସାରଣ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଜମି ଦେବା ଲାଗି ରାଜି ହୋଇଥିଲେ ମଧ ଏବେ ପ୍ରକଳ୍ପର ଅଧାଖର୍ଚ୍ଚ କେନ୍ଦ୍ର ସରକାର ଦାବି କରିବାରୁ ପରିସ୍ଥିତି ଜଟିଳ ହୋଇଥିଲା। ତେବେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରିବ ବୋଲି ରେଳମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବାରୁ ଶୀଘ୍ର କାମ ଆରମ୍ଭ ହୋଇପାରେ ବୋଲି ଆଲୋଚନା ହେଉଛି।

## ବେଳାଭୂମିରେ ମଦ ଦୋକାନକୁ ବିରୋଧ

ବ୍ରହ୍ମପୁର ଅଫିସ: ପର୍ଯ୍ୟଟନ ବିକାଶ ନାମରେ ବେଳାଭୂମିରେ ମଦ ଦୋକାନକୁ ବିରୋଧ କରି ଶୁକ୍ରବାର ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ କମାପଲୀ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲାର ଗୋପାଳପୁର, ସୁନପୁର ସମେତ ଓଡିଶାର ସମସ୍ତ ବେଳାଭୂମିକୁ ମଦ ମୁକ୍ତ କରି ସୁରକ୍ଷିତ ରଖିବା, ବେଳାଭୂମି ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ମଞ୍ଚ ଦାବି କରିଛି। ବିକ୍ଷୋଭରେ ଅବସରପ୍ରାପ୍ତ ଶିକ୍ଷକ ସଂଘ, ଜନ ଜାଗରଣ ମଞ୍ଚ , ପୂଜ୍ୟ ପୂଜା ସମିତି, ଓଡ଼ିଶା ମଦ ନିବାରଣ ମଞ୍ଚ ଭଳି ବିଭିନ୍ନ ସଂଗଠନ ସାମିଲ ହୋଇଥିଲେ। ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ ଅବନୀ ଗୟାଙ୍କ ସମେତ ଶ୍ୟାମ ସୁନ୍ଦର ଖାଡଙ୍ଗା, ହୃଷିକେଶ ପାତ୍ର, ପୂର୍ଣ୍ଣ ଚନ୍ଦ୍ର ମହାରଣା, ଅନନ୍ତ ନାରାୟଣ ପଟ୍ଟନାୟକ ଓ ବିଭିନ୍ନ ସଂଘର ସଦସ୍ୟ ଉପସ୍ଥିତ ଥିଲେ।

# ପଦାରେ ପଡୁଛି ମହାନଗର ବିକାଶ ଚିତ୍ର

■ ଦେଢ଼ଘଣ୍ଟା ବର୍ଷାରେ ରାସ୍ତାରେ ଆଣ୍ଠୁଏ ପାଣି
■ ଜିଲାକୁ ଆସୁଛନ୍ତି ମନ୍ତ୍ରୀ, ବିଧାୟକ

ବ୍ରହ୍ମପୁର ଅଫିସ,୨୭।୮

ବ୍ରହ୍ମପୁର ସହରାଞ୍ଚଳ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଅନେକ ମୁଖ୍ୟରାସ୍ତାରେ ଖାଲଖମା ହୋଇଥିବା ବେଳେ ସବୁ ୱାର୍ଡ ଗଳିକନ୍ଦି ରାସ୍ତା ବିପଜ୍ଜନକ ହୋଇଛି। ସାମାନ୍ୟ ବର୍ଷା ହେଲେ ମହାନଗର ବିକାଶର ଅସଲ ଚିତ୍ର ପଦାକୁ ଆସୁଛି। ଶୁକ୍ରବାର ଅପରାହ୍ନରେ ପ୍ରାୟ ଦେଢ଼ ଘଣ୍ଟା ଧରି ବର୍ଷା ହୋଇଥିଲା। ମୁଖ୍ୟତଃ ପୁରୁଣା ବସଷ୍ଟାଣ୍ଡ, ବିଜିପୁର, ସନ୍ତୋଷୀ ମା' ମନ୍ଦିର ଛକରୁ ନୀଳକଣ୍ଠନଗର ମୁଖ୍ୟରାସ୍ତା ଏବଂ ସେଠାରୁ ଗୋଷାଣି ନୂଆଗାଁ ରାସ୍ତାରେ ଆଣ୍ଠୁଏ ପାଣି ଚାଲିଥିଲା। ଉପରୋକ୍ତ ଅଞ୍ଚଳଗୁଡ଼ିକର ନାଳ ନର୍ଦ୍ଦମା ଚୋକ୍ ହୋଇଥିବା ଯୋଗୁ ମଇଳା ପାଣି ରାସ୍ତାରେ ଲହଡ଼ି ମାରୁଛି। ସମସ୍ୟାର ସମାଧାନରେ ବିଏମସି ଅଣଦେଖା କରୁଥିବା ଅଭିଯୋଗ ହୋଇଛି।

ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀର ହିଞ୍ଜିଳି ଓ ଶେରଗଡ଼ ବ୍ଲକରେ ୫୦ ସରକାରୀ ହାଇସ୍କୁଲକୁ ସ୍ମାର୍ଟ ତଥା ରୂପାନ୍ତରୀକରଣ କରାଯାଇଛି। ସେଗୁଡ଼ିକ ପର୍ଯ୍ୟାୟକ୍ରମେ ଲୋକାର୍ପିତ କରାଯାଉଥିବାରୁ ତାହା ଶାସକ ଦଳ ବିଧାୟିକା, ବିଧାୟକ ଓ ମନ୍ତ୍ରୀମାନେ ଗତ ୨୧ ତାରିଖରୁ ଗଞ୍ଜାମ ଜିଲାକୁ ଆସୁଛନ୍ତି। ପ୍ରଥମେ ତାମ୍ପରା ହ୍ରଦ, ପରେ ଜିଲାର ପ୍ରମୁଖ ଶକ୍ତିପୀଠ ତାରାତାରିଣୀ ମନ୍ଦିର ଦର୍ଶନ କରୁଛନ୍ତି। ଉପରୋକ୍ତ ୨ ବ୍ଲକରେ ଶିକ୍ଷାନୁଷ୍ଠାନ କାର୍ଯ୍ୟକ୍ରମରେ ଯୋଗ ଦେଇ ମନ୍ତ୍ରୀ ଓ ବିଧାୟକ ବ୍ରହ୍ମପୁର ଆସୁଛନ୍ତି। ସେମାନଙ୍କୁ ନବ ନିର୍ମିତ ସ୍ପୋର୍ଟସ ଏରିନା ଏବଂ ବହୁ କୋଟି ଟଙ୍କା ବ୍ୟୟରେ ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କରାଯାଇଥିବା ରାମଲିଙ୍ଗେଶ୍ୱର ପ୍ରମୋଦ ଉଦ୍ୟାନକୁ ନିଆଯାଉଛି। ମହାନଗରରେ ଏହି ଦୁଇ ସ୍ଥାନ ଦେଖାଇ ବ୍ରହ୍ମପୁର ବିକାଶ ଚିତ୍ର ସମ୍ପର୍କରେ ସେମାନଙ୍କୁ ଧାରଣା ଦେବା ନିମନ୍ତେ ପ୍ରଶାସନ ପକ୍ଷରୁ ଏଭଳି ବ୍ୟବସ୍ଥା ହୋଇଛି। ଇତିମଧ୍ୟରେ ତୃତୀୟ ପର୍ଯ୍ୟାୟ ପରିଦର୍ଶନ ଗତ ଗୁରୁବାର ସରିଛି। ଆଉ ଦୁଇ ପର୍ଯ୍ୟାୟରେ ଶାସକ ଦଳ ଲୋକ ପ୍ରତିନିଧିମାନେ ଆସିବା କାର୍ଯ୍ୟକ୍ରମ ରହିଛି। ସେମାନେ ବୈକୁଣ୍ଠ ନଗର ଆଧୁନିକ କ୍ରୀଡ଼ା କ୍ଷେତ୍ର ଓ ରାମଲିଙ୍ଗେଶ୍ୱର ଉଦ୍ୟାନକୁ ଯିବା ବେଳେ ଯେଉଁଠି କୁଢ଼ କୁଢ଼ ଆବର୍ଜନା ଜମିଛି ସେସବୁରେ ବିଏମସି ପକ୍ଷରୁ କପଡ଼ା ଘୋଡ଼ାଇ ଦିଆଯାଉଛି। ଫେରିବା ପରେ ବାହାର କରାଯାଉଛି। କେତେକ ସଚେତନ ନାଗରିକ ପ୍ରତିକ୍ରିୟାରେ କହିଛନ୍ତି ଏଭଳି ହୋଇଛି ବ୍ରହ୍ମପୁର ବିକାଶ। ବର୍ଷା ହେବା ବେଳେ ମନ୍ତ୍ରୀ ଓ ବିଧାୟକ ଆସନ୍ତୁ ଏବଂ ଚାଲି ଚାଲି ବୁଲିଲେ ବିକାଶ ଚିତ୍ର ଦେଖିବାର କଟାକ୍ଷ କରୁଛନ୍ତି।

ରାସ୍ତାଘାଟ ଓ ନାଳ ନର୍ଦ୍ଦମା ଶୋଚନୀୟ ଅବସ୍ଥା ନେଇ ବିଏମସି ପକ୍ଷରୁ କୁହାଯାଉଛି ଏସବୁର ସମାଧାନ ଲାଗି ୨୦୨୧-୨୨ ବର୍ଷର ବଜେଟରେ ବହୁ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଅନୁମୋଦନ ପାଇଁ ସରକାରଙ୍କ ନଗର ଉନ୍ନୟନ ବିଭାଗକୁ ପଠାଯାଇଛି। ମଞ୍ଜୁରୀ ମିଳିବାପରେ କାର୍ଯ୍ୟାରମ୍ଭ ହେବାର ସ୍ପଷ୍ଟ କରି ଦିଆଯାଇଛି। ତେବେ ସରକାରୀ ଅନୁମୋଦନ କେବେ ମିଳିବ ଏବଂ କାର୍ଯ୍ୟ ଆରମ୍ଭ ହେବ ସେଥିପାଇଁ ସହରବାସୀ ଅପେକ୍ଷା କରିଛନ୍ତି।

## ଜାତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ବ୍ରହ୍ମପୁରର ୨ ପ୍ରତିଯୋଗୀ



ଏସ.ରାଜେଶ ବାବୁ ଆଚାରୀ ଏବଂ ଚନ୍ଦନ କୁମାର ସାହୁ।

ବ୍ରହ୍ମପୁର ଅଫିସ,୨୭।୮

ଆସନ୍ତା ୨୯ ତାରିଖରେ ପଞ୍ଜାବର ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟଠାରେ ଜାତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ ଓଡ଼ିଶା ଦଳରେ ଗଞ୍ଜାମ ଆମେଚୋର ବଡ଼ି ବିଲ୍ଡିଂ ସଂଘର ଦୁଇ ପ୍ରତିଯୋଗୀ ମନୋନୀତ ହୋଇଛନ୍ତି। ସେମାନେ ହେଲେ ଏସ.ରାଜେଶ ବାବୁ ଆଚାରୀ ଓ ଚନ୍ଦନ କୁମାର ସାହୁ। ଶୁକ୍ରବାର ଏହି ଦୁଇ ପ୍ରତିଯୋଗୀ ଚଣ୍ଡିଗଡ଼ ଅଭିମୁଖେ ଯାତ୍ରା କରିଛନ୍ତି। ଏସ ରାଜେଶ ବାବୁ ଆଚାରୀ ମାଷ୍ଟର୍ସ ୪୦-୪୯ କେଜି ବର୍ଗରେ ଏବଂ ଚନ୍ଦନ କୁମାର ସାହୁ ୬୦ କେଜି ବର୍ଗ ପ୍ରତିଯୋଗିତାରେ ଭାଗ ନେବେ। ଅନ୍ତର୍ଜାତୀୟ ବଡ଼ି ବିଲଡ଼ିଂ ବିଚାରକ ତଥା ଆମେଚୋର ବଡି ବିଲଡ଼ିଂ ସଂଘ ଉପଦେଷ୍ଟା ବି.ଭେନୁଗୋପାଳଙ୍କ ସମେତ ସଂଘର ସଦସ୍ୟମାନେ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସଂକ୍ଷେପରେ

### ଗଞ୍ଜାମରେ ପୁଣି ୪ ଜଣଙ୍କୁ ଡେଙ୍ଗୁ

**ବ୍ରହ୍ମପୁର ଅଫିସ,୨୭।୮:** ଗଞ୍ଜାମ ଜିଲାରେ ଦିନକୁ ଦିନ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ଆଉ ୪ ଜଣଙ୍କ ରକ୍ତ ନମୂନାରେ ଡେଙ୍ଗୁ ପଜିଟିଭ ଆସିଛି। ସେମାନଙ୍କ ମଧ୍ୟରୁ ୩ ଜଣ ବ୍ରହ୍ମପୁର ମହାନଗର ଓ ଅନ୍ୟଜଣେ ରଙ୍ଗେଇଲୁଣ୍ଡା ବ୍ଲକ ଅଞ୍ଚଳର ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ମହାନଗର ହାଉସିଂ ବୋର୍ଡ଼ରେ ରହୁଥିବା ୨୪ ବର୍ଷିୟା ମହିଳାଙ୍କୁ ଜ୍ୱର ଲାଗି ରହିଥିବା ବେଳେ ଗତ ୨୬ ତାରିଖରେ ଡେଙ୍ଗୁ ପରୀକ୍ଷା ପରେ ତାଙ୍କର ନମୂନା ପଜିଟିଭ ଆସିଛି। ସେହିପରି ଗୋଦାବାରୀ ସାହରୁ ଜଣେ ମହିଳା, ଲାଞ୍ଜିପଲ୍ଲୀର ଜଣେ ପୁରୁଷଙ୍କ ଡେଙ୍ଗୁ ରିପୋର୍ଟ ଶୁକ୍ରବାର ପଜିଟିଭ ଆସିଛି। ରଙ୍ଗେଇଲୁଣ୍ଡା ବ୍ଲକ ରଙ୍ଗପୁର ଗ୍ରାମର ଜଣେ ମହିଳା ମଧ୍ୟ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜିଲାରେ ଏଯାବତ ୨୭ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇ ସାରିଲେଣି। ଡେଙ୍ଗୁ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଉମାଶଙ୍କର ମିଶ୍ର ସୂଚନା ଦେଇଛନ୍ତି।

### ନାବାଳିକାଙ୍କୁ ଅପହରଣ, ଭିଡିଓ ଭାଇରାଲ୍ ଅଭିଯୋଗ

**ବୁଗୁଡ଼ା,୨୭।୮(ଡି.ଏନ.ଏ.):** ଜଣେ ନାବାଳିକାକୁ ପ୍ରଥମେ ପ୍ରେମ ପରେ ଅପହରଣ କରି ଭିଡିଓ ଭାଇରଲ ଧମକ ଦେବା ଅଭିଯୋଗରେ ବଗୁଡ଼ା ପୋଲିସ ଶୁକ୍ରବାର ଅଭିଯୁକ୍ତ ଯୁବକଙ୍କୁ ଅଟକ ରଖିଛି। ଯୁବକ ଜଣଙ୍କ ନାବାଳିକା ସହ ପ୍ରେମ ସମ୍ପର୍କ ସ୍ଥାପନ କରିବା ପରେ ତାକୁ ଅପହରଣ କରି ନେଇଥିଲେ। ମାସକ ପରେ ପରିବାର ଲୋକେ ନାବାଳିକାକୁ ଉଦ୍ଧାର କରି ଘରକୁ ନେଇ ଆସିଥିଲେ ମଧ୍ୟ କାହାକୁ ଜଣାଇ ନ ଥିଲେ। କିନ୍ତୁ ଅଭିଯୁକ୍ତ ଯୁବକ ନାବାଳିକାର ଫଟୋ ଓ ଭିଡିଓ ଭାଇରଲ ଧମକ ଦେଇ ତା'ସହ ସମ୍ପର୍କ ରଖିବାକୁ ବାରମ୍ବାର ଚାପ ପକାଉଥିଲେ। ଏ ନେଇ ପରିବାର ଲୋକେ ବୁଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୨୮ /୨୧ ରେ ଏକ ମାମଲା ରୁଜୁ କରିଛି।

### ୧ରେ ଡ୍ରାଇଭର ମହାସଂଘର ପଦଯାତ୍ରା

**ଫୁଲବାଣୀ ଅଫିସ, ୨୭।୮:** ବିଭିନ୍ନ ଦାବି ନେଇ ଓଡ଼ିଶା ଡ୍ରାଇଭର ମହାସଂଘର କନ୍ଧମାଳ ଶାଖା ପକ୍ଷରୁ ପଦଯାତ୍ରା ଆସନ୍ତା ୧ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ସଂଘ ପକ୍ଷରୁ ସମସ୍ତ କାର୍ଯ୍ୟ ଶେଷ ହୋଇଛି। କୋଭିଡ ଗାଇଡ ଲାଇନ ଅନୁସାରେ ପଦଯାତ୍ରା ଲାଗି ପୋଲିସ ସଂଘ ସଦସ୍ୟଙ୍କୁ ଅନୁମତି ଦେଇଛି। ମାଦିକୁନ୍ଦା ପାଖରୁ ଏହି ପଦଯାତ୍ରା ଆରମ୍ଭ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ଶେଷ ହେବ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯିବ। ଡ୍ରାଇଭରମାନଙ୍କୁ କରୋନା ଯୋଦ୍ଧା ଘୋଷଣା କରିବା, ମୁଖ୍ୟ ରାସ୍ତାର ୧୦୦ କିମି ବ୍ୟବଧାନରେ ପାଇଖାନାର ବ୍ୟବସ୍ଥା ସହ ଆଶ୍ରୟ ସ୍ଥାନ, ଜୀବନ ବୀମା, ମାସିକ ୩୦ ହଜାର ଟଙ୍କା ପାରିଶ୍ରମିକ, ୬୦ ବର୍ଷ ପରେ ପେନସନ୍ ପ୍ରଦାନ ଆଦି ଦାବି ରହିଛି ବୋଲି ସଂଘ ସଭାପତି ଆଲୋକ ବେହେରା, ସମ୍ପାଦକ ବଳରାମ ନାୟକ ଉପସଭାପତି ମାନସ ସାମଲ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

### ମୃତ ଶିକ୍ଷକଙ୍କ ସ୍ତ୍ରୀଙ୍କୁ ଓଷ୍ଟାର ସହାୟତା

**ଫୁଲବାଣୀ ଅଫିସ, ୨୭।୮:** ଫିରିଙ୍ଗିଆ ବ୍ଲକ ନୂତନ ଅନୁଦାନ ପ୍ରାପ୍ତ ବୈରିକୁମ୍ପା ରାଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ମୃତ ରାଜେନ୍ଦ୍ର ସାହୁଙ୍କ ପରିବାରକୁ ଶୁକ୍ରବାର ଓଷ୍ଟାର ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ରାଜେନ୍ଦ୍ରଙ୍କ କିଛି ମାସ ତଳେ ଅକାଳ ବିୟୋଗ ଘଟିଥିଲା। ତାଙ୍କ ପରିବାରକୁ କିଛି ଆର୍ଥିକ ସହାୟତା ପାଇଁ ଓଡିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ଶିକ୍ଷକ, କର୍ମଚାରୀମାନଙ୍କଠାରୁ ଅର୍ଥ ଆଦାୟ କରାଯାଇଥିଲା । ସେହି ଅର୍ଥକୁ ଏକାଠି କରି ମୋଟ ୨୫ ହଜାର ଟଙ୍କା ମୃତ ଶିକ୍ଷକଙ୍କ ସ୍ତ୍ରୀ କୁନ୍ତୀଙ୍କୁ ଶୁକ୍ରବାର ପ୍ରଦାନ କରାଯାଇଛି। ଓଷ୍ଟା ସଂଘ ସଭାପତି ପ୍ରଫୁଲ୍ଲ କୁମାର ସାହୁ, ସମ୍ପାଦକ ରଞ୍ଜନ କୁମାର ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗଣେଶ୍ୱର ଦଳାଇ, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ରଥ, ଖଜୁରିପଡା ବ୍ଲକ ସଭାପତି ଚତୁର୍ଭୁଜ ରାଉତ, ଫିରିଙ୍ଗିଆ ସଭାପତି ଗୋପିନାଥ ଗୋଛାୟତଙ୍କ ସମେତ ଅନ୍ୟମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ସ୍ଥାୟୀ ନିଯୁକ୍ତି ଲାଗି ବିଏମ୍‌ସି କମିଶନରଙ୍କୁ ଦାବିପତ୍ର



ଅସ୍ଥାୟୀ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବ୍ରହ୍ମପୁର ଅଫିସ,୨୭।୮

**ପରିମଳ କର୍ମଚାରୀଙ୍କୁ ବର୍ଦ୍ଧିତ ମଜୁରି, ଭତ୍ତା ଦାବି**

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ପରିମଳ କର୍ମଚାରୀଙ୍କୁ ବର୍ଦ୍ଧିତ ମଜୁରୀ ଏବଂ ଭତ୍ତା ପ୍ରଦାନ ପାଇଁ ବିଏମ୍‌ସି ଅସ୍ଥାୟୀ କର୍ମଚାରୀ ସଂଘ ଦାବି କରିଛି। ଶୁକ୍ରବାର ସଂଘ ପକ୍ଷରୁ ବିଏମ୍‌ସି କମିଶନର ଡ.ସିଦ୍ଧେଶ୍ୱର ବଳିରାମ ବୋନ୍ଦାରଙ୍କୁ ଏ ନେଇ ଦାବିପତ୍ର ପ୍ରଦାନ କରାଯାଇଛି। ବିଏମ୍‌ସିରେ ଅସ୍ଥାୟୀ କର୍ମଚାରୀମାନେ ୩୦ ବର୍ଷ ହେଲା ସୁଚାରୁ ରୂପେ କାର୍ଯ୍ୟ କରିଆସୁଛନ୍ତି। କରୋନା ସମୟରେ ମଧ୍ୟ କାର୍ଯ୍ୟରେ ଅବହେଳା କରିନାହାନ୍ତି। ତେଣୁ କର୍ମଚାରୀଙ୍କୁ ବିଏମ୍‌ସି ପକ୍ଷରୁ କରୋନାଯୋଦ୍ଧା ଘୋଷଣା କରାଯିବା ସହ ଆର୍ଥିକ ସହାୟତା ଦିଆଯାଇଛି। ହେଲେ ସ୍ଥାୟୀ ନିଯୁକ୍ତି କ୍ଷେତ୍ରରେ ବିଏମ୍‌ସି କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ସଂଘ ଅଭିଯୋଗ କରିଛି। ସେହିପରି ଝାଡୁଦାର, ଡ୍ରେନ, ପାଇଖାନା ସଫେଇ ଆଦି ଅସ୍ଥାୟୀ ପରିମଳ କର୍ମଚାରୀମାନେ କରୋନା ସମୟରେ ନିଜ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରିଛନ୍ତି। ଅନେକଙ୍କ ମୃତ୍ୟୁ ମଧ୍ୟ ଘଟିଛି। କିନ୍ତୁ ସେମାନଙ୍କ ପରିବାରକୁ ଜୀବୀକା ନିମନ୍ତେ କୌଣସି ସୁବିଧା ପ୍ରଦାନ କରାଯାଇ ନ ଥିବା ସଂଘ ଅଭିଯୋଗ କରିଛି। ଏଥିସହ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ଗରିମା ଯୋଜନାରେ ପରିମଳ କର୍ମଚାରୀଙ୍କୁ ବର୍ଦ୍ଧିତ ମଜୁରୀ ଓ ଭତ୍ତା ପ୍ରଦାନ କରିବା ପାଇଁ ସଂଘ ଦାବି କରିଛି। ଅନ୍ୟପଟେ ପରିମଳ କର୍ମଚାରୀମାନେ କମ୍ ଶିକ୍ଷିତ ହୋଇଥିବା କାରଣରୁ ସେମାନଙ୍କୁ ନାନା ହଇରାଣ କରାଯାଉଥିବା ଅଭିଯୋଗ ହୋଇଛି। ତେଣୁ ପରିମଳ କର୍ମଚାରୀଙ୍କୁ ସମସ୍ତ ସୁବିଧା ଓ ସହଯୋଗ ପାଇଁ ସଂଘ ଦାବି କରିଛି। ଦାବିପତ୍ର ପ୍ରଦାନ ବେଳେ ସଂଘ ସଭାପତି ଡି.ସୂର୍ଯ୍ୟ ପ୍ରକାଶ ରାଓ, ଉପସଭାପତି କୈଳାସ ଘଡେଇ, ସାଧାରଣ ସମ୍ପାଦକ ଶୁଭେନ୍ଦୁ ସୁନ୍ଦର ନାୟକଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ୨୯ରେ ବରିଷ୍ଠ କ୍ରୀଡ଼ାବିତ୍ ଚୟନ ଶିବିର

ବ୍ରହ୍ମପୁର ଅଫିସ,୨୭।୮

ସେପ୍ଟମ୍ବର ୭ ଓ ୮ରେ ରାଜ୍ୟସ୍ତରୀୟ ବରିଷ୍ଠ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିନିମନ୍ତେ ଆସନ୍ତା ୨୯ ତାରିଖରେ ଗଞ୍ଜାମ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ବରିଷ୍ଠ କ୍ରୀଡ଼ାବିତ୍ ଚୟନ କରାଯିବ। ଇଚ୍ଛୁକ ପ୍ରାର୍ଥୀମାନେ ୨୯ ତାରିଖ ସକାଳ ୯ଟାରେ ଇଞ୍ଜିନିୟରିଂ ସ୍କୁଲ ଖେଳପଡ଼ିଆରେ ଜିଲା କ୍ରୀଡ଼ା ସଂଘ କୋଚ ସୁରେନ୍ଦ୍ର ପଟ୍ଟନାୟକଙ୍କଠାରେ ନାମ ପଞ୍ଜୀକରଣ କରିପାରିବେ। ଚୟନ ପ୍ରକ୍ରିୟାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଉଭୟ ମହିଳା ଓ ପୁରୁଷ କ୍ରୀଡ଼ାବିତମାନେ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇପାରିବେ ବୋଲି ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଅଶୋକ ସାହୁ କହିଛନ୍ତି। ସେହିପରି ବ୍ରହ୍ମପୁର ଷ୍ଟାଡ଼ିୟମ ଠାରେ ୨୯ ସକାଳ ୬ଟାରେ ଗଞ୍ଜାମ ଜିଲା ବରିଷ୍ଠ ବକ୍ସିଂ ଦଳ ପ୍ରତିଯୋଗୀ ଚୟନ ଶିବିର ହେବ। ଏଥିରେ ୧୯ ବର୍ଷରୁ ଉର୍ଦ୍ଧ୍ୱ ପୁରୁଷ ପ୍ରତିଯୋଗୀମାନେ ଭାଗ ନେଇ ପାରିବେ। ଇଚ୍ଛୁକମାନେ ଜିଲା ବକ୍ସିଂ ସଂଘ ସମ୍ପାଦକ ପ୍ରଭାକର ସାହୁଙ୍କ ନିକଟରେ ମେଡ଼ିକାଲ ରିପୋର୍ଟ ପ୍ରଦାନ କରି ନାମ ପଞ୍ଜୀକରଣ କରାଇବେ। ମନୋନୀତ ପ୍ରାର୍ଥୀମାନେ ସେପ୍ଟେମ୍ବର ୨ରେ ହେବାକୁ ଥିବା ରାଜ୍ୟସ୍ତରୀୟ ବକ୍ସିଂ ପ୍ରତିଯୋଗିତାରେ ଭାଗ ନେଇପାରିବେ।

## ଏସ୍‌ପିଙ୍କ ଦ୍ୱାରସ୍ଥ ନିର୍ଯାତିତା ମହିଳା

ଫୁଲବାଣୀ ଅଫିସ, ୨୭।୮

ବାଲିଗୁଡା ଥାନା ସିରୁପାଜି ଗ୍ରାମର ତଅପୋଇଙ୍କୁ ତାଙ୍କ ସ୍ୱାମୀଙ୍କ ସମେତ ଦେଢ଼ଶୂର, ଶ୍ୱଶୁର ଯୌତୁକ ପାଇଁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏ ନେଇ ସେ ବାଲିଗୁଡା ଥାନାରେ ଏତଲା ଦେବା ପରେ ପୋଲିସ କେବଳ ମାମଲା ରୁଜୁ କରି ଚୁପ୍ ବସିଛି । ତେଣୁ ତଅପୋଇ ଗୁରୁବାର କନ୍ଧମାଳ ଏସ୍‌ପିଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି। କାଚାବଲି ଗ୍ରାମର ଜଣେ ବ୍ୟକ୍ତି ତଅପୋଇଙ୍କ ସହ ପ୍ରେମ ସମ୍ପର୍କ ରଖି ଗତ ଏପ୍ରିଲ ୧ ତାରିଖରେ ବିବାହ କରିଥିଲେ । ଉଭୟେ କିଛି ଦିନ ଭଲରେ ଚଳିଥିଲେ । ପରେ ନିର୍ଯାତନା ଆରମ୍ଭ ହୋଇଥିଲା । ଅଧିକ ଯୌତୁକ ଦାବି କରି ଦେଢ଼ଶୁର, ଶ୍ୱଶୁର, ସ୍ୱାମୀ ଏବଂ ଅନ୍ୟମାନେ ତାଙ୍କୁ ବାରମ୍ବାର ନିର୍ଯାତନା ଦେଲେ । ଗତ ୧୩ ତାରିଖରେ ସ୍ୱାମୀ ଓ ପରିବାରବର୍ଗ ତାଙ୍କୁ ମାରପିଟ୍ କରିଥିଲେ । ଘରେ ରହିଲେ ଜୀବନରେ ମାରି ଦେବାକୁ ଧମକ ଦେଇ ବାହାରକୁ ବିଦା କରିଥିଲେ । ଏ ନେଇ ତଅପୋଇ ଗତ ୧୫ ତାରିଖରେ ଥାନାରେ ଏତଲା ଦେବାରୁ ପୋଲିସ ଏକ ଯୌତୁକଜନିତ ମାମଲା ରୁଜୁ କରିଥିଲେ ମଧ୍ୟ ଏ ଯାଏ କାହାରିକୁ ଗିରଫ କରିନାହିଁ । ପରିବାର ସହ ମୋତେ ହତ୍ୟା କରିବାକୁ ବାରମ୍ବାର ଧମକ ମିଳୁଥିବା ଏସ୍‌ପିଙ୍କୁ ଦେଇଥିବା ଦାବିପତ୍ରରେ ତଅପୋଇ ଉଲ୍ଲେଖ କରିଛନ୍ତି। ଏସ୍‌ପି ଭୀନିତ ଅଗ୍ରୱାଲ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତଶ୍ରୁତି ଦେଇଛନ୍ତି।

## ରାଜ୍ୟସ୍ତରୀୟ କଳାକାର ସମାବେଶ


ସମାବେଶରେ ଉପସ୍ଥିତ ସଂଘର କର୍ମକର୍ତ୍ତା।

ବ୍ରହ୍ମପୁର ଅଫିସ,୨୭।୮

ଦକ୍ଷିଣ ଓଡିଶା ବରିଷ୍ଠ କଳାକାର ସଂଘ ପକ୍ଷରୁ ଶୁକ୍ରବାର ସିଟି ହାଇସ୍କୁଲ ରୋଡସ୍ଥିତ ମାନସ ଭବନଠାରେ ରାଜ୍ୟସ୍ତରୀୟ କଳାକାର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା.ତିରୁପତି ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ମାନସ ଭବନ ସଭାପତି ସି.ଏଚ୍.ସନ୍ତୋଷ କୁମାର ସୁବୁଦ୍ଧି ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ବରିଷ୍ଠ ସଂଗୀତଜ୍ଞ ସୀମାଞ୍ଚଳ ଦାଶ ଓ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଓଡିଶୀ ଅଧ୍ୟାପକ ଗୁରୁ ନିମାକାନ୍ତ ରାଉତରାୟ, ପ୍ରଫୁଲ ମହାପାତ୍ର, ସଙ୍ଗୀତ ଗୁରୁ ବି.ଜଗନ୍ନାଥ ଦୋରା ଯୋଗଦେଇ ଓଡିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ବିମୁଖତା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏହାର ପୁର୍ନବିଚାର ପାଇଁ କେନ୍ଦ୍ର ସରକାର ଓ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସିଙ୍କୁ) ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସମାବେଶର ଦ୍ୱିତୀୟ ଅଧିବେଶନରେ ଗଞ୍ଜାମ ଜିଲା ବରିଷ୍ଠ କଳାକାର ସଂଘର କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ଏଥିରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସଂଗୀତ ମହାବିଦ୍ୟାଳୟ ପ୍ରତିଷ୍ଠା ସଂପର୍କରେ ଆଲୋଚନା ହୋଇଥିଲା। ସମାବେଶରେ ରାଜ୍ୟର ବିଭିନ୍ନ ଜିଲାର କଳାକାର ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ମରୁଡ଼ି କ୍ଷତିଗ୍ରସ୍ତଙ୍କୁ ଫସଲବୀମା ପ୍ରଦାନ ଦାବି

ଛତ୍ରପୁର,୨୭।୮(ଡି.ଏନ.ଏ.)

ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ମରୁଡ଼ି କ୍ଷତିଗ୍ରସ୍ତ ଚାଷୀଙ୍କୁ ଫସଲବୀମା, ଋଣ ପ୍ରଦାନ ସହ ବିଭିନ୍ନ ସହାୟତା ଆଦି ୭ ଦଫା ଦାବି ନେଇ ଗଞ୍ଜାମ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଚଳିତବର୍ଷ ବର୍ଷା ଅଭାବ ଯୋଗୁ ଧାନ ରୁଆ ନ ହୋଇ ଅଧିକାଂଶ ପଞ୍ଚାୟତରେ ୭୫ ଭାଗ ଜମି ପଡ଼ିଆ ରହିଛି। କରୋନା ମହାମାରୀ ଯୋଗୁ ଚାଷୀ ଅନେକ କ୍ଷତି ସହିଛି। ଏଭଳି ସ୍ଥିତିରେ ଚଳିତବର୍ଷ ମରୁଡିରୁ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡ଼ିଛି। ତେଣୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାର ନିୟମ ପ୍ରକାରେ ତୁରନ୍ତ ସର୍ଭେ କରି ବୀମା ସହାୟତା ପ୍ରଦାନ କରିବାକୁ ଦାବି କରାଯାଇଛି। ସେହିପରି ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ କରି କେନାଲରେ ପାଣି ଛାଡିବା, କିରୋସିନ ପମ୍ପ ଓ କିରୋସିନି ୫୦ ପ୍ରତିଶତ ରିହାତିରେ ଦେବା, ବିଦ୍ୟୁତ କର ଓ ସେସ ଛାଡ କରିବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ଧାନ ରୁଆ କାମ ପାଇଁ ମୂଳ ମଜୁରୀ ଖର୍ଚ୍ଚ ଏମ୍‌ଜିଏନ୍‌ଆର୍‌ଇଜିଏସରେ ଭରଣା କଲେ ଗରିବ ଚାଷୀ କାମ କରିବା ପାଇଁ ଆଗ୍ରହୀ ହେବେ ବୋଲି ଦର୍ଶାଯାଇଛି। ଆଗାମୀ ଫସଲ ପାଇଁ ପ୍ରତି ପଞ୍ଚାୟତ ସୋସାଇଟିରେ ସିଙ୍ଗେଲ ୱିଣ୍ଡୋ ସିଷ୍ଟମ ଜରିଆରେ ଚାଷୀଙ୍କୁ ୫୦ ପ୍ରତିଶତ ରିହାତିରେ ପନିପରିବ ଓ ଶସ୍ୟ ବିହନ ଯୋଗାଇ ଦେବାକୁ ଦାବି କରାଯିବା ସହ ବର୍ଷା ଜଳ ସଂରକ୍ଷଣ ଋଷିକୂଲ୍ୟା ଉନ୍ନୟନ ପରିଷଦ ଗଠନ ଏବଂ କ୍ଲଷ୍ଟର ବୋରୱେଲ କରାଯାଇ ମରୁଡ଼ିର ସ୍ଥାୟୀ ପ୍ରତିକାର ନିମନ୍ତେ ଋଷିକୂଲ୍ୟା ରୟତ ମହାସଭା ଦାବି କରିଛି। ଦାବିପତ୍ର ପ୍ରଦାନ ବେଳେ ମହାସଭାର ଜିଲା ସମ୍ପାଦକ ସୀମାଞ୍ଚଳ ନାହାକ, ଛତ୍ରପୁର ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ଦାସ, ଗଞ୍ଜାମ ବ୍ଲକ ସଭାପତି ଶରତ ଚନ୍ଦ୍ର ପଟ୍ଟନାୟକ, ଟି. କ୍ରିଷ୍ଣା ରେଡ୍ଡୀ, ମୋହନ ପାଣିଗ୍ରାହୀ, ରାମ ପରିଡ଼ା, ଲିଙ୍ଗରାଜ ପଡିଆରୀ, ଭାଗିରଥି ବେହେରା, ରବୀନ୍ଦ୍ର କୁମାର ଜେନା, ବୁଲୁ କୁମାର ବିଷୋୟୀ, ତପନ ପଡିଆରି, ଶଶି ଶେଖର ସାହୁ, ଏ. ସଞ୍ଜୀବ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜବେଷ୍ଟସ୍ ପଡି ଦୁଇ ମହିଳା ଆହତ

ଛତ୍ରପୁର,୨୭।୮(ଡି.ଏନ.ଏ.)

ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ନିକଟ ପୁରାତନ ମତ୍ସ୍ୟଜେଟି ପରିସରରେ ଥିବା ଭଙ୍ଗା ଆଜବେଷ୍ଟ ଘରେ ମତ୍ସ୍ୟଜୀବୀମାନେ ବସି ବ୍ୟବସାୟୀ କରିବା ପରେ ବିଶ୍ରାମ ନେଇଥାନ୍ତି । ଶୁକ୍ରବାର କୌଣସି କାରଣବଶତଃ କିଛି ଆଜବେଷ୍ଟସ୍ ଖସି ପଡ଼ିବାରୁ ୨ ମହିଳା ମତ୍ସ୍ୟଜୀବୀ ଆହତ ହୋଇଛନ୍ତି । ସେମାନେ ହେଲେ ସାନଆର୍ଯ୍ୟପଲ୍ଲୀ ଗ୍ରାମର ବି. କାମୁଡୁମ୍ମା ଓ ଭେଙ୍କେଟରାୟପୁର ଗ୍ରାମର ଡି. ସାନ୍ତାମ୍ମା। ଉଭୟଙ୍କ ମୁଣ୍ଡରେ ଓ ଗୋଡରେ ଆଘାତ ଲାଗିଛି। ଗ୍ରାମବାସୀଙ୍କ ସହାୟତାରେ ପରିବାର ଲୋକେ ସେମାନଙ୍କୁ ଛତ୍ରପୁର ମେଡିକାଲକୁ ଆଣିଛନ୍ତି।

## ବ୍ୟାଙ୍କ ଋଣ ସମନ୍ୱୟ ମେଳା



ଋଣ ବଣ୍ଟନ କରାଯାଉଛି।

ଛତ୍ରପୁର,୨୭।୮(ଡି.ଏନ.ଏ.)

ଛତ୍ରପୁର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ଛତ୍ରପୁର ଏନ୍‌ଏସି ଦ୍ୱାରା ଆୟୋଜିତ ଦୀନ ଦୟାଲ ଅନ୍ତ୍ୟୋଦୟ ଯୋଜନା ଜାତୀୟ ସହରାଞ୍ଚଳ ଜୀବିକା ମିଶନ ଆନୁକୁଲ୍ୟରେ ମେଗା ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ଏହି ଅବସାରେ ଛତ୍ରପୁର ଏନ୍‌ଏସିର ୧୧ଟି ସ୍ୱୟଂ ସହାୟିକା ଗୋଷ୍ଠୀ ସହ ପରିବା, ବୁଲାବିକାଳୀ ଏବଂ କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ମୋଟ ୨୫ ଲକ୍ଷ ଟଙ୍କା ବିଭିନ୍ନ ବ୍ୟାଙ୍କ ସହାୟତାରେ ଋଣ ପ୍ରଦାନ କରାଯାଇଥିଲା। ଯାହା ଓଡ଼ିଶାର ମହିଳାଙ୍କ ଦ୍ୱାରା ସମ୍ଭବ ହୋଇଛି, ତାହା ବର୍ତ୍ତମାନ ସୁଦ୍ଧା ଦେଶର ଅନ୍ୟ କୌଣସି ରାଜ୍ୟରେ ହୋଇନାହିଁ। ଯଥାଶୀଘ୍ର ଗଞ୍ଜାମ ଜିଲାର ମହିଳାଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟକୁ ମାର୍କେଟିଂ କରାଯିବା ପାଇଁ ବିଭିନ୍ନ ପ୍ରକଳ୍ପ କରାଯାଉଛି ବୋଲି ବିଧାୟକ କହିଥିଲେ। ଡୁଡା ପିଡି ସୁଦାମ ଚରଣ ମଣ୍ଡଳ ଛତ୍ରପୁର ସହରକୁ ସ୍ୱଚ୍ଛ, ସୁନ୍ଦର କରିବାକୁ ଉଦ୍ୟମ ଚାଲିଥିବା କହିଥିଲେ। ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଏନ ଗଣେଶ ବାବୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରେଣୀଗୃହ ଅଭାବ, ଶିକ୍ଷକ ପଦବୀ ଖାଲି

ବ୍ରହ୍ମପୁର ଅଫିସ,୨୭।୮

**ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ**



ବ୍ରହ୍ମପୁର ସହରରେ ୧୯୫୮ ମସିହାରେ ଆରମ୍ଭ ହୋଇଥିଲା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ। ୨୦୧୮ରେ ନିକଟସ୍ଥ ପ୍ରେମନଗର ପ୍ରାଥମିକ ବିଦ୍ୟାଳୟ ଏହି ସ୍କୁଲ ସହ ମିଶ୍ରଣ ହୋଇଥିଲା। ସେବେଠାରୁ ଏଠାରେ ପ୍ରଥମରୁ ସପ୍ତମ ଛାତ୍ରୀଛାତ୍ର ଏବଂ ଅଷ୍ଟମରୁ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଦୁଇଟି ସିଫ୍ଟରେ ଶିକ୍ଷାଦାନ କରାଯାଉଛି। ମୋ ସ୍କୁଲ ଅଭିଯାନରେ ସାମିଲ ହୋଇଥିବା ଏହି ବିଦ୍ୟାଳୟରେ ବହୁ ସମସ୍ୟା ଲାଗିରହିଛି। ଏଠାରେ ୫୦ ପ୍ରତିଶତ ଶିକ୍ଷକକର୍ମଚାରୀ ପଦବୀ ଖାଲି ପଡ଼ିଥିବା ବେଳେ ଶ୍ରେଣୀଗୃହ ମଧ୍ୟ ଅଭାବ ରହିଛି। ଯାହାଫଳରେ ବର୍ତ୍ତମାନ ଦୁଇଟି ସିଫ୍ଟରେ ନବମ ଓ ଦଶମଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷାଦାନ କରାଯାଉଛି। ଅଣଶିକ୍ଷକ କର୍ମଚାରୀଙ୍କ ମଧ୍ୟରୁ ୮ ଜଣଙ୍କ ଜାଗାରେ ମାତ୍ର ୪ ଜଣ କାର୍ଯ୍ୟରତ ଅଛନ୍ତି। ଅନ୍ୟପକ୍ଷରେ ବିଦ୍ୟାଳୟରେ ଜଣେ ହେଲେ ବି ସଫେଇ କର୍ମଚାରୀ ନାହାନ୍ତି ।

୨୦୨୧-୨୨ ଶିକ୍ଷାବର୍ଷରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ମୋଟ ୧୧୯୨ ଛାତ୍ରୀଛାତ୍ର ଏଠାରେ ଅଧ୍ୟୟନ କରୁଛନ୍ତି। କାରୋନା ଲାଗି ବର୍ତ୍ତମାନ କେବଳ ନବମ ଓ ଦଶମ ଶ୍ରେଣୀର ୩୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଙ୍କୁ ଶ୍ରେଣୀଗୃହରେ ପଢ଼ାଯାଉଛି। ଶ୍ରେଣୀ ଗୃହ ଅଭାବରୁ ଦୁଇଟି ସିଫ୍ଟରେ ପଢ଼ାଚାଲିଛି। ବିଦ୍ୟାଳୟରେ ୧୭ଟି ଶ୍ରେଣୀ ଗୃହ ଥିଲା। ସେଥିରୁ ୬ ଶ୍ରେଣୀଗୃହରେ ସ୍ମାର୍ଟ କ୍ଲାସ ନିମନ୍ତେ କାର୍ଯ୍ୟ ଚାଲିଛି। ଏବେ ୧୧ଟି ଶ୍ରେଣୀ ଗୃହରେ ଶିକ୍ଷାଦାନ ହେଉଛି। ସେହିପରି ବିଦ୍ୟାଳୟରେ ଶିକ୍ଷକ ଅଭାବ ମଧ୍ୟ ଲାଗି ରହିଛି। ପ୍ରଥମରୁ ପଞ୍ଚମ ଶ୍ରେଣୀରେ ମୋଟ ୪୨ ଛାତ୍ରୀଛାତ୍ରଙ୍କ ନିମନ୍ତେ ୨ ଶିକ୍ଷୟିତ୍ରୀଶିକ୍ଷକ ଅଛନ୍ତି। ଷଷ୍ଠରୁ ଦଶମ ପର୍ଯ୍ୟନ୍ତ ଶ୍ରେଣୀ ନିମନ୍ତେ ୪୭ ପରିବର୍ତ୍ତେ ଅଛନ୍ତି ମାତ୍ର ୧୯ ସ୍ଥାୟୀ ଶିକ୍ଷକ କର୍ମଚାରୀ। ଜଣେ ହିନ୍ଦୀ ଶିକ୍ଷକ ଥିବା ବେଳେ ସଂସ୍କୃତ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଗଣିତ ଓ ବିଜ୍ଞାନରେ ୮ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସ୍ଥାନରେ ମାତ୍ର ୪ ଜଣ କାର୍ଯ୍ୟରତ ଅଛନ୍ତି। ସେହିପରି ସାହିତ୍ୟ,ଇଂଲିଶ, ଇତିହାସ, ଭୂଗୋଳ ଆଦି ବିଷୟରେ ୧୮ ଜଣଙ୍କ ସ୍ଥାନରେ ଅଛନ୍ତି ୧୩ ଜଣ । ଆଇଏସିଟି ଓ ପିଜିଟି ଟ୍ରେନିଂ ପ୍ରାପ୍ତ ୧୬ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଯାହାଦ୍ୱାରା ପାଠ ପଢ଼ାଇବାରେ ଅସୁବିଧା ହେଉଛି। ସେହିପରି ବିଦ୍ୟାଳୟର ନିଜସ୍ୱ ଖେଳ ପଡ଼ିଆ ନାହିଁ। ପାର୍କିଂ ସୁବିଧା ନାହିଁ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ମିଶ୍ରଙ୍କୁ ପଚାରିବାରେ ବର୍ତ୍ତମାନ ଶିକ୍ଷାଦାନ ନିମନ୍ତେ ୨ ଶିକ୍ଷକ ଡ଼େପୁଟେଶନ ଅଛନ୍ତି। ୪ ଜଣ ଅସ୍ଥାୟୀ ବିଏଡ୍ ତାଲିମ ପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ବିଦ୍ୟାଳୟର ଅନ୍ୟାନ୍ୟ ସମସ୍ୟା ଓ କର୍ମଚରୀ ଅଭାବ ସମ୍ପର୍କରେ ବହୁବାର ଜିଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପାର୍କିଂ ନିମନ୍ତେ ବିଏମସି କମିଶନରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇପାରି ନ ଥିବା କହିଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଳିଗଲେ ଟ୍ରକ୍ ଡ୍ରାଇଭର




**ଗୁଡ଼ଭେଲା,୨୭।୮ (ଡି.ଏନ.ଏ.):** ୧୧ କେ.ଭି. ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଟ୍ରକ୍ ଡ୍ରାଇଭର ଜଳିଯାଇ ମୃତ୍ୟୁବରଣ କରିଥିବା ଜଣାପଡିଛି। ମୃତକ ହେଲେ ବିହାର ପ୍ରଦେଶ ସମସ୍ତିପୁର ଜିଲା ଅନ୍ତର୍ଗତ ହାଜିପୁର ଗ୍ରାମର ରାମ କୁମାର ଯାଦବ (୪୫) । ଶୁକ୍ରବାର ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ଡୁଙ୍ଗୁରିପାଲି ଗ୍ରାମରେ ଏଭଳି ଏକ ଅଘଟଣ ଘଟିଛି । ସକାଳେ ଓଡି୧୯ଏଲ ୯୮୧୨ ନମ୍ବର ବିଶିଷ୍ଟ ଟ୍ରକ ବରଗଡ଼ରୁ ସିମେଣ୍ଟ ନେଇ ସେହି ଗାଁର ଜଣେ ସିମେଣ୍ଟ ବିକ୍ରେତାଙ୍କ ଗୋଦାମକୁ ଆସିଥିଲା। ଡ୍ରାଇଭର ରାମକୁମାର ସିମେଣ୍ଟ ଅନଲୋଡ୍ କରିବା ପାଇଁ ଟ୍ରକ ଉପରକୁ ଚଢ଼ି ତାର୍ପୋଲିନ୍ କାଢୁଥିବା ବେଳେ ଟ୍ରକ ଉପର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଳିଯାଇ ମୃତ୍ୟୁବରଣ କରିଥିଲେ। ତାଙ୍କ ଦେହର ବିଭିନ୍ନ ସ୍ଥାନ ପୋଡ଼ି ଯାଇଥିବା ଦେଖାଯାଇଥିଲା। ଖବରପାଇ ତୁଷରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ପଠାଇଥିଲେ। ତାଙ୍କ ପରିବାର ଲୋକେ ଏଠାରେ ନ ଥିବାରୁ ମୃତଦେହକୁ ଶବାଗାରରେ ରଖାଯାଇଛି। ପରିବାର ଲୋକେ ପହଞ୍ଚିବା ପରେ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଘଟଣାକୁ ନେଇ ଅଞ୍ଚଳରେ ଆତଙ୍କ ଖେଳିଯାଇଛି।

### ନଦୀରୁ ମିଳିଲା ନିଖୋଜ ବୃଦ୍ଧଙ୍କ ମୃତଦେହ
### ଲାଠିରେ ପିଟି ହତ୍ୟା

ବଡ଼ବିଲ, ୨୭।୮(ସ୍ୱ.ପ୍ର.)-କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଧୀନ ହାୟାରପୁର ଗ୍ରାମ ସ୍ଥିତ କାରୋ ନଦୀରୁ ଜଣେ ନିଖୋଜ ବୃଦ୍ଧଙ୍କ ମୃତଦେହ ମିଳିଛି। ମୃତକ ହେଲେ ବଡ଼ବିଲ ବାକଲ ହଟିଂ ଅଞ୍ଚଳର ବାବାଜି ମୁଣ୍ଡା। ବଡ଼ବିଲ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନ୍ୟପଟେ ଲାଠିରେ ପିଟି ହତ୍ୟା ପରେ ମୃତଦେହ ନଦୀରେ ଫିଙ୍ଗି ଦେଇଥିଲେ ବୋଲି ଥାନାରେ ଅଟକ ଅଭିଯୁକ୍ତ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଗତ ୨୫ତାରିଖରେ ହାୟାରପୁର ଗ୍ରାମ କାରୋ ନଦୀ କୂଳରେ ବାବାଜି ଏବଂ ଅଭିଯୁକ୍ତ ବ୍ୟକ୍ତିଙ୍କ ମଧ୍ୟରେ କୌଣସି କାରଣକୁ ନେଇ କଳହ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସେ ଏକ ଲାଠିରେ ବାବାଜୀଙ୍କ ମୁଣ୍ଡକୁ ପିଟି ନଦୀକୁ ଠେଲି ଦେଇଥିଲେ। ଶୁକ୍ରବାର ଏ ସମ୍ପର୍କରେ ଜଣାପଡ଼ିବା ପରେ ପୋଲିସ ନଦୀରୁ ମୃତଦେହ ଜବତ କରିଛି। ଥାନାରେ ହତ୍ୟା ମାମଲା (ନଂ. ୧୪୩/୨୦୨୧) ରୁଜୁ କରାଯାଇଛି। କଳହର କାରଣ ଜଣାପଡ଼ି ନ ଥିବା ବଡ଼ବିଲ ଥାନା ଆଇଆଇସି ସୁଶାନ୍ତ ଦାଶ କହିଛନ୍ତି।

## ଖରସ୍ରୋତାରୁ ଭଦ୍ରକକୁ ପାଣି ଦେବା ବିବାଦ
# ବାହାରିଲାନାହିଁ ନିଷ୍କର୍ଷ

କେନ୍ଦ୍ରାପଡ଼ା ଅଫିସ/ପଟ୍ଟାମୁଣ୍ଡାଇ, ୨୭।୮(ସ୍ୱ.ପ୍ର.)

ଖରସ୍ରୋତାରୁ ଭଦ୍ରକକୁ ପାଣି ଦେବା ବିବାଦ ଦିନକୁଦିନ ଉଗ୍ର ହେବାରେ ଲାଗିଛି। ପ୍ରତିଦିନ ନୂଆ ନୂଆ ଘଟଣା ସାମ୍ନାକୁ ଆସୁଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଛି। ଏପରିକି ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ବାଧା ଦେଲେ ଅଥବା ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତିର ଦାବି ପୂରଣ ନ ହେଲେ ପରିସ୍ଥିତି ଆହୁରି ସଂଘାତିକ ହେବ। ପ୍ରକଳ୍ପ ନିର୍ମାଣ ସରିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରିବ ନାହିଁ ବୋଲି ସଂଗ୍ରାମ ସମିତି ପକ୍ଷରୁ ଶୁକ୍ରବାର ଜିଲା ପ୍ରଶାସନକୁ ଶୁଣାଇ ଦିଆଯାଇଛି। ଏଥିସହିତ ଆନ୍ଦୋଳନ ଆହୁରି ବ୍ୟାପକ କରାଯିବ ବୋଲି କର୍ମକର୍ତ୍ତାମାନେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଥିରୁ ଆଲୋଚନା ବିଫଳ ହୋଇଥିବା ସ୍ପଷ୍ଟ ହୋଇଛି।

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହା ନିକଟ ଖରସ୍ରୋତା ନଦୀରୁ ପାଣି ଉଠାଯାଇ ଭଦ୍ରକ ଜିଲାର ୪ ବ୍ଲକ ଓ ୩ ଏନ୍ଏସିକୁ ପାନୀୟ ଜଳ ଯୋଗାଣ ହେବ। ଏହି ପ୍ରକଳ୍ପକୁ ସଂଗ୍ରାମ ସମିତି ପକ୍ଷରୁ ଗତ ୨ ବର୍ଷ ହେବ ବିରୋଧ କରାଯାଉଛି। ଏହାପରେ ବି ନିର୍ମାଣ କାମ ଆରମ୍ଭ ହେବାରୁ ଗତ ୧୦ ତାରିଖରେ ପ୍ରକଳ୍ପ ସ୍ଥଳରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରକଳ୍ପକୁ ବିରୋଧ କରି ଗତ ୧୫ ତାରିଖରୁ ଅଚ୍ୟୁତପୁର ଗ୍ରାମ ମା' ଅନ୍ଧାରଘରଣୀ ପୀଠରେ ସଂଗ୍ରାମ ସମିତି ପକ୍ଷରୁ ଗଣଧାରଣା ଜାରି ରହିଛି। ଏହି ଆନ୍ଦୋଳନକୁ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଙ୍ଗଠନ ସମର୍ଥନ ଦେଇଛନ୍ତି। ଏପରି କି ମାଗାସେସେ ପୁରସ୍କାର ବିଜେତା ଜଳପୁରୁଷ ଡ. ରାଜେନ୍ଦ୍ର ସିଂହ ଉକ୍ତ ଆନ୍ଦୋଳନକୁ ସମର୍ଥନ କରିଛନ୍ତି। ଏପରି ପରିସ୍ଥିତିରେ ଶୁକ୍ରବାର ପୂର୍ବାହ୍ନରେ ଜିଲା ପ୍ରଶାସନ ସହିତ ସଂଗ୍ରାମ ସମିତି କର୍ମକର୍ତ୍ତାଙ୍କ ଆଲୋଚନା ପଟ୍ଟାମୁଣ୍ଡାଇ ବ୍ଲକ ପରିସରରେ ହୋଇଥିଲା। ଏଥିରେ ଜିଲାପାଳ ଅମୃତ ଋତୁରାଜ, ଏସ୍ପି ମଡ଼କର ସନ୍ଦିତ ସମ୍ପଦ, ଉପଜିଲାପାଳ ନିରଞ୍ଜନ ବେହେରା ପ୍ରମୁଖ ଯୋଗଦେଇଥିଲେ। ସଂଗ୍ରାମ ସମିତି ପକ୍ଷରୁ ଆବାହକ ଦେବେନ୍ଦ୍ର ନାଥ ଶର୍ମା, ଦୋଳଗୋବିନ୍ଦ ନାୟକ, ସଭାପତି ଦୁର୍ଯ୍ୟୋଧନ ମହାନ୍ତି, ସମ୍ପାଦକ ବିଧାନ ଚନ୍ଦ୍ର ଦାସ, ଶରତ ଚନ୍ଦ୍ର ରାଉତ, କାଳୀପ୍ରସାଦ ନାୟକ, ସବିତା ବରଜ, ରମାକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନାରେ ଆଇଆଇଟି ହାଇଦ୍ରାବାଦ ରିପୋର୍ଟର ବୈଧତା, ଖରସ୍ରୋତାର ଜଳ ପରିମାଣ, ବ୍ୟାରେଜ ନିର୍ମାଣ, ସ୍ଥାନୀୟ ଅଞ୍ଚଳ ଓ ଭିତରକନିକା ଉପରେ ତା'ର ପ୍ରଭାବ ଆଦି ନେଇ ପ୍ରଶ୍ନ ଉଠିଥିଲା। ଏଥିସହିତ ଯେଉଁଠି ପ୍ରକଳ୍ପ ନିର୍ମାଣ ହେଉଛି ସେହି ଜମିର ମାଲିକଙ୍କୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା ବୋଲି ସମ୍ପାଦକ ଦାସ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାଧାରଣ ଭାବେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଯୋଜନାକୁ ରାଜ୍ୟ ଅଥବା କେନ୍ଦ୍ର ସରକାର ରୂପରେଖ ଦେଇଥାନ୍ତି। ହେଲେ ଏହି ପ୍ରକଳ୍ପର ମାର୍ଫତଦାର ଆନ୍ଧ୍ରପ୍ରଦେଶ ରାଜ୍ୟ କୁନୁଲ ଜିଲା ବୁଦ୍ଧସାରା ପେଟା କୁନୁଲ କେନାଲ କ୍ୟାମ୍ପ (ବି)ର ଟି. ହୋସେନ ସାହେବଙ୍କ ପୁଅ ସେକ୍ ହୋସେନ ବାଶାହା ଅଛନ୍ତି। ବାଶାହାଙ୍କ ଜମି ଉପରେ ଏହି ପ୍ରକଳ୍ପ ନିର୍ମାଣ ହେଉଛି। ୨୦୧୯ରେ ଏହି ବ୍ୟକ୍ତି ଜମି କିଣିଥିଲେ। ହେଲେ କେଉଁ ପରିସ୍ଥିତିରେ ରାଜ୍ୟ ସରକାରଙ୍କ ଅର୍ଥ ବ୍ୟୟରେ ତାଙ୍କ ଜମି ଉପରେ ଏହି ପ୍ରକଳ୍ପ ନିର୍ମାଣ କରାଯାଉଛି ବୋଲି ସମିତିର କର୍ମକର୍ତ୍ତା ପ୍ରଶ୍ନ କରିଥିଲେ। ପୂର୍ବରୁ ମଧ୍ୟ ଏହି ପ୍ରକଳ୍ପ ପାଇଁ ମିଛ ପରିବେଶ ପ୍ରଭାବ ରିପୋର୍ଟ ଉପସ୍ଥାପନା କରାଯାଇଛି। ସେହିପରି ଖରସ୍ରୋତା ଜଳର ପରିମାଣ ନେଇ କୌଣସି ସର୍ଭେ ହୋଇ ନ ଥିବା ବେଳେ ପ୍ରକଳ୍ପ ନିର୍ମାଣ କରାଯାଉଛି। ଏଥିସହ ପାନୀୟ ଜଳ ପ୍ରକଳ୍ପର ହିତାଧିକାରୀଙ୍କ ପାଇଁ ଦୈନିକ ମାତ୍ର ୨୫ ମିଲିୟନ ଲିଟର ଜଳ ଆବଶ୍ୟକ। ହେଲେ ସେଠାରେ ୧୧୭ ମିଲିୟନ ଲିଟର ଅଧିକ ଜଳ ଉତ୍ତୋଳନ ହେବ ବୋଲି ଯୋଜନା ହୋଇଛି। ଏବେ ପ୍ରକଳ୍ପ ସ୍ଥାନର ପ୍ରକୃତ ମାଲିକ ହୋସେନ ବାଶାହା ହୋଇଥିବା ବେଳେ ରାଜ୍ୟ ସରକାର ଏହି ପ୍ରକଳ୍ପ ପାଇଁ କଳ, ବଳ ଓ କୌଶଳ ପ୍ରୟୋଗ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପ୍ରକଳ୍ପର ନିର୍ମାଣସ୍ଥଳ ୩ଟି ଖାତାରେ ଥିବା ଜମି ଉପରେ ଅଛି। ଏହାର କ୍ଷେତ୍ରଫଳ ୭୦ ଡିସିମିଲ। ତେବେ ନିର୍ମାଣସ୍ଥଳର ପ୍ରାୟ ୭୦ ଏକର ଜମିକୁ ଜିଲା ପ୍ରଶାସନ ଜବରଦଖଲ କରି ରଖିଛନ୍ତି। ଫଳରେ ଚାଷ, ଖେଳ ଓ ଗୋଚାରଣ ସମସ୍ୟା ଦେଖାଦେଇଛି। ଏ ସଂକ୍ରାନ୍ତରେ ପ୍ରଶ୍ନ କରାଯିବାରୁ ଜିଲାପାଳ ଆମକୁ ଆଇମା' କାହାଣୀ ଶୁଣାଉଛନ୍ତି ବୋଲି ସେ କହିଛନ୍ତି।

ଏ ସମ୍ପର୍କରେ ଜିଲାପାଳ ଅମୃତ ଋତୁରାଜ କହିଛନ୍ତି, ଆଲୋଚନା ବିଫଳ ହେଲା କୁହାଯାଇ ପାରିବ ନାହିଁ। ସଂଗ୍ରାମ ସମିତିଙ୍କ ଦୁଇଟି ଦାବି ଥିଲା। ଚାଷରେ କ୍ଷତିକୁ ନେଇ ଏକ ସର୍ଭେ ହେବ। ବ୍ୟାରେଜ ନିର୍ମାଣ ସମ୍ପର୍କରେ ସଂଗ୍ରାମ ସମିତିର ଦାବିକୁ ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯିବ। ପ୍ରକଳ୍ପ କାର୍ଯ୍ୟ ନିୟମିତ ଚାଲୁଛି ଓ ଖୁବ୍ଶୀଘ୍ର ତାହା ସରିବ ବୋଲି ସେ କହିଛନ୍ତି।


ପଟ୍ଟାମୁଣ୍ଡାଇ ବ୍ଲକରେ ଜିଲା ପ୍ରଶାସନ ଓ ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତି କର୍ମକର୍ତ୍ତାଙ୍କ ସହ ଆଲୋଚନା।

- ସେକ୍ ହୁସେନ ବାଶାହା କିଏ ବୋଲି ଉଠିଲା ପ୍ରଶ୍ନ
- ୭୦ ଡିସିମିଲ ଜମି କିଣା, ୭୦ ଏକର ଜବରଦଖଲ
- ପ୍ରକଳ୍ପ କାମ ସରିଲେ ବି କାର୍ଯ୍ୟକ୍ଷମ ହେବାକୁ ଦିଆଯିବ ନାହିଁ

## ସମୁଦ୍ରରେ ଡଙ୍ଗା ବୁଡ଼ି ଜଣେ ମତ୍ସ୍ୟଜୀବୀ ନିଖୋଜ, ୫ ଉଦ୍ଧାର

କୋଣାର୍କ,୨୭।୮(ଡି.ଏନ୍.ଏ.)

ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧୀନ ଚନ୍ଦ୍ରଭାଗାରେ ୬ଜଣ ମତ୍ସ୍ୟଜୀବୀ ମାଛ ଧରିବା ପାଇଁ ଏକ ମୋଟର ଚାଳିତ ଡଙ୍ଗା ଯୋଗେ ଶୁକ୍ରବାର ସମୁଦ୍ରକୁ ଯାଇଥିଲେ। ହେଲେ ମଝିରେ ହଠାତ୍ ଡଙ୍ଗା ବୁଡ଼ିଯିବାରୁ ଜଣେ ମତ୍ସ୍ୟଜୀବୀ ନିଖୋଜ ହୋଇଯାଇଥିବା ବେଳେ ଅନ୍ୟ ୫ଜଣଙ୍କୁ ଅନ୍ୟ ଦୁଇଟି ଡଙ୍ଗାରେ ଯାଉଥିବା ଲୋକ ଓ ଅଗ୍ନିଶମ ବିଭାଗ ଉଦ୍ଧାର କରିଛନ୍ତି। ଖବର ଅନୁଯାୟୀ, କୋଣାର୍କ ଏନ୍ଏସି ଅନ୍ତର୍ଗତ ୮ନଂ ୱାର୍ଡ ଚନ୍ଦ୍ରଭାଗା ତେଲୁଗୁ ବସ୍ତିର ପିକେ. ଆପଲରାଜୁଙ୍କ ସମେତ ୬ଜଣ ମତ୍ସ୍ୟଜୀବୀ ମାଛ ଧରିବା ପାଇଁ ସମୁଦ୍ରକୁ ସକାଳ ୬ଟାରେ ଯାଇଥିଲେ। ସମୁଦ୍ର ଅଶାନ୍ତ ଥିବାରୁ ଡଙ୍ଗାଟି ସମୁଦ୍ର ଗର୍ଭରେ ବୁଡ଼ିଯାଇଥିଲା। ଖବରପାଇ ଚମ୍ପାହର ଅଗ୍ନିଶମ ଅଧିକାରୀ ଓ ଚନ୍ଦ୍ରଭାଗା ମେରାଇନ ଥାନା କର୍ମଚାରୀ ୫ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିବା ବେଳେ ପିକେ ଆପଲରାଜୁଙ୍କ ପତ୍ତା ମିଳି ନ ଥିଲା। ଚନ୍ଦ୍ରଭାଗାଠାରୁ ରାମଚଣ୍ଡୀ ମୁହାଣ ପର୍ଯ୍ୟନ୍ତ ବୋଟ ସାହାଯ୍ୟରେ ଅଗ୍ନିଶମ ବିଭାଗ ଓ ଅନ୍ୟମାନେ ଖୋଜାଖୋଜି କରିବା ପରେ ମଧ୍ୟ ନିଖୋଜ ମତ୍ସ୍ୟଜୀବୀଙ୍କ ପତ୍ତା ମିଳିପାରି ନାହିଁ। ଏହି ଘଟଣାକୁ ନେଇ ଚନ୍ଦ୍ରଭାଗା ତେଲୁଗୁ ବସ୍ତିରେ ଭୟଭୀତ ଅବସ୍ଥାରେ ଅଛନ୍ତି। ଏ ନେଇ ଚନ୍ଦ୍ରଭାଗା ମେରାଇନ ଥାନାଧିକାରୀ ନିଳିମା ପଟ୍ଟନାୟକ କହିଛନ୍ତି, ଆମ ପକ୍ଷରୁ ଖୋଜାଖୋଜି ଜାରି ରହିଛି। ଏଯାବତ କୌଣସି ସନ୍ଧାନ ମିଳିନାହିଁ।

## ଜମାକାରୀଙ୍କ ଦାବି ସମାଧାନ ନେଇ ପ୍ରତିଶ୍ରୁତି

ଭୁବନେଶ୍ୱର,୨୭।୮

ଲାଛିପେଟା, ମାଲକାନଗିରି କଲୋନୀ ଏବଂ ଭେଜାଙ୍ଗୀୱାଡା ଡାକଘରେ ୨.୪୪ କୋଟି ଟଙ୍କାର ଆର୍ଥିକ ଅନୀୟମିତା ହୋଇଥିବା ତଦନ୍ତରୁ ଜଣାପଡିଛି। ଲାଛିପେଟା ଏବଂ ମାଲକାନଗିରି ଡାକ ଘର ଅନୀୟମିତତାରେ ପୋଷ୍ଟ ମାଷ୍ଟର ବିଶ୍ୱନାଥ ପୋଡିୟାମୀଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ଆସିଛି। ତାଙ୍କ ବିରୋଧିରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ନିକଟରେ ଏଫ୍ଆଇଆର୍ ଦାଏର ହୋଇଛି। ସେହିଭଳି ଭେଜାଙ୍ଗୀୱାଡା ବ୍ରାଞ୍ଚ ପୋଷ୍ଟ ମାଷ୍ଟର ଶ୍ରୀ ମନ ପୂଜାରୀଙ୍କୁ ପୋଲିସ ଗିରଫ କରି ଅନୁସନ୍ଧାନ ଜାରି ରଖିଛି। ଯେଉଁ ଜମାକାରୀଙ୍କ ଅର୍ଥ ହେରଫେର ହୋଇଛି ସେମାନଙ୍କ ଜମା ସଂକ୍ରାନ୍ତ ଦାବି ଶୀଘ୍ର ସମାଧାନ ନେଇ ଡାକ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ରାଜ୍ୟ ମୁଖ୍ୟ ପୋଷ୍ଟ ମାଷ୍ଟର ଜେନେରାଲଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଜମାକାରୀ ସେମାନଙ୍କ ଦାବିକୁ ଏକ ନିର୍ଦ୍ଧାରିତ ଫର୍ମରେ ଉପସ୍ଥାପନ କରିବା ଲାଗି ଏଥିରେ ଅନୁରୋଧ କରାଯାଇଛି।

ଦାବି ଗୁଡିକର ଉପଯୁକ୍ତ ଅନୁସନ୍ଧାନ କରାଯିବା ସହ ୩୦ ଦିନ ମଧ୍ୟରେ ସମାଧାନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଦାବି ସମ୍ପର୍କିତ ଫର୍ମକୁ ବିଭାଗୀୟ ୱେବସାଇଟରୁ ଜମାକାରୀ ଡାଉନଲୋଡ କରିପାରିବେ। ଉଲ୍ଲେଖଯୋଗ୍ୟ, ନିକଟରେ କେନ୍ଦ୍ର ରେଳ ମନ୍ତ୍ରୀ ଏବଂ ଯୋଗାଯୋଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ କୋରାପୁଟ ଗସ୍ତ ସମୟରେ ଲୋକମାନେ ଡାକଘରଗୁଡିକରେ ହୋଇଥିବା ଆର୍ଥିକ ହେରଫେର ସମ୍ପର୍କରେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ ଏହାର ଜନଶୁଣାଣି କରି ୩୦ ଦିନ ମଧ୍ୟରେ ଅଭିଯୋଗ ଗୁଡିକର ଅନୁସନ୍ଧାନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ଲାଛିପେଟା ଡାକଘର ଅନିୟମିତତା ଉପରେ ଅନୁସନ୍ଧାନ ଶେଷ ହୋଇଛି। ଅନ୍ୟ ଦୁଇ ଡାକ ଘରେ ହୋଇଥିବା ହେରଫେର ମାମଲାର ତଦନ୍ତ ୧ ମାସ ମଧ୍ୟରେ ହେବ। ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

**୩ ଡାକଘରେ ଆର୍ଥିକ ଅନିୟମିତତା ମାମଲାରେ କାର୍ଯ୍ୟାନୁଷ୍ଠାନ**

## ୱାର୍ଲଡ୍ ସ୍କିଲ୍ ପାଇଁ ଓଡ଼ିଶାର ମିଶନ ୨-୩-୪

ଭୁବନେଶ୍ୱର, ୨୭।୮(ବ୍ୟୁରୋ)

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ମଞ୍ଚେଶ୍ୱରସ୍ଥିତ ୱାର୍ଲଡ୍ ସ୍କିଲ୍ ସେଣ୍ଟରଠାରେ ରାଜ୍ୟସ୍ତରୀୟ ଓଡ଼ିଶା ସ୍କିଲ୍ସ-୨୦୨୧ ପ୍ରତିଯୋଗିତାର ଉଦ୍ଯାପନୀ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଜେତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇ କହିଛନ୍ତି, ଓଡ଼ିଶା ସ୍କିଲ୍ସ ଆମର ଯୁବ ଗୋଷ୍ଠୀଙ୍କ ପ୍ରତିଭାକୁ ବୃଦ୍ଧି କରିଛି ଏବଂ ବିଶ୍ୱରେ ଶ୍ରେଷ୍ଠ ହେବା ପାଇଁ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିବା ନିମନ୍ତେ ଏହା ଏକ ପ୍ରକୃଷ୍ଟ ମଞ୍ଚ ଭାବେ ଉଭା ହୋଇଛି। ଆଗାମୀ ୪୭ତମ ସାଂଘାଇ ୱାର୍ଲଡ୍ ସ୍କିଲ୍ ୨୦୨୨ ପ୍ରତିଯୋଗିତାରେ ଓଡ଼ିଶା ମିଶନ ୨-୩-୪ ଅର୍ଥାତ୍ ଦୁଇଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୪ଟି ତାମ୍ର ପଦକ ହାସଲ କରିବାକୁ ଲକ୍ଷ୍ୟ ରହିଛି ବୋଲି ମୁଖ୍ୟମନ୍ତ୍ରୀ ବାର୍ତ୍ତା ଦେଇଛନ୍ତି।

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଯୋଗଦେଇ ଦକ୍ଷତା ବିକାଶ କ୍ଷେତ୍ରରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ନିଜର ସ୍ୱତନ୍ତ୍ର ପରିଚୟ ହାସଲ କରିପାରିଛି ବୋଲି କହିଥିଲେ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ(ଓଏସ୍ଡିଏ)ର ଅଧ୍ୟକ୍ଷ ସୁବ୍ରତୋ ବାଗ୍ଚୀ କହିଲେ, ଦକ୍ଷ ପ୍ରତିଭା ତିଆରି କରି ରାଜ୍ୟ ତଥା ଦେଶର ସୁନାମ ଆଣିବା ଲକ୍ଷ୍ୟରେ ଓଡ଼ିଶା ସ୍କିଲ୍ସ ୨୦୨୧ ଆୟୋଜନ କରାଯାଇଛି। ଏହା ଏକ ଆତ୍ମପ୍ରତ୍ୟୟର ମଞ୍ଚ, ଯେଉଁଠାରେ ଏକ ସାଧାରଣ ମଣିଷ ଅସାଧାରଣ ପ୍ରତିଭା ଆବିଷ୍କାର କରିବାର ସୁଯୋଗ ପାଇଥାଏ। ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କହିଲେ, ଯୁବଗୋଷ୍ଠୀଙ୍କ ଉତ୍ସାହ ବୃଦ୍ଧି କରି ସେମାନଙ୍କ ପାଇଁ ସୁଯୋଗର ସମ୍ଭାର ସୃଷ୍ଟି କରିବା ଆମର ଲକ୍ଷ୍ୟ। ଏହି ମଞ୍ଚ ପ୍ରତିଯୋଗୀଙ୍କୁ ରାଜ୍ୟ ଓ ଜାତୀୟସ୍ତରରେ ପ୍ରତିନିଧିତ୍ୱ କରିବାର ସୁଯୋଗ ଦେଇଥାଏ ବୋଲି ବୈଷୟିକ ଶିକ୍ଷା ଏବଂ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ତଥା ଓଏସ୍ଡିଏ ସିଇଓ ରେଘୁ ଜୀ କହିଥିଲେ।

ଭୁବନେଶ୍ୱରର ୧୫ ସ୍ଥାନରେ ଗତ ୨୬ ତାରିଖରେ ସମସ୍ତ ସ୍କିଲ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ୪୧ଟି ସ୍କିଲ ନିମନ୍ତେ ବିଭିନ୍ନ ଆଇଟିଆଇ, ପଲିଟେକ୍ନିକ୍, ଇଞ୍ଜିନିୟରିଂ କଲେଜ୍, ହୋଟେଲ ମ୍ୟାନେଜମେଣ୍ଟ ଅନୁଷ୍ଠାନ ଓ ବିଭିନ୍ନ ସ୍କିଲ ପ୍ରତିଷ୍ଠାନର ୩୯୭ଜଣ ପ୍ରତିଯୋଗୀ କୃତକାର୍ଯ୍ୟ ହୋଇଛନ୍ତି। ସାରା ଦେଶରୁ ୫୦ଜଣ ବିଚାରକଙ୍କ ଦ୍ୱାରା ବଛାଯାଇଥିବା କୃତୀ ପ୍ରତିଯୋଗୀମାନେ ଆଗାମୀ ଆଞ୍ଚଳିକ ଓ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିବେ। ଜାତୀୟସ୍ତରରେ କୃତୀ ପ୍ରତିଯୋଗୀ ସାଂଘାଇ ୱାର୍ଲଡ ସ୍କିଲ୍ସ ପ୍ରତିଯୋଗିତାରେ ଭାଗ ନେବେ। ଉଦ୍ଯାପନୀ ସମାରୋହରେ ୧୩୩ଜଣ ବିଜେତାଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।



ଅତିଥିମାନେ ଦୁଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

**ସରିଲା ଓଡ଼ିଶା ସ୍କିଲ୍ସ ୨୦୨୧**
- ବିଜେତାଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

# 'ଓଡ଼ିଶା ଲୋକେ ପିଉଛନ୍ତି ଝାଡ଼ଖଣ୍ଡ ପାଣି'

ବାରିପଦା ଅଫିସ,୨୭।୮

ମୟୂରଭଞ୍ଜ ଜିଲା ତିରିଂ ବ୍ଲକ ଅନ୍ତର୍ଗତ କେତେକ ଗ୍ରାମର ଲୋକେ ପାନୀୟ ଜଳରୁ ବଞ୍ଚିତ ହୋଇ ସୀମାନ୍ତ ଝାଡ଼ଖଣ୍ଡ ରାଜ୍ୟର ପାଣିକୁ ବ୍ୟବହାର କରୁଛନ୍ତି। ଏନେଇ ଶୁକ୍ରବାର ଅନୁଷ୍ଠିତ ୧୧ତମ ଜିଲା ପରିଷଦ ବୈଠକରେ କଥା ଉଠିବା ପରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ପାନୀୟ ଜଳ ସମସ୍ୟାକୁ ନେଇ ମୟୂରଭଞ୍ଜ ସୀମା ଅଞ୍ଚଳରେ ଯେପରି କୋଟିଆ ଭଳି ପରିସ୍ଥିତି ନ ଉପୁଜେ ସେଥିଲାଗି ବୈଠକରେ ଉପସ୍ଥିତ ଥିବା ଜିଲାର ବିଧାୟକମାନେ ବିଭାଗୀୟ ଅଧିକାରୀମାନଙ୍କୁ ତାଗିଦ୍ କରିଥିଲେ। ତିରିଂ ବ୍ଲକ ଅଧ୍ୟକ୍ଷା ଜେମାମଣି ଶୁଣ୍ଡି ପାନୀୟ ଜଳ ସମସ୍ୟାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ମୟୂରଭଞ୍ଜ-ଝାଡ଼ଖଣ୍ଡ ରାଜ୍ୟ ସୀମାନ୍ତରେ ଥିବା ତିରିଂ ବ୍ଲକ ଅନ୍ତର୍ଗତ କେତେକ ଗ୍ରାମର ଲୋକେ ଝାଡ଼ଖଣ୍ଡ ରାଜ୍ୟର ପାଣି ପିଉଛନ୍ତି। ଏ ସମ୍ପର୍କରେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହି ଘଟଣା ସମ୍ପର୍କରେ ଅବଗତ ହେଲା ପରେ ପରିଷଦର ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସୀମାନ୍ତରେ ବସବାସ କରୁଥିବା ଲୋକମାନଙ୍କ ମୌଳିକ ସମସ୍ୟା ସୁଧାରିବା ଲାଗି ବିଧାୟକମାନେ ଗୁରୁତ୍ୱାରୋପ କରିଥିଲେ। ତେବେ ସେହି ଅଞ୍ଚଳରେ ବସବାସ କରୁଥିବା ପଞ୍ଚାୟତ ଓ ଗାଁର ତାଲିକା ପ୍ରସ୍ତୁତ କରି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳଯୋଗାଣ ଆଦି ବ୍ୟବସ୍ଥାଗୁଡ଼ିକ ଅନୁଧ୍ୟାନ ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ବିନୀତ ଭରଦ୍ୱାଜ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବାରିପଦା ପୁର୍ଗାବାଡ଼ିସ୍ଥିତ ପ୍ରୟାସ ହଲରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ ସଭାପତିତ୍ୱ କରିଥିଲେ। ଏଥିରେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ଜିଲାପାଳ ଭରଦ୍ୱାଜ, ପିଡି ଡିଆରଡିଏ ପି.ଅନ୍ୱେଷା ରେଡ୍ଡି, ବଡ଼ସାହି ବିଧାୟକ ସନାତନ ବିଜୁଳୀ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କର ମଢ଼େଇ, ସାରସକଣା ବିଧାୟକ ଡା. ବୁଢାନ ମୁର୍ମୁ, ରାଇରଙ୍ଗପୁର ବିଧାୟକ ନବଚରଣ ମାଝି, କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ ଓ ମୋରଡ଼ା ବିଧାୟକ ରାଜକିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ୫୬ଜଣ ଜିଲା ପରିଷଦ ସଦସ୍ୟା ସଦସ୍ୟ, ବ୍ଲକ ଅଧ୍ୟକ୍ଷା ଅଧ୍ୟକ୍ଷ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଜିଲାର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ, ମତ୍ସ୍ୟ ଓ ପଶୁପାଳନ ଏବଂ ଗ୍ରାମ୍ୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା ।

ଅନ୍ୟପକ୍ଷରେ ୨୦୨୦-୨୧ ଓ ୨୧-୨୨ ଆର୍ଥିକ ବର୍ଷରେ ପଞ୍ଚମ ଅର୍ଥ କମିଶନ ଡିଭଲ୍ୟୁଶନ ପାଣ୍ଠି ଅନୁଦାନରେ ପ୍ରତି ପଞ୍ଚାୟତ ସମିତିକୁ ୨୯ଲକ୍ଷ ୧୪ହଜାର ୩୩୧ଟଙ୍କା ପାନୀୟଜଳ ଯୋଗାଣ ନିମନ୍ତେ ପ୍ରଦାନ କରାଯିବା ଲାଗି ଏହି ବୈଠକରେ ଗୃହୀତ ହେବାର ଥିଲା । ଦୀର୍ଘ ୮ମାସ ପରେ ବୈଠକ ବସିଥିବା ବେଳେ ପ୍ରକଳ୍ପ ମଞ୍ଜୁରୀକୁ ନେଇ ପ୍ରଶାସନ ଓ ସଭ୍ୟମାନେ ଜିଦ୍‌ରେ ଅଡ଼ି ବସିଥିଲେ। ମାତ୍ର ଜିଲା ପରିଷଦ ଅଧ୍ୟକ୍ଷାଙ୍କ ରାଜ୍ୟସ୍ତରୀୟ ଭିଡିଓ କନଫରେନ୍ସ ବୈଠକ ଥିବା ନେଇ ସେ ବୈଠକକୁ ଅଧାରୁ ବନ୍ଦ କରିଦେଇଥିଲେ। ଏହାକୁ ନେଇ ପରିଷଦର ସଦସ୍ୟମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।


ବୈଠକ ଅଧାରୁ ବନ୍ଦ ହେବା ପରେ ଜିଲା ପରିଷଦ ସଦସ୍ୟମାନେ ହୋହଲ୍ଲା କରୁଛନ୍ତି।

- କୋଟିଆ ପରିସ୍ଥିତି ନ ହେବାକୁ ତାଗିଦ୍
- ଅଧାରୁ ବନ୍ଦ ହେଲା ଜିଲା ପରିଷଦ ବୈଠକ

## ୨୧କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର, ୨୭।୮(ବ୍ୟୁରୋ)

'ମୋ ସ୍କୁଲ ଅଭିଯାନ'ର ୨୭ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ୨୯ ଜିଲାର ମୋଟ ୨୧ କୋଟି ୯୬ ଲକ୍ଷ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି। ମାସକରେ ୩୦,୭୬୮ ପୁରାତନ ଛାତ୍ରୀଛାତ୍ର ଅଭିଯାନ ସହ ଯୋଡ଼ି ହୋଇଥିବାବେଳେ ସେମାନେ ନିଜ ବିଦ୍ୟାଳୟର ବିକାଶ ପାଇଁ ୭ କୋଟି ୩୨ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ସର୍ବାଧିକ ଆର୍ଥିକ ସହାୟତା ଦେବାରେ ପୁଣିଥରେ ରେକର୍ଡ କରିଛନ୍ତି ବାଲେଶ୍ୱର ଜିଲାର ପୁରାତନ ଛାତ୍ରୀଛାତ୍ର। କ୍ରମାଗତ ଭାବେ ୮ଥର ପାଇଁ ସର୍ବାଧିକ ପାଣ୍ଠି ପ୍ରଦାନ କରିଥିବାରୁ କାର୍ଯ୍ୟନିର୍ବାହୀ ପରିଷଦ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରିଙ୍କୁ ପ୍ରଶଂସା କରିଛି। ବାଲେଶ୍ୱରରେ ସର୍ବାଧିକ ୩ କୋଟି ୨ ହଜାର, ଖୋର୍ଦ୍ଧା ୩୮ ଲକ୍ଷ ୪୪ ହଜାର, କଟକ ୩୫ ଲକ୍ଷ ୬୭ ହଜାର, ସମ୍ବଲପୁର ୩୪ଲକ୍ଷ ୮୪ ହଜାର, ଭଦ୍ରକ ୩୧ ଲକ୍ଷ ୪୩ ହଜାର ଏବଂ ବୌଦ୍ଧରେ ୨୯ ଲକ୍ଷ ୮୮ ହଜାର ଟଙ୍କା ପୁରାତନ ଛାତ୍ରୀଛାତ୍ର ପ୍ରଦାନ କରିଛନ୍ତି।

ଅଭିଯାନ ଅନ୍ତର୍ଗତ ପୋଷ୍ୟ ବିଦ୍ୟାଳୟ କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାଳୟର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଆସନ୍ତା ସେପ୍ଟେମ୍ବର ପ୍ରଥମ ସପ୍ତାହରୁ ମେଣ୍ଟର, ପୁରାତନ ଛାତ୍ରୀଛାତ୍ର ଓ ପ୍ରଧାନ ଶିକ୍ଷକଙ୍କୁ ନେଇ ଭର୍ଚୁଆଲ ବୈଠକର ଆୟୋଜନ କରିବାକୁ ସ୍ଥିର ହୋଇଛି। ସେହିଭଳି ସେପ୍ଟେମ୍ବର ୧୫ ତାରିଖରୁ ରାଜ୍ୟର ୫ ହଜାର ଗ୍ରାମ ଓ ସହରାଞ୍ଚଳରେ ପ୍ରାଥମିକ ବିଦ୍ୟାଳୟର ପିଲାଙ୍କ ପାଇଁ ଲର୍ନିଂ କ୍ୟାମ୍ପ୍ କରାଯିବ। ଆଗାମୀଦିନରେ ଶିକ୍ଷକମାନେ ଇ-କଣ୍ଟେଣ୍ଟ ବ୍ୟବହାର କରି ଅତ୍ୟାଧୁନିକ ଇଣ୍ଟରାକ୍ଟିଭ ବୋର୍ଡରେ ଶିକ୍ଷାଦାନ କରିବେ। ଆସନ୍ତା ୩ ବର୍ଷ ମଧ୍ୟରେ ୪ ହଜାର ହାଇସ୍କୁଲର ୨୦ ହଜାର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ୧୬ ଲକ୍ଷ ଛାତ୍ରୀଛାତ୍ରଙ୍କୁ ଡିଜିଟାଲ କ୍ଷେତ୍ରରେ ଦକ୍ଷ କରାଯିବ। ଶିକ୍ଷକଙ୍କୁ ଟେକ୍ନୋଲୋଜି ପ୍ରଶିକ୍ଷଣ ଲାଗି 'କ୍ୱେଷ୍ଟ ଆଲିଆନ୍ସ' ସହ ଏମ୍ଓୟୁ କରିବାକୁ ଯୋଜନା ରହିଥିବା ସୂଚନା ଦିଆଯାଇଛି।

**ମୋ ସ୍କୁଲ ଅଭିଯାନ**
- ମାସକରେ ଯୋଡ଼ିହେଲେ ୩୦ହଜାର ପୁରାତନ ଛାତ୍ରୀଛାତ୍ର
- ସେପ୍ଟେମ୍ବର ୧୫ରୁ 'ଲର୍ନିଂ କ୍ୟାମ୍ପ୍'
- ଡିଜିଟାଲ କ୍ଷେତ୍ରରେ ଦକ୍ଷ ହେବେ ଶିକ୍ଷକ, ଛାତ୍ରୀଛାତ୍ର

## ଚାଷୀ କୂଳ ଚିନ୍ତାଗ୍ରସ୍ତ, ଶାସକ ଦଳ ବିଧାୟକ ମୌଜରେ ବ୍ୟସ୍ତ: ଭାଜପା

**ଭୁବନେଶ୍ୱର, ୨୭।୮ (ବ୍ୟୁରୋ):** ଓଡିଶା ପ୍ରଦେଶରେ ଆସନ୍ନ ମରୁଡି କାରଣରୁ ଚାଷୀକୁଳ ଚିନ୍ତାଗ୍ରସ୍ତ ଥିବାବେଳେ ଶାସକ ଦଳ ବିଧାୟକମାନେ ମୌଜ ମଜଲିସ୍‌ରେ ବ୍ୟସ୍ତ। ଏଥିପାଇଁ ସାଧାରଣ ଜନତାଙ୍କ ସ୍ୱାର୍ଥ ଓ ଅଧିକାରକୁ ଜଳାଞ୍ଜଳି ଦେବାପରେ ଶାସକ ଦଳର ଏଭଳି ଆଭିମୁଖ୍ୟକୁ ଭାଜପା ଦୃଢ ନିନ୍ଦା କରୁଥିବା ଦଳର ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର କହିଛନ୍ତି। ବ୍ରହ୍ମପୁରସ୍ଥିତ ମେଡିକାଲ କଲେଜରେ ଡାକ୍ତର ନାହାନ୍ତି, ଖଲିକୋଟ ବିଶ୍ୱବିଦ୍ୟାଳୟରେ ଶିକ୍ଷକ ଅଭାବ, ଏମ୍‌ଜିଏନଆରଇଜିଏସ ଦୁର୍ନୀତିରେ ସାଧାରଣ ଗରୀବ ହନ୍ତସନ୍ତ ହେଉଛନ୍ତି। ଏହି ସମୟରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ସ୍ମାର୍ଟ ସ୍କୁଲ୍ ଖୋଲାଯିବା ଉଦ୍ଦେଶ୍ୟରେ ଶାସକ ଦଳ ୧୦୮ ବିଧାୟକଙ୍କୁ ପର୍ଯ୍ୟାୟକ୍ରମେ ବୁଲାଇବା ଆଳରେ କେନ୍ଦ୍ର ସରକାରଙ୍କ ଅନୁଦାନରେ ବ୍ରହ୍ମପୁରସ୍ଥିତ ରାମଲିଙ୍ଗମ୍ ପାର୍କରେ ଅସ୍ଥାୟୀ ହୋଟେଲ ଖୋଲାଯାଇ ସଂସ୍କୃତିକୁ ନଷ୍ଟ କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ପ୍ରସିଦ୍ଧ ତାରାତାରିଣୀ ମନ୍ଦିର ସାଧାରଣ ଲୋକଙ୍କ ପାଇଁ ବାରଣ ଥିବାବେଳେ ବିଜେଡି ବିଧାୟକମାନେ ଦର୍ଶନ କରିବା ଜନବିରୋଧୀ କାର୍ଯ୍ୟ ବୋଲି ଭୃଗୁ କହିଛନ୍ତି। ଅନ୍ୟପଟେ ବିଜେଡି ମୁଖପାତ୍ର ଓମ୍ ପ୍ରକାଶ ସାହୁ କହିଛନ୍ତି, କୋଭିଡ ସଂକ୍ରମଣ ଗତବର୍ଷ ଯେତେବେଳେ ସର୍ବୋଚ୍ଚ ସ୍ତରରେ ଥିଲା ସେତେବେଳେ ଗଞ୍ଜାମ ଜିଲାକୁ କାହିଁକି ଅଧିକ ଡାକ୍ତର ପଠାଯାଉଛି ବୋଲି ଭାଜପା ନେତା ଭୃଗୁ ବକ୍ସିପାତ୍ର ମନ୍ତବ୍ୟ ଦେଇଥିଲେ। ଗଞ୍ଜାମରେ ବିଦ୍ୟାଳୟ ଗୁଡିକର ବୃହତ ପରିବର୍ତ୍ତନରେ ଭୃଗୁ ଅତ୍ୟନ୍ତ ଭୟଭୀତ ହୋଇପଡିଛନ୍ତି ଏବଂ ତାଙ୍କ ବିବୃତି ହାସ୍ୟାସ୍ପଦ ଅଟେ ବୋଲି ଓମ୍ କହିଛନ୍ତି।

# ୫ ଟପ୍ କ୍ୟାଡର ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୨୭।୮ (ଡି.ଏନ୍.ଏ.)**

ଶୁକ୍ରବାର ଛତିଶଗଡ଼ ଓ ତେଲଙ୍ଗାନା ରାଜ୍ୟରେ ୫ ଟପ୍ କ୍ୟାଡର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ବୁଦ୍ଧୁରା ସୋଡି, ମନକି ଆଲାମୀ, ସୁନ୍ଦର ପାଦାମୀ, ମୋଟି ମାଣ୍ଡବୀ ଓ ସୀତାରାମ ରେଡ୍ଡି।

ମାଲକାନଗିରି ସୀମାନ୍ତ ଛତିଶଗଡ଼ର ଦନ୍ତେୱାଡା ଜିଲାରେ ୪ ଜଣ ଟପ୍ କ୍ୟାଡର ମାଓବାଦୀ ବୁଦ୍ଧୁରା , ମନକି, ସୁନ୍ଦର ଓ ମୋଟି ଏସ୍‌ପି ଅଭିଷେକ ପଲ୍ଲବଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ଼ରେ ପୋଲିସ ପକ୍ଷରୁ ଚାଲିଥିବା 'ଘରକୁ ଫେରିଆସ' ଅଭିଯାନରେ ପୂର୍ବରୁ ଅନେକ ମାଓବାଦୀ ଆତ୍ମସମର୍ପଣ କରିଥିବା ବେଳେ ଏବେ ଏହି ଅଭିଯାନରେ ୪ ମାଓବାଦୀ ଆତ୍ମସମର୍ପଣ କରିଥିବା ଜଣାପଡିଛି। ବୁଦ୍ଧୁରା ଏରିଆ କମିଟି ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ପାଇଁ ଛତିଶଗଡ଼ ସରକାର ୫ ଲକ୍ଷ ଟଙ୍କାର




ଆତ୍ମସମର୍ପଣ କରିଥିବା ମାଓବାଦୀମାନେ।

ପୁରସ୍କାର ରାଶି ଘୋଷଣା କରିଥିଲେ। ତାଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ମନକି ସିଏନ୍‌ଏମ୍‌ର ଅଧ୍ୟକ୍ଷ ରୂପେ କାର୍ଯ୍ୟ କରୁଥିଲେ। ତାଙ୍କ ପାଇଁ ସରକାର ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ମନକି, ସୁନ୍ଦର ଓ ମୋଟିଙ୍କ ନାମରେ ବିଭିନ୍ନ ଥାନାରେ ବହୁ ମାମଲା ରହିଛି।

ସେହିପରି ସ୍ୱାଭିମାନ ଅଞ୍ଚଳର ମାଓବାଦୀ ନେତା ସୀତାରାମ ରେଡ୍ଡି ଓରଫ ଶିବାନ୍ନା ତେଲଙ୍ଗାନାର ଖମାମ ଏସ୍‌ପିଙ୍କ ନିକଟରେ ଶୁକ୍ରବାର ଆତ୍ମସମର୍ପଣ କରିଛନ୍ତି। ତାଙ୍କ ଘର କୋତାଗୁଡେମ ଜିଲାରେ। ୩୮ ବର୍ଷ ଧରି ସେ ମାଓବାଦୀ ସଙ୍ଗଠନରେ ଜଣେ ପ୍ରମୁଖ ମାଓବାଦୀ ନେତା ଭାବେ କାର୍ଯ୍ୟ କରୁଥିଲେ। ସେ ସଙ୍ଗଠନରେ କାର୍ଯ୍ୟ କରୁଥିବା ବେଳେ ଏକ ଲ୍ୟାଣ୍ଡମାଇନ ବିସ୍ଫୋରଣ କରିବା ବେଳେ ତାଙ୍କର ଗୋଟିଏ ହାତ ହରାଇଥିଲେ। ପରେ ବିଶାଖାପାଟଣା ପୋଲିସ ସୀତାରାମଙ୍କୁ ଗିରଫକରି ଜେଲ ପଠାଇଥିଲା। କିଛି ବର୍ଷ ପରେ ଜେଲରୁ ମୁକୁଳି ପୁଣି ଥରେ ସେ ମାଓବାଦୀ ସଙ୍ଗଠନରେ ଯୋଗଦେଇ ଚିତ୍ରକୋଣ୍ଡାର ସ୍ୱାଭିମାନ ଅଞ୍ଚଳରେ ରହି ଆସୁଥିଲେ। ମାତ୍ର ସ୍ୱାଭିମାନ ଅଞ୍ଚଳରେ ଏକାଧିକ ବିଏସ୍‌ଏଫ୍ କ୍ୟାମ୍ପ ସ୍ଥାପନ ହେବା ପରେ ସୀତାରାମ ଆଉ ସେଠାରେ ରହିବା କଷ୍ଟକର ହୋଇପଡ଼ିଲା। ଫଳରେ ସେ ଖମାମ ଆସି ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସୀତାରାମଙ୍କ ନାମରେ ସରକାର ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ସମସ୍ତଙ୍କୁ ସରକାରୀ ନିୟମ ଅନୁଯାୟୀ ସମସ୍ତ ସହାୟତା ପ୍ରଦାନ କରାଯିବ ବୋଲି ଉଭୟ ଜିଲା ପୋଲିସ ସୂଚନା ଦେଇଛି।

# ଆଦର୍ଶ ବିଦ୍ୟାଳୟ ଆସବାବପତ୍ର ଦାୟିତ୍ୱ ନେବ ପଞ୍ଚାୟତ ସମିତି

**ଭୁବନେଶ୍ୱର, ୨୭।୮ (ବ୍ୟୁରୋ)**

- ଅଧକ୍ଷଙ୍କ ପ୍ରୋଭିଜନାଲ ପେନ୍‌ସନ ଦେବେ ଆଞ୍ଚଳିକ ନିର୍ଦ୍ଦେଶକ
- କାନପୁର ଜଳସେଚନ ପ୍ରକଳ୍ପ ଟେଣ୍ଡରକୁ କ୍ୟାବିନେଟ ମୋହର

ଓଡ଼ିଶା ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ କର୍ମଚାରୀମାନଙ୍କର ପ୍ରୋଭିଜନାଲ ପେନ୍‌ସନ ବ୍ୟବସ୍ଥାକୁ ସରଳୀକରଣ କରିବା ସକାଶେ ଓଡ଼ିଶା ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ କର୍ମଚାରୀ ଅବସରକାଳୀନ ହିତ ନିୟମାବଳୀ-୧୯୮୧ର ସଂଶୋଧ କରାଯାଇଛି। ଏହି ସଂଶୋଧନ ଫଳରେ ଅଧକ୍ଷଙ୍କ ବ୍ୟତୀତ ଅନ୍ୟ କର୍ମଚାରୀମାନଙ୍କର ଅବସରକାଳୀନ ବେତନ ମଞ୍ଜୁରୀ, ଉଠାଣ ଓ ବିତରଣ ସମ୍ପୃକ୍ତ ପ୍ରାଧିକାରୀ ଦାୟିତ୍ୱ ନେବେ। ସେହିପରି ଅବସରପ୍ରାପ୍ତ ଅଧକ୍ଷଙ୍କ ପ୍ରୋଭିଜନାଲ ପେନ୍‌ସନ ମଞ୍ଜୁରୀ, ଉଠାଣ ଆଦି ଆଞ୍ଚଳିକ ନିର୍ଦ୍ଦେଶକଙ୍କ ଉପରେ ନ୍ୟସ୍ତ କରାଯାଇଛି। ଉଚ୍ଚଶିକ୍ଷା ବିଭାଗରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଆସବାବପତ୍ରକୁ ଏହାର ରକ୍ଷଣାବେକ୍ଷଣ ନିମନ୍ତେ ପଞ୍ଚାୟତ ସମିତିକୁ ହସ୍ତାନ୍ତର କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସେହିପରି ସ୍କୁଲ ଓ ଗଣଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ଆସବାବପତ୍ରଗୁଡ଼ିକୁ ପଞ୍ଚାୟତିରାଜ ଅନୁଷ୍ଠାନ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି, ଜିଲା ପରିଷଦକୁ ରକ୍ଷଣାବେକ୍ଷଣ ଓ ଭବିଷ୍ୟତରେ ଏହାର ଉନ୍ନତୀକରଣ ପାଇଁ ଦାୟିତ୍ୱ ଦିଆଯାଇଛି। ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। କେନ୍ଦୁଝର ଜିଲାର କାନପୁର ଜଳସେଚନ ପ୍ରକଳ୍ପର ବାମ ପାର୍ଶ୍ୱ ମାଟିବନ୍ଧ ଆରମ୍ଭରୁ ୧୧୫୦ ମିଟର ମଧ୍ୟରେ ୧ ହଜାର ମି.ମି. ଚଉଡାର ପ୍ଲାଷ୍ଟିକ କଂକ୍ରିଟ କାନ୍ଥ ନିର୍ମାଣ କରିବା ପାଇଁ ୧୯୯,୬୦,୦୪,୬୩୫ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ପ୍ରକଳ୍ପ କାର୍ଯ୍ୟ ୧୧ ମାସ ମଧ୍ୟରେ ଶେଷ ହେବ। ଆସନ୍ତା ୨୦୨୩ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

**PARADIP PORT TRUST**
**EMPANELMENT NOTICE**
TD/TM/GEN-235(Vol-IV)/20-PT-I/1631 dtd.25.08.2021
Name of the work : "Empanelment of Exporter/Shipper for allotment of Manual and Mechanical Iron Ore/ Iron Ore Pellet Plots inside Port Prohibited area." All the Mechanical & Manual Iron Ore / Iron Ore Pellet plots in PPT are allotted on tender- cum-auction basis. Empanelment Registration Fee : Rs.10,000/- Last date & time of submission of application 23.09.2021. Please visit port website: www.paradipport.gov.in at "Circular & Notice of Traffic Department" and shall submit their applications online through CPP portal.
https://eprocure.gov.in/eprocure/app
Traffic Manager (I/C)
Paradip Port Trust
PPT/PR/96/21-22 dt : 27.08.2021

## ଜେଲରେ ମାତ୍ରାଧିକ କଏଦୀଙ୍କ ଭିଡ଼ ମାମଲା

# ହାଜର ହେଲେ ଜେଲ ଡିଜି

**କଟକ ଅଫିସ, ୨୭।୮:** ଜେଲରେ ମାତ୍ରାଧିକ କଏଦୀଙ୍କ ଭିଡ ମାମଲାର ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଛି। ଏଥିରେ ଜେଲ ବିଭାଗ ଡିଜି ସନ୍ତୋଷ କୁମାର ଉପାଧ୍ୟାୟ ଭର୍ଚୁଆଲରେ ଉପସ୍ଥିତ ରହି ନିଜ ପକ୍ଷ ରଖିଥିଲେ। ପରେ ହାଇକୋର୍ଟ ଜେଲ୍ ଡିଜିଙ୍କୁ ଆସନ୍ତା ଶୁଣାଣି ସୁଦ୍ଧା ଜେଲରେ ଭିଡ କମାଇବା ନିମନ୍ତେ କ'ଣ ପଦକ୍ଷେପ ନିଆଯାଇଛି, ସେନେଇ ସତ୍ୟପାଠ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କ ମିଳିତ ଖଣ୍ଡପୀଠ ଏହି ଶୁଣାଣି କରିଥିଲେ। ଆବେଦନକାରୀ କୃଷ୍ଣପ୍ରସାଦ ସାହୁଙ୍କ ପକ୍ଷରୁ ଆଗତ ମାମଲାର ଏହି ଶୁଣାଣିବେଳେ ଆମିକସ୍‌କ୍ୟୁରି ଗୌତମ ମିଶ୍ର, ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜା ଓ ଅତିରିକ୍ତ ସରକାରୀ ଓକିଲ ଏମ୍. ଏସ. ସାହୁ ଉପସ୍ଥିତ ଥିଲେ। ନଭେମ୍ବର ୧ରେ ପରବର୍ତ୍ତୀ ଶୁଣାଣି ହେବ। ମାମଲାର ବିବରଣୀରୁ ପ୍ରକାଶ, ଜେଲ

**ନଭେମ୍ବର ୧ରେ ପରବର୍ତ୍ତୀ ଶୁଣାଣି**

ବିଭାଗର ସତ୍ୟପାଠ ଅନୁସାରେ ରାଜ୍ୟର ବିଭିନ୍ନ ଜେଲରେ କ୍ଷମତାଠାରୁ ଅଧିକ କଏଦୀ ରହୁଛନ୍ତି। ଗତ ଜୁଲାଇ ୨୧ ସୁଦ୍ଧା ଭୁବନେଶ୍ୱର ଝାରପଡ଼ା ଜେଲର କ୍ଷମତା ୭୪୯ ରହିଥିବାବେଳେ ସେଠାରେ ୧୦୦୬ଜଣ କଏଦୀ ରହୁଛନ୍ତି। ସେହିପରି ମାଲକାନଗିରି ଜେଲରେ ୩୧୪ ବଦଳରେ ୬୭୯, ଭଦ୍ରକ ଜେଲରେ ୧୬୬ ବଦଳରେ ୪୧୫ଜଣ କଏଦୀ ରହୁଛନ୍ତି। ଗତ ୨୩ ତାରିଖରେ ଜେଲ ବିଭାଗ ଡିଆଇଜି ସତ୍ୟପାଠ ଦାଖଲ କରି ଦର୍ଶାଇଥିଲେ, ରାଜ୍ୟ ସରକାର ବିଭିନ୍ନ ଜେଲରେ ଭିଡ କମାଇବା ପାଇଁ ଅତିରିକ୍ତ ୱାର୍ଡ ସ୍ଥାପନ ଲାଗି ଅର୍ଥ ମଞ୍ଜୁର କରିଛନ୍ତି। କୋଭିଡ୍ ନିୟମକୁ ଜେଲରେ କଡ଼ାକଡି ପାଳନ କରାଯାଉଛି। ନୂତନଭାବେ ଜେଲକୁ ଆସୁଥିବା ଅନ୍ତେବାସୀ ପଜିଟିଭ ଚିହ୍ନଟ ହୋଇଥିଲେ ସ୍ୱତନ୍ତ୍ର କୋଭିଡ୍ ସେଣ୍ଟରରେ ରଖାଯାଉଛି।

# ଶ୍ରୀମନ୍ଦିରରେ ରାହୁରେଖା ଲାଗି ନୀତି

**ପୁରୀ ଅଫିସ, ୨୭।୮**



ଭାଦ୍ରବ ମାସ କୃଷ୍ଣପକ୍ଷ ପଞ୍ଚମୀ ତିଥି ଶୁକ୍ରବାରରେ ଶ୍ରୀମନ୍ଦିରରେ ସୁନା ରାହୁରେଖା ଲାଗି ନୀତି ସମ୍ପନ୍ନ ହୋଇଛି। ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ରାହୁରେଖା ଲାଗି କରିଛନ୍ତି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ଦର୍ଶନ ବନ୍ଦ ରହିଥିଲା। ପ୍ରାୟ ୪ଘଣ୍ଟା ଧରି ନୀତି ଚାଲିଥିଲା।

ଶ୍ରୀମନ୍ଦିରରେ ଭୋଗମଣ୍ଡପ ନୀତି ପରେ ଅପରାହ୍ନ ୨ଟାରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ପାଳିଆ ପୁଷ୍ପାଳକ ସେବକମାନେ ରତ୍ନସିଂହାସନ ଉପରକୁ ଉଠି ଠାକୁରଙ୍କ ଖୋବାକଣ୍ଠି ମଇଲମ କରିଥିଲେ। ପରେ ମହାଜନ ସେବକମାନେ ଶ୍ରୀଦେବୀ, ଭୂଦେବୀଙ୍କୁ ଖଟଶେଜ ଘରକୁ ବିଜେ କରାଇଥିଲେ। ଶୁଦ୍ଧସୁଆରମାନେ ରତ୍ନସିଂହାସନ ତଳେ ଓଷୁଅ ପ୍ରସ୍ତୁତ କରିଥିଲେ। ପୂର୍ବରୁ ଦେଉଳକରଣ, ତଡ଼ାଉକରଣ, ଭଣ୍ଡାର ମେକାପଙ୍କ ଉପସ୍ଥିତିରେ ଭଣ୍ଡାର ଘରୁ ରାହୁରେଖାକୁ କଢାଯାଇଥିଲା। ଏହାକୁ ବଣିଆମାନେ ସଫାକରି ରଖିଥିଲେ। ଅପରାହ୍ନ ୨ଟା ୪୫ରେ ଦଇତାପତି ସେବକମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ପାଳିଆ ମେକାପ ରାହୁରେଖାଗୁଡ଼ିକୁ ପତିମହାପାତ୍ରଙ୍କୁ ଦେଇଥିଲେ। ସେ ସେଗୁଡ଼ିକୁ ସଂସ୍କାର କରି ତିନି ବାଡ଼ଗ୍ରାହୀ ଦଇତାଙ୍କୁ ପ୍ରଦାନ କରିଥିଲେ। ଏହାପରେ ଦଇତାପତିମାନେ ଶୁଦ୍ଧସୁଆରଙ୍କଠାରୁ ଓଷୁଅ ଓ ଚାଙ୍ଗଡ଼ା ମେକାପଙ୍କଠାରୁ ବଇତମ (ସଫା କନା) ନେଇ ଠାକୁରମାନଙ୍କ ଶ୍ରୀମୁଖରେ ରାହୁରେଖା ଲାଗି କରିଥିଲେ। ପରେ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ମହାଜନ ସେବକମାନେ ଶ୍ରୀଦେବୀ, ଭୂଦେବୀଙ୍କୁ ଖଟଶେଜ ଘରୁ ଆଣି ରତ୍ନସିଂହାସନରେ ବିଜେ କରାଇବା ପରେ ଶ୍ରୀବିଗ୍ରହମାନଙ୍କୁ ମଇଲମ କରାଯାଇ ବେଶ ବଢିଥିଲା। ମଧ୍ୟାହ୍ନ ଧୂପ ପୂଜା ପରେ ତିନିବାଡ଼ରେ ବନ୍ଦାପନା ସରି ଅନ୍ୟ ନୀତି ବଢିଥିଲା। ସେହିପରି ଶ୍ରୀମନ୍ଦିରର ଅନେକ ସେବକ ପରିବାରଙ୍କ ଘରେ ଇଷ୍ଟ ଦେବତା ମହାପ୍ରଭୁଙ୍କୁ ରାହୁରେଖା ଲାଗି କରାଯାଇଛି।

ସୂଚନାଯୋଗ୍ୟ, ରାହୁରେଖା ହେଉଛି ମହାପ୍ରଭୁଙ୍କ ଶ୍ରୀମୁଖକୁ ଉଦ୍‌ଭାସିତ କରୁଥିବା ଏକ ସୁବର୍ଣ୍ଣ ଅଳଙ୍କାର। ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ଜଳରେ ସ୍ନାନ କରି ଜ୍ୱରରେ ପୀଡ଼ିତ ହେବା ପରେ ଶ୍ରୀଜୀଉଙ୍କ ଶ୍ରୀମୁଖରୁ ରାହୁରେଖା କାଢି ଦିଆଯାଇଥିଲା। ଚିତାଲାଗି ଅମାବାସ୍ୟାରେ ରତ୍ନ ଚିତା ଲାଗିହୋଇଥିବାବେଳେ ଭାଦ୍ରବ କୃଷ୍ଣପକ୍ଷ ପଞ୍ଚମୀରେ ରାହୁରେଖା ଲାଗିକରାଯାଇଛି।

# ଠିକାଦାର ସଞ୍ଜୀବ ସୁବୁଦ୍ଧି ପୁଣି ଗିରଫ

**ଉମରକୋଟ/ନବରଙ୍ଗପୁର, ୨୭।୮ (ଡି.ଏନ୍.ଏ./ବି.ପ୍ର.)**



- ଆବାସ ଯୋଜନାରେ ଟଙ୍କା ହଡ଼ପ ଅଭିଯୋଗ
- ରାଉରକେଲାରୁ ଗିରଫ କଲା ଉମରକୋଟ ପୋଲିସ

ଗରିବ ହିତାଧିକାରୀଙ୍କୁ ଆବାସ କରାଇଦେବାକୁ କହି ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କା ହଡ଼ପ ଅଭିଯୋଗରେ ନବରଙ୍ଗପୁର ଜିଲା ଉମରକୋଟ ଅଞ୍ଚଳର ଠିକାଦାର ସଞ୍ଜୀବ ସୁବୁଦ୍ଧି ପୁଣି ଗିରଫ ହୋଇଛନ୍ତି। ଉମରକୋଟ ପୋଲିସ ତାଙ୍କୁ ରାଉରକେଲାରୁ ଗିରଫ କରିଛି। ପୂର୍ବରୁ ଉମରକୋଟ ବ୍ଲକ୍ କୁର୍ସି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରେ ଆସିଥିବା ଅନେକ ହିତାଧିକାରୀଙ୍କ ଲକ୍ଷାଧିକ ଟଙ୍କା ଚଞ୍ଚକତା କରି ହଡ଼ପ କରିବା ନେଇ ୫ ମାମଲାରେ ସେ ଜେଲ ଯାଇଥିଲେ। ଏବେ କିରାପାଣି ଗ୍ରାମର ୮ ମାମଲାରେ ପୁଣି ଗିରଫ ହୋଇଛନ୍ତି।

ସୂଚନାଯୋଗ୍ୟ, ୫ ବର୍ଷ ତଳେ କୁର୍ସି ପଞ୍ଚାୟତର ରଜବତୀ କଲାର, ଫୁଲମତି ଗଣ୍ଡ, ମଙ୍ଗତି ଗଣ୍ଡ, ଜୟମଣି ଗଣ୍ଡ, ମାରି ଗଣ୍ଡଙ୍କ ପ୍ରଧାନମନ୍ତ୍ରୀ ଆବାସ ଏବଂ ବିଜୁ ପକ୍କାଘର ଯୋଜନାରେ ଆସିଥିବା ଅନୁଦାନ ରାଶିକୁ ଚଞ୍ଚକତା କରି ହଡ଼ପ କରିଥିବା ଅଭିଯୋଗରେ ସଞ୍ଜୀବ ଜେଲ ଯାଇଥିଲେ। କିଛିଦିନ ତଳେ ସେ ପୂର୍ବ ମାମଲାଗୁଡ଼ିକରୁ ବେଲ୍ ପାଇଥିଲେ। ଏବେ କିରାପାଣି ଗ୍ରାମରୁ ଆସିଥିବା ଅଭିଯୋଗ ଅନୁଯାୟୀ, ୨୦୧୬-୧୭ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଗୃହ କରିଦେବାକୁ କହି ପ୍ରଥମ ଦଫାରେ ୮ ହିତାଧିକାରୀଙ୍କ ଠାରୁ ୨୦ ହଜାର ଲେଖାଏ ଓ ପରେ ସେହି ୮ ଜଣଙ୍କ ମଧ୍ୟରୁ ୭ ଜଣଙ୍କ ଠାରୁ ୩୫ ହଜାର ଲେଖାଏ ଉଠାଇ ନେଇଥିବା ଉମରକୋଟ ଥାନାରେ ଗତ ଜୁଲାଇ ୧୬ରେ ଅଭିଯୋଗ ହୋଇଥିଲା। ସମସ୍ତ ହିତାଧିକାରୀଙ୍କୁ ବ୍ୟାଙ୍କକୁ ଡାକି ସେମାନଙ୍କ ଟିପଚିହ୍ନ ନେଇ ଟଙ୍କା ହଡ଼ପ କରିଥିବା ବେଳେ କେବଳ ମୂଳଦୁଆ କରି ଠିକାଦାର କାମ ଛାଡ଼ି ଦେଇଥିଲେ। ପରେ ହିତାଧିକାରୀମାନେ ଧାରକରଜ କରି ନିଜେ ଘର ସମ୍ପୂର୍ଣ୍ଣ କରିଥିଲେ। ଅନ୍ୟପକ୍ଷରେ ଠିକାଦାର ସଞ୍ଜୀବଙ୍କୁ ଘର ତିଆରି ବିଷୟ ପଚାରିବାରୁ ହିତାଧିକାରୀଙ୍କୁ ଜୀବନରେ ମାରିଦେବାକୁ ଧମକଦେବା ସହ ଜାତିଆଣ ଆକ୍ଷେପ କରିଥିବା ହିତାଧିକାରୀମାନେ ଅଭିଯୋଗ କରିଥିଲେ। ନଂ.୨୭୦/୨୧ ମାମଲା ସଞ୍ଜୀବଙ୍କୁ ଗିରଫ କରାଯାଇଛି। ତେବେ ସଞ୍ଜୀବଙ୍କୁ ଉମରକୋଟ ଅଞ୍ଚଳରେ ଖୋଜାଖୋଜି ବେଳେ ସେ ରାଉରକେଲା ଯାଇଥିବା ଜଣାପଡ଼ିଥିଲା। ଉମରକୋଟରୁ ୪ ଜଣିଆ ପୋଲିସ ଟିମ୍ ଦୁଇଦିନ ତଳେ ରାଉରକେଲା ଯାଇ ତାଙ୍କୁ ସମ୍ପର୍କୀୟଙ୍କ ଘରୁ ଗିରଫ କରିଥିଲେ। ଶୁକ୍ରବାର ଉମରକୋଟ ଆଣି ଏଡିଜେଙ୍କ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାପରେ ତାଙ୍କୁ ଜେଲ ପଠାଯାଇଛି। ସେହିପରି ତାଙ୍କ ନାମରେ ଥିବା ଅନ୍ୟ ୭ ମାମଲାରେ ରିମାଣ୍ଡରେ ନେଇଥିବା ଜଣାପଡ଼ିଛି।

**obcc ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ** (ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)
CAD-1036
No. 7003 File: SMT-1760 Date: 27.08.2021

**NOTICE INVITING TENDER**

| SL. NO. | NAME OF WORK | QUANTITY | BID IDENTIFI-CATION NO. |
|---|---|---|---|
| 1 | 2 | 3 | 4 |
| 1 | Supply, Installation, Testing & Commissioning of All-in-One PC (Specification: Intel Core i3, Processor Generation-10, Windows 10 Professional, RAM Size-8GB, expandable upto 64GB, HDD-1TB, Display Size-21.5 Inch, Non-touch, Resolution-1920x1080 pixel, Integrated Webcam, Integrated Speaker, with Mouse & Keyboard connectivity, 3 years Onsite Warranty). | 15 | 21/Tender/OBCC/ 2021-22 |
| 2 | Supply, Installation, Testing & Commissioning of Laptop-Notebook (Specification: Intel Core i5, Processor Generation-11, Windows 10 Professional, RAM Size-8GB, expandable upto 64GB, HDD-1TB, Display Size-15.6 Inch, Non-touch, Resolution-1920x1080 pixel, Integrated Webcam, Integrated Speaker, with Mouse & Keyboard connectivity, 3 years Onsite Warranty). | 10 | 22/Tender/OBCC/ 2021-22 |
| 3 | Supply, Installation, Testing & Commissioning of Synology NAS Box with 4 bay diskstation-Quad Core 2.0 GHz (Turbo to 2.7 GHz,4GB Ram (upto 8GB) , Seagate NS 14 TB IRONWOLF PRO HDD Seagate 500GB SSD Cache M.2 NVME (Total 40GB) & Cyber Power 1 KV digital online ups with 4 Hour Battery Backup. | 1 | 23/Tender/OBCC/ 2021-22 |
| 4 | Supply, Installation, Testing & Commissioning of HP Designjet T2600dr 36" Post Script Multifunction Printer (PLOTTER) (With 1 year warranty) (With additional extended warranty for 2 years). | 1 | 24/Tender/OBCC/ 2021-22 |

5. Date of availability in e-procurement portal: From 31.08.2021 to 5.00PM of 06.09.2021.
6. Further details can be seen from the e-Procurement portal https://www.tendersodisha.gov.in.

OIPR-34106/11/0013/2122 **Sd./- Chief General Manager-III**

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮
ଭୁବନେଶ୍ୱର-୭୫୧୦୧୨
ସଂଖ୍ୟା ୧୩୦୬୬/IND-II-PH-862 ତାରିଖ ୨୭।୦୮।୨୧
No. CAD-1033

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ଟାଟା ଷ୍ଟିଲ ଲିମିଟେଡ୍ ଓଡ଼ିଶାର କେନ୍ଦୁଝର ଜିଲ୍ଲା, ବଡ଼ବିଲ ତହସିଲ ଅନ୍ତର୍ଗତ ଯୋଡ଼ା, କାମରଯୋଡ଼ା, ବାଆଁସପାଣି, ଖୁଣ୍ଟପାଣି ଏବଂ ବୈତରଣୀ ସଂରକ୍ଷିତ ଜଙ୍ଗଲ (ଆର୍.ଏଫ୍.) ଗ୍ରାମଗୁଡିକରେ ୬୭୧.୦୯୩ ପରିମିତ ଖଣି ଲିଜ୍ ଅଞ୍ଚଳରେ ସ୍ଥିତ ଯୋଡ଼ା ଇଷ୍ଟ ଲୌହ ଖଣିର ଉତ୍ପାଦନ ବାର୍ଷିକ ୧୨ ନିୟୁତ ଟନ୍‌ରୁ ୧୯.୫ ନିୟୁତ ଟନ୍ (ଆର୍.ଓ.ଏମ୍.) ସର୍ବମୋଟ ବାର୍ଷିକ ୨୨.୯୪ ନିୟୁତ ଟନ୍ ଖନନ ସହିତ ବେନିଫିସିଏସନ୍ ପ୍ଲାଣ୍ଟ ଥ୍ରୋପୁଟ୍ କ୍ଷମତା ବାର୍ଷିକ ୧୨ ନିୟୁତ ଟନ୍‌ରୁ ୧୭.୬ ନିୟୁତ ଟନ୍‌କୁ ବୃଦ୍ଧି କରିବା ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ 'ସର୍ବସାଧାରଣ ଶୁଣାଣି' ତା୨୬।୦୪।୨୦୨୧ ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା, ଯୋଡ଼ା ଗ୍ରାମରେ (ଟାଟା ଷ୍ଟିଲ ଲିମିଟେଡ) ଖାତା ନଂ. ୧୧୫/୧୩ ଅନ୍ତର୍ଗତ ପ୍ଲଟ୍ ନଂ.୨୨୨ଠାରେ ହେବାକୁ ଧାର୍ଯ୍ୟ ହୋଇଥିଲା। ଉକ୍ତ ଶୁଣାଣିର ବିଶେଷ ତଥ୍ୟ ବିଭିନ୍ନ ସମ୍ବାଦପତ୍ର ଯଥା: "The Times of India" ଏବଂ 'ଧରିତ୍ରୀ'ରେ ତା୨୪।୦୩।୨୦୨୧ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା। କିନ୍ତୁ ରାଜ୍ୟରେ ବଢୁଥିବା Covid-19 ମହାମାରୀ ଯୋଗୁ ରାଜ୍ୟ ସରକାରଙ୍କ ଜନସମାଗମ ଉପରେ କଟକଣା ଯୋଗୁ ତା୨୬।୦୪।୨୦୨୧ରିଖ ଦିନ ହେବାକୁ ଥିବା ସର୍ବସାଧାରଣ ଶୁଣାଣିକୁ ସ୍ଥଗିତ ରଖାଯାଇଥିଲା। ଉକ୍ତ ସର୍ବସାଧାରଣ ଶୁଣାଣି ତା୨୮।୦୯।୨୦୨୧ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା, ଯୋଡ଼ା ଗ୍ରାମରେ (ଟାଟା ଷ୍ଟିଲ ଲିମିଟେଡ) ଖାତା ନଂ. ୧୧୫/୧୩ ଅନ୍ତର୍ଗତ ପ୍ଲଟ୍ ନଂ. ୨୨୨ଠାରେ ହେବାକୁ ପୁନଃ ନିର୍ଦ୍ଧାରିତ ହୋଇଛି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମିତ୍ତ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତିତ୍। ଏଥିନିମିତ୍ତ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **କେନ୍ଦୁଝର ଜିଲ୍ଲା, ଯୋଡ଼ା ଗ୍ରାମରେ (ଟାଟା ଷ୍ଟିଲ ଲିମିଟେଡ), ଖାତା ନଂ. ୧୧୫/୧୩ ଅନ୍ତର୍ଗତ ପ୍ଲଟ୍ ନଂ. ୨୨୨**ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୦୯।୦୬।୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **କେନ୍ଦୁଝର** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **କେନ୍ଦୁଝର**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **କେନ୍ଦୁଝର**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **କେନ୍ଦୁଝର** ।
୬. ଜଙ୍ଗଲ ଓ ପରିବେଶ (ପରିବେଶ) ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ। କୌଣସି ପ୍ରସ୍ତାବ, ମନ୍ତବ୍ୟ, ମତାମତ ବା ଆପତ୍ତି ଲିଖିତ ଆକାରରେ ଧାର୍ଯ୍ୟ ତାରିଖ ମଧ୍ୟରେ କିମ୍ବା ଲିଖିତ ବା ମୌଖିକ ଆକାରରେ ସର୍ବସାଧାରଣ ଶୁଣାଣି ବେଳେ କରା ନ ଗଲେ ତାହା ବିଚାରକୁ ନିଆଯିବ ନାହିଁ।

OIPR-08012/11/0072/2122 ସ୍ୱା./-ସଦସ୍ୟ ସଚିବ

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍:(୦୬୭୪) ୨୩୯୩୫୨୪
No.CAD-1023 ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା ୧୦୦ ତା :୧୧।୮।୨୧

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ମୋଦିପଡ଼ା, ପ୍ରଥମ ପର୍ଯ୍ୟାୟ, ସମ୍ବଲପୁର ହାଉସିଂ ପ୍ରକଳ୍ପରେ ଘର ନଂ.ଏଚ୍.ଆଇ.ଜି.-୧୨/୧ (HIG-12/1)କୁ ଦେବନାରାୟଣ ପାଣିଗ୍ରାହୀ, ପି.-ଏ ଜୟରାମ ପାଣିଗ୍ରାହୀ, ଗ୍ରା/ପୋ- ମାନପଡ଼ା, ଥା.- ଅତାବିରା, ଜି.-ସମ୍ବଲପୁରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ ଦେବନାରାୟଣ ପାଣିଗ୍ରାହୀ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଅମିତ କୁମାର ପ୍ରଧାନ, ପିତା- ଚନ୍ଦ୍ରମଣି ପ୍ରଧାନ, ଗ୍ରା.- ଦେଉଳବେଡ଼ା, ଶର୍ମାଛକ, ପୋ./ଥା- ତାଳଚେର, ଜି.- ଅନୁଗୋଳଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ଆବଣ୍ଟନ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ଆବଣ୍ଟନ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0091/2122

**DIRECTORATE OF MEDICAL EDUCATION & TRAINING, ODISHA**
**NOTICE FOR COUNSELING OF PG DENTAL (MDS)**
**MET-I-PG-03/2021-No.11446/Dtd. 26.08.2021**
No.E-378:- The online counseling for admission to PG Dental (MDS) courses for the academic session 2021-22 against the State Quota seats shall be done by the Counseling and Admission Committee.
The details are available in the website of DMET (O), i.e. www.dmetodisha.gov.in
Dt. 26.08.2021 **Sd./- ADMET, Odisha**
OIPR-10016/11/0009/2122

**OFFICE OF THE MUNICIPAL COUNCIL, RAYAGADA, DIST.- RAYAGADA**
**PIN CODE - 765001, ODISHA**
**Tel.No./ Fax No.- 06856 235067, E-mail ID-raygadam.hud@nic.in**
Letter No.4044 Date: 26.8.21

**CORRIGENDUM**

No.C-842:- It is hereby informed to all the bidders that Quotation of Bid Identification No. RGDA-MUN-03/2021-22 Call Notice No. 3969 on dated 23.08.2021 hereby change of Name of the Work- Outsourcing/ Privatization of Sanitation Work Zone-I (Work-1, 6, 7, 8 & 9) instead of Outsourcing/ Privatization of Sanitation Work Zone-I (Ward- 1, 6, 7, 8 & 9) of due to clerical mistake.

**Sd./- Executive Officer, Rayagada Municipality**
OIPR-13150/11/0014/2122

**OFFICE OF THE BARIPADA MUNICIPALITY**
**BARIPADA, MAYURBHANJ-757001**
**Tel.: 06792-252703, Website: www.baripadamunicipality.in**
**e-mail: baripadam.hud@nic.in**
No.4342/ Tax Date: 26.8.21

**'e' ADVERTISEMENT**

No.C-839:- The Executive Officer, on behalf of Baripada Municipality, Baripada invites bidding price of the public auction of "Night Shelter" in single cover system in ONLINE MODE only in conformity with Detailed Tender Call Notice (DTCN).

Bid documents consisting of Night Shelter, up-set price, cost of quottion / auction paper, S.D. money, date of submission, date of opening of the auction paper and the set of terms and conditions of lease and other required documents can be seen in the Govt. website i.e. www.tendersorissa.gov.in & Baripada Website - www.baripadamunicipality.in.

| | | | |
|---|---|---|---|
| 1. | Public auction inviting officer | : | Executive Officer, Baripada Municipality |
| 2. | Name of the public auction | : | Night Shelter |
| 3. | Nos. of bid | : | 01 |
| 4. | Up-set price of the bid | : | Rs.3,30,000.00 |
| 5. | Cost of quotation paper | : | Rs.500.00 |
| 6. | Period of availability of bid Online for bidding | : | From 31.08.2021 to 06.09.2021 upto 5 P.M. |
| 7. | Last date and time of bidding Online (Submission of bid) | : | 06.09.2021 (5.00 P.M.) |
| 8. | Date & time of opening of the bids receive Online | : | 06.09.2021 (11.30 A.M. onwards) |

Further details can be seen from the e-tender portal- www.tendersorissa.gov.in.

**Sd./- Executive Officer, Baripada Municipality**
OIPR-13078/11/0021/2122

## ଖିଲିଖିଲି ହସ

ଥରେ ହରିବାବୁ ଖାଉଥାଆନ୍ତି। ଏହି ସମୟରେ ଚାକର ଆସି କହିଲା, ବାବୁ, ଆଉ ରୁଟି ଦେବି ? ହରିବାବୁ କହିଲେ, ଆଚ୍ଛା ତୁ ଆଜି କି ଡାଲି କରିଛୁ କିରେ ? ଏଥିରେ ମୋଟେ ପନିପରିବା, ଲୁଣ, ହଳଦୀ କିଛି ପକାଇନୁ ? ଚାକର କହିଲା, ବାବୁ, ଆପଣ ତ ଏପଟେ ମୋବାଇଲ ଦେଖୁଛନ୍ତି ସେପଟେ ଖାଉଛନ୍ତି। ପୁଣି ଏମିତି ମୋବାଇଲ ନିଶା ଯେ ଡାଲି ପାଖରେ ଥୁଆ ହୋଇଥିବା ପାଣି ଗ୍ଲାସରେ ଆପଣ ରୁଟି ବୁଡାଇ ଖାଉଛନ୍ତି।

ଥରେ ଜଙ୍ଗଲରେ ମୂଷାମାନେ ଏକାଠି ହୋଇ ଖଣ୍ଡା ଧରି ଦୌଡୁଥାଆନ୍ତି। ଏତିକି ବେଳେ ସେମାନଙ୍କର ସାମନା ସାମ୍ନି ବାଘ ରାଜା ସହ ହୋଇଗଲା। ସେମାନଙ୍କୁ ଅଟକାଇ ବାଘ ରାଜା ପଚାରିଲା, 'ଆରେ ତମେମାନେ ଏମିତି ଖଣ୍ଡା ଧରି କୁଆଡ଼େ ଧାଇଁଛ ? ମୂଷାମାନଙ୍କ ମୁଖିଆ କହିଲା, ମହାରାଜ, ହାତୀ ଛୁଆକୁ କିଏ କ'ଣ କହିଛି ଯେ ସେ ଆମ ଦୋଷ ଦେଉଛି। ତେଣୁ ଆମେ ଏକାଠି ହୋଇ ତାକୁ ପାନେ ଚଖାଇବାକୁ ଯାଉଛୁ।

ଗିନିଜ୍ ୱାର୍ଲ୍ଡ ରେକର୍ଡ

## କୃତ୍ରିମ ଗୋଡ଼ରେ ବିଶ୍ୱ ରେକର୍ଡ

ପିଲାମାନେ ତୁମେ ତ ଜାଣିଥିବ ଦେହକୁ ସୁସ୍ଥ ରଖିବା ପାଇଁ ଏବେ ଅନେକ ଘରେ ଟ୍ରେଡମିଲ୍‌ରେ ବ୍ୟାୟାମ କରୁଛନ୍ତି। କୃତ୍ରିମ ଗୋଡ ଲଗାଇଥିବା ଲୋକଙ୍କୁ ଟ୍ରେଡମିଲରେ ଚାଲିବା ଟିକେ କଷ୍ଟ ହୋଇଥାଏ। କିନ୍ତୁ ତମେ ହୁଏତ ଜାଣିଲେ ଆଶ୍ଚର୍ଯ୍ୟ ହେବ କି କୃତ୍ରିମ ଗୋଡ ଥାଇ ବି ଟ୍ରେଡମିଲରେ ୧୦୦ମାଇଲ୍ ଦ୍ରୁତତମ ଦୌଡ କରି ରେକର୍ଡ କରିଛନ୍ତି ଆମେରିକାର ଆମି ପାଲମେରୋ ୱିଣ୍ଟର। ସବୁଠୁ ବଡ଼ କଥା ହେଉଛି କି ଆମିଙ୍କର ଗୋଡରେ ୨୫ଟି ଅପରେସନ୍ ହୋଇଛି। ଏହା ସତ୍ତ୍ୱେ ସେ ଆଥଲେଟ୍‌ଭାବେ ସାରା ବିଶ୍ୱରେ ନାଁ କରିଛନ୍ତି। ଏମିତି କି କୃତ୍ରିମ ଗୋଡରେ ସେ ୧୦୦ ମାଇଲ୍ ଦୌଡକୁ ଟ୍ରେଡମିଲରେ ସବୁଠୁ କମ୍ ସମୟରେ ପୂରା କରିପାରିଥିବାରୁ ଗିନିଜ୍ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଆମିଙ୍କର ଏଭଳି ରେକର୍ଡ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇପାରିଛି।



ଆଇନା



ଶ୍ରଦ୍ଧାଶିବାଙ୍ଗୀ
୭ବର୍ଷ

## କହିଲ ଦେଖି

(୧)ସକାଳେ ବୁଲଇ ରାତ୍ରେ ଜନମି
ପ୍ରତିଟି ଖବର ସାଥିରେ ଆଣି
ମଲାଟ ସାଜଇ ବହି ଖାତାର
ଚତୁର୍ଥ ସ୍ତମ୍ଭ ସେ ଗଣତନ୍ତ୍ରର।
ଉତ୍ତର:– **ଖବରକାଗଜ**

(୨)ତା' ଘରେ ଥାଆନ୍ତି ବତିଶ ପ୍ରାଣୀ
ଯିଏ ପଶେ ତା'କୁ ଦିଅନ୍ତି ହାଣି
ସକାଳେ ରାତିରେ ସଫା ହୁଅଇ
ନ ହେଲେ ଦୁର୍ଗନ୍ଧ ମାଡ଼ି ବସଇ।
ଉତ୍ତର :–**ପାଟି**

(୩)ସମୟ ବତାଏ ଦିବସ ନିଶି
ସଂଖ୍ୟା ବାର ଯାଏ ତା' ଦେହେ ଅଛି
ଟିକ୍ ଟିକ୍ ଶବ୍ଦ ଚାଲିଲେ ହୁଏ
ଘରଠୁ ଅଫିସ୍ ହାଜିର ଥାଏ।
ଉତ୍ତର:–**ଘଣ୍ଟା**



(୪)ଆଣଇ ଜଗତେ ପରିବର୍ତ୍ତନ
ଦିନ ଓ ରାତିର ହୁଏ କାରଣ
କେହି ଦେଖି ନାହିଁ ବାସ୍ତବ ରୂପ
ଅନାଦି ଅନନ୍ତ ତା'ର ସ୍ୱରୂପ।
ଉତ୍ତର:– **ସମୟ**

*–ସୁବ୍ରତ ମଳିକ*
*ମଙ୍ଗଳପୁର, ଅସୁରାଳି*

## କ ବି ତା



ଛୋଟ ଏ ଜଗତେ ନୁହଁଇ କେହି
ମନର ବଳ ହିଁ ବଡ଼ କରଇ,
ପର ଉପକାର ଯେ ଚିନ୍ତଇ ମନେ
ପୂଜିତ ହୁଅଇ ସେ ସବୁ ସ୍ଥାନେ ।୫।

*–ନିମାଇଁ ମିଶ୍ର*
*ପାଞ୍ଚପଡା, ଚାନ୍ଦବାଲି, ଭଦ୍ରକ*

### ଦେହକୁ ହିତ

ଜେଜେ ବୁଣିଥିଲେ ବାଡ଼ିରେ ଆମର
ଖଡ଼ା, ନେଉଟିଆ ଶାଗ,
ବୁଢ଼ୀ ମାଆ ତୋଳି ନିଇତି ଭାଜଇ
ଖାଇଲେ ଲାଗଇ ବାଗ।
ବଡ଼ବାପା ଆମ ଭାରି ଶାଗ ପ୍ରିୟ
କୁହନ୍ତି ସର୍ବଦା କର,
ରହିଛି ଏଥିରେ ଖାଦ୍ୟସାର ଗୁଣ
ରୋଗକୁ ନ'ଥିବ ଡର।
ବାଗେଇ ଭାଜିଲେ ବଡ଼ି ପକେଇକି
ସୁଆଦ ଲାଗିବ ଭାରି,
ଦରକାର ନାହିଁ ଆମିଷ ଖାଇବା
ମାଛ ମାଂସ ତରକାରି।
ଶାଗଠାରୁ ଭଲ ଆଉ କିଛି ନାହିଁ
ଦେହ ପାଇଁ ଆମ ହିତ,
ଖାଇବା ଏହାକୁ ହରଷ ମନରେ
ନ ରଖି ମନରେ ଭୀତ।

*–ଧୀରେନ୍ଦ୍ର ମଲ୍ଲିକ*
*ନୀଳକଣ୍ଠପୁର,ମଙ୍ଗଳପୁର, ଯାଜପୁର*

### ସାଇତି ରଖିବା ଆସ

ସହରରେ ଆମ ମିଳିବ ଏଣିକି
ବିଶୁଦ୍ଧ ପାନୀୟ ଜଳ,
ଦିନ,ରାତି ପରା ଆସୁଥିବ ପାଣି
ଖୋଲି ଦେଲେ ଆମ କଳ।
ପରିବେଶ ଆମ ଦୂଷିତ ହେବନି
ପ୍ଲାଷ୍ଟିକ ପାଉଚ ପଡି,
ପ୍ଲାଷ୍ଟିକ ବୋତଲ ଗଦା ହେବ ନାହିଁ
ସଡକ କଡ଼ରେ ଉଡି।
ଅପଚୟ ଆମେ ଆଉ କରିବାନି
ଭୂତଳ ବିଶୁଦ୍ଧ ଜଳ,
ବହି ଯାଉଥିବା ପାଣି ରୋକିବାକୁ
ଲଗାଇବା ଆଣି କଳ।
ଜଳ ପରା ଆମ ଜାତୀୟ ସମ୍ପଦ
ହୀରା, ନୀଳା ଠାରୁ ଉଚ୍ଚ,
ସାଇତି ରଖିବା ଆସ ଆଜି ତାକୁ
ଆଉ ସବୁ କରି ପଛ।

*–ତପନ କୁମାର ସ୍ୱାଇଁ*
*ଅଇବିଲି, ତିର୍ତ୍ତୋଲ, ଜଗତ୍‌ସିଂହପୁର*

### ଗୁଣ୍ଡୁଚିମୂଷା

ଗୁଣ୍ଡୁଚିମୂଷାରେ ଗୁଣ୍ଡୁଚିମୂଷା
ଗୁଣ ସହିତ ତୋ' ରୂପ ସୁନ୍ଦର,
ଡେଉଁଥାଉ ତୁହି ହରଷ ମନରେ
ନେଇଅଛୁ ଦୀକ୍ଷା ପରୋପକାର ।୧।
ଜଗତବାସୀଙ୍କୁ ଶିକ୍ଷା ତୋହର
ପିଠିରେ ଧରିଛୁ ଏ ତିନିଗାର,
ସେତୁବନ୍ଧକାଳେ ରାମଙ୍କ କାର୍ଯ୍ୟରେ
ବନ୍ଧ ବାନ୍ଧିବାକୁ ହେଲୁ ତତ୍ପର ।୨।
ତୋ' ଛୋଟ ଶରୀରେ ବାଲି ବୋଳି
ହୋଇ ଝାଡ଼ି ଦେଇଥିଲୁ ବନ୍ଧ ଉପର,
ରାମ କାମ ପାଇଁ କେତେ ଉଦାର
ବୁଝିଗଲେ ପ୍ରଭୁ ମନ ତୋହର ।୩।
ଛୋଟ ହୋଇ ତୋର ବଡ଼ ଯେ ମନ
କାଳକାଳକୁ ସେ ବିହିଲେ ଚିହ୍ନ,
ଧରିକରି ଦେଲେ ପିଠି ଆଉଁଶି
ଶିଖିବେ ସମସ୍ତେ ଜଗତବାସୀ ।୪।

### ଲୋଭ

ଲୋଭ ଜୀବନର ପରମ ବଇରୀ
ମନେ ରଖିଥିବ କଥା ପଦକ
ଲୋଭ କଲେ ଜାଣ ପଡ଼ିବ ବିପଦ
ନ କରିବ କେବେ ଲୋଭ ମୋ ମିତ।
ଲୋଭ ହରିନିଏ ଭଲ ମନ୍ଦ ଚିନ୍ତା
ଦିଶେ ନାହିଁ କେବେ ଭଲବାଟ
ଲୋଭ ଦିଏ ନାହିଁ ସୁଖ ଜୀବନରେ
ଜୀବନଟା ହୁଏ ହନ୍ତସନ୍ତ।
ଲୋଭର କେ ନାହିଁ ପର ଆପଣାର
କରଇ ସଭିଙ୍କ ସର୍ବନାଶ
କରିବ ନାହିଁ ଯେ ଲୋଭ ଜୀବନରେ
ହୋଇବ ତେବେ ସେ ସୁନା ଚାଟ।

*–ଅର୍ଚ୍ଚନା କର*
*ପ୍ଲଟନମ୍ବର ୬୫୬, ନୟାପଲ୍ଲୀ, ବେହେରାସାହି, ଭୁବନେଶ୍ୱର*



## ମତାମତ

➤ଗତ ସପ୍ତାହରେ ରାଖୀକୁ ନେଇ ପ୍ରକାଶିତ କବିତାଗୁଡ଼ିକ ବେଶ୍ ଆକର୍ଷଣୀୟ ହୋଇଥିଲା।
*– ମହାଶ୍ୱେତା ସାହୁ, ଯାଜପୁର*

➤ ପିଲାଙ୍କ ପାଇଁ ଏହି ପୃଷ୍ଠାରେ କିଛି କୁଇଜ୍ ସ୍ଥାନ ଦେଲେ ଅଧିକ ଭଲ ଲାଗନ୍ତା।
*–ପ୍ରିୟଦର୍ଶିନୀ ସାମନ୍ତରାୟ, ବାଲେଶ୍ୱର*

➤ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ପ୍ରତିଟି ସ୍ତମ୍ଭ ମୋ ମନକୁ ଛୁଇଁ ପାରୁଛି।
*–ରିମ୍‌ଝିମ୍ ମହାନ୍ତି, ପୁରୀ*

➤'କହିଲ ଦେଖି' ସ୍ତମ୍ଭଟି ପଢ଼ି ସେ ସମ୍ପର୍କରେ ଅନେକ କଥା ଜାଣି ହେଉଛି। ଏହାକୁ ନିୟମିତ ପ୍ରକାଶ କରିବାକୁ ଅନୁରୋଧ।
*–ଶଶିଧର ନାୟକ, ରେଢ଼ାଖୋଲ*

➤ଗତ ସପ୍ତାହରେ 'ଗପ' ସ୍ତମ୍ଭରେ 'ଅମୂଲ୍ୟ ଉପହାର' ବିଷୟ ପଢ଼ି ଭଲ ଲାଗିଲା।
*– ବିଘ୍ନରାଜ ମହାନ୍ତି, ବ୍ରହ୍ମପୁର*

➤ଏହି ପୃଷ୍ଠାରେ ପ୍ରକାଶ ପାଉଥିବା 'ଗିନିଜ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭଟି ଆକର୍ଷଣୀୟ ହୋଇପାରୁଛି।
*–ଶିବ ନାରାୟଣ ମିଶ୍ର, କେନ୍ଦ୍ରାପଡ଼ା*

ଗପ

## ପଣିକିଆ ଡର

ମୁଁ ପଞ୍ଚମ କ୍ଲାସ୍‌ରେ ପଢୁଥାଏ। ସବୁ ପାଠ ମୋର ବହୁତ ଭଲ ହୁଏ। କିନ୍ତୁ ପଣିକିଆ ମୋ ପାଇଁ ଭାରି କଷ୍ଟ ଥିଲା। ଟିଉସନରେ ସବୁଦିନ ସବୁ ପାଠ ପଢ଼ା ହୁଏ, ହେଲେ ଶନିବାର ଦିନ ପଣିକିଆ। ପଣିକିଆ ଘୋଷା ମତେ ଭାରି କଷ୍ଟ । ଆମେ ଭାଇ ଭଉଣୀ ଦୁଇଜଣ ଟିଉସନ ଯାଉ। ସେଦିନ ଶନିବାର ପଣିକିଆ ଘୋଷା ଦେବା ପାଳି। ସେଦିନ ଟିଉସନରେ କେବଳ ପଣିକିଆ ଘୋଷା ନିଆଯାଏ। ସାର୍ କହିଥାନ୍ତି ସମସ୍ତେ ପଚିଶ କ ଯାଏ ପଣିକିଆ ଘୋଷିକି ଆସିବ ନ ହେଲେ ପିଠିରେ ଜଡାତେଲ ମାରିକି ଆସିବ। ମନରୁ ସେ କଥା ଭୁଲି ହେଉ ନ ଥାଏ। ଶନିବାର ଦିନ ସନ୍ଧ୍ୟା ପୂର୍ବରୁ ଲଣ୍ଠନ ପୋଛି କିରୋସିନ ପକେଇ ରେଡି କରିଦେଲି। ତା' ପରେ... ?

ମୋ ସାନ ଭାଇ ବସ୍ତାନି କାନ୍ଧରେ ପକେଇ ଟିଉସନ ବାହାରିଲା । ବୋଉକୁ ପଚାରିଲା ବୋଉ ଦିଦି କୁଆଡେ ଗଲା। ବୋଉ କହିଲା ଏଇଠି ଏବେ ଥିଲା ଦେଖି ଏଇଠି କୋଉଠି ଥିବ। ବୋଉ ମତେ ଡାକିଲା ମୁଁ ଜମା ଶୁଣିଲିନି।

ସେତେବେଳକୁ ବାପା ଆସି ଘରେ ପହଞ୍ଚି ସାରିଥାନ୍ତି। କୁଆଡେ ଗଲା ଗୁନା ଶୁଣିବା ପରେ ସିଏ ବି ଡାକିଲେ ତଥାପି ମୁଁ ଶୁଣିଲିନି। ସାହି ପଡିଶା ସମସ୍ତଙ୍କ ଘରେ ପଚାରି ବୁଝିଲେ। ସମସ୍ତେ କହିଲେ ନାହିଁ ଆମ ଘରକୁ ଆସିନି। ସେତେବେଳକୁ ପାଖାପାଖି ଘଣ୍ଟାଏ ହେଇ ଗଲାଣି। ମୋ ଆଈ ବାହୁନି ବାହୁନି କାନ୍ଦିବା ଆରମ୍ଭ କରିଦେଲାଣି। ମୁଁ ସବୁ ଶୁଣୁ ଥାଏ। ମନେ ମନେ ହସୁଥାଏ ମତେ ସମସ୍ତେ କେତେ ଭଲ ପାଆନ୍ତି। ମୋ ଜେଜେ ସେତେବେଳକୁ କୂଅ ପୋଖରୀ ଖୋଜିବା ଆରମ୍ଭ କରି ଦେଲେଣି। ଗାଆଁ ସାରା ଏ ଖବର ବ୍ୟାପି ସାରିଲାଣି ଗୁନା କୁଆଡ଼େ ଗଲା ମିଳୁ ନାହିଁ। ପଡ଼ିଶା ଘରର କେତେ ଲୋକ ଆସି ଖୋଜିଲେଣି। ସମସ୍ତେ କହୁଛନ୍ତି କ'ଣ ହେଲା ସିଏ ତ କୁଆଡ଼େ ଯାଏନି, ଗଲା କୁଆଡ଼େ। ବୋଉ କହୁଥାଏ ଟିଉସନ ବାହାରିଲା ତା'ପରେ ମୁଁ ତାକୁ ଆଉ ପାଉନି। ମୋ ପାଇଁ ସେଦିନ ଟିଉସନ ବନ୍ଦ। ଟିଉସନ ସାର୍ ବି ଆସିକି ଖୋଜୁଥାନ୍ତି। ସମସ୍ତେ ବାହାରେ ଖୋଜୁଥାନ୍ତି। କେହି ଘର ଭିତରେ ଆସି ଖୋଜୁ ନ ଥାନ୍ତି। ପଡ଼ିଶା ଘରର ଜଣେ ପିଉସୀ ମୁଁ ଥିବା ରୁମ୍ ଭିତରକୁ ପଶିଗଲେ ରୁମର ଲାଇଟ ଅଫ ଥିଲା । ସେତିକି ବେଳକୁ ମୁଁ ମୁଣ୍ଡ ଟେକି ଦେଖୁଥାଏ କିଏ ଆସିଲା କି? ସେତେବେଳକୁ ସିଏ ମତେ ଦେଖି ଦେଇ ଥାନ୍ତି, ହେଲେ ଡରିକି ବାହାରକୁ ଆସି ବଡ଼ ପାଟି କରି କହିଲେ ଯା ଭିତରେ କିଏ ଗୋଟାଏ ଅଛି ଜଲଦି ଆସ ଦେଖିବ।

ତାଙ୍କ ସହିତ ଆଉ ଜଣେ ଦିଦି ଆସିଲେ। ସିଏ ଭାରି ଚାଲାକ୍, ଆଗ ରୁମ୍‌ର ଲାଇଟ୍ ଅନ୍ କରି କହିଲେ କୋଉଠି କିଏ ମୁଣ୍ଡ ହଲଉଥିଲା। ମୁଁ ଥିବା ଜାଗାକୁ ଦେଖେଇ ଦେଇ ସେ ପିଉସୀ କହିଲେ ସେଇଠି। ମୋ ପାଖକୁ ଯାଇ ମତେ ଧରିନେଲେ। ମୁଁ ବହୁତ କାନ୍ଦିଲି ବୋଉ ମତେ ବହୁତ ପାଟି କରୁଥାଏ। ବାପା ମତେ କାଖେଇ କି ବହୁତ ବୁଝେଇଲେ।

ପଣିକିଆ ପାଇଁ ଲୁଚି ଥିଲି ବୋଲି ସମସ୍ତେ ଜାଣିଦେଲେ। ପାଠକୁ ଡରିଲେ ପାଠ ବି ଆମକୁ ଡରାଏ ବୋଲି ଜେଜେ ବୁଝାଇ ଦେଲେ। ସେହି ଦିନଠାରୁ ମୁଁ କେବେବି ପାଠ ପଢ଼ାରେ ଅବହେଳା କରିନି। ଭଲ ନମ୍ବର ରଖି ସବୁ ଶ୍ରେଣୀରେ ପ୍ରଥମ ହୋଇ ଆସିଛି।

ଏବେ ପିଲାମାନେ ଆଉ ଆଗଭଳି ପାଠକୁ ଡରୁ ନାହାନ୍ତି। ଆଗଭଳି ମାଡ଼ ମଧ ଆଉ ନାହିଁ। ମୋବାଇଲ, ଲ୍ୟାପଟପ୍ ସାହାଯ୍ୟରେ ପ୍ରତ୍ୟେକ ଗାଣିତିକ ସମସ୍ୟାର ସମାଧାନ ଖୁବ୍ ସହଜରେ ହୋଇପାରୁଛି। କିନ୍ତୁ ମୁଖସ୍ଥ କରି ମନେ ରଖିବାର ଶକ୍ତି ଧୀରେ ଧୀରେ ହ୍ରାସ ପାଇବାରେ ଲାଗୁଛି।



**–ଝରଣା ବାରିକ**
*ସମଲ, ତାଳଚେର, ଅନୁଗୋଳ*
*ମୋ– ୯୫୫୬୮୪୬୯୩୨*

ତୁମ ପଢ଼ିବା ପାଇଁ

## କବିତା ଝର



କବିତା ସଂକଳନ 'କବିତା ଝର'ରେ ସ୍ଥାନୀୟ ହୋଇଛି ମୋଟ ୩୨ଟି କବିତା। ପ୍ରତିଟି କବିତାର ଉପସ୍ଥାପନା ବେଶ୍ ସୁନ୍ଦର। ସେଗୁଡିକ ମଧ୍ୟରୁ ଜହ୍ନ ମାମୁ ଗୋଲ ମୋଟଲ, ଫୁଲଙ୍କ କଳି, ପରଜାପତି, ଟିକି ଝରଣା, ସମୟ ଜାଣେ କାଉ, ଇନ୍ଦ୍ରଧନୁ, ଅଳସୁଆ ପେଟ ଆଦି ପିଲାଙ୍କ ମନକୁ ଛୁଇଁବ ବୋଲି ଆଶା କରାଯାଏ। ଏହି ସଚିତ୍ର କବିତା ସଙ୍କଳନଟିକୁ ରଚନା କରିଛନ୍ତି ପ୍ରଭାତ ନଳିନୀ ସାହୁ, ଯାହାର ମୂଲ୍ୟ ରହିଛି ୭୦ଟଙ୍କା। ଯୋଗାଯୋଗ : 'କବିତା ଝର', ଏମ.ଆଇ.ଆଇ.ସି.ଆର.–୬୪, ଛେଣ୍ଡ କଲୋନୀ, ରାଉରକେଲା–୧୫।



**ଓମ୍‌ପ୍ରକାଶ ବାରିକ**
କ୍ଲାସ–୭, ବସନ୍ତପୁର ଇଂଲିଶ୍ ମିଡିୟମ୍ ସ୍କୁଲ, ମୁର୍ସିଦାବାଦ, ପଶ୍ଚିମବଙ୍ଗ







**ଅନୁଷ୍କା ବେଉରା**
କ୍ଲାସ–୭, ସେଣ୍ଟ ଜୋଶେଫ ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱର



**ଆଦ୍ୟଙ୍କା ପରିଡ଼ା**
କ୍ଲାସ–୧୦, କଳରାବାଙ୍କ ହାଇସ୍କୁଲ, କଳରାବାଙ୍କ, ଜଗତ୍‌ସିଂହପୁର







**ଦେବାଂଶୁ ଆଚାର୍ଯ୍ୟ**
କ୍ଲାସ–୨, ବିବିଆଇଟି ପବ୍ଲିକ ସ୍କୁଲ, ବୁଗିବୁଗି, କୋଲକାତା

## ଟଗଲା ଭୀମୁ



## ସଂକ୍ଷେପରେ

### ଜେଲରୁ ମୁକୁଳିବେ ୨୩ ଆଜୀବନ କଏଦୀ

ଭୁବନେଶ୍ୱର,୨୭।୮(ବ୍ୟୁରୋ): ରାଜ୍ୟର ବିଭିନ୍ନ ଜେଲରେ ଆଜୀବନ କଏଦୀ ଭାବେ ସଜା କାଟୁଥିବା ୨୩ଜଣ ମୁକ୍ତହେବେ। ରାଜ୍ୟପାଳଙ୍କ ଅନୁମୋଦନକ୍ରମେ ବିଭିନ୍ନ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କଏଦୀ ଆଜୀବନ ସଜା କାଟିବା ପରେ ସେମାନଙ୍କ ବ୍ୟବହାରରେ ପରିବର୍ତ୍ତନ ଆସିଥିବାରୁ ଷ୍ଟେଟ୍ ସେଣ୍ଟେନ୍ସ ରିଭ୍ୟୁ କମିଟିର ଆବେଦନକୁ ରାଜ୍ୟପାଳ ଅନୁମୋଦନ ପ୍ରଦାନ କରିଛନ୍ତି। ଆସନ୍ତା ଦିନେ କିମ୍ବା ଦୁଇଦିନ ମଧ୍ୟରେ ଏହି କଏଦୀମାନେ ବିଭିନ୍ନ ଜେଲରୁ ମୁକୁଳିବେ ବୋଲି ଜେଲ ବିଭାଗ ପକ୍ଷରୁ ଶୁକ୍ରବାର ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି। ମୁକୁଳିବାକୁ ଥିବା ୨୩ ଜଣ କଏଦୀଙ୍କ ମଧ୍ୟରୁ ବାରିପଦା ଓ ଭବାନୀପାଟଣା ଜେଲରୁ ୩ଜଣ ରହିଥିବା ବେଳେ ଚୌଦ୍ୱାର, ରାଉରକେଲା, କୋଟପାଡ଼ ଓ ବ୍ରହ୍ମପୁର ଜେଲରୁ ୨ଜଣ, କୋରାପୁଟ, ରଣପୁର, ବଲାଙ୍ଗୀର, ଜାମୁଝରୀ, ପଦ୍ମପୁର, ସୁନ୍ଦରଗଡ଼, ସୋହେଲା, କୋରାପୁଟ ଓ ସମ୍ବଲପୁର ଜେଲରୁ ଜଣେ ଲେଖାଏ କଏଦୀ ରହିଛନ୍ତି।

### ଲୁଟ୍ ଘଟଣାରେ ୬ ଧରାପଡ଼ିଲେ

ବରଗଡ଼ ଅଫିସ୍,୨୭।୮ : ବରଗଡ଼ ଟାଉନ ଥାନା ପୋଲିସ ଶୁକ୍ରବାର ଏକ ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ସମ୍ପୃକ୍ତ ୬ଜଣ ଧରାପଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ୩ଜଣ ନାବାଳକ ଅଛନ୍ତି । ଅନ୍ୟ ୩ ଜଣ ଅଭିଯୁକ୍ତ ହେଲେ ରାଜୁ ସିନ୍ଧିଆ, ଆଶିଷ ଚୌଧୁରୀ ଏବଂ ପ୍ରହଲ୍ଲାଦ ସାହୁ । ଅଭିଯୁକ୍ତଙ୍କ ପାଖରୁ ଛୁରୀ, ଖଣ୍ଡା, ନଗଦ ୧୪୦୦ ଟଙ୍କା ଜବତ ହୋଇଛି ବୋଲି ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ ସୂଚନା ଦେଇଛନ୍ତି ।

### ମହିଳାଙ୍କୁ ଆକ୍ରମଣ କରି ଲୁଟ୍

ବରଗଡ଼ ଅଫିସ୍,୨୭।୮ : ବରଗଡ଼ ପୌର ପରିଷଦ ଅଧୀନ ବାଲିଟିକ୍ରାରେ ଶୁକ୍ରବାର ସନ୍ଧ୍ୟାରେ ଜଣେ ମହିଳାଙ୍କୁ ଆକ୍ରମଣ କରି ଲୁଟ୍ ହୋଇଛି। ୨ଜଣ ମୁଖାପିନ୍ଧା ଦୁର୍ବୃତ୍ତ ରାଜୁ ସାହୁଙ୍କ ଘରକୁ ପଶି ତାଙ୍କ ସ୍ତ୍ରୀ ପୁଷ୍ପାଙ୍କୁ ଭୁଜାଲିରେ ଆକ୍ରମଣ କରିବା ସହିତ ଲୁଟ୍‌ପାଟ୍ କରିଛନ୍ତି। ଅଭିଯୁକ୍ତମାନେ ଘରେ ଥିବା ସୁନା ଗହଣା ସହିତ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଆହତ ପୁଷ୍ପାଙ୍କୁ ବରଗଡ଼ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଖବର ପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳକୁ ପହଞ୍ଚି ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚଲାଇଛି ।

### ରାସ୍ତାରେ ହାତୀ, ଲୋକେ ଆତଙ୍କିତ

ନିରାକାରପୁର,୨୭।୮(ଡି.ଏନ୍.ଏ.): ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ବନାଞ୍ଚଳ ଭୂଷଣ୍ଡପୁର ଫରେଷ୍ଟର ଅଞ୍ଚଳରେ ହାତୀ ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି। ହାତୀମାନେ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି। ଶୁକ୍ରବାର କଟକ ପାଟଣାରେ ଗୋଟିଏ ହାତୀ ରାସ୍ତା ଉପରକୁ ଆସିଯିବାରୁ ଯାତାୟାତ କରୁଥିବା ପଥଚାରୀମାନେ ଭୟଭୀତ ହୋଇପଡ଼ିଥିଲେ। ସେହିପରି ଭୁଷଣ୍ଡପୁରରେ ଗୋଟିଏ ହାତୀ, ଗୋଲବାଇରେ ୧ ଓ ନାରଗଦାରେ ୨ଟି ହାତୀ ରାସ୍ତା ଉପରକୁ ପଳାଇ ଆସିଥିଲେ। ଫଳରେ ପଥଚାରୀ ଓ ସ୍ଥାନୀୟ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଥିଲେ। ଅନ୍ୟପଟେ ହାତୀମାନଙ୍କୁ ଘଉଡାଇବା ପାଇଁ ବନ କର୍ମଚାରୀମାନେ ଯାଇଛନ୍ତି ବୋଲି ଫରେଷ୍ଟର ସିନ୍ଧୁ ଚରଣ ସିଂ କହିଛନ୍ତି। ସୂଚନାଯୋଗ୍ୟ, ଏହି ଫରେଷ୍ଟର ଅଞ୍ଚଳର ଗୋଲବାଇ, ଭୁଷଣ୍ଡପୁର, କଟକ ପାଟଣା ଓ ନାରଗଦା ଅଞ୍ଚଳରେ ହାତୀଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ହାତୀ ଘଉଡାଇବା ଓ ବିଭିନ୍ନ ଯୋଜନା ପାଇଁ ବର୍ଷକୁ କୋଟି କୋଟି ଟଙ୍କା ରାଜସ୍ୱ ପାଣ୍ଠିରୁ ଖର୍ଚ୍ଚ ହେଉଛି। କିନ୍ତୁ କୌଣସି ସୁଫଳ ମିଳୁ ନାହିଁ। ଏହାର ତଦନ୍ତ କରାଗଲେ ପ୍ରକୃତ ସତ୍ୟତା ଜଣାପଡ଼ିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଲୁହାପଥର ନିଲାମ ବିଫଳ

ଯାଜପୁର ଅଫିସ,୨୭।୮

**ବନ୍ଦ ହେବାରେ ଲାଗିଛି ଶିଳ୍ପ, ଦୁର୍ଦ୍ଦିନରେ କର୍ମଚାରୀ**

ଶିଳ୍ପ ଆସିଲେ ବିକାଶର ଏକ ନୂତନ ଧାରା ସୃଷ୍ଟି ହେବ ବୋଲି ସରକାର ଯେଉଁ ଦୃଢ଼ୋକ୍ତି ପ୍ରକାଶ କରୁଥିଲେ ତାହା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଫସର ଫାଟିଛି। ଓଡ଼ିଶା ମାଇନିଂ କର୍ପୋରେଶନ(ଓଏମ୍‌ସି) ଉପରେ ନିର୍ଭରଶୀଳ ଶିଳ୍ପ କାରଖାନାଗୁଡିକ ଗୋଟିଏ ପରେ ଗୋଟିଏ ବନ୍ଦ ହେବାକୁ ଲାଗିଛି। ଏହି କ୍ରମରେ ମେସ୍କୋ ଷ୍ଟିଲ, ମୈଥାନ ଇସ୍ପାତ, ନୀଳାଚଳ ଇସ୍ପାତ, ଆଧୁନିକ ଷ୍ଟିଲ, ଏମ୍‌ଏସ୍‌ପି ଓ କନ୍‌କାଷ୍ଟ ଶିଳ୍ପ ସଂସ୍ଥାରେ ତାଲା ପଡ଼ିବା ପରେ ବହୁ ସଂଖ୍ୟକ କର୍ମଚାରୀ ଓ ଶ୍ରମିକ ଛଟେଇ ହୋଇ ଭୋକ ଉପାସରେ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ଗୋଟିଏ ପଟେ ଅନ୍ତର୍ଜାତୀୟ ବଜାରରେ ଲୁହାପଥର ମୂଲ୍ୟ ଭାରତୀୟ ଦରରେ ଟନ ପିଛା ୬ ହଜାର ଟଙ୍କା ହ୍ରାସ ପାଇଥିବାବେଳେ ଓଏମ୍‌ସି ଆହୁରି ଦର ବୃଦ୍ଧି କରିବାରେ ଲାଗିଛି। ଫଳରେ ନିଲାମ ପାଇଁ ରଖାଯାଇଥିବା ୯୬,୦୦୦ ଟନ ଲୌହଗୁଣ୍ଡ ଓ ୯୦,୦୦୦ ଟନ ସିଏଲଓ ବିକ୍ରି ହୋଇ ପାରି ନ ଥିଲା। ଏହା ପୂର୍ବରୁ ମଧ୍ୟ ଓଏମ୍‌ସି ଦ୍ୱାରା ଆହୂତ ୨ଟି ନିଲାମ ପ୍ରକ୍ରିୟା ମଧ୍ୟ ବିଫଳ ହୋଇଛି। କଳିଙ୍ଗନଗର ଇଣ୍ଡଷ୍ଟ୍ରି ଆସୋସିଏଶନ, ଅଲ ଓଡ଼ିଶା ଷ୍ଟିଲ୍ ଫେଡେରେଶନ ଓ ଅନ୍ୟ ଶିଳ୍ପ ସଂସ୍ଥାଗୁଡିକ ଓଏମ୍‌ସିର ଏହି ଏକପାଖିଆ ନୀତି ବିରୋଧରେ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

ଲୁହାପଥର ଦରର କ୍ରମାଗତ ମୂଲ୍ୟ ବୃଦ୍ଧି ଯୋଗୁ କଳିଙ୍ଗନଗର ଶିଳ୍ପାଞ୍ଚଳରେ କାରଖାନା ବନ୍ଦ ହେବା ଯୋଗୁ ସର୍ବାଧିକ ଦୁର୍ଦ୍ଦଶା ବିସ୍ଥାପିତମାନେ ଭୋଗୁଛନ୍ତି। କାରଣ ଶିଳ୍ପ ପାଇଁ ଜମିବାଡ଼ି ହରାଇଥିବା ବିସ୍ଥାପିତମାନେ ଏବେ ନିଯୁକ୍ତି ହରାଉଛନ୍ତି। ପରିଣତି ସ୍ୱରୂପ କେତେଜଣ ଆତ୍ମହତ୍ୟା କରୁଥିବା ଦେଖିବାକୁ ମିଳୁଛି। ତ୍ରୁଟିପୂର୍ଣ୍ଣ ମୂଲ୍ୟ ନିର୍ଦ୍ଧାରଣ ନୀତି ଯୋଗୁ କୌଣସି ଶିଳ୍ପ ସଂସ୍ଥା ଓଏମ୍‌ସିର ନିଲାମ ପ୍ରକ୍ରିୟାରେ ଭାଗ ନେଉନାହାନ୍ତି। ବରଂ ଶିଳ୍ପ କାରଖାନାକୁ ବନ୍ଦ କରି କ୍ଷତିରୁ ବଞ୍ଚିବାକୁ ଉଦ୍ୟମ କରାଯାଉଛି। ଯାଜପୁର ଜିଲାର ଏକମାତ୍ର ସରକାରୀ ଇସ୍ପାତ କାରଖାନା ନୀଳାଚଳ ଅବସ୍ଥା ଅତି ଦୟନୀୟ। ଭୋକ ଉପାସରେ ମାନସିକ ଭାରସାମ୍ୟ ହରାଇ କେତେଜଣ କର୍ମଚାରୀଙ୍କ ଜୀବନ ଯାଇଥିବାବେଳେ ଅନେକେ ନିଜ ଭାଗ୍ୟକୁ ଆଦରି ପଡିରହିଛନ୍ତି। ପ୍ରଥମେ ପ୍ଲାଣ୍ଟ ବନ୍ଦ, ଦ୍ୱିତୀୟରେ ଅନିୟମିତ ଦରମା ଏବଂ ତୃତୀୟରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ଯୋଗୁ କାରଖାନାରେ ଚୋରଙ୍କ ଆତଙ୍କରାଜ ଆରମ୍ଭ ହୋଇଛି। ବୁଧବାର ରାତିରେ ନୀଳାଚଳ ଟାଉନଶିପର ଏକ ଟ୍ରାନ୍ସଫର୍ମର ଚୋରି ହୋଇଥିବା ନେଇ କମ୍ପାନୀର ସିନିୟର ମ୍ୟାନେଜର କଳିଙ୍ଗନଗର ଥାନାରେ ଅଭିଯୋଗ କରିଛନ୍ତି। କଳିଙ୍ଗନଗର ଶିଳ୍ପାଞ୍ଚଳର ଏଭଳି ଦୁର୍ଦ୍ଦଶା ଉପରେ ସ୍ଥାନୀୟ ନେତୃବୃନ୍ଦ ଏକପ୍ରକାର ଆଖି ବନ୍ଦ କରି ଶ୍ରମିକ ଓ କର୍ମଚାରୀଙ୍କ ଦୟନୀୟ ଅବସ୍ଥାକୁ ଉପଭୋଗ କରୁଛନ୍ତି ବୋଲି ମିଳିତ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ଏହାବାଦ ଓଏମ୍‌ସିର ମନମାନି ଯୋଗୁ ରାଜ୍ୟ ସରକାର ବିପୁଳ ପରିମାଣର ରାଜସ୍ୱ କ୍ଷତି ସହୁଥିବା ଏବଂ ଏଥିପାଇଁ ଓଏମ୍‌ସି କର୍ତ୍ତୃପକ୍ଷ ଦାୟୀ ବୋଲି କଳିଙ୍ଗନଗର ଇଣ୍ଡଷ୍ଟ୍ରି ଆସୋସିଏଶନ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛି।

# ବହୁ ବ୍ୟକ୍ତିଙ୍କୁ ବିଶିଷ୍ଟ କରାଇଛି ଉତ୍କଳ ବିଶ୍ୱବିଦ୍ୟାଳୟ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୭।୮(ବ୍ୟୁରୋ)



ଧର୍ମେନ୍ଦ୍ର ପ୍ରଧାନ

ବହୁ ବ୍ୟକ୍ତିଙ୍କୁ ବିଶିଷ୍ଟ କରାଇବାରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରମୁଖ ଭୂମିକା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶୁକ୍ରବାର ନୂଆଦିଲ୍ଲୀରୁ ଭିଡ଼ିଓ କନଫରେନ୍ସିଂ ଜରିଆରେ ଉତ୍କଳ ବିଶ୍ୱବିଦ୍ୟାଳୟର ଆଲୁମିନି ସଂଘର ବାର୍ଷିକ ଉତ୍ସବରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ସରକାରଙ୍କ ଦାୟିତ୍ୱ ବ୍ୟତୀତ ଆମେ ପୁରାତନ ଛାତ୍ରୀଛାତ୍ରମାନେ ବିଶ୍ୱବିଦ୍ୟାଳୟକୁ ନୂଆ ରୂପ ଦେବା ପାଇଁ ସାମୂହିକ ପ୍ରଚେଷ୍ଟା କରିବା ଦରକାର। ବିଶ୍ୱବିଦ୍ୟାଳୟର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ପାଇଁ ନବସୃଜନର ଯୋଗଦାନ ମଧ୍ୟ ଜରୁରୀ । ଏକବିଂଶ ଶତାବ୍ଦୀରେ ଓଡ଼ିଶାକୁ ଆଗକୁ ନେବାକୁ ହେଲେ ବିଶ୍ୱବିଦ୍ୟାଳୟକୁ ଆଗକୁ ନେବା ପାଇଁ ପଡ଼ିବ । ଏଥିସହ ବହୁ ବିଶିଷ୍ଟ ବ୍ୟକ୍ତି ଗଠନରେ ଏହି ବିଶ୍ୱବିଦ୍ୟାଳୟର ଭୂମିକା ଉପରେ ଆଲୋକପାତ କରିବା ସହ ଆଲୁମିନିର ବିଶ୍ୱବିଦ୍ୟାଳୟ ଲାଗି ଥିବା ଅବଦାନ ବିଷୟରେ ଧର୍ମେନ୍ଦ୍ର ଆଲୋଚନା କରିଥିଲେ।

# କନଷ୍ଟେବଲଙ୍କୁ ଧକ୍କାଦେଇ ଓଲଟିଲା ବୋଲେରୋ





ଦୁର୍ଘଟଣାଗ୍ରସ୍ତ ବୁଲେଟ୍ ଓ ବୋଲେରୋ।

ଭୁବନେଶ୍ୱର,୨୭।୮(ବ୍ୟୁରୋ)

**ଦ୍ରୁତଗତିରୁ ଦୁର୍ଘଟଣା**
- ମୃତ କନଷ୍ଟେବଲ ଥାନା ଡ୍ୟୁଟିରେ ଭୁବନେଶ୍ୱର ଆସୁଥିଲେ
- ବୁଲେଟ ଚୁନା, ବୋଲେରୋ ଜବତ
- ଘଟଣାସ୍ଥଳରୁ ୨ ଫେରାର, ଜଣେ ଅଟକ

ଶହୀଦନଗର ଥାନା ଅନ୍ତର୍ଗତ ସତ୍‌ସଙ୍ଗ ବିହାର ନିକଟ ଜାତୀୟ ରାଜପଥରେ ଶୁକ୍ରବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଜଣେ କନଷ୍ଟେବଲଙ୍କୁ ଏକ ଦ୍ରୁତଗାମୀ ବୋଲେରୋ ପଛରୁ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ଏତେ ଶକ୍ତିଶାଳୀ ଥିଲା ଯେ, ବୁଲେଟଟି ଲୁହା ରେଲିଂ ଭାଙ୍ଗି ପାର୍ଶ୍ୱସ୍ଥ ସର୍ଭିସ୍ ରୋଡ୍‌ରେ ଛିଟିକି ପଡି ଚୁରମାର୍ ହୋଇଯାଇଥିବାବେଳେ ବୋଲେରୋଟି ମଧ୍ୟ ରାସ୍ତାରେ ଓଲଟିପଡି ଭାଙ୍ଗିଯାଇଛି। ମୃତ କନଷ୍ଟେବଲ ହେଲେ ସମ୍ବଲପୁର ଜିଲା ଧମା ଥାନା ଅନ୍ତର୍ଗତ ଗଇଁପୁରର ଅସିତ କୁମାର ମିଶ୍ର(୫୫)। ସେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନାରେ କାର୍ଯ୍ୟରତ ଥିଲେ। ସେ ଥାନା ଡ୍ୟୁଟିରେ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ଫରେନ୍‌ସିକ୍ ଲାବକୁ ଆସୁଥିଲେ। ଆଉମାତ୍ର ଅଧ ମିନିଟ୍‌ରେ ସେ ସେଠାରେ ପହଞ୍ଚିଯାଇଥାନ୍ତେ। ହେଲେ ଏହାପୂର୍ବରୁ ଏହି ଦୁଃଖଦ ଘଟଣା ଘଟିଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଭିଡ ଜମାଇବାରୁ ଜାତୀୟ ରାଜପଥରେ ଏକ ଘଣ୍ଟା ଧରି ଟ୍ରାଫିକ୍ ଜାମ୍ ହୋଇଯାଇଥିଲା। ଖବର ପାଇପୋଲିସ ପହଞ୍ଚି ତୁରନ୍ତ ଅସିତଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାରେ କରି ଏମ୍‌ସରେ ଭର୍ତ୍ତି କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରିବା ସହ ଆଇପିସି ୨୭୯, ୩୩୭, ୩୩୮, ୩୦୪-ଏରେ ମାମଲା (ନଂ.୩୩୫/୨୧) ରୁଜୁ କରି ତଦନ୍ତ ଚଳାଇଛି। ଏଥିସହ ଘଟଣାସ୍ଥଳରୁ ଦୁର୍ଘଟଣା ଘଟାଇଥିବା ବୋଲେରୋକୁ ଜବତ କରିଛି। ତେବେ ବୋଲେରୋ ଚଳାଉଥିବା ଡ୍ରାଇଭର ଓ ଅନ୍ୟଜଣେ ଫେରାର ହୋଇଯାଇଥିବାବେଳେ ସେଥିରେ ବସିଥିବା ଜଣେ ଯୁବକଙ୍କୁ ଅଟକ ରଖି ପଚରା ଉଚରା କରୁଛି। ବୋଲେରୋରେ ମଦ ବୋତଲ ଓ ଗ୍ଲାସ୍ ମିଳିଥିବାରୁ ଡ୍ରାଇଭର ମଦ୍ୟପାନ କରିଥାଇପାରନ୍ତି ବୋଲି ପୋଲିସ କହିଛି।

### ନୃସିଂହନାଥରେ ଦନ୍ତା ହାତୀ, ଗ୍ରୀଲ, ପାଚେରି ଭାଙ୍ଗିଲେ

ପାଇକମାଳ,୨୭।୮(ଡି.ଏନ.ଏ.)

ଗନ୍ଧମାର୍ଦ୍ଦନ ପର୍ବତର ପାଦଦେଶରେ ଅବସ୍ଥିତ ଗ୍ରାମ ଗୁଡ଼ିକରେ ଗତ ତିନିଦିନ ହେବ ଦୁଇଟି ଦନ୍ତା ହାତୀ ବୁଲୁଥିବା ଦେଖିବାକୁ ମିଳିଛି । ଗୁରୁବାର ସନ୍ଧ୍ୟାରେ ହାତୀ ଦୁଇଟି ମିଠାପଲି ଗ୍ରାମ ନିକଟରେ ଥିବା ଜଙ୍ଗଲରେ ବୁଲୁଥିଲେ । ଶୁକ୍ରବାର ଭୋରରୁ ହାତୀ ଦୁଇଟି ନୃସିଂହନାଥ ମନ୍ଦିର ପରିସରରେ ଥିବା ଯାତ୍ରୀ ନିବାସର ପାଚେରି ଡେଇଁ ଯାତ୍ରୀ ନିବାସର ଆଗ ଓ ପଛ ଲୁହା କବାଟ ତଥା ଗ୍ରୀଲକୁ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ଉଦ୍ୟାନ କୃଷି ବିଭାଗର ପାଚେରୀ ମଧ୍ୟ ଭାଙ୍ଗିଛି। ସେମାନେ ନୃସିଂହନାଥ ଆମ୍ବ ବଗିଚାର ତାର ବାଡ଼ ଭାଙ୍ଗି ଜର୍ଜଗଡ଼ ଗ୍ରାମର କିଛି ଚାଷ ଜମିକୁ ଦଳିଚକଟି ନଷ୍ଟ କରିଛନ୍ତି। ଦିନ ସମୟରେ ହାତୀ ଖଣ୍ଡିଝରଣ ଜଙ୍ଗଲରେ ଥିବା ନୃସିଂହନାଥ ରେଞ୍ଜର ଗିରିଧାରୀ ପ୍ରଧାନ ସୂଚନା ଦେଇଛନ୍ତି। ନିକଟସ୍ଥ ଗ୍ରାମବାସୀଙ୍କୁ ସତର୍କ ରହିବା ପାଇଁ ବିଭାଗ ତରଫରୁ ନିବେଦନ କରାଯାଇଛି। ନୃସିଂହନାଥର ଦୋକାନୀମାନେ ଭୟଭୀତ ଥିବା କହିଛନ୍ତି ।

### ବିଶେଷଜ୍ଞ କମିଟିର ଉପ କାରାଗାର ପରିଦର୍ଶନ

ସୋନପୁର,୨୭।୮(ନି.ପ୍ର.)

ଓଡିଶା ସରକାରଙ୍କ ଦ୍ୱାରା ମନୋନୀତ ବିଶେଷଜ୍ଞ କମିଟି ଗୁରୁବାର ସୋନପୁର ଉପକାରାଗାର ପରିଦର୍ଶନ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ସସ୍ମିତା ମିଶ୍ରଙ୍କ ସମେତ ବିଶେଷଜ୍ଞ କମିଟିର ସଭ୍ୟ ନୀଳାମ୍ବର ଶତପଥୀ, ରାଜୀବ ଲୋଚନ ଗୁରୁ, ହେମନ୍ତ କୁମାର ସା ଓ ଜିଲା ଶିଶୁ ସୁରକ୍ଷା ବିଭାଗର ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର କାରାଗାରର ଅନ୍ତେବାସୀଙ୍କ ସହିତ ଆଲୋଚନା କରିଥିଲେ। କମିଟିର ଗସ୍ତ ସମୟରେ କୌଣସି ଶିଶୁ କାରାଗାରରେ ନ ଥିବା ପରିଲକ୍ଷିତ ହୋଇଥିଲା। ଜିଲା ଆଇନସେବା ପ୍ରାଧିକରଣର ସମ୍ପାଦିକା ମିଶ୍ର ଆଇନର ବିଭିନ୍ନ ଦିଗ ବିଷୟରେ ଅନ୍ତେବାସୀଙ୍କୁ ବୁଝାଇଥିଲେ। ଉପକାରାଗାର ଅଧକ୍ଷ ଡିଲେଶ୍ୱର ଜେନା କମିଟିକୁ ସହଯୋଗ କରିଥିଲେ ।

# ଅନୁଭବଙ୍କ ପକ୍ଷରୁ ସତ୍ୟପାଠ ଦାଖଲ

କଟକ ଅଫିସ,୨୭।୮

**ପାରିବାରିକ ବିବାଦ ମାମଲା**

କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଓ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ପାରିବାରିକ ବିବାଦ ମାମଲାର ଶୁଣାଣି କଟକ ଜିଲା ପରିବାର ଅଦାଲତରେ ଶୁକ୍ରବାର ହେବାର ଥିଲା। ହେଲେ ଉଭୟ ଅଦାଲତକୁ ଆସି ନ ଥିଲେ। ଅନୁଭବଙ୍କ ଓକିଲ ଆଲୋକ ମହାପାତ୍ର ଅଦାଲତରେ ସତ୍ୟପାଠ ଦାଖଲ କରିଥିଲେ। ପରେ ଅଦାଲତ ଅନ୍ୟ ଏକ ତାରିଖକୁ ଏହାର ଶୁଣାଣି ଘୁଞ୍ଚାଇ ଦେଇଛନ୍ତି। ଏହି ମାମଲାର ଶୁଣାଣି ଜଷ୍ଟିସ ଏସ୍. ଦାଶ କରୁଥିବାବେଳେ ଅନୁଭବଙ୍କ ଓକିଲ ମହାପାତ୍ର ଓ ବର୍ଷାଙ୍କ ଓକିଲ ଆର.କେ. ରଥ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ପାରିବାରିକ ବିବାଦ ମାମଲାର ସମାଧାନ ପାଇଁ ପୂର୍ବରୁ କଟକ ପରିବାର ଅଦାଲତଙ୍କ ମଧ୍ୟସ୍ଥତା କେନ୍ଦ୍ରରେ ବର୍ଷା-ଅନୁଭବଙ୍କୁ କାଉନ୍‌ସେଲିଂ କରାଯାଇଥିଲା। କିନ୍ତୁ ସମାଧାନ ହୋଇ ନ ପାରିବାରୁ ବୁଝାମଣା ପ୍ରକ୍ରିୟାର ଅନ୍ତ ଘଟିଥିଲା। ଉଭୟଙ୍କ ମାମଲା ଜିଲା ପରିବାର ଅଦାଲତରେ ଚାଲୁ ରହିଛି। ଏହାର ଦ୍ରୁତ ଶୁଣାଣି ପାଇଁ ଅନୁଭବ ହାଇକୋର୍ଟରେ ରିଟ୍ ପିଟିଶନ ଦାଖଲ କରିଥିଲେ। ପରିବାର ଅଦାଲତରେ ମାମଲାର ଶୁଣାଣିରେ ଅଗ୍ରଗତି ହୋଇଥିବା ପ୍ରସଙ୍ଗ ବିଚାରକୁ ନେଇ ହାଇକୋର୍ଟ ଅନୁଭବଙ୍କ ଆବେଦନ ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ।

# ୨୦ ବୋମା ସହ ଦୁଇ ବନ୍ଧୁକ ଜବତ: ଦୁଇ ଗିରଫ

ଦେବଗଡ଼, ୨୭।୮ (ଡି.ଏନ୍.ଏ.)

ଦେବଗଡ଼ ଜିଲା ପୋଲିସର ସ୍ପେଶାଲ ସ୍କ୍ୱାଡ୍ ରିଆମାଳ ଥାନା କଂସର ଫାଣ୍ଡି ଅଞ୍ଚଳରେ ଚଢାଉ କରି ୨୦ଟି ଦେଶୀ ବୋମା, ୨ବନ୍ଧୁକ ଜବତ କରିଛି। ବୋମା ଓ ବନ୍ଧୁକ ରଖିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପଥୁରିଆନାଳି ଗ୍ରାମର କରୁଣାକର ଖୁଣ୍ଟିଆ(୪୨) ଓ ମିଞ୍ଜାରୀବାହାଲ ଗ୍ରାମର ସୁଦନ ପ୍ରଧାନ (୨୫)। ଏନେଇ ଶୁକ୍ରବାର ମଧ୍ୟାହ୍ନରେ ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜକିଶୋର ପାଇକରାୟ ସୂଚନା ପ୍ରଦାନ କରିଛନ୍ତି।

ସେ କହିଛନ୍ତି, କଂସର ଫାଣ୍ଡି ଅଞ୍ଚଳରେ ବେଆଇନ ବନ୍ଧୁକ ରହିଥିବା ସୂଚନା ମିଳିଥିଲା। ଏସ୍‌ଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ରଙ୍କ ନେତୃତ୍ୱରେ ସ୍ପେଶାଲ ସ୍କ୍ୱାଡ୍ ଗୁରୁବାର ରାତିରେ କଂସର ଫାଣ୍ଡି ଅନ୍ତର୍ଗତ ପଥୁରିଆନାଳି ଓ ମିଞ୍ଜାରୀବାହାଲ ଗ୍ରାମରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ କରୁଣାକର ଓ ସୁଦନଙ୍କ ନିକଟରୁ ୨୦ରୁ ଊର୍ଦ୍ଧ୍ୱ ବୋମା ଓ ୨ଟି ଦେଶୀ ବନ୍ଧୁକ ଜବତ କରାଯାଇଛି। ଉଭୟଙ୍କ ବିରୋଧରେ ରିଆମାଳ ଥାନାରେ ଆର୍ମସ୍ ଆକ୍ଟରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନେ କୌଣସି ଆପରାଧିକ ସଙ୍ଗଠନ ସହ ଜଡିତ କି ନୁହଁନ୍ତ, ବେଆଇନ ବୋମା ଓ ବନ୍ଧୁକକୁ କେଉଁ ଉଦ୍ଦେଶ୍ୟରେ ରଖିଥିଲେ ସେ ନେଇ ଅଧିକ ତଦନ୍ତ ଚାଲିଥିବା ଏସ୍‌ପି ରାୟ ସୂଚନା ଦେଇଛନ୍ତି।



ଜବତ ବନ୍ଧୁକ ସହ ଗିରଫ ଦୁଇ ଅଭିଯୁକ୍ତ ଓ ପୋଲିସ।

# ୨ ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ୍, ଜରିମାନା

କଟକ ଅଫିସ, ୨୭।୮

**ସୈନିକଙ୍କୁ ଜମି ଯୋଗାଇବା ନାଁରେ ଠକେଇ**

ସୈନିକମାନଙ୍କୁ ବାସୋପଯୋଗୀ ଜମି ଯୋଗାଇବା ନାଁରେ ଟଙ୍କା ଠକିନେବା ଘଟଣାରେ କଟକର ସ୍ପେଶାଲ ଓଡ଼ିଶା ପ୍ରୋଟେକ୍ସନ ଅଫ ଇଣ୍ଟେରେଷ୍ଟସ୍ ଅଫ ଡିପୋଜିଟର୍ସ (ଓପିଆଇଡି)ଅଦାଲତ ଶୁକ୍ରବାର ଅଭିଯୁକ୍ତ ରାକେଶ ରାଣା ଓ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉଭୟଙ୍କୁ ୫ ବର୍ଷ ଜେଲ୍‌ଦଣ୍ଡ ସହ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅନାଦାୟେ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ। ସେହିପରି ଠକେଇରେ ଜଡିତ ଥିବା ଦୁଇ ସଂସ୍ଥାକୁ ୨ ଲକ୍ଷ ଲେଖାଏ ଜରିମାନା ଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନା ମୁତାବକ, ରାକେଶ ଜଣେ ପୂର୍ବତନ ସେନା ଅଧିକାରୀ। ସେ ଦ୍ୱାରକାରେ ସୈନିକ ୱେଲଫେୟାର ଅର୍ଗାନାଇଜେଶନ ଇଣ୍ଡିଆ ନାମକ ଏକ ଏନ୍‌ଜିଓ ସଂସ୍ଥା ଖୋଲି ଜମି ଯୋଗାଇଦେବାକୁ ଦେଶର ବିଭିନ୍ନ ରାଜ୍ୟର ସେନା କର୍ମଚାରୀଙ୍କୁ ପ୍ରଲୋଭନ ଦେଖାଇଥିଲେ। ଏହି ସଂସ୍ଥା କେବଳ ସେନା କର୍ମଚାରୀଙ୍କ ସ୍ୱାର୍ଥପାଇଁ ଗଢାଯାଇଛି ବୋଲି ସେ କହିଥିଲେ। ଅନୁରୂପଭାବେ ସେ ଭୁବନେଶ୍ୱରର ଗିରିଙ୍ଗପୁଟ ମୌଜାରେ ୨୭ ଏକର ଜମିକୁ ପ୍ଲଟିଂକରି ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ କମ୍ପାନୀ ବ୍ରୋକ୍‌ସନ ଇନଫ୍ରାଷ୍ଟ୍ରକଚର ପ୍ରାଇଭେଟ ଲିମିଟେଡ଼ ଜରିଆରେ ଜମି ଯୋଗାଇଦେବେ ବୋଲି କହିଥିଲେ। ରାକେଶ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ଜମି ଯୋଗାଇବା ନାଁରେ ଚୁକ୍ତିନାମା ଓ ଅର୍ଥ ରସିଦ ଆଦି ଜାଲ୍ କାଗଜପତ୍ର ପ୍ରସ୍ତୁତ କରିଥିଲେ। ୨୦୧୦ରୁ ୨୦୧୫ ପର୍ଯ୍ୟନ୍ତ ମୋଟ୍ ୨୯ କୋଟି ଆଦାୟ କରିଥିଲେ। ପରେ ଅଭିଯୁକ୍ତ ଅଭିଯୋଗକାରୀମାନଙ୍କୁ ଜମି ଯୋଗାଇ ପାରି ନ ଥିଲେ କି ଟଙ୍କା ଫେରାଇ ନ ଥିଲେ। ୧୦୦୦ରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ସେନା କର୍ମଚାରୀ ଏହି ଠକେଇର ଶିକାର ହୋଇଥିଲେ। ସେମାନଙ୍କ ମଧ୍ୟରୁ ହାବିଲଦାର ଚନ୍ଦନ କୁମାର ଓ ଅନ୍ୟ କେତେଜଣ ନୂଆଦିଲୀର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ)ରେ ଅଭିଯୋଗ କରିବା ପରେ ଏକ ମାମଲା (ନଂ.୨୫/୧୮) ରୁଜୁ ହୋଇଥିଲା। ସେହିପରି ଭୁବନେଶ୍ୱର ଇଓଡବ୍ଲ୍ୟୁ ଓ ଦ୍ୱାରକା ଥାନାରେ ମଧ୍ୟ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ରାକେଶ ଓ ପୂର୍ଣ୍ଣଚନ୍ଦ୍ରଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଥିଲା। ପରେ କୋର୍ଟରେ ଚାର୍ଜଶିଟ୍ ଦାଖଲ କରାଯାଇଥିଲା। ଏହି ମାମଲାର ବିଚାରକରି ଓପିଆଇଡି କୋର୍ଟ ଉପରୋକ୍ତ ରାୟ ଶୁଣାଇଥିବା ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ ମହାପାତ୍ର ଗଣମାଧ୍ୟମ ଆଗରେ ସୂଚନା ଦେଇଛନ୍ତି।

# ଜିଏମ୍‌ୟୁ ଦ୍ୱିତୀୟ କ୍ୟାମ୍ପସ୍‌ର ଶିଳାନ୍ୟାସ

ସମ୍ବଲପୁର,୨୭।୮(ବ୍ୟୁରୋ)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ଦ୍ୱିତୀୟ କ୍ୟାମ୍ପସ୍ ନିର୍ମାଣ ପାଇଁ ଶୁକ୍ରବାର ଶିଳାନ୍ୟାସ ହୋଇଛି। ମହାନଗର ନିଗମ ଅଧୀନ ବଡସିଙ୍ଗାରୀ ଗ୍ରାମ ନିକଟରେ ଏହା ନିର୍ମାଣ ହେବ। ଜିଏମ୍‌ୟୁ କୁଳପତି ପ୍ରଫେସର ଏନ୍ ନାଗାରାଜୁ ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅର୍କ କେଶରୀ ଦାସ ମହାପାତ୍ର, କୁଳସଚିବ ଡ. ମାନସ ରଞ୍ଜନ ପୂଜାରୀ, ପ୍ରଫେସର ଶଙ୍କର ପ୍ରସାଦ ପତି, ପ୍ରଫେସର କାଳିଦାସ ମିଶ୍ର, ଡ. କାମଦେବ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଏମ୍‌ୟୁ କୁଳସଚିବ ଯୋଗଲେଶ୍ୱରୀ ଦାସ, ଉପ କୁଳସଚିବ ଡ. ଉମାଚରଣ ପତି, ପିଜି କାଉନ୍‌ସିଲ ଅଧ୍ୟକ୍ଷ ପ୍ରଫେସର ମୋହିନ ମହମ୍ମଦ, ମୁଖ୍ୟ ୱାଡେନ ଡାକ୍ତର ସିକତା ପଣ୍ଡା, କନକଲତା ଏକ୍କା, ଡ. ଶ୍ୟାମା ଚରଣ ଆଚାର୍ଯ୍ୟ, ଡ. ହେମକୁମାର ନାଏକ, ଡ. ସଚ୍ଚିଦାନନ୍ଦ ମହପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଭର୍ଚୁଆଲ ମାଧ୍ୟମରେ ପୂର୍ବତନ କୁଳପତି ପ୍ରଫେସର ସୁଧାଂଶୁ ରଥ, ପ୍ରଫେସର ଅତନୁ କୁମାର ପତିଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ଯୋଡି ହୋଇଥିଲେ। ୨୦୧୫ରେ ଗଙ୍ଗାଧର ମେହେର କଲେଜ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଥିଲା। ହେଲେ ଆବଶ୍ୟକ ଅନୁସାରେ ଭିତ୍ତିଭୂମିର ଅଭାବ ରହିଥିଲା। ଏ ନେଇ ଜିଏମ୍‌ୟୁ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲା। ରାଜ୍ୟ ସରକାର ଏଥିପାଇଁ ମହାନଗର ନିଗମର ବସନ୍ତପୁର ମୌଜାରେ ପ୍ରଥମ ପର୍ଯ୍ୟାୟରେ ୪୭ ଓ ପରେ ୨୦ ମୋଟ ୬୭ ଏକର ଜମି ପ୍ରଦାନ କରିଛନ୍ତି। ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ମଧ୍ୟ ପ୍ରଥମ ପର୍ଯ୍ୟାୟରେ ୨ କୋଟି ୧୧ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ପୋଲିସ ହାଉସିଂ ବୋର୍ଡ ପକ୍ଷରୁ ନିର୍ମାଣ କାମ କରାଯିବ। ପ୍ରଥମେ ବାଉଣ୍ଡରି କାନ୍ଥ ନିର୍ମାଣ ଆରମ୍ଭ ହୋଇଛି। ପର୍ଯ୍ୟାୟ କ୍ରମେ ଆତ୍ୟାଧୁନିକ ଢଙ୍ଗରେ କ୍ୟାମ୍ପସ୍ ନିର୍ମାଣ କରାଯିବ ବୋଲି ଉପ କୁଳସଚିବ ପତି ସୂଚନା ଦେଇଛନ୍ତି।

# ନିଲମ୍ବିତ କନଷ୍ଟେବଲଙ୍କ ନାଁରେ ଘରୋଇ ହିଂସା ଅଭିଯୋଗ

ରାୟଗଡ଼ା ଅଫିସ,୨୭।୮

- ବେଆଇନ ଗଞ୍ଜେଇ, ମଦ କାରବାରରେ ଥିଲେ ସମ୍ପୃକ୍ତ
- ମନ୍ତ୍ରୀ, ଅଧିକାରୀ ସହଯୋଗ କରୁଥିଲେ: ସ୍ତ୍ରୀ

ରାୟଗଡ଼ା ଜିଲା ଅବକାରୀ ବିଭାଗର ଅଧିକାରୀ ଏବଂ କର୍ମଚାରୀ ଜଣେ ବ୍ୟବସାୟୀଙ୍କ ସହ ଲାଞ୍ଚ କାରବାର ବିଷୟରେ ଆଲୋଚନା ବେଳର ଭିଡିଓ ଏବଂ ଅଡିଓ କିଛିଦିନ ତଳେ ଭାଇରାଲ ହୋଇଥିଲା। ଏହି ଘଟଣାରେ ଅଗଷ୍ଟ ୧୬ରେ ଅବକାରୀ କନଷ୍ଟେବଲ ସୁଶାନ୍ତ ପାତ୍ରଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ଏବେ ସ୍ତ୍ରୀ ପ୍ରଜ୍ଞା ପରିମିତା ଗରାବଡ୍ଡୁ ସ୍ୱାମୀ ସୁଶାନ୍ତଙ୍କ ବିରୋଧରେ ନିର୍ଯ୍ୟାତନା ଅଭିଯୋଗ ଆଣିଛନ୍ତି। ଏଥିସହ ଶାସକ ଦଳର ମନ୍ତ୍ରୀ, ନେତା ଓ ଅଧିକାରୀଙ୍କ ଛତ୍ରଛାୟା ତଳେ ରହି ବେଆଇନ ଗଞ୍ଜେଇ ଓ ମଦ କାରବାରରେ ସମ୍ପୃକ୍ତ ଥିବା ମଧ୍ୟ ସ୍ତ୍ରୀ ଅଭିଯୋଗ କରିଛନ୍ତି।

ଏମିତିକି ସୁଶାନ୍ତ ଜିଲାରୁ ବାହାରକୁ ଗଞ୍ଜେଇ ଚାଲାଣ ଏବଂ ମଦ ବ୍ୟବସାୟୀଙ୍କୁ ବେଆଇନ କାର୍ଯ୍ୟ କରିବାରେ ସହଯୋଗ କରି ଲକ୍ଷାଧିକ ଟଙ୍କା ପାଉଥିଲେ ବୋଲି ପ୍ରଜ୍ଞା କହିଛନ୍ତି। ଏହି ଗଞ୍ଜେଇ ଓ ମଦ କାରବାରରେ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ସମେତ ଅନ୍ୟ କେତେଜଣ ନେତା, ଅବକାରୀ ଏସ୍‌ପି ପ୍ରସନ୍ନ ନାୟକ ସହଯୋଗ କରୁଥିଲେ ବୋଲି ସେ କହିଛନ୍ତି। ଏ ନେଇ ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ତତ୍କାଳୀନ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ସମୟରେ ଏହାର ତଦନ୍ତ ଭାର ପୂର୍ବତନ ଏଡିଏମ୍ ଶରତ ଚନ୍ଦ୍ର ପଣ୍ଡାଙ୍କୁ ଦିଆଯାଇଥିଲା। ସେ ମାମଲାର ସମାଧାନ ପାଇଁ ପ୍ରଜ୍ଞାଙ୍କୁ ଡାକିଥିଲେ। ତେବେ ଜୀବନ ପ୍ରତି ବିପଦ ଥିବା କହି ପ୍ରଜ୍ଞା ଭର୍ଚୁଆଲ ଆଲୋଚନା ନିମନ୍ତେ ଅନୁରୋଧ କରିଥିଲେ। ଅନ୍ୟପକ୍ଷରେ ଏହାର ତଦନ୍ତ ଜାରି ରହିଥିବା ସେ କହିଛନ୍ତି। ସେହିପରି ଅଭିଯୋଗକାରିଣୀଙ୍କ ସ୍ୱାମୀ ତଥା ନିଲମ୍ବିତ କନଷ୍ଟେବଲ ସୁଶାନ୍ତଙ୍କୁ ଏ ବିଷୟରେ ପଚାରିବାରୁ, ୨୦୧୯ରୁ ସ୍ତ୍ରୀ ଘର ଛାଡ଼ି ଚାଲିଯାଇଥିବା କହିଛନ୍ତି। ଏମିତିକି ସ୍ତ୍ରୀ କରିଥିବା ସମସ୍ତ ଅଭିଯୋଗ ମିଥ୍ୟା ବୋଲି କହିଛନ୍ତି। ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ମତାମତ ନେବାରୁ ଅଭିଯୋଗରେ କୌଣସି ସତ୍ୟତା ନ ଥିବା କହିଛନ୍ତି।

## ସଂକ୍ଷେପରେ

### ଷ୍ଟାର୍ଟଅପ୍‌ଗୁଡ଼ିକୁ ସଶକ୍ତ କରିବ ମାଇକ୍ରୋସଫ୍ଟ

**ନୂଆଦିଲ୍ଲୀ,୨୭।୮:** ଦେଶରେ ଟେକ୍ ଷ୍ଟାର୍ଟଅପ୍‌ଗୁଡ଼ିକୁ ସମର୍ଥନ କରିବା ପାଇଁ ମାଇକ୍ରୋସଫ୍ଟ ଇଣ୍ଡିଆ ଭାରତ ସରକାରଙ୍କ ରାଷ୍ଟ୍ରୀୟ ନିବେଶ ପ୍ରୋତ୍ସାହନ ତଥା ସୁବିଧା ଏଜେନ୍ସି, ଇନ୍‌ଭେଷ୍ଟ ଇଣ୍ଡିଆ ସହିତ ସହଯୋଗ ଘୋଷଣା କରିଛି । ଇନ୍‌ଭେଷ୍ଟ ଇଣ୍ଡିଆ ଦ୍ୱାରା ଗଠିତ ଏବଂ ସମ୍ପାଦିତ, ମିଶନ ଷ୍ଟାର୍ଟଅପ୍‌ଗୁଡ଼ିକୁ ଉଦ୍ୟମ ପ୍ରସ୍ତୁତ ହେବାକୁ ସାହାଯ୍ୟ କରିଛି । ଏଜିଏନ୍‌ଏଲ୍‌ଆଇ ମିଶନର ସମର୍ଥନ ଦ୍ୱାରା ଷ୍ଟାର୍ଟଅପ୍ ପ୍ରୋଗ୍ରାମ ପାଇଁ ମାଇକ୍ରୋସଫ୍ଟରେ ୧୧ଟି ଷ୍ଟାର୍ଟଅପ୍‌କୁ ମାଇକ୍ରୋସଫ୍ଟ ଅନ୍‌ବୋର୍ଡ କରିଛି । କୃଷି, ପ୍ରତିରକ୍ଷା ଓ ସୁରକ୍ଷା, ଆଇଟି, ଆଇଟିଇଏସ୍, ଇ-ମୋବିଲିଟି, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଆର୍ଥିକ ସେବା ପରି ବିଭିନ୍ନ ଉଦ୍ୟୋଗରେ ଏହି ଷ୍ଟାର୍ଟଅପ୍‌ଗୁଡିକ ପରିବ୍ୟାପ୍ତ ଅଛନ୍ତି। ଇନ୍‌ଭେଷ୍ଟ ଇଣ୍ଡିଆର ଏମ୍‌ଡି ଏବଂ ସିଇଓ ଦୀପକ ବାଗଲା କହିଲେ, ବୈଶ୍ୱିକ ଅର୍ଥନୀତିରେ ଭାରତର ନିରନ୍ତର ଶକ୍ତି ସୁନିଶ୍ଚିତ କରିବା ପାଇଁ ଭାରତୀୟ ନବସୃଜନକୁ ପ୍ରତିପୋଷଣ ଦେବାକୁ ବିଶ୍ୱର ଶୀର୍ଷ ଉଦ୍ୟମଗୁଡ଼ିକ ସହ ଦୃଢ଼ ସମ୍ପର୍କ ସ୍ଥାପନ କରିବାକୁ ପ୍ରୋତ୍ସାହନ ଦେବା ଏଜିଏନ୍‌ଏଲ୍‌ଆଇର ଅନ୍ୟତମ ପ୍ରମୁଖ ଅବଦାନ ।

### ମିନ୍ତ୍ରା ବ୍ରାଣ୍ଡ୍ କ୍ୟାମ୍ପେନ୍ ଘୋଷଣା

**ନୂଆଦିଲ୍ଲୀ,୨୭।୮:** ପ୍ରମୁଖ ଇ-କମର୍ସ ବ୍ରାଣ୍ଡ୍ ମିନ୍ତ୍ରା ପକ୍ଷରୁ ହ୍ରିତିକ୍ ରୋଶନ, ବିଜୟ୍ ଦେବେରକୋଣ୍ଡା ଓ ଦଲ୍‌କ୍ୱେର୍ ସଲ୍‌ମାନଙ୍କୁ ଏହାର ନୂତନ ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। ସେଲିବ୍ରିଟି ଆମ୍ବାସାଡର କିଆରା ଆଡ୍‌ଭାନୀ ଓ ସାମନ୍ଥା ଅକିନେନି ଭାରତୀୟ ଫ୍ୟାଶନ କ୍ଷେତ୍ରରେ ଏହାର ସ୍ଥିତିକୁ ଆହୁରି ଉନ୍ନତ କରିବେ। ମିନ୍ତ୍ରା ଷ୍ଟାର୍-ଷ୍ଟଡେଡ୍ ବ୍ରାଣ୍ଡ କମର୍ସିଆଲ୍ ବା ବିଜ୍ଞାପନଗୁଡିକର ଏହାର ସର୍ବବୃହତ୍ ଶୃଙ୍ଖଳାକୁ ଉନ୍ମୋଚନ କରିବା ପାଇଁ ପ୍ରସ୍ତୁତ ରହିଛି। ଏହି ବିଜ୍ଞାପନଗୁଡିକ ଦେଶବ୍ୟାପୀ ଉପଭୋକ୍ତାମାନଙ୍କୁ ଆକର୍ଷିତ କରିବାକୁ ଲକ୍ଷ୍ୟ ରଖିଛି। ବ୍ରାଣ୍ଡ୍ କ୍ୟାମ୍ପେନ୍‌ର ଶୁଭାରମ୍ଭ ସମ୍ପର୍କରେ ମିନ୍ତ୍ରାର ସିଏମ୍‌ଓ ହରିଶ ନାରାୟଣ କହିଛନ୍ତି, ଫ୍ୟାଶନ ଅଭିଜ୍ଞ ଭାବେ ପ୍ରଶଂସିତ ହୋଇଥିବା ଏହି ଶୀର୍ଷ ଫ୍ୟାଶନ ଆଇକନମାନେ ମିନ୍ତ୍ରାର ସର୍ବବୃହତ୍ ଷ୍ଟାର୍-ଷ୍ଟଡେଡ୍ କ୍ୟାମ୍ପେନ୍‌ର ଅଂଶ ହେବେ।

# ଅଟୋ କ୍ଷେତ୍ର ଲାଗି ପିଏଲ୍‌ଆଇ ସ୍କିମ୍ ଶୀଘ୍ର

## ନିର୍ମାତାଙ୍କୁ ମିଳିବ ୫୭ ହଜାର କୋଟିର ପ୍ରୋତ୍ସାହନ



ଚେନ୍ନାଇ,୨୭।୮

ଅଟୋମୋବାଇଲ କ୍ଷେତ୍ରରେ ସ୍ଥାନୀୟ ଉଦ୍ୟୋଗକୁ ଗୁରୁତ୍ୱ ଏବଂ ଆମଦାନୀ ନିର୍ଭରତା କମାଇବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିଲାଗି ଉତ୍ପାଦନ ସଂଯୋଗୀ ନିବେଶ ଯୋଜନା(ପିଏଲ୍‌ଆଇ) ସ୍କିମ୍ ସମ୍ପର୍କରେ ଘୋଷଣା କରାଯିବ। ବଜେଟରେ ଏହି ଯୋଜନାରେ ୫୭ ହଜାର କୋଟି ଟଙ୍କା ବ୍ୟୟ ବରାଦ କରାଯିବା ନେଇ ଯୋଜନା ରଖାଯାଇଛି। ଏହି ଯୋଜନା ଘୋଷଣା କରିବାକୁ ଭାରି ଉଦ୍ୟୋଗ ବିଭାଗ ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି ବୋଲି କେନ୍ଦ୍ର ଭାରି ଉଦ୍ୟୋଗ ମନ୍ତ୍ରୀ ମହେନ୍ଦ୍ର ନାଥ ପାଣ୍ଡେ କହିଛନ୍ତି। ଅଟୋମୋବାଇଲ ଯନ୍ତ୍ରାଂଶ ନିର୍ମାଣକାରୀ ସଂଘ(ଏସିଏମ୍‌ଏ)ର ୬୧ ତମ ବାର୍ଷିକ କାର୍ଯ୍ୟକ୍ରମ ଅବସରରେ ଅତିଥି ଭାବେ ଯୋଗଦେଇ ସେ କହିଛନ୍ତି, ଆଗାମୀ ୫ ବର୍ଷରେ ଅଟୋମୋବାଇଲ ଯନ୍ତ୍ରାଂଶ ରପ୍ତାନିକୁ ୩୦ ବିଲିୟନ ଡଲାରରେ ପହଞ୍ଚାଇବାକୁ ଏହି ଉଦ୍ୟୋଗ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ମୋଟ ୭୫ ଲକ୍ଷ ଲୋକଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଅଟୋମୋବାଇଲ ଶିଳ୍ପ ସ୍ଥାନୀୟ ଉତ୍ପାଦନ ଉପରେ ଧ୍ୟାନ କେନ୍ଦ୍ରିତ କରିବାର ଆବଶ୍ୟକତା ରହିଛି। ଚାଇନା ଆମଦାନୀ ନିର୍ଭରତା କମ୍ କରିବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ବର୍ତ୍ତମାନ ବିଶ୍ୱସ୍ତରୀୟ ଅଟୋମୋବାଇଲ କମ୍ପାନୀଗୁଡିକ ଚାଇନା ବାହାରୁ ସୋର୍ସିଂ କରିବା ଲାଗି ଗୁରୁତ୍ୱ ଦେଉଛନ୍ତି। ଏହାକୁ ବିଚାର କଲେ ଭାରତୀୟ କମ୍ପାନୀଗୁଡିକ ନିକଟରେ ଏ ଦିଗରେ ବଡ ସୁଯୋଗ ରହିଛି। କାଟାଲିଟିକ କନଭର୍ଟର, ଇଲେକଟ୍ରୋନିକ୍ସ ଏବଂ ଇଲେକ୍ଟ୍ରିକାଲ ଯନ୍ତ୍ରାଂଶ, ସେମି କଣ୍ଡକ୍ଟର ଏବଂ ଅନ୍ୟ କ୍ରିଟିକାଲ ଯନ୍ତ୍ରାଂଶ ଚାଇନା ବଜାରରୁ ମଗାଇବା ପରିବର୍ତ୍ତେ ଭାରତରେ ପ୍ରସ୍ତୁତ କରିବାକୁ ସେ ନିର୍ମାତାଙ୍କୁ ଆହ୍ୱାନ ଜଣାଇଛନ୍ତି।

ସୋସାଇଟି ଅଫ୍ ଅଟୋମୋବାଇଲ ମାନୁଫାକଚର୍ସ(ସିଆମ୍) ସଭାପତି କେନିଚି ଆୟୁକାୱା କହିଛନ୍ତି, ଗତ ବର୍ଷ ସେମି କଣ୍ଡକ୍ଟର ଅଭାବ ଦେଖାଯିବାରୁ ଅଟୋମୋବାଇଲ ଶିଳ୍ପ ବିଭିନ୍ନ ସମସ୍ୟା ଦେଇ ଗତି କରିଥିଲା। ଚଳିତ ବର୍ଷ ମଧ୍ୟ ଏ କ୍ଷେତ୍ରରେ ସମସ୍ୟା ରହିବ। ସେମି କଣ୍ଡକ୍ଟର ମାନୁଫାକ୍ଚର ବଡ ନିବେଶର ଆବଶ୍ୟକ କରୁଛନ୍ତି। ଭାରତୀୟ ଅଟୋମୋବାଇଲ ଶିଳ୍ପ ଏହି ନିବେଶ କରିବା ସ୍ଥିତି ସମ୍ପର୍କରେ ପ୍ରତିଶ୍ରୁତି ଦେଇ ପାରିବ ନାହିଁ। ସରକାରଙ୍କ ସହାୟତା ମିଳିଲେ ସ୍ଥାନୀୟ ସ୍ତରରେ ମାନୁଫାକଚରିଂ ସଫଳତା ଲାଭ କରିବ ବୋଲି ଆୟୁକାୱା ମତବ୍ୟକ୍ତ କରିଛନ୍ତି।

# ଏନ୍‌ଆଇଏନ୍‌ଏଲ୍‌କୁ ଏନ୍‌ଏମ୍‌ଡିସିର ସହାୟତା

## ଲୁହାପଥର ଖନନରେ ସହାୟକ ହେବ

ଭୁବନେଶ୍ୱର,୨୭।୮

ନ୍ୟାଶନାଲ ମିନେରାଲ ଡେଭେଲପମେଣ୍ଟ କର୍ପୋରେଶନ (ଏନ୍‌ଏମ୍‌ଡିସି), ଓଡ଼ିଶାରେ ଖଣି କାର୍ଯ୍ୟ ପୁନଃ ଆରମ୍ଭ ପାଇଁ ନୀଳାଚଳ ଇସ୍ପାତ ଲିମିଟେଡ (ଏନ୍‌ଆଇଏନ୍‌ଏଲ୍)କୁ ବୈଷୟିକ ଏବଂ ଆର୍ଥିକ ସହାୟତା ଯୋଗାଇବାକୁ ପଦକ୍ଷେପ ନେଇଛି । ମିଥିରଡ଼ା ଖଣି ବ୍ଲକରେ ଏନ୍‌ଆଇଏନ୍‌ଏଲ୍ ଲୁହାପଥର ଖଣି କାର୍ଯ୍ୟ ଶୁକ୍ରବାର ପୁନର୍ବାର ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଏନ୍‌ଏମ୍‌ଡିସି ସିଏମ୍‌ଡି ସୁମିତ ଦେବ, ଏନ୍‌ଏମ୍‌ଡିସି ଉତ୍ପାଦନ ବିଭାଗ ନିର୍ଦ୍ଦେଶକ ପ୍ରକାଶ ଶତପଥୀ, ଏନ୍‌ଆଇଏନ୍‌ଏଲ୍ ଏମ୍‌ଡି ଆର୍. କେ. ଝା ପ୍ରମୁଖ ଉପସ୍ଥିତ ଥିଲେ। ଏନ୍‌ଆଇଏନ୍‌ଏଲ୍ ପକ୍ଷରୁ ଇସ୍ପାତ ମନ୍ତ୍ରଣାଳୟ, ବାଣିଜ୍ୟ ମନ୍ତ୍ରଣାଳୟ ଏବଂ ଦୀପମ୍‌ଙ୍କ ତତ୍ତ୍ୱାବଧାନରେ ଏନ୍‌ଏମ୍‌ଡିସିର ସହାୟତା ଲୋଡ଼ାଯାଇଥିଲା । ଓଡ଼ିଶାରେ ଉଚ୍ଚ ଶକ୍ତିସମ୍ପନ୍ନ ଲୁହାପଥର ଯୋଗାଣରେ ସହାୟତା ଯୋଗାଇବା ପାଇଁ ଏନ୍‌ଏମ୍‌ଡିସିର ସହାୟତା ପାଇଁ ଏନ୍‌ଆଇଏନ୍‌ଏଲ ଏକ ଏମ୍‌ଓୟୁ ସ୍ୱାକ୍ଷର କରିଛି । ଏହି ଅବସରରେ ଏନ୍‌ଏମ୍‌ଡିସିର ସିଏମ୍‌ଡି ସୁମିତ ଦେବ କହିଛନ୍ତି, ଏଭଳି ପଦକ୍ଷେପ ରାଜ୍ୟରେ ଖଣି ଅଭାବକୁ ହ୍ରାସ କରିବା ସହ ଏନ୍‌ଆଇଏନ୍‌ଏଲ ସମ୍ମୁଖୀନ ହେଉଥିବା ଆର୍ଥିକ ପ୍ରତିବନ୍ଧକକୁ ଦୂର କରିବାରେ ସହାୟକ ହେବ ।

# ଏସ୍‌ବିଆଇର ସ୍ୱୟଂ ସହାୟକ ଗୋଷ୍ଠୀ ମେଳା




ଭୁବନେଶ୍ୱର,୨୭।୮

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ଆନୁକୂଲ୍ୟରେ ନୟାଗଡ଼ ଜିଲା ଗ୍ରାମୀଣ ଉନ୍ନୟନ ସଂସ୍ଥା ପରିସରରେ ଏକ ଜିଲା ସ୍ତରୀୟ ବୃହତ୍ ସ୍ୱୟଂ ସହାୟକ ଗୋଷ୍ଠୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ବିଦ୍ୟା କ୍ରିଷ୍ଣନ ମୁଖ୍ୟ ଅତିଥି ଭାବେ ଏଥିରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ଼ ଜିଲାପାଳ ପୋମା ଟୁଡୁ ଅଂଶ ଗ୍ରହଣ କରିଥିଲେ। ଏସ୍‌ବିଆଇ ନେଟ୍‌ୱାର୍କ-୧ର ମହାପ୍ରବନ୍ଧକ ଅଭୟ କିଶୋର ପାଣ୍ଡେ, ଜୋନ-୧ର ଉପ ମହାପ୍ରବନ୍ଧକ ଆନନ୍ଦ ବିକ୍ରମ, ଏସ୍‌ବିଆଇ କୃଷି ବ୍ୟବସାୟ ବିଭାଗର ଉପ ମହାପ୍ରବନ୍ଧକ ସୁନୀଲ ଖାଇର୍ନାର, ନୟାଗଡ ଜିଲା ଗ୍ରାମୀଣ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ ଏବଂ ଖୋର୍ଦ୍ଧା-ନୟାଗଡ଼ ଅଞ୍ଚଳର ଆଞ୍ଚଳିକ ମହାପ୍ରବନ୍ଧକ ଭୂପଦେବ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ଗଠନର ଉପାଦେୟତା, ମହିଳା ସଶକ୍ତୀକରଣ, କୃଷି ଏବଂ କ୍ଷୁଦ୍ର ଶିଳ୍ପର ବିକାଶ ସମ୍ପର୍କରେ ଅତିଥିମାନେ ଏଠାରେ ଆଲୋକପାତ କରିଥିଲେ। ଜିଲାର ୧୦ଟି ଶାଖା ପକ୍ଷରୁ ୬୫୦ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୪.୩୦ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ବ୍ୟାଙ୍କର ଖୋର୍ଦ୍ଧା-ନୟାଗଡ଼ ଅଞ୍ଚଳର ଆଞ୍ଚଳିକ ମହାପ୍ରବନ୍ଧକ ଭୂପଦେବ ପ୍ରଧାନ ଅତିଥିମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଟିପିସିଓଡିଏଲ୍‌ର କର୍ପୋରେଟ କାର୍ଯ୍ୟାଳୟ ଉଦଘାଟିତ

ଭୁବନେଶ୍ୱର,୨୭।୮

ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଭୁବନେଶ୍ୱରର ପାୱାର ହାଉସ୍ ଛକଠାରେ ନୂଆ କର୍ପୋରେଟ୍ କାର୍ଯ୍ୟାଳୟ ଶୁଭାରମ୍ଭ ହୋଇଛି। ଟାଟା ପାୱାରର ସିଇଓ ଓ ଏମ୍‌ଡି ଡକ୍ଟର ପ୍ରବୀର ସିହ୍ନା, ଟିପିସିଓଡିଏଲ୍‌ର ସିଇଓ ଏମ୍.ସେନ୍‌ବାଗମ୍ ଓ କମ୍ପାନୀର ଅନ୍ୟ କର୍ମଚାରୀମାନଙ୍କ ଉପସ୍ଥିତିରେ ଓଡ଼ିଶା ବିଦ୍ୟୁତ୍ ନିୟାମକ କମିଶନ (ଓଇଆର୍‌ସି)ର ଅଧ୍ୟକ୍ଷ ୟୁ.ଏନ୍. ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଏହାଦ୍ୱାରା ଗ୍ରାହକ ବିଭିନ୍ନ ପ୍ରକାର ସୁବିଧା ଲାଭ କରିପାରିବେ। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଏମ୍ ସେନ୍‌ବାଗମ କହିଛନ୍ତି, ଆମର ନୂଆ କର୍ପୋରେଟ୍ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରି ଅତ୍ୟନ୍ତ ଉଲ୍ଲସିତ।

# ପିଏନ୍‌ବି ପକ୍ଷରୁ ଋଣ ମୁକ୍ତି ଶିବିର




ଭୁବନେଶ୍ୱର,୨୭।୮

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି), ଭୁବନେଶ୍ୱର ସର୍କଲ ଅଧୀନ ପୁରୀ ଜିଲାର ବିଭିନ୍ନ ଶାଖା ପକ୍ଷରୁ ସ୍ଥାନୀୟ ଚକ୍ରତୀର୍ଥ ରୋଡ୍ ଶାଖା ପରିସରରେ ଋଣ ମୁକ୍ତି ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ମହାପ୍ରବନ୍ଧକ ସଞ୍ଜୀବ ଭରଦ୍ୱାଜ, ସହାୟକ ମହା ପ୍ରବନ୍ଧକ ବାସୁଦେବ ସ୍ୱାଇଁ, ସର୍କଲ ମୁଖ୍ୟ ପରେଶ ଦାସ, ଋଣ ଆଦାୟ ଉପ ଶସ୍ତ୍ର ମୁଖ୍ୟ ଏ.ପ୍ରସାଦ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରାୟ ୫୫୦ ଜଣ ଋଣଗ୍ରହୀତା ୩୭ଲକ୍ଷ ଟଙ୍କାର ଋଣ ମାମଲାର ଏକକାଳୀନ ସମାଧାନ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଏଥିରେ ବ୍ୟାଙ୍କର ସମସ୍ତ ଅଧିକାରୀ ଓ ଗ୍ରାହକଙ୍କ ତରଫରୁ ବିଶେଷ ଉତ୍ସାହ ପ୍ରକାଶ ପାଇଥିଲା। ଶେଷରେ ବ୍ୟାଙ୍କ ତରଫରୁ ସମସ୍ତ ଗ୍ରାହକ ଓ ଋଣ ପରିଶୋଧକାରୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଏହାକୁ ବ୍ୟାଙ୍କ ଶାଖା ପରିଚାଳକ ଆଶୁତୋଷ ବାରିକ, ଋଣ ଆଦାୟ ଅଧିକାରୀ ଅରବିନ୍ଦ ଶତପଥୀ, ନୃସିଂହ ବାରିକ, ଶ୍ରୀବତ୍ସ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଫୁରସତ୍

# ଭୁଲ୍ ବିନା ଜୀବନରେ ମଜା ନାହିଁ: ଶିଳ୍ପା



**ମୁମ୍ବାଇ:** ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଏବେ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ପାଇଁ ଚର୍ଚ୍ଚାରେ ଅଛନ୍ତି। ଅଶ୍ଲୀଳ ଆପ୍ ପାଇଁ କୁନ୍ଦ୍ରା ଗିରଫ ହୋଇ ଜେଲ୍‌ରେ ଥିବାରୁ ଶିଳ୍ପା ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ସର୍ବଦା ସୋସିଆଲ ମିଡିଆରେ ଆକ୍ଟିଭ ରହୁଥିବା ଶିଳ୍ପା କିଛି ଦିନ ଏସବୁରୁ ଦୂରେଇ ରହିଥିଲେ। ଏପରିକି ସୁପର୍ ଡ୍ୟାନ୍ସର ଚଳିତ ସଂସ୍କରଣରେ ମଧ୍ୟ ଯୋଗ ଦେଇ ନ ଥିଲେ। ଏବେ ସେ ସୋସିଆଲ ମିଡିଆକୁ ଫେରିବା ସହ ଶୁଟିଂ ମଧ୍ୟ କଲେଣି। ନିକଟରେ ଶିଳ୍ପା ଇନ୍‌ଷ୍ଟାଗ୍ରାମରେ ଏକ ନୋଟ୍ ଲେଖିଛନ୍ତି। ସେଥିରେ ଶିଳ୍ପା ସୋଫିଆ ଲୋରେନଙ୍କ ପୁସ୍ତକର କିଛି ଅଂଶ ଶେୟାର କରିଛନ୍ତି। ଏଥିରେ ସେ ଲେଖିଛନ୍ତି, ଭୁଲ ହେଉଛି ଜୀବନର ଏକ ଅଂଶ। ଭୁଲ୍ ବିନା ଜୀବନରେ ମଜା ନାହିଁ। ଆମେ ଏଠାରେ କିଛି ଭୁଲ ନକରି ଆମ ଜୀବନକୁ ଆକର୍ଷଣୀୟ କରିପାରିବା ନାହିଁ। ଆଶା କରୁଛି ଯେ ସେହି ଭୁଲଗୁଡ଼ିକ ବିପଜ୍ଜନକ ହେବ ନାହିଁ ଯାହା ଅନ୍ୟମାନଙ୍କୁ ଆଘାତ ଦେଇପାରେ, କିନ୍ତୁ ତ୍ରୁଟି ହେବ। ମୁଁ ଆଗକୁ ଆହୁରି ଭୁଲ୍ କରିବା ସହ ସେଥିରୁ ଶିକ୍ଷାଲାଭ କରିବି ବୋଲି ଶିଳ୍ପା କହିଛନ୍ତି।

# ୩୦ ସେକେଣ୍ଡରେ ୫୮ ପୁଶ୍‌ଅପ୍



**କୋଲକାତା:** କଥାରେ ଅଛି, ତୁଳସୀ ଦୁଇ ପତ୍ରରୁ ବାସେ। ଅର୍ଥାତ ପିଲାଦିନରୁ ହିଁ ପ୍ରତିଭା ସମ୍ପର୍କରେ ଜଣାପଡ଼େ। ଏହି ଉକ୍ତିର ସତ୍ୟତା ଦେଖିବାକୁ ମିଳିଛି ପଶ୍ଚିମବଙ୍ଗର ହୁଗୁଲିଘାଟରେ ରହୁଥିବା ପ୍ରଥମ ଶ୍ରେଣୀର ଛାତ୍ର ରାଜନାଥ ଦତ୍ତଙ୍କ କ୍ଷେତ୍ରରେ। ରାଜନାଥ କଠିନ ପରିଶ୍ରମ କରି ମାତ୍ର ୩୦ ସେକେଣ୍ଡରେ ୫୮ ଥର ପୁଶ୍‌ଅପ୍ କରି ଇଣ୍ଡିଆ ବୁକ୍ ଅଫ ରେକର୍ଡ ସୃଷ୍ଟି କରିଛନ୍ତି। ପିଲାଦିନରୁ ତାଙ୍କର ଜିମ୍ନାଷ୍ଟିକ ପ୍ରତି ରୁଚି ଦେଖି ମାତାପିତା ତାଙ୍କୁ ପ୍ରେରଣା ଦେଇଥିଲେ। ରାଜନାଥଙ୍କ ମାତାପିତା ମଧ୍ୟ ଭଲ ଜିମ୍ନାଷ୍ଟ। କରୋନା ସମୟରେ ଭର୍ଚୁଆଲ ମାଧ୍ୟମରେ ରାଜନାଥ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସର ଲାଇଭ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରି ସମଗ୍ର ଦେଶବାସୀଙ୍କୁ ଚକିତ କରିଦେଇଥିଲେ। ସର୍ବଭାରତୀୟ ସଂସ୍ଥା ପକ୍ଷରୁ ଏବେ ତାଙ୍କୁ ମେଡେଲ ଏବଂ ସାର୍ଟିଫିକେଟ ମିଳିଛି। ରାଜନାଥଙ୍କ ପିତା କୌଶିକ ଦତ୍ତ କୁହନ୍ତି, ତାଙ୍କର ଆର୍ଥିକ ସ୍ଥିତି ବହୁତ ଖରାପ। ଏଥିପାଇଁ ତାଙ୍କ ପୁଅ ପ୍ରତିକୂଳ ଅବସ୍ଥାର ସାମ୍ନା କରି ଏହି ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ସେ କହିଛନ୍ତି, ଯଦି କେନ୍ଦ୍ର ଏବଂ ରାଜ୍ୟ ସରକାର ଆର୍ଥିକ ସହାୟତା ପ୍ରଦାନ କରନ୍ତି ତେବେ ତାଙ୍କ ପୁଅ ଆହୁରି ନାଁ କମାଇବ। ରାଜନାଥଙ୍କ ପିତା ଜଣେ ଦିନ ମଜୁରିଆ ହୋଇଥିବା ବେଳେ ମା' ଗୃହିଣୀ। ଦିନ ଥିଲା ସେମାନେ ଜିମ୍ନାଷ୍ଟିକ୍‌ରେ ଭାଗ ନେଉଥିଲେ। ତାଙ୍କ ମା' ନିଜ ସ୍ୱପ୍ନ ସିନା ଅଧୁରା ରଖିଲେ, କିନ୍ତୁ ପୁଅର ସ୍ୱପ୍ନ ପୂରା କରିବାକୁ ଚାହୁଁଛନ୍ତି।

ଜନ୍ମଦିନ ଶୁଭେଚ୍ଛା

Alisha Alpana
ଛଣବୋଲୁଅ, ଢେଙ୍କାନାଳ
ଆଜି ତୋର ୧୦ମ ଜନ୍ମବାର୍ଷିକୀରେ ତୋର ଚଲାପଥ କୁସୁମିତ ହେଉ, ଏତିକି ଭଗବାନଙ୍କ ନିକଟରେ ପ୍ରାର୍ଥନା ।
ଶୁଭେଚ୍ଛା ସହ:
ପାପା: ବଳରାମ ପୃଷ୍ଟି, ମାମା: ବିଷ୍ଣୁପ୍ରିୟା ପୃଷ୍ଟି, ଆଶୁ, ଜେଜେବାପା, ଜେଜେମାଆ, ଅଜା, ଆଈ ।
ଧ-୭୦୩୪୯

CLASSIFIED DISPLAY
MORE SPACE • SAME PRICE
TARIFF · GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ହରପ୍ରିୟା ଖଣ୍ଡୁଆଳ
ଗୋଠପଦା, ଗଡ଼ମା, ଜଗତ୍‌ସିଂହପୁର
ଆବିର୍ଭାବ: ୧୦।୧୧।୧୯୩୨
ତିରୋଧାନ: ୦୯।୦୮।୨୦୨୦
ଆଜିବି ତୁମର ଶବ୍ଦ ଆମ କାନରେ ଗୁଞ୍ଜୁଛି ସେ ଅନାବିଳ ସ୍ନେହ, ନିଃସ୍ୱାର୍ଥପରତା ଉପଦେଶ ଓ ସମୟ ଉପଯୋଗୀ ଦିଗ୍‌ଦର୍ଶନ ଆମପାଇଁ ଅମୂଲ୍ୟ ସମ୍ପଦ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମ ଅମର ଆତ୍ମାର ସଦ୍‌ଗତି କାମନା ପାଇଁ ବିନମ୍ର ପ୍ରାର୍ଥନା କରୁଛୁ ।
ପୁତ୍ର: ରବି, ନାନ, ମନୁଆ, ମୁନୁ, ପୁତ୍ରବଧୂ: କବିତା, ଆଶା, ସୁଶାନ୍ତି, ଝିଅ: ରେଣୁ, ନାତି/ନାତୁଣୀ: ରାକେଶ, ବାବୁନା, ଆଲିସା ।
ଧ-୨୧୪୭୪

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓Jashobanta Das
Retd. Additional Director Panchayatraj
କେଦାରଗୌରୀ, ଭୁବନେଶ୍ୱର
ଆବିର୍ଭାବ: ୨୮।୧୧।୧୯୪୩
ତିରୋଧାନ: ୧୮।୦୮।୨୦୨୧
ତୁମର ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଅଛୁ। ତୁମର ସେହି ଅନାବିଳ ସ୍ନେହ ଓ ମମତାଭରା ହସହସ ମୁଖକୁ ନିତି ଝୁରୁଅଛୁ। ଆଜିର ଏ ଦିନରେ ତୁମର ମହାନ୍ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ: ସ୍ତ୍ରୀ: ମିନୁ, ଝିଅ: ଲୋଲି, ଲିନା, ଲିପି, ସାନଭଉଣୀ: ରୁନୁ, ଭଣଜା: ବାପୁ, ଭଣଜାବୋହୂ: ସ୍ୱାତୀ, ଭାଣିଜୀ: ମାମୁନୀ ଏବଂ ପରିବାରବର୍ଗ ।
ଧ-୭୦୭୨୮

ପ୍ରଥମ ଶ୍ରାଦ୍ଧ ବାର୍ଷିକୀ

✓ଶୁଭ୍ରାଂଶୁ ଶେଖର ପ୍ରଧାନ (ଟୁଟୁ)
ସତ୍ୟନଗର, ସିଦ୍ଧ ମହାବୀର, ପୁରୀ
ଆବିର୍ଭାବ - ୦୬.୦୨.୧୯୭୦
ତିରୋଧାନ - ୦୯.୦୮.୨୦୨୦
ହଠାତ୍ ଅପ୍ରତ୍ୟାଶିତ ଭାବେ ତୁମେ ଆମ୍ଭମାନଙ୍କୁ ଛାଡ଼ି ଚାଲିଯିବା ବିଶ୍ୱାସ ହେଉନି । ତୁମର ଅନୁପସ୍ଥିତ ଆମ୍ଭମାନଙ୍କୁ ମର୍ମାହତ କରିଛି । ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା । ଶୋକସନ୍ତପ୍ତ ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ
ଧ-୨୧୪୭୩

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

✓ଲେଖିକା ଶ୍ରୀମତୀ ଚନ୍ଦ୍ରଭାନୁ ଦେବୀ
ସ୍ୱାମୀ- ଶ୍ରୀ ଲିଙ୍ଗରାଜ ସାହୁ
ବାଲିସାହି (ବରାହୀ ଲେନ୍), ପୁରୀ
ଜନ୍ମ: ୧୪।୦୪।୧୯୫୭
ତିରୋଧାନ: ୧୦।୦୮।୨୦୨୦
ବୋଉ, ଆଜିକୁ ଏକ ବର୍ଷ ହେଲା ତୁ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଛାଡ଼ି ଚାଲିଗଲୁ । ତୋର ସେହି ସ୍ନେହ, ତ୍ୟାଗ, ନ୍ୟାୟପୂର୍ଣ୍ଣ ବାକ୍ୟ, କର୍ତ୍ତବ୍ୟ ନିଷ୍ଠା, ଦାୟିତ୍ୱବୋଧତା ଓ ତୋର ଶ୍ରୀଜଗନ୍ନାଥଙ୍କ ପ୍ରତି ଅନନ୍ୟ ଭକ୍ତି ଆମ୍ଭମାନଙ୍କୁ ପ୍ରେରଣା ଦେଉଥାଉ। ଆଜି ତୋର ଏହି ପୂର୍ଣ୍ଣ ତିଥିରେ ତୋର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ- ପୁତ୍ର: ଦୀପକ (ବିପ୍ପୁ), ପୁତ୍ରବଧୂ: ରିଙ୍କି, ଝିଅ: ରୂପା, ରେଖା, ଜ୍ୱାଇଁ: ରିଙ୍କୁ, ଦେବ, ନାତି: ଗୁଗୁଲା, କୁନ୍ତୁ, ଗୁଗି, ଛୋଟୁ, ନାତୁଣୀ: ରିୟା, ସମସ୍ତ ବନ୍ଧୁ ଓ ପରିବାରବର୍ଗ ।
ଧ-୨୧୩୭୭

# ଅକ୍ଷୟଙ୍କ ଫିଲ୍ମକୁ କୃଷକଙ୍କ ବିରୋଧ

**ମୁମ୍ବାଇ:** ରିଲିଜ ପରେ ଚର୍ଚ୍ଚାରେ ରହିଛି ଅକ୍ଷୟ କୁମାରଙ୍କ ଫିଲ୍ମ 'ବେଲ୍ ବଟମ୍'। ଦର୍ଶକ ଫିଲ୍ମକୁ ପସନ୍ଦ କରିଛନ୍ତି। ମହାମାରୀ ପରେ ସିନେମା ହଲରେ ରିଲିଜ ହେବାରେ ଏହା ପ୍ରଥମ ଫିଲ୍ମ ପାଲଟିଛି। ଏହି ଫିଲ୍ମ ବିରୋଧରେ କୃଷକମାନେ ଆନ୍ଦୋଳନ ଆରମ୍ଭ କରିଦେଲେଣି। ଅଭିନେତାଙ୍କ କୃଷକ ଆନ୍ଦୋଳନ ବିରୋଧୀ ବୟାନକୁ ନେଇ ପଞ୍ଜାବର ବିଭିନ୍ନ ସିନେମାହଲ୍ ବାହାରେ ଧାରଣା ଦିଆଯାଉଛି। କୃଷକମାନେ ଲଗାତାର ଭାବେ ଫିଲ୍ମ ରିଲିଜର ବିରୋଧ କରିବା ସହ ଦର୍ଶକମାନଙ୍କୁ 'ଲାଜ ତ ଟିକେ କର' ବୋଲି ସ୍ଲୋଗାନ ଦେଉଛନ୍ତି। ଏପରିକି ଶନିବାର ଯାଏ ଫିଲ୍ମ ନ ଚଳାଇବା ପାଇଁ ସେମାନେ ହଲ୍ ମାଲିକମାନଙ୍କୁ ଧମକ ଦେଇଛନ୍ତି।



Admission Open 2021-22 Session
B.SC NURSING
Approved by Govt. of Odisha & affiliated to Utkal University
ADMISSION ELIGIBILITY
+2 Science Pass
45% of mark in PCB for Gen. Category
40% of mark in PCB for SC & ST Category
SRI BALADEVJEW COLLEGE OF NURSING
Email : srigurudevtrust2020@gmail.com
Kajala, Kendrapara
7008513605, 9439927471

ବାବା ମୁବାରକ୍ ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଅମନ ବଙ୍ଗାଲୀ
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
8750699637

ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ
ଭାରତର ଏକମାତ୍ର ବିଶ୍ୱସନୀୟ କମ୍ପାନୀ
ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।
PERSONAL LOAN
HOUSING LOAN
1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯ୍ୟନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
9457958917
9458678925

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




ଟୋକିଓ ପାରାଅଲିମ୍ପିକ୍ସର ମହିଳା ୪୮ କେଜି ବିଭାଗ ଜୁଡୋ ଫାଇନାଲରେ ଆଜରବୈଜାନର ଶାହାନା ହାଜିୟେଭା (ବ୍ଲୁ ଜର୍ସି) ଓ ଫ୍ରାନ୍ସର ସାଣ୍ଡ୍ରିନେ ମାର୍ଟିନେଟଙ୍କ ମଧ୍ୟରେ ଲଢ଼େଇ।




ପୁରୁଷ ୫୦୦୦ ମିଟର ରେସ୍ ଅବସରରେ ଗାଇଡ୍‌ଙ୍କ ସହ ପ୍ରତିଯୋଗୀମାନେ।

## ପାରାଲିମ୍ପିକ୍ସ ସାଇକ୍ଲିଂ ପଦକ ବିଜୟୀ ଡୋପ୍ ଟେଷ୍ଟରେ ପଜିଟିଭ୍

**ଟୋକିଓ, ୨୭।୮ (ଏପି):** ଡୋପ୍ ଟେଷ୍ଟରେ ପଜିଟିଭ ଆସିବାରୁ ଟୋକିଓ ପାରାଲିମ୍ପିକ୍ସ ପଦକ ବିଜୟୀ ପୋଲାଣ୍ଡର ମାର୍ସିନ ପୋଲକଙ୍କୁ ସାମୟିକ ସସ୍‌ପେଣ୍ଡ କରାଯାଇଛି। ଇଣ୍ଟରନ୍ୟାଶନାଲ ସାଇକ୍ଲିଂ




ୟୁନିୟନ (ୟୁସିଆଇ) ଶୁକ୍ରବାର ଏହି ସୂଚନା ଦେଇଛି। ଟୋକିଓ ପାରାଲିମ୍ପିକ୍ସ ଆରମ୍ଭର ୩ସପ୍ତାହ ପୂର୍ବରୁ ପୋଲକଙ୍କଠାରୁ ସାମ୍ପଲ ସଂଗ୍ରହ କରାଯାଇଥିଲା। ଏଥିରେ ନିଷିଦ୍ଧ ଏଣ୍ଡ୍ରୁରାନ୍ସ ବୁଷ୍ଟର ଇପିଓର ମାତ୍ରା ରହିଥିବା ଦେଖାଯାଇଥିଲା। ପୋଲକ ବୁଧବାର ପୁରୁଷ ବି' ୪୦୦ ମିଟର ଇଣ୍ଡିଭିଜୁଆଲ ପର୍ସୁଟ୍‌ରେ ବ୍ରୋଞ୍ଜ ପଦକ ପାଇଥିଲେ। ତାଙ୍କଠାରୁ ଏହାକୁ ପ୍ରତ୍ୟାହାର କରି ନିଆଯାଇପାରେ।

# ଜୁଡୋରେ ଆଜରବୈଜାନର ଆଧିପତ୍ୟ

**ଟୋକିଓ, ୨୭।୮**

ଟୋକିଓ ପାରାଲିମ୍ପିକ୍ସର ଜୁଡୋ ପ୍ରତିଯୋଗିତା ଶୁକ୍ରବାର ଆରମ୍ଭ ହୋଇଛି। ପ୍ରଥମ ଦିବସରୁ ଏହି ଇଭେଣ୍ଟରେ ଆଧିପତ୍ୟ ବିସ୍ତାର କରିଛି ଆଜରବୈଜାନ। ଏହି ଦେଶର ଶାହାନା ହାଜିୟେଭା ମହିଳା ୪୮ କେଜି ବିଭାଗରେ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ତାଙ୍କ ଟିମ୍‌ମେଟ୍ ଭୁଗାର ଶିରିନ୍‌ଲି ପୁରୁଷ ୬୦ କେଜି ବର୍ଗରେ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅର୍ଥାତ୍ ପ୍ରଥମ ଦିବସରେ ହୋଇଥିବା ୨ଟି ଯାକ ଜୁଡୋ ଇଭେଣ୍ଟରେ ଆଜରବୈଜାନ ବାଜି ମାରିଛି।

ମହିଳା ୪୮ କେଜି ବି୨ ବିଭାଗରେ ଫ୍ରେଞ୍ଚ୍ ଲିଜେଣ୍ଡ ସାଣ୍ଡ୍ରିନେ ମାର୍ଟିନେଟଙ୍କ ବିପକ୍ଷରେ ନାଟକୀୟ ବିଜୟ ହାସଲ କରିଥିଲେ ଶାହାନା। ଜାପାନିଜ ମାର୍ଶାଲ ଆର୍ଟର ସ୍ପିରିଚୁଆଲ ହୋମ୍ କୁହାଯାଉଥିବା ନିପନ ବୁଡୋକାନ ଆରେନାରେ ୨୧ ବର୍ଷୀୟା ଶାହାନା ଅତି ଅଳ୍ପ ସମୟ ମଧ୍ୟରେ ଭେଟେରାନ ଜୁଡୋକାଙ୍କୁ ଧରାଶାୟୀ କରିଥିଲେ। ''ଯୁବ ବୟସରେ ପାରାଲିମ୍ପିକ୍ ଚାମ୍ପିୟନ ହୋଇଥିବାରୁ ମୁଁ ବହୁତ ଖୁସି। ମୁଁ ଏହି ଫଳାଫଳ ସବୁବେଳେ ଆଶା କରୁଥିଲି। ଏହା ମୋର ପ୍ରଥମ ପାରାଲିମ୍ପିକ୍ସ ଥିଲା। ତେବେ ଏହି ଲଢ଼େଇ ପାଇଁ ମୁଁ ଭଲଭାବେ ପ୍ରସ୍ତୁତି କରିଥିଲି'' ବୋଲି ହାଜିୟେଭା ପ୍ରକାଶ କରିଛନ୍ତି। ୨୦୨୪ ପ୍ୟାରିସ ପାରାଲିମ୍ପିକ୍ସରେ ସେ ଏହି ପ୍ରଦର୍ଶନ ଦୋହରାଇବା ଲକ୍ଷ୍ୟରେ ରହିବେ ବୋଲି କହିଛନ୍ତି। ଫାଇନାଲ ପଥରେ ହାଜିୟେଭା ଗୋଟିଏ ହେଲେ ପଏଣ୍ଟ ବରଣ କରି ନ ଥିଲେ। ସେ ପ୍ରଥମ ଲଢ଼େଇରେ ରୁଷିଆନ ପାରାଲିମ୍ପିକ୍ କମିଟିର ଭିକ୍ଟୋରିଆ ପୋଟାପୋଭା ଏବଂ ଦ୍ୱିତୀୟରେ ଜାପାନର ହାଙ୍ଗାଇ ଶିଜୁକାଙ୍କୁ ପରାସ୍ତ କରିଥିଲେ। ଉଦ୍‌ଘାଟନୀ ସମାରୋହରେ

**ପାରାଲିମ୍ପିକ୍ସ**

ଫ୍ରାନ୍ସ ପତାକାଧାରୀ ହୋଇଥିବା ମାର୍ଟିନେଟ ଲଢ଼େଇ ଶେଷରେ ଆଚମ୍ବିତ ହୋଇଥିଲେ। ଏହା ତାଙ୍କର ୫ମ ପାରାଲିମ୍ପିକ୍ସ ଥିଲା ଏବଂ ସେ ଆଉ ଏକ ଟାଇଟଲ ଜିତିବା ଲକ୍ଷ୍ୟରେ ରହିଥିଲେ। ଫାଇନାଲ ପର୍ଯ୍ୟନ୍ତ ସେ ଚମତ୍କାର ଲଢ଼େଇ କରି ଗୋଟିଏ ହେଲେ ପଏଣ୍ଟ ବରଣ କରି ନ ଥିଲେ। ୩୮ ବର୍ଷୀୟା ଦୃଷ୍ଟିହୀନ ମାର୍ଟିନେଟ ୨୦୧୬ ରିଓ ପାରାଲିମ୍ପିକ୍ସରେ ୫୨ କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୨୦୦୪ ଏଥେନ୍ସ ଏବଂ ୨୦୦୮ ବେଜିଂ ପାରାଲିମ୍ପିକ୍ସରେ ସେ ରୌପ୍ୟ ପଦକ ହାସଲ କରିଥିବାବେଳେ ୨୦୧୨ ଲଣ୍ଡନରେ ପାଦର ହାଡ଼ ଭାଙ୍ଗିଥିଲେ ହେଁ ୫ମ ସ୍ଥାନ ଅଧିକାର କରିଥିଲେ। ଏଠାରେ ସେ କ୍ୟାରିୟରର ତୃତୀୟ ପାରାଲିମ୍ପିକ୍ସ ରୌପ୍ୟ ପଦକ ପାଇଛନ୍ତି। ବ୍ରୋଞ୍ଜ ପଦକ ଲଢ଼େଇରେ ରୁଷିଆନ ପାରାଲିମ୍ପିକ୍ସ କମିଟିର ଭିକ୍ଟୋରିଆ ପୋଲାପୋଭା ଚାଇନିଜ୍ ତାଇପେର ଲି କାଇ ଲିନ୍‌ଙ୍କୁ ୧୦-୦ ପଏଣ୍ଟରେ ପରାସ୍ତ କରିଥିଲେ। ଏହାଥିଲା ତାଙ୍କର ୪ର୍ଥ ପାରାଲିମ୍ପିକ୍ ବ୍ରୋଞ୍ଜ ପଦକ। ୨୦୦୪ ଏଥେନ୍ସ, ୨୦୦୮ ବେଜିଂ ଏବଂ ୨୦୨୧ ଲଣ୍ଡନ ପାରାଲିମ୍ପିକ୍ସରେ ମଧ୍ୟ ସେ ବ୍ରୋଞ୍ଜ ପଦକ ପାଇଥିଲେ।

# ପାରା ଆର୍ଚେରିରେ ୯ ନୂଆ ରେକର୍ଡ

**ଟୋକିଓ, ୨୭।୮**

ଟୋକିଓ ପାରାଲିମ୍ପିକ୍ସର ଆର୍ଚେରୀ ଇଭେଣ୍ଟରେ ୯ ନୂଆ ରେକର୍ଡ ସ୍ଥାପନ ହୋଇଛି। ଏହା ମଧ୍ୟରୁ କେବଳ ଚାଇନା ପ୍ରତିଯୋଗୀମାନେ ୫ ରେକର୍ଡର ଅଧିକାରୀ ହୋଇଛନ୍ତି। ୟୁମେନୋଶିମା ପାର୍କରେ ଶୁକ୍ରବାର ଆରମ୍ଭ ହୋଇଥିଲା ଆର୍ଚେରୀର ର୍‌ୟାଙ୍କିଙ୍ଗ୍ ରାଉଣ୍ଡ। ଏଥିରେ ଚାଇନା ପ୍ରତିଯୋଗୀମାନେ ଆଧିପତ୍ୟ ବିସ୍ତାର କରିଥିଲେ। ଉ ଚୁନ୍ ୟାନ ୬୪୨ ପଏଣ୍ଟ ହାସଲ କରି ପୂର୍ବ ପାରାଲିମ୍ପିକ୍ସ ରେକର୍ଡ ଭାଙ୍ଗିଛନ୍ତି। ସେହିପରି ହେ ଜିହାଓ ପ୍ରଥମ କମ୍ପାଉଣ୍ଡ ପ୍ରତିଯୋଗୀଭାବେ ୭୦୦ ପଏଣ୍ଟ ସ୍ୱର୍ଶ କରିଛନ୍ତି। ୭୨-ଆରୋ ବିଶିଷ୍ଟ କ୍ୱାଲିଫାଇଂ ରାଉଣ୍ଡରେ ସେ ୭୦୫ ପଏଣ୍ଟ ହାସଲ କରିଛନ୍ତି। ତାଙ୍କ ଟିମ୍‌ମେଟ୍ ଚେନ୍ ମିନୟି ଡବ୍ଲ୍ୟୁ୧ ମହିଳା ବିଭାଗରେ ୬୪୦ ପଏଣ୍ଟ ହାସଲ କରିଛନ୍ତି, ଯାହାକି ପାରାଲିମ୍ପିକ୍ସ ରେକର୍ଡଠାରୁ ୬ ପଏଣ୍ଟ ଅଧିକ। ମିକ୍ସଡ ଟିମ୍ ଇଭେଣ୍ଟରେ ମଧ୍ୟ ଚାଇନାର ଦବ୍‌ଦବା ରହିଥିଲା। ରିକର୍ଭ ମିକ୍ସଡ ଟିମ୍ ୧୨୮୧ ପଏଣ୍ଟ ସହିତ ନୂଆ ରେକର୍ଡର ଅଧିକାରୀ ହୋଇଥିବାବେଳେ ଡବ୍ଲ୍ୟୁ୧ ମିକ୍ସଡ ଟିମ୍ ୧୨୯୦ ପଏଣ୍ଟ ସ୍କୋର କରିଛନ୍ତି। ପାରାଲିମ୍ପିକ୍ସ ଇତିହାସରେ ପ୍ରଥମଥର ପାଇଁ ମିକ୍ସଡ ଟିମ୍ ଇଭେଣ୍ଟରେ ପାରା ଆର୍ଚେରୀ କ୍ୱାଲିଫିକେଶନ ରେକର୍ଡକୁ ସ୍ୱୀକୃତି ମିଳିଛି। ଏହି ଇଭେଣ୍ଟ ୨୦୧୮ରେ ପ୍ରଥମେ ପ୍ରଣୟନ ହୋଇଥିଲା। ଅନ୍ୟ କେତେକ ଆଥ୍‌ଲେଟ ମଧ୍ୟ ପାରାଲିମ୍ପିକ୍ ରେକର୍ଡରେ ନିଜ ନାମ ଲେଖାଇଛନ୍ତି। ଗ୍ରେଟ୍ ବ୍ରିଟେନର ଜେସ ଷ୍ଟ୍ରେଟନ ମହିଳା କମ୍ପାଉଣ୍ଡ ଇଭେଣ୍ଟରେ ୬୯୫ ପଏଣ୍ଟ ସହିତ ନୂଆ ରେକର୍ଡର ଅଧିକାରୀ ହୋଇଛନ୍ତି। ସେହିପରି ତୁର୍କୀର ନିହାଟ ତୁର୍କମେନୋଗ୍ଲୁ ଡବ୍ଲ୍ୟୁ୧ ପୁରୁଷ ବିଭାଗରେ ୬୬୧ ଏବଂ ଇରାନର ଘୋଲାମରେଜା ରହିମ ପୁରୁଷ ରିକର୍ଭ ବିଭାଗରେ ୬୪୪ ପଏଣ୍ଟ ସହିତ ନୂଆ ରେକର୍ଡ କରିଛନ୍ତି। ଚଳିତ ମାସ ୨୮ ତାରିଖରୁ ମିକ୍ସଡ ଟିମ୍ ଡବ୍ଲ୍ୟୁ୧ରୁ ପାରା ଆର୍ଚେରୀ ପଦକ ଇଭେଣ୍ଟ ଆରମ୍ଭ ହେବ।




ଆର୍ଚେରି ପ୍ରତିଯୋଗିତା ଅବସରରେ ଚାଇନାର ଉ ଚୁନ୍ ୟାନ।

# ମହିଳା ୧୦୦ ମିଟରରେ ଝୋଉଙ୍କ ବିଶ୍ୱରେକର୍ଡ

**ଟୋକିଓ, ୨୭।୮**

ଟୋକିଓ ପାରାଲିମ୍ପିକ୍ସର ମହିଳା ୧୦୦ ମିଟର ଟି୩୫ରେ ବିଶ୍ୱରେକର୍ଡ ସୃଷ୍ଟି କରିଛନ୍ତି ଚାଇନାର ଝୋଉ ଜିଆ। ଶୁକ୍ରବାର ଅନୁଷ୍ଠିତ ରେସ୍‌ରେ ଝୋଉ ୧୩.୦୦ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ୨୦୧୭ରେ ଅଷ୍ଟ୍ରେଲିଆର ଇସିସ ହଲ୍ଟ ୧୩.୪୩ ସେକେଣ୍ଡ ସମୟ ନେଇ ବିଶ୍ୱରେକର୍ଡର ଅଧିକାରୀ ଥିଲେ। ମାତ୍ର ୨୨ ବର୍ଷୀୟ ଝୋଉ ଏବେ ନିଜ ନାମରେ ବିଶ୍ୱରେକର୍ଡ ଲେଖାଇବାରେ ସକ୍ଷମ ହୋଇଛନ୍ତି। ହଲ୍ଟ ୧୩.୧୩ ସେକେଣ୍ଡ ସହିତ ରୌପ୍ୟ ଏବଂ ବ୍ରିଟେନର ମାରିଆ ଲିଲେ ୧୪.୧୮ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଛନ୍ତି। ୨୦୧୬ ରିଓ ପାରାଲିମ୍ପିକ୍ସରେ ଝୋଉ ଉଭୟ ୧୦୦ ଓ ୨୦୦ ମିଟର ଟାଇଟଲ ଜିତିଥିଲେ। ଶୁକ୍ରବାର ଅନୁଷ୍ଠିତ ମହିଳା ଡିସ୍କସ୍ ଥ୍ରୋରେ ଚାଇନାର ଡଙ୍ଗ୍ ଫେଙ୍ଗ୍‌ଝିଆ ଚାମ୍ପିୟନ ହୋଇଛନ୍ତି। ଲାଟଭିଆର ଦିଆନା ଡାଡ୍‌ଜିଟେ ଏବଂ ମେକ୍ସିକୋର ରୋଜା ମାରିଆ ଗୁଇରେରୋ କାଜାରେସ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି।




ମହିଳା ୧୦୦ ମିଟର ଟି୩୫ ରେସ୍‌ରେ ବିଶ୍ୱରେକର୍ଡର ଅଧିକାରିଣୀ ହୋଇଥିବା ଚାଇନାର ଝୋଉ ଜିଆ।

## ଏଏଫସି 'ବି' ଲାଇସେନ୍ସ କୋଚିଂ କୋର୍ସ

**ଭୁବନେଶ୍ୱର, ୨୭।୮ (କ୍ରୀଡ଼ା ପ୍ରତିନିଧି):** ସର୍ବଭାରତୀୟ ଫୁଟବଲ ଫେଡେରେଶନ ପକ୍ଷରୁ ଏଏଫ୍‌ସି 'ବି' ଲାଇସେନ୍ସ ଡିପ୍ଲୋମା କୋଚିଂ କୋର୍ସ ଆୟୋଜନ ପାଇଁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)କୁ ଅନୁମତି ମିଳିଛି। ଏହି କୋର୍ସ ୩ ପର୍ଯ୍ୟାୟ ବିଶିଷ୍ଟ ହେବ। ଏହାର ପ୍ରଥମ ପର୍ଯ୍ୟାୟ ସେପ୍ଟେମ୍ବରରେ ଆୟୋଜନ ହେବ। ଏଏଫ୍‌ସି 'ସି' ଲାଇସେନ୍ସ କୋର୍ସ କରିଥିବା ପ୍ରାର୍ଥୀମାନେ 'ବି' ଲାଇସେନ୍ସ କୋର୍ସ କରିବାକୁ ଯୋଗ୍ୟ ହେବେ। ପ୍ରାର୍ଥୀମାନେ ସର୍ବଭାରତୀୟ ଫୁଟବଲ ଫେଡେରେଶନ ୱେବ୍ ପୋର୍ଟାଲରେ ନାମ ପଞ୍ଜୀକରଣ କରିପାରିବେ ବୋଲି ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ପ୍ରକାଶ କରିଛନ୍ତି।

# ଭାରତର ସିଙ୍ଗଲ୍ସ ଚ୍ୟାଲେଞ୍ଜ ଶେଷ

**ନ୍ୟୁୟର୍କ, ୨୭।୮ (ପି.ଟି.):** ପ୍ରଜନେଶ ଗୁଣେଶ୍ୱରନ ଦ୍ୱିତୀୟ ରାଉଣ୍ଡରେ ଆମେରିକାର ଖ୍ରିଷ୍ଟୋଫର ୟୁବ୍ୟାଙ୍କ୍ସଙ୍କଠାରୁ ସିଧାସଳଖ ସେଟ୍‌ରେ ହାରିଯିବା ଦ୍ୱାରା ୟୁଏସ୍ ଓପନ୍ ଟେନିସ କ୍ୱାଲିଫାୟର୍ସରେ ଭାରତର ସିଙ୍ଗଲ୍ସ ଚ୍ୟାଲେଞ୍ଜ ଶେଷ ହୋଇଛି। ୟୁଏସ୍ ଓପନ୍ ମୁଖ୍ୟ ଡ୍ର'ରେ ଦ୍ୱିତୀୟ ଥର ସ୍ଥାନ ପାଇବା ଲକ୍ଷ୍ୟରେ ରହିଥିବା ବିଶ୍ୱର ୧୫୬ ର୍‌ୟାଙ୍କିଙ୍ଗପ୍ରାପ୍ତ ଏହି ଭାରତୀୟ ଖେଳାଳି ୨୧୬ ର୍‌ୟାଙ୍କିଙ୍ଗପ୍ରାପ୍ତ ୟୁବ୍ୟାଙ୍କ୍ସଙ୍କଠାରୁ ୩-୬, ୪-୬ ସେଟ୍‌ରେ ହାରିଯାଇଥିଲେ। ୩୧ ବର୍ଷୀୟ ଗୁଣେଶ୍ୱରନ ପୂର୍ବରୁ ୨୦୧୯ରେ ମୁଖ୍ୟ ଡ୍ର' ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଓପନିଂ ରାଉଣ୍ଡରେ ସେ ରୁଷିଆର ଡାନିଲ ମେଡ୍‌ଭେଡେଭଙ୍କଠାରୁ ହାରିଯାଇଥିଲେ। ପୁରୁଷ ସିଙ୍ଗଲ୍ସ କ୍ୱାଲିଫାୟର୍ସରେ ଭାଗ ନେଇଥିବା ଅନ୍ୟ ଦୁଇ ଖେଳାଳି ହେଲେ ସୁମିତ ନାଗାଲ ଓ ରାମକୁମାର ରମାନାଥନ। ନାଗାଲ ଆର୍ଜେଣ୍ଟିନାର ଜୁଆନ ପାବ୍‌ଲୋ ଫିକୋଭିଚ୍‌ଙ୍କଠାରୁ ୫-୭, ୬-୪, ୩-୬ରେ ଏବଂ ରାମକୁମାର ରୁଷିଆର ଏଭଜେନି ଡନ୍ସକଏଙ୍କଠାରୁ ୬-୪, ୬-୭ (୧) ୪-୬ରେ ପରାସ୍ତ ହୋଇଥିଲେ। ମହିଳା ସିଙ୍ଗଲ୍ସ କ୍ୱାଲିଫାୟର୍ସରେ ଅଙ୍କିତା ରାଇନା ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ ୩-୬, ୬-୨ ଓ ୪-୬ରେ ହାରିଯାଇଥିଲେ।

# ୩ ଭାରତୀୟ ଫାଇନାଲରେ

**ନୂଆଦିଲ୍ଲୀ, ୨୭।୮ (ପି.ଟି.)**

ସେମିଫାଇନାଲରେ ଜବରଦସ୍ତ ବିଜୟ ସହ ଦୁବାଇରେ ଚାଲିଥିବା ଏସିଆନ ଜୁନିୟର ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତର ୩ ବକ୍ସର ଫାଇନାଲରେ ପ୍ରବେଶ କରିଛନ୍ତି। ସେମାନେ ହେଲେ ତନୁ (୫୨କେଜି), ନିକିତା ଚାନ୍ଦ (୬୦କେଜି) ଓ ବିଶୁ ରାଠି (୪୮କେଜି)। ତନୁ ୫-୦ ବ୍ୟବଧାନରେ ନେପାଳର ସୋସ୍ତିକାଙ୍କୁ ହରାଇ ଦେଇଥିବା ବେଳେ ନିକିତା ୟୁକ୍ରେନର ମୁଖୁସାଙ୍କ

**ଏସିଆନ ଜୁନିୟର ବକ୍ସିଂ**

ବିପକ୍ଷରେ ସମାନ ବ୍ୟବଧାନରେ ପରାସ୍ତ କରିଥିଲେ। ଅନ୍ୟପକ୍ଷରେ ରାଠି ୨ମିନିଟ୍‌ରୁ କମ୍ ସମୟ ବ୍ୟବଧାନରେ ମଙ୍ଗୋଲିଆର ଓଟ୍‌ଗୋଁବାତ୍ ୟେୟେସୁନ୍ ଖୁସ୍‌ଲେତାଙ୍କୁ ହରାଇ ଦେଇଥିଲେ। ଅନ୍ୟପକ୍ଷରେ ଆଶିଷ ଓ ଅଂଶୁଲ ଓ ଅଂଶୁଲ (୫୭କେଜି) ବ୍ରୋଞ୍ଜ ପଦକ ସହ ସେମାନଙ୍କ ଅଭିଯାନ ଶେଷ କରିଥିଲେ। ଆଶିଷ ଉଜ୍‌ବେକିସ୍ତାନର ନୋର୍କୋସମୋଭ୍‌ଙ୍କଠାରୁ ୧୦୪ରେ ଏବଂ ଅଂଶୁଲ ୦-୫ରେ ଉଜ୍‌ବେକିସ୍ତାନର ଅନ୍ୟ ଜଣେ ଡାଲରଜନ୍ ବୋକୋରୋଭ୍‌ଙ୍କଠାରୁ ୦-୫ରେ ପରାସ୍ତ ହୋଇଥିଲେ। ଏକ ସଙ୍ଗରେ ଜୁନିୟର ଓ ୟୁଥ୍ ବକ୍ସର (ଉଭୟ ପୁରୁଷ ଓ ମହିଳା)ଙ୍କ ପ୍ରତିଯୋଗିତା ମଧ୍ୟ ହେଉଛି। ୟୁଥ କାଟେଗୋରିରେ ସ୍ୱର୍ଣ୍ଣ ପଦକ ବିଜେତାଙ୍କ ଲାଗି ପୁରସ୍କାର ରାଶି ୬,୦୦୦ ଆମେରିକୀୟ ଡଲାର ରଖାଯାଇଥିବା ବେଳେ ରୌପ୍ୟ ଓ ବ୍ରୋଞ୍ଜ ପଦକ ବିଜେତାଙ୍କ ଲାଗି ପୁରସ୍କାର ରାଶି ଯଥାକ୍ରମେ ୩୦୦୦ ଡଲାର ଓ ୧,୫୦୦ ଡଲାର ରଖାଯାଇଛି। ସେହିପରି ଜୁନିୟର ଚାମ୍ପିୟନ ସ୍ୱର୍ଣ୍ଣ ବିଜେତାଙ୍କ ଲାଗି ୪,୦୦୦ ଆମେରିକୀୟ ଡଲାର ଏବଂ ରୌପ୍ୟ ଓ ବ୍ରୋଞ୍ଜ ବିଜେତାଙ୍କ ଲାଗି ଯଥାକ୍ରମେ ୨,୦୦୦ ଓ ୧,୦୦୦ ଆମେରିକୀୟ ଡଲାର ବ୍ୟବସ୍ଥା ରହିଛି। ବୁଧବାର ୬ ଭାରତୀୟ ବକ୍ସର ଏସିଆନ ୟୁଥ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। କାଜାଖସ୍ତାନ ପ୍ରତିଦ୍ୱନ୍ଦ୍ୱୀ ଓହରିଯିବାରୁ ସେମାନଙ୍କ ମଧ୍ୟରୁ ୨ଜଣ ୱାକ୍‌ଓଭର ପାଇ ଫାଇନାଲକୁ ଉନ୍ନୀତ ହୋଇଥିଲେ। କାଜାଖସ୍ତାନ ଦଳରେ ଜଣେ କରୋନା ସଂକ୍ରମିତ ଠାବ ହେବା ପରେ ଏହି ଦଳର ସମସ୍ତ ସଦସ୍ୟ ଏବେ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି।



ଏସିଆନ ୟୁଥ୍ ବକ୍ସିଂରେ ନେପାଳର ସ୍ୱସ୍ତିକାଙ୍କ ବିପକ୍ଷ ସେମିଫାଇନାଲ ଅବସରରେ ଭାରତୀୟ ବକ୍ସର ତନୁ(ଡାହାଣ)।

# ଜାତୀୟ ଫୁଟ୍‌ବଲ ଦଳରେ ରହିମ୍ ଓ ସେରିଟନ

**ନୂଆଦିଲ୍ଲୀ, ୨୭।୮ (ପି.ଟି.)**

ଆସନ୍ତା ମାସରେ ନେପାଳ ବିପକ୍ଷରେ ଆସନ୍ତା ମାସରେ ନେପାଳ ବିପକ୍ଷରେ ଖେଳାଯିବାକୁ ଥିବା ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ପାଇଁ ଜାତୀୟ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ଇଗୋର ଷ୍ଟିମାକ୍ ୨୫ଜଣିଆ ଭାରତୀୟ ଦଳ ଘୋଷଣା କରିଛନ୍ତି। ଏଥିରେ ପ୍ରଥମ ଥର ଭାରତର ୨୦୧୭ ଫିଫା ୧୭ ବର୍ଷରୁ କମ୍ ବିଶ୍ୱକପ୍ ଦଳର ସଦସ୍ୟ ରହିମ ଅଲି ଓ ଏଫ୍‌ସି ଗୋଆ ଡିଫେଣ୍ଡର ସେରିଟନ ଫର୍ନାଣ୍ଡିଜ ସ୍ଥାନ ପାଇଛନ୍ତି। ଭାରତ ନେପାଳ ବିପକ୍ଷ ମ୍ୟାଚ ସେପ୍ଟେମ୍ବର ୨ ଓ ୫ରେ କାଠମାଣ୍ଡୁରେ ଖେଳିବ। ୨୦୧୭ ଫିଫା ୧୭ ବର୍ଷରୁ କମ୍ ବିଶ୍ୱକପ୍ ଟିମ୍‌ର ଅଂଶବିଶେଷ ଥିବା ଅଲିଙ୍କୁ ବର୍ତ୍ତମାନ ୨୧ ବର୍ଷ। ଇଣ୍ଡିଆନ ଆରୋଜ ପକ୍ଷରୁ ଦୁଇ ବର୍ଷ ଖେଳିସାରିବା ପରେ ୨୦୧୯ରେ ସେ ଚେନ୍ନାଇନ୍ ଏଫ୍‌ସିରେ ଯୋଗ ଦେଇଛନ୍ତି। ସେ ଆହୁରି ମଧ୍ୟ ଭାରତର ୨୦ ବର୍ଷରୁ କମ୍ ଓ ୨୩ ବର୍ଷରୁ କମ୍ ଦଳର ସଦସ୍ୟ ଥିଲେ। ବର୍ତ୍ତମାନ ସେ ଷ୍ଟାର ଷ୍ଟ୍ରାଇକର ସୁନୀଲ ଛେତ୍ରୀ, ମାନବୀର ସିଂ ଓ ଫାରୁଖ ଚୌଧାରୀଙ୍କ ଭଳି ଖେଳାଳିଙ୍କ ସହ ଖେଳିବେ। ୨୮ ବର୍ଷୀୟ ଡିଫେଣ୍ଡର ସେରିଟନ ଫର୍ନାଣ୍ଡିଜ ଚଳିତ ବର୍ଷ ପ୍ରାରମ୍ଭରେ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍‌ରେ ଏଫ୍‌ସି ଗୋଆ ଦଳ ତରଫରୁ ଖେଳିଥିଲେ। ମେ' ମାସରେ ସେ କରୋନା ସଂକ୍ରମିତ ହୋଇଥିଲେ। ଅନ୍ୟଜଣେ ଡିଫେଣ୍ଡର ମନ୍ଦର ରାଓ ଦେସାଇ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଜୁନ୍‌ରେ କାତାରରେ ଅନୁଷ୍ଠିତ ୨୦୨୨ ବିଶ୍ୱକପ୍ କ୍ୱାଲିଫିକେଶନ ଅଭିଯାନ ବେଳେ ସେ ଦଳରେ ସାମିଲ ହୋଇପାରି ନ ଥିଲେ।

**ଭାରତୀୟ ଫୁଟ୍‌ବଲ ଦଳ**

ଗୋଲକିପର-ଅମରିନ୍ଦର ସିଂ, ଧୀରଜ ସିଂ ମୋଇରାଙ୍ଗଥେମ୍, ଗୁରପ୍ରୀତ ସିଂ ସାନ୍ଧୁ। **ଡିଫେଣ୍ଡର:** ପ୍ରୀତମ କୋଟାଲ, ଚିଙ୍ଗ୍‌ଲେନ୍‌ସାନା ସିଂ କୋନଶାମ୍, ମନ୍ଦର ରାଓ ଦେସାଇ, ଆକାଶ ମିଶ୍ରା, ରାହୁଲ ଭେକେ, ସୁଭାଶିଷ ବୋଷ, ସେରିଟନ୍ ଫର୍ନାଣ୍ଡିଜ। **ମିଡ୍‌ଫିଲ୍ଡର:** ଲାଲେଙ୍ଗମାୱିଆ, ବିପିନ ସିଂ, ଅନୁରୁଦ୍ଧ ଥାପ୍ପା, ସାହଲ ଅବ୍‌ଦୁଲ ସମଦ, ବ୍ରାଣ୍ଡନ ଫର୍ନାଣ୍ଡିଜ, ଲିଷ୍ଟନ କୋଲାକୋ, ୟାସିର ମହମ୍ମଦ, ଗ୍ଲାନ ମାର୍ଟିନ୍ସ, ସୁରେଶ ସିଂ ୱାଙ୍ଗଜାମ୍, ଜିକ୍‌ସନ ସିଂ, ପ୍ରଣୟ ହାଲ୍‌ଦାର। **ଫରୱାର୍ଡ:** ମାନବୀର ସିଂ, ରହିମ ଅଲି, ସୁନୀଲ ଛେତ୍ରୀ, ଫାରୁକ୍ ଚୌଧାରୀ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ଶନିବାର, ଅଗଷ୍ଟ ୨୮/୨୦୨୧ Berhampur, Saturday, August 28/ 2021

# ପଦକ ନିଶ୍ଚିତ କଲେ ଭାବିନାବେନ୍

**ଟୋକିଓ ପାରାଲିମ୍ପିକ୍ସ**

**ଟୋକିଓ, ୨୭।୮ (ପି.ଟି.)**

ଚଳିତ ଟୋକିଓ ପାରାଲିମ୍ପିକ୍ସରେ ଭାରତ ପାଇଁ ପ୍ରଥମ ପଦକ ନିଶ୍ଚିତ କରିଛନ୍ତି ମହିଳା ଟେବୁଲ ଟେନିସ ଖେଳାଳି ଭାବିନାବେନ୍ ପଟେଲ। ଭାରତୀୟ ଟେବୁଲ ଟେନିସ ପାରାଲିମ୍ପିକ୍ସ ଇତିହାସରେ ପ୍ରଥମ ଖେଳାଳି ଭାବେ ସେମିଫାଇନାଲରେ ପ୍ରବେଶ କରି ସେ ଇତିହାସ ରଚିଛନ୍ତି। ମହିଳା ସିଙ୍ଗଲ୍ସ କ୍ଲାସ-୪ ଇଭେଣ୍ଟର ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ସେ ବିଶ୍ୱର ୫ ନମ୍ବର ଖେଳାଳି ସର୍ବିୟାର ପେରିକ୍ ରାଙ୍କୋଭିଚ୍‌ଙ୍କୁ ପରାସ୍ତ କରିଛନ୍ତି। ମାତ୍ର ୧୮ ମିନିଟଧରି ତିଷ୍ଠିଥିବା କ୍ୱାର୍ଟର ଫାଇନାଲରେ ଭାବିନାବେନ୍ ୧୧-୫, ୧୧-୬, ୧୧-୭ ପଏଣ୍ଟରେ ସର୍ବୀୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରିଛନ୍ତି। ଶନିବାର ହେବାକୁଥିବା ସେମିଫାଇନାଲରେ ସେ ଚାଇନାର ଝାଙ୍ଗ୍ ମିଆଓଙ୍କୁ ଭେଟିବେ। ଟୋକିଓ ପାରାଲିମ୍ପିକ୍ସ ଟେବୁଲ ଟେନିସ ଇଭେଣ୍ଟରେ ବ୍ରୋଞ୍ଜ ପଦକ ପାଇଁ ପ୍ଲେ-ଅଫ୍ ନାହିଁ। ତେଣୁ ଭାବିନାବେନ୍ ଯଦି ସେମିଫାଇନାଲରେ ପରାଜିତ ହୁଅନ୍ତି ତେବେ ଅତିକମ୍‌ରେ ବ୍ରୋଞ୍ଜ ପଦକ ପାଇବେ। କାରଣ ଦୁଇ ପରାଜିତ ସେମିଫାଇନାଲିଷ୍ଟଙ୍କୁ ବ୍ରୋଞ୍ଜ ପଦକ ପ୍ରଦାନ କରାଯିବ।


ଭାବିନାବେନ୍ ପଟେଲ

"ଭାବିନାବେନ୍‌ଙ୍କ ମାଧ୍ୟମରେ ଆମେ ପଦକ ପାଇବା ନିଶ୍ଚିତ ହୋଇଛି। ତେବେ ଶନିବାର ସକାଳେ ହେବାକୁଥିବା ସେମିଫାଇନାଲ ପରେ ସେ କେଉଁ ରଙ୍ଗର ପଦକ ପାଇଁ ହକ୍‌ଦାର ହେବେ ତାହା ସ୍ପଷ୍ଟ ହେବ" ବୋଲି ଭାରତୀୟ ପାରାଲିମ୍ପିକ୍ସ କମିଟି ସଭାପତି ଦୀପା ମଲିକ ତାଙ୍କ ଟୁଇଟର ହ୍ୟାଣ୍ଡେଲରେ ଏକ ଭିଡିଓ ବାର୍ତ୍ତାରେ ପ୍ରକାଶ କରିଛନ୍ତି। ୨୦୧୭ରେ ଅନ୍ତର୍ଜାତୀୟ ଟେବୁଲ ଟେନିସ ଫେଡେରେଶନର ଅନୁରୋଧ ରକ୍ଷା କରି ଅନ୍ତର୍ଜାତୀୟ ପାରାଲିମ୍ପିକ୍ କମିଟି (ଆଇପିସି) ତୃତୀୟ ସ୍ଥାନ ପାଇଁ ପ୍ଲେ-ଅଫ୍ ମ୍ୟାଚ ନ କରିବାକୁ ନିଷ୍ପତ୍ତି ନେଇଛି। ଫଳରେ ପରାଜିତ ଦୁଇ ସେମିଫାଇନାଲିଷ୍ଟଙ୍କୁ ବ୍ରୋଞ୍ଜ ପଦକ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ଶୁକ୍ରବାର ପୂର୍ବାହ୍ନରେ ରାଉଣ୍ଡ ଅଫ୍ ୧୬ ମ୍ୟାଚରେ ଭାବିନାବେନ ବ୍ରାଜିଲର ଜୋୟସେ ଡି ଓଲିଭେରାଙ୍କୁ ୧୨-୧୦, ୧୩-୧୧, ୧୧-୬ ପଏଣ୍ଟରେ ପରାସ୍ତ କରିଥିଲେ। କ୍ଲାସ୍-୪ କାଟେଗୋରିରେ ଆଥଲେଟମାନେ ହୁଇଲ ଚେୟାରରେ ଭାରସାମ୍ୟ ରକ୍ଷାକରି ଖେଳିବାବେଳେ ହାତକୁ ସମ୍ପୂର୍ଣ୍ଣଭାବେ ଘୂରାଇ ପାରିବେ। "ଭାରତୀୟ ଲୋକଙ୍କ ସମର୍ଥନ ରହିଥିବାରୁ ମୁଁ ସେମିଫାଇନାଲ ଜିତିବାନେଇ ମଧ୍ୟ ଆଶାବାଦୀ ଅଛି। ମୋତେ ଲୋକମାନେ ଏହିପରି ସମର୍ଥନ ଦେବା ଜାରିରଖନ୍ତୁ" ବୋଲି ଭାବିନାବେନ୍ ପ୍ରକାଶ କରିଛନ୍ତି। ଗ୍ରୁପ ପର୍ଯ୍ୟାୟରେ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ସେ ନକ୍‌ଆଉଟ ପର୍ଯ୍ୟାୟରେ ପ୍ରବେଶ କରିଥିଲେ। ତାଙ୍କ ସାଥି ଖେଳାଳି ସୋଲବେନ୍ ମନୁଭାଇ ପଟେଲ କିନ୍ତୁ ଗ୍ରୁପ ପର୍ଯ୍ୟାୟରେ ୨ଟି ଯାକ ମ୍ୟାଚ ହାରି ବିଦାୟ ନେଇଛନ୍ତି।

# ଟୋକିଓ ଗଲେ ପ୍ରମୋଦ


ଶୁକ୍ରବାର ଟୋକିଓ ଯାତ୍ରା ଅବସରରେ ଭାରତୀୟ ପ୍ରତିନିଧି ଦଳ ସହ ପ୍ରମୋଦ ଭଗତ (ବାମ)।

**ଭୁବନେଶ୍ୱର, ୨୭।୮ (କ୍ରୀଡ଼ା ପ୍ରତିନିଧି)**

ପାରାଲିମ୍ପିକ୍ସରେ ଭାଗ ନେବାପାଇଁ ଭାରତୀୟ ପାରା ବ୍ୟାଡ୍‌ମିଣ୍ଟନ ତାରକା ଓଡ଼ିଶାର ପ୍ରମୋଦ ଭଗତ ଶୁକ୍ରବାର ଟୋକିଓ ଯାତ୍ରା କରିଛନ୍ତି। ସେଠାରେ ସେ ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍‌୩ ଏବଂ ମିକ୍ସଡ ଡବଲ୍ସ ଏସ୍‌ଏଲ୍‌୩-ଏସ୍‌ୟୁ୫ ଇଭେଣ୍ଟରେ ଭାଗନେବେ। ମିକ୍ସଡ ଡବଲ୍ସରେ ପ୍ରମୋଦଙ୍କ ପାର୍ଟନର ହେବେ ପଲକ କୋହଲି। ପ୍ରମୋଦଙ୍କ ଇଭେଣ୍ଟ ସେପ୍ଟେମ୍ବର ୧ରେ ଆରମ୍ଭ ହେବ। ପ୍ରଥମ ରାଉଣ୍ଡରେ ସେ ନିଜ ଡବଲ୍ସ ପାର୍ଟନର ମନୋଜ ସରକାରଙ୍କୁ ଭେଟିବେ। ସିଙ୍ଗଲ୍ସରେ ପ୍ରମୋଦଙ୍କ ଇଭେଣ୍ଟ ସେପ୍ଟେମ୍ବର ୪ ପର୍ଯ୍ୟନ୍ତ ଚାଲିବ। ଭାରତ ପାଇଁ ପଦକ ଦାବିଦାର ପ୍ରମୋଦ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ଲକ୍ଷ୍ୟରେ ଅଛନ୍ତି। ପାରାଲିମ୍ପିକ୍ସରେ ପଦକ ଜିତିବା ସବୁ ଖେଳାଳିଙ୍କ ସ୍ୱପ୍ନ। ମୋର ମଧ୍ୟ ତାହା ରହିଛି। ମୁଁ ଏକାଧିକଥର ବିଶ୍ୱ ପାରାବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ସ୍ୱର୍ଣ୍ଣିମ ସଫଳତା ପାଇଛି। ତେବେ ପାରାଲିମ୍ପିକ୍ସରେ ପୋଡିୟମ ମଣ୍ଡନ କରିବା ଉପରେ ମୁଁ ଫୋକସ କରୁଛି ବୋଲି ପ୍ରମୋଦ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏଥିପାଇଁ ସେ ଓଡ଼ିଶାବାସୀଙ୍କର ଆଶୀର୍ବାଦ କାମନା କରିଛନ୍ତି। ରାଜ୍ୟ ଓ ଦେଶକୁ ଗର୍ବିତ କରିବାକୁ ମୁଁ ସବୁମତେ ଚେଷ୍ଟା କରିବି ବୋଲି ପ୍ରକାଶ କରିଛନ୍ତି।

# ଶକ୍ତି ଉତ୍ତୋଳନ: ସାକିନା ୫ମରେ ସନ୍ତୁଷ୍ଟ

**ଟୋକିଓ, ୨୭।୮ (ପି.ଟି.)**

ଟୋକିଓ ପାରାଲିମ୍ପିକ୍ସର ମହିଳା ୫୦ କେଜି ଶକ୍ତି ଉତ୍ତୋଳନରେ ଭାରତର ସାକିନା ଖାତୁନ ୫ମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ତେବେ ଅନ୍ୟତମ ଭାରତୀୟ ଜୟଦୀପ ପୁରୁଷ ୬୫ କେଜି କାଟେଗୋରିରେ ଥରେ ହେଲେ ଶକ୍ତି ଉତ୍ତୋଳନ କରିବାରେ ସକ୍ଷମ ହୋଇନାହାନ୍ତି। ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ମେଡାଲିଷ୍ଟ ସାକିନା ସର୍ବାଧିକ ୯୩ କେଜି ଉଠାଇଥିଲେ। ଚାଇନାର ଦନଦନ ହୁ ୧୨୦ କେଜି ଉଠାଇବା ସହ ସ୍ୱର୍ଣ୍ଣ, ଇଜିପ୍ଟର ରେହାବ ଅହମଦ ସମାନ ୧୨୦ କେଜି ଉଠାଇଥିଲେ ହେଁ ରୌପ୍ୟ ଏବଂ ଗ୍ରେଟ୍ ବ୍ରିଟେନର ଓଲିଭିଆ ବ୍ରମ୍ (୧୦୭ କେଜି) ବ୍ରୋଞ୍ଜ ପଦକ ପାଇଛନ୍ତି। ୩୨ ବର୍ଷୀୟା ସାକିନା ପ୍ରଥମ ଉଦ୍ୟମରେ ୯୦ କେଜି ଭାର ଉଠାଇଥିଲେ ହେଁ ଦ୍ୱିତୀୟ ଉଦ୍ୟମରେ ୯୩ କେଜି ଉଠାଇବାରେ ବିଫଳ ହୋଇଥିଲେ। ତେବେ ତୃତୀୟ ଉଦ୍ୟମରେ ସେ ୯୩ କେଜି ଉଠାଇବାରେ ସକ୍ଷମ ହୋଇଥିଲେ। ଭାରତର ଏକମାତ୍ର ପାରାଲିମ୍ପିଆନ ମହିଳା ଭାବେ ସାକିନା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପଦକ ଜିତିଥିଲେ। ସେ ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବ୍ରୋଞ୍ଜ ଏବଂ ୨୦୧୮ ପାରା ଏସିଆନ ଗେମ୍ସରେ ରୌପ୍ୟ ପଦକ ହାସଲ କରିଥିଲେ।

ଶକ୍ତି ଉତ୍ତୋଳନରେ ଭାଗ ନେଇଥିବା ଅନ୍ୟତମ ଭାରତୀୟ ଜୟଦୀପଙ୍କ ପାଇଁ ଆଜି ଦିନଟି ଖରାପ ଥିଲା। ସେ ୩ଟି ଯାକ ଉଦ୍ୟମରେ ବିଫଳ ହୋଇଥିଲେ।


ସାକିନା ଖାତୁନ

୩୧ ବର୍ଷୀୟ ଏହି ଭାରତୀୟ ଆଥ୍‌ଲେଟ ପ୍ରଥମ ଦୁଇ ଉଦ୍ୟମରେ ୧୬୦ କେଜି ଉଠାଇବାରେ ବିଫଳ ହୋଇଥିବାବେଳେ ତୃତୀୟ ଉଦ୍ୟମରେ ୧୬୭ କେଜି ଉଠାଇବାକୁ ପ୍ରୟାସ କରିଥିଲେ। ମାତ୍ର ଭାଗ୍ୟ ସାଥ୍ ଦେଇ ନ ଥିଲା ଏବଂ ସେ ଫେଲ୍ ମାରିଥିଲେ। ଚାଇନାର ଲିଉ ଲେଇ (୧୯୮ କେଜି), ଇରାନର ଜାଫାରି ଆରାଙ୍ଗେ ଅମିର (୧୯୫ କେଜି) ଓ ଆଲ୍‌ଜେରିଆର ବେଟିର ହୋକିନେ (୧୯୨ କେଜି) ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ।

# ସେଥୁରମଣ ଜିତିଲେ ବାର୍ସିଲୋନା ଓପନ

**ବାର୍ସିଲୋନା, ୨୭।୮ (ପି.ଟି.)**

ଭାରତୀୟ ଗ୍ରାଣ୍ଡମାଷ୍ଟର ଏସ୍.ପି. ସେଥୁରମଣ ଏଠାରେ ଚାଲିଥିବା ବାର୍ସିଲୋନା ଓପନ୍ ଚେସ୍ ଟୁର୍ନାମେଣ୍ଟ ଟାଇଟଲ ଜିତିଥିବାବେଳେ କାର୍ତ୍ତିକେୟନ ମୁରଲୀ ତୃତୀୟ ହୋଇଛନ୍ତି। ସେଥୁରମଣ (ଏଲୋ ୨୬୪୪) ୯ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରୁ ୭.୫ ପଏଣ୍ଟ ଅର୍ଜନ କରିଥିଲେ। ରୁଷିଆର ଦାନିଲ ୟୁଫା ମଧ୍ୟ ସମାନ ପଏଣ୍ଟ ସ୍କୋର କରିଥିଲେ। ତେବେ ଉନ୍ନତ ଟାଇବ୍ରେକ୍ ସ୍କୋର ଭିତ୍ତିରେ ସେଥୁରମଣ ବିଜୟୀ ହୋଇଥିଲେ। ୯ମ ଓ ଫାଇନାଲ ରାଉଣ୍ଡରେ ସେ ହାକୋବାୟାନଙ୍କୁ ଏକ କାଟାଲାନ କ୍ଲୋଜ୍‌ଡ ଭାରିଏଶନ ଗେମ୍‌ରେ ପରାସ୍ତ କରିଥିଲେ। ଏଠାରେ ଟପ୍‌ସିଡ୍ ସେଥୁରମଣ ସମସ୍ତ ୯ ରାଉଣ୍ଡ ଖେଳରେ ଅପରାଜିତ ରହିଥିଲେ। ସେ ୬ଟି ଗେମ୍‌ରେ ବିଜୟ ଲାଭ କରିଥିବାବେଳେ ୩ଟି ଡ୍ର' ରଖିଥିଲେ। ଶେଷ ୩ ରାଉଣ୍ଡରେ ସେ ଜବରଦସ୍ତ ବିଜୟ ହାସଲ କରିଥିଲେ। ତନ୍ମଧ୍ୟରେ ନିଜ ଦେଶର ଏନ୍.ଆର. ବିକାଶ ଓ ଆର୍ମେନିଆର ଆରାମ ହାକୋବାୟାନଙ୍କ ବିପକ୍ଷ ଗେମ୍ ଅନ୍ୟତମ। ଏଠାରେ ଚାମ୍ପିୟନ ହେବା ଦ୍ୱାରା ସେଥୁରମଣ ୮.୫ ଏଲୋ ପଏଣ୍ଟ ଅର୍ଜନ କରିଥିବାବେଳେ ମୁରଲୀ (ଏଲୋ ୨୬୦୬) ୬.୪ ପଏଣ୍ଟ ଅର୍ଜନ କରିଛନ୍ତି। ସେଥୁରମଣ ଓ ମୁରଲୀ ୫ମ ରାଉଣ୍ଡରେ ପରସ୍ପରକୁ ଭେଟିଥିଲେ। ଏହି ଗେମ୍ ଡ୍ର ରହିଥିଲା। ମୁରଲୀ ୬ଟି ଗେମ୍‌ରେ ବିଜୟ ଲାଭ କରିଥିବାବେଳେ ୨ଟି ଡ୍ର ରଖିଥିଲେ। ସେ ହାକୋବାୟାନଙ୍କ ବିପକ୍ଷ ୬ଷ୍ଠ ରାଉଣ୍ଡ ଗେମ୍ ହାରିଯାଇଥିଲେ। ସେ ନିଜ ଦେଶର ଅରବିନ୍ଦ ଚିଥାମ୍ବରମଙ୍କ ସମେତ ଅନ୍ୟ ୪ଜଣଙ୍କ ସହ ସମାନ ୭ ପଏଣ୍ଟ ପାଇଥିଲେ ହେଁ ପ୍ରଦର୍ଶନ ଭିତ୍ତିରେ ତୃତୀୟ ହୋଇଥିଲେ।


ଏସ୍.ପି. ସେଥୁରମଣ

# ତୃତୀୟ ଟେଷ୍ଟ: ଭାରତର ସଂଘର୍ଷ ଜାରି


ରୋହିତ ଶର୍ମା


ଚେତେଶ୍ୱର ପୂଜାରା

**ଲିଡ୍ସ, ୨୭।୮:** ସ୍ଥାନୀୟ ହେଡିଂଲେ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ଭାରତର ସଂଘର୍ଷ ଜାରି ରହିଛି। ଏଠାରେ ଭାରତ ପ୍ରଥମ ଇନିଂସରେ ମାତ୍ର ୭୮ ରନ କରିଥିବାବେଳେ ଇଂଲଣ୍ଡ ୪୩୨ ରନ ସ୍କୋର କରି ୩୫୪ ରନର ଅଗ୍ରଣୀ ହାସଲ କରିଛି। ଶୁକ୍ରବାର ତୃତୀୟ ଦିବସ ଶେଷ ବେଳକୁ ଭାରତ ୨ ଉଇକେଟ ହରାଇ ୨୧୫ ରନ ସଂଗ୍ରହ କରିଛି। ଚେତେଶ୍ୱର ପୂଜାରା ୯୧(୧୮୦ ବଲ, ୧୫ ଚୌକା) ଓ ଅଧିନାୟକ ବିରାଟ କୋହଲି ୪୫(୯୪ ବଲ, ୬ ଚୌକା) ରନରେ ଅପରାଜିତ ରହିଛନ୍ତି। ୮ ଉଇକେଟ ସୁରକ୍ଷିତ ଥିଲେ ହେଁ ଭାରତ ଇଂଲଣ୍ଡ ପ୍ରଥମ ଇନିଂସ ସ୍କୋରଠାରୁ ଆହୁରି ୧୩୯ ରନ ପଛରେ ରହିଛି। ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୪୨୩/୮ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ଆଉ ୯ ରନ ଯୋଗ କରି ଅବଶିଷ୍ଟ ୨ଟି ଉଇକେଟ ହରାଇଥିଲା। ଭାରତର ମହମ୍ମଦ ଶାମି ଓ ଯଶପ୍ରୀତ୍ ବୁମ୍‌ରା ଏହି ଉଇକେଟ ୨ଟି ନେଇ ଇଂଲଣ୍ଡ ଇନିଂସର ପରିସମାପ୍ତି ଘଟାଇଥିଲେ। ପ୍ରଥମ ଇନିଂସରେ ବଡ଼ ରନ ବ୍ୟବଧାନରେ ପଛରେ ରହିଥିବା ଭାରତ ସତର୍କତାର ସହ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲା। ତେବେ ଓପନିଂ ଯୋଡ଼ିରେ ୩୪ ରନ ଯୋଗ ହେବାପରେ ଲୋକେଶ ରାହୁଲଙ୍କୁ ଉଇକେଟ କିପର ଜନି ବେୟାରଷ୍ଟୋଙ୍କ ହାତରେ କ୍ୟାଚ କରାଇ ଇଂଲଣ୍ଡକୁ ପ୍ରଥମ ସଫଳତା ଦେଇଥିଲେ କ୍ରେଗ୍ ଓଭରଟନ। ରୋହିତ ଶର୍ମା ଏବଂ ଚେତେଶ୍ୱର ପୂଜାରା ଅର୍ଦ୍ଧଶତକ ହାସଲ କରି ଇନିଂସ ସମ୍ଭାଳିଥିଲେ। ତେବେ ଦ୍ୱିତୀୟ ଉଇକେଟରେ ୧୭୩ ବଲ୍‌ରୁ ୮୨ ରନ ଯୋଗ ହେବାପରେ ରୋହିତ ଆଉଟ ହୋଇଥିଲେ। ଓଲି ରବିନସନଙ୍କ ବଲ୍ ରୋହିତଙ୍କ ଫ୍ରଣ୍ଟ ପ୍ୟାଡ୍‌କୁ ହିଟ୍ କରିଥିଲା। ଅମ୍ପାୟର ରିଚାର୍ଡ କେଟେଲବରୋ ଏଲବିଡବ୍ଲ୍ୟୁ ନିଷ୍ପତ୍ତି କ୍ରମରେ ଅଙ୍ଗୁଳି ଉପରକୁ ଉଠାଇଥିଲେ। ମାତ୍ର ରୋହିତ ରିଭ୍ୟୁ ମାଗିଥିଲେ। ବଲ୍ ଲେଗ୍‌ଷ୍ଟମ୍ପ ବାହାରେ ଯାଉଥିବା ତାଙ୍କ ଅନୁଭବ ହୋଇଥିଲା। ମାତ୍ର ରିଭ୍ୟୁରେ ବଲ୍ ଲେଗ୍‌ଷ୍ଟମ୍ପରେ ବାଜୁଥିବା ଦର୍ଶା ଯାଇଥିଲା। ୧୫୬ଟି ବଲ୍‌ର ସମ୍ମୁଖୀନ ହୋଇଥିବା ରୋହିତ ୭ ଚୌକା ଓ ୧ ଛକା ସହାୟତାରେ ୫୯ ରନ ସଂଗ୍ରହ କରିଥିଲେ। ଏହାଥିଲା ତାଙ୍କ କ୍ୟାରିୟରର ୧୪ତମ ଅର୍ଦ୍ଧଶତକ। ଫର୍ମରେ ନ ଥିବାରୁ ଅଧିନାୟକ ବିରାଟ କୋହଲି ଚାପରେ ଥିଲେ ହେଁ ପୂଜାରାଙ୍କ ସହ ଇନିଂସକୁ ଆଗେଇ ନେବାରେ ମନୋନିବେଶ କରିଥିଲେ। ଦୁହେଁ ଅସମାପ୍ତ ୩ୟ ଉଇକେଟରେ ୧୯୬ ବଲ୍‌ରୁ ୯୯ ରନର ଭାଗୀଦାରି ଗଢ଼ିଥିଲେ। ଇତି ମଧ୍ୟରେ ପୂଜାରା କ୍ୟାରିୟରର ୩୦ତମ ଅର୍ଦ୍ଧଶତକ ହାସଲ କରିଥିଲେ। ଇଂଲଣ୍ଡ ପକ୍ଷରୁ କ୍ରେଗ୍ ଓଭରଟନ ଓ ଓଲି ରବିନସନ ଉଇକେଟ ୨ଟି ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୭୮। ଇଂଲଣ୍ଡ ପ୍ରଥମ ଇନିଂସ: ୪୩୨/ଅଲଆଉଟ (ଜୋ ରୁଟ୍-୧୨୧, ଡାଭିଡ ମଲନ-୭୦, ହାସିବ ହମିଦ-୬୮, ରୋରି ବର୍ନ୍ସ-୬୧, ମହମ୍ମଦ ଶାମି-୪/୯୫, ଯଶପ୍ରୀତ୍ ବୁମ୍‌ରା-୨/୫୯, ମହମ୍ମଦ ସିରାଜ-୨/୮୬, ରବୀନ୍ଦ୍ର ଜାଡେଜା-୨/୮୮)। ଭାରତ ଦ୍ୱିତୀୟ ଇନିଂସ: ୨୧୫/୨ (ଚେତେଶ୍ୱର ପୂଜାରା-୯୧*, ରୋହିତ ଶର୍ମା-୫୯, ବିରାଟ କୋହଲି-୪୫*, କ୍ରେଗ୍ ଓଭରଟନ-୧/୩୫, ଓଲି ରବିନସନ-୧/୪୦)।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ